# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୨୮/୨୦୨୪ (୨୦ ପୃଷ୍ଠା) | Bhubaneswar, Wednesday, February 28/2024 | Page 20 | ₹ 7.00 | SAMBALPUR

୫୦ଶ ଭାଗ ୯୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 96 | ମୂଲ୍ୟ ₹୭/-





# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୨୮/୨୦୨୪ | Bhubaneswar, Wednesday, February 28/2024


**ପାଠ୍ୟକ୍ରମ ବାହାରୁ ପ୍ରଶ୍ନ: ତ୍ରୁଟି ମାନିଲା ପରିଷଦ**

# ପିଲାଙ୍କୁ ମିଳିବ ଗ୍ରେସ୍ ମାର୍କ



ଭୁବନେଶ୍ୱର, ୨୭।୨
(ଅସମାପିକା ସାହୁ)

ସମ୍ପ୍ରତି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଚାଲିଛି। ଏଥିରେ ବିଜ୍ଞାନ ବିଭାଗର ଫିଜିକ୍ସ (ପଦାର୍ଥ ବିଜ୍ଞାନ) ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ରହିଥିବା ଅଭିଯୋଗ ଆସିଥିଲା। ସିଲାବସ୍ ବାହାରୁ ପ୍ରଶ୍ନ ଆସିଥିବା ଛାତ୍ରୀଛାତ୍ର ଅଭିଯୋଗ କରିଥିଲେ। କିନ୍ତୁ ସିଲାବସ୍ ବାହାରୁ ନୁହେଁ, ଟଏସ୍ ଡେଫିସିଟ୍ ଥିଲା ବୋଲି କର୍ତ୍ତୃପକ୍ଷ କହିଛନ୍ତି। ଏହି ଅଭିଯୋଗକୁ ନେଇ ପରିଷଦ ମଙ୍ଗଳବାର ସ୍ପଷ୍ଟୀକରଣ ଦେଇଛି। ଯେଉଁମାନେ ସେସବୁ ପ୍ରଶ୍ନ ଆଟେମ୍ପ୍ଟ କରିଥିବେ ସେମାନଙ୍କୁ ଗ୍ରେସ୍ ମାର୍କ ମିଳିବ ବୋଲି ପରିଷଦ କହିଛି।

ଏ ସମ୍ପର୍କରେ ପରୀକ୍ଷା ନିୟନ୍ତ୍ରକ ଅଶୋକ ନାୟକ କହିଛନ୍ତି, ଆଉଟ ଅଫ୍ ସିଲାବସ୍ ନୁହେଁ, ଟଏସ୍ ଡେଫିସିଟ୍ ରହିଥିଲା। ରେଗୁଲାର ଓ ଏକ୍ସ ରେଗୁଲାର ସିଲାବସ୍‌କୁ ନେଇ ପ୍ରଶ୍ନ ପ୍ରସ୍ତୁତ ହୋଇଥିଲା। କେବଳ ରେଗୁଲାର ପିଲାଙ୍କ ପ୍ରଶ୍ନରେ ମୋଟ ୧୯ ନମ୍ବର ଟଏସ୍ ଡେଫିସିଟ୍ ରହିଛି। ଯେଉଁ ପିଲା ଏସବୁ ପ୍ରଶ୍ନ ଆଟେମ୍ପଟ ନେଇଥିବେ ସେମାନେ ଗ୍ରେସ୍ ମାର୍କ ପାଇବେ। ପ୍ରଶ୍ନ ଆଟେମ୍ପଟ ନେଇ ନ ଥିଲେ ପିଲାଙ୍କୁ ଗ୍ରେସ୍ ମାର୍କ ମିଳିବ ନାହିଁ। ଯେତିକି ଟଏସ୍ ଡେଫିସିଟ ପ୍ରଶ୍ନ ଆଟେମ୍ପଟ ନେଇଥିବେ ତାହାର ପୂରା ମାର୍କ ପାଇବେ। ତେଣୁ ସବୁ ପିଲାଙ୍କୁ ସମାନ ଗ୍ରେସ୍ ମାର୍କ ମିଳିବ ନାହିଁ। ସେ ଆହୁରି ମଧ୍ୟ କହିଛନ୍ତି, କେବଳ ଗୋଟିଏ ପ୍ରଶ୍ନ ରେଗୁଲାର ପିଲାଙ୍କ ସିଲାବସ୍‌କୁ କଭର କରିନାହିଁ। ସେହି ଏକ ମାର୍କ ପିଲା ନିଶ୍ଚିତ ପାଇବେ। କେଉଁଠି ତ୍ରୁଟି ରହିଲା, ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ। ଖୁବ୍ ଶୀଘ୍ର ଏକ୍ସପର୍ଟ କମିଟି ବସି ନିଷ୍ପତ୍ତି ନେବ ବୋଲି ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଯୁକ୍ତ୨ ପରୀକ୍ଷା ଚାଲୁଥିବାବେଳେ ☞ପୃଷ୍ଠା-୯

## ମେ’ ୧୫ ଭିତରେ ଯୁକ୍ତ୨ ପରୀକ୍ଷାଫଳ

ଭୁବନେଶ୍ୱର, ୨୭।୨
(ଅସମାପିକା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଫଳ ମେ’ ୧୫ ତାରିଖ ଭିତରେ ପ୍ରକାଶ ପାଇପାରେ। ଚଳିତ ବର୍ଷ ଗୋଟିଏ ଦିନରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ରେଜଲ୍ଟ ପ୍ରକାଶ ପାଇବ। ଏ ନେଇ ମଙ୍ଗଳବାର ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଅଶୋକ ନାୟକ ସୂଚନା ଦେଇଛନ୍ତି। ନିର୍ବାଚନକୁ ଦୃଷ୍ଟିରେ ରଖି ମେ’ ୧୫ ତାରିଖ ଭିତରେ ରେଜଲ୍ଟ ବାହାର କରାଯିବ ବୋଲି ପରୀକ୍ଷା ନିୟନ୍ତ୍ରକ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ମାର୍ଚ୍ଚ ୨୦ ତାରିଖରେ ଯୁକ୍ତ୨ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଶେଷ ହେବ। ପରୀକ୍ଷା ସରିବାର ଦୁଇଦିନ ପରେ ଅର୍ଥାତ୍ ମାର୍ଚ୍ଚ ୨୨ ତାରିଖରୁ ଖାତା ଦେଖା ଆରମ୍ଭ ହେବ। ଦୁଇଟି ପର୍ଯ୍ୟାୟରେ ଖାତା ଦେଖା ହେବ। ମାର୍ଚ୍ଚ ୨୨ରୁ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ମୂଲ୍ୟାୟନ କରାଯିବ। ସେହିପରି ଏପ୍ରିଲ ୪ରୁ ୧୫ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ମୂଲ୍ୟାୟନ ହେବ। ସବୁବର୍ଷ ପରି ଚଳିତବର୍ଷ ମଧ୍ୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ ଖାତାଦେଖା ହେବ। କଳା, ବିଜ୍ଞାନ ଓ ବାଣିଜ୍ୟ ଖାତାଦେଖା ଅନ୍‌ଲାଇନରେ ହେବ। ଧନ୍ଦାମୂଳକ ଶିକ୍ଷାର ମୂଲ୍ୟାୟନ ଅଫ୍‌ଲାଇନରେ କରାଯିବ। ଚଳିତ ବର୍ଷ ଖାତା ଦେଖାରେ ପ୍ରାୟ ୧୫ ହଜାର ଅଧ୍ୟାପିକା ଅଧ୍ୟାପକ ସାମିଲ ହେବେ ବୋଲି ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୧୬ ତାରିଖରୁ ଯୁକ୍ତ୨ ପରୀକ୍ଷା ଆରମ୍ଭ ହୋଇଛି। ଚଳିତ ବର୍ଷ ୩ ଲକ୍ଷ ୮୬ହଜାର ୨୫୦ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି।

# ହିମାଚଳ: କଂଗ୍ରେସକୁ କ୍ରସ୍ ଭୋଟିଂ କାଳ

ନୂଆଦିଲ୍ଲୀ,୨୭।୨

ଉତ୍ତରପ୍ରଦେଶ, କର୍ନାଟକ ଏବଂ ହିମାଚଳପ୍ରଦେଶରୁ ମୋଟ ୧୫ ଆସନ ପାଇଁ ନିର୍ବାଚନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉତ୍ତରପ୍ରଦେଶର ୧୦ଟି ଆସନରୁ ଭାଜପା ୮ଟିରେ ବିଜୟୀ ହୋଇଥିବାବେଳେ ସମାଜବାଦୀ ପାର୍ଟିକୁ ୨ଟି ଆସନ ମିଳିଛି। ସେହିପରି କର୍ନାଟକରେ କଂଗ୍ରେସ ୩ଟି ଆସନରେ ବିଜୟୀ ହୋଇଥିବାବେଳେ ଭାଜପା ଗୋଟିଏ ଆସନ ଜିତିଛି। ଅନ୍ୟପକ୍ଷରେ ହିମାଚଳପ୍ରଦେଶରେ ସଂଖ୍ୟାଗରିଷ୍ଠତା ସତ୍ତ୍ୱେ କଂଗ୍ରେସ ପ୍ରାର୍ଥୀ ହାରିଯାଇଛନ୍ତି। ସେଠାରେ କଂଗ୍ରେସ ବିଧାୟକଙ୍କ କ୍ରସ୍ ଭୋଟିଂ ଯୋଗୁ ଭାଜପା ପ୍ରାର୍ଥୀ ହର୍ଷ ମହାଜନ ବିଜୟୀ ହୋଇଛନ୍ତି।

କର୍ନାଟକରେ ୪ ରାଜ୍ୟ ସଭା ଆସନ ପାଇଁ ହୋଇଥିବା ନିର୍ବାଚନରେ ଶାସକ କଂଗ୍ରେସ ୩ ଆସନରେ ଜିତିଥିବାବେଳେ ଭାଜପାକୁ ଗୋଟିଏ ଆସନ ମିଳିଛି। କଂଗ୍ରେସରୁ ଅଜୟ ମାକେନ, ଜି.ସି. ଚନ୍ଦ୍ରଶେଖର ଏବଂ ସୟେଦ ନସୀର ହୁସେନ୍ ଉଚ୍ଚ ସଦନକୁ ନିର୍ବାଚିତ ହୋଇଥିବାବେଳେ ଭାଜପାରୁ ନାରାୟଣ କେ.



ହର୍ଷ ମହାଜନ



ଅଭିଷେକ ମନୁ ସିଂଘଭି

**ରାଜ୍ୟ ସଭା ନିର୍ବାଚନ**
- ୧୫ରୁ ୧୦ରେ ଭାଜପା
- ୟୁପିରେ ଏସ୍‌ପିକୁ ୨ ଆସନ
- କର୍ନାଟକରେ କଂଗ୍ରେସ ୩

ଭନ୍ଦାଗେ ଜିତିଛନ୍ତି। ୪ ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତାରେ ୫ ପ୍ରାର୍ଥୀ ରହିଥିଲେ। ଜେଡିଏସ୍‌ରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଡି. କୁପେନ୍ଦ୍ର ରେଡ୍ଡୀ ହାରିଯାଇଛନ୍ତି। ମାକେନ୍‌ଙ୍କୁ ୪୭ ଭୋଟ ମିଳିଥିବାବେଳେ ଚନ୍ଦ୍ରଶେଖର ଏବଂ ହୁସେନ୍‌ଙ୍କୁ ୪୬ଟି ଲେଖାଏ ଭୋଟ ମିଳିଥିଲା। ନିର୍ବାଚନରେ କ୍ରସ ଭୋଟିଂ ହୋଇଥିବା ଜଣାପଡ଼ିଛି। ଭାଜପା ବିଧାୟକ ଏସ୍.ଟି. ସୋମଶେଖର କଂଗ୍ରେସ ପ୍ରାର୍ଥୀ ମାକେନ୍‌ଙ୍କୁ ଭୋଟ ଦେଇଥିଲେ। ଅନ୍ୟତମ ଭାଜପା ବିଧାୟକ ଏ. ଶିବରାମ ହେବ୍ବର ଭୋଟ ବେଳେ ଅନୁପସ୍ଥିତ ରହିଥିଲେ। ଦକ୍ଷିଣ ଭାରତୀୟ ରାଜ୍ୟରେ ଦଳୀୟ ବିଧାୟକଙ୍କ କ୍ରସ୍ ଭୋଟିଂ ଭାଜପା ପାଇଁ ଶକ୍ତ ଧକ୍କା ହୋଇଛି। କର୍ନାଟକରେ ରାଜ୍ୟ ସଭା ପାଇଁ ଅନୁଷ୍ଠିତ ନିର୍ବାଚନରେ କଂଗ୍ରେସର ବିଜୟ ନୀତି, ଆଦର୍ଶ, ଗଣତନ୍ତ୍ର ଓ ନୈତିକତାର ବିଜୟ ବୋଲି ଦଳର ସାଧାରଣ ସମ୍ପାଦକ ☞ପୃଷ୍ଠା-୯

**ଆଜିର ସମ୍ପାଦକୀୟ**

**ଫାଇଟର ପରେ ଆର୍ଟିକଲ୍ ୩୭୦**




# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୨୮/୨୦୨୪ Bhubaneswar, Wednesday, February 28/2024


# ବିନା ସୁଧରେ ୧୦ ଲକ୍ଷ ଋଣ



## ଆହୁରି ସଶକ୍ତ ହେବ ମିଶନ ଶକ୍ତି

- ୫ ବର୍ଷରେ ୭୫ ହଜାର କୋଟି ଋଣ ଯୋଗାଇ ଦିଆଯିବ
- ୫ ହଜାର ମିଶନ ଶକ୍ତି ବଜାର, ରିଟେଲ ଆଉଟଲେଟ ଖୋଲିବ

ଭୁବନେଶ୍ୱର,୨୭।୨(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଓଡ଼ିଶାର ୭୦ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ସଦସ୍ୟାଙ୍କ ପାଇଁ ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମିଶନ ଶକ୍ତି ଋଣ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଏଥିସହିତ ମିଶନ ଶକ୍ତିକୁ ଆହୁରି ସଶକ୍ତ କରିବା ଉଦ୍ଦେଶ୍ୟରେ ସଦସ୍ୟାଙ୍କ ପାଇଁ ୟୁନିଫର୍ମ ଓ ବ୍ଲେଜର ସହାୟତା ଏବଂ ୧୪୫ କୋଟି ଟଙ୍କାର ସୁଧ ଫେରସ୍ତ ବ୍ୟବସ୍ଥାର ମଧ୍ୟ ଶୁଭାରମ୍ଭ କରିଛନ୍ତି।

ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମିଶନ ଶକ୍ତି ମୋର ସବୁଠାରୁ ପ୍ରିୟ କାର୍ଯ୍ୟକ୍ରମ। ମା'ମାନଙ୍କ ସମ୍ମାନ ଓ ଉନ୍ନତି ପାଇଁ ରାଜ୍ୟ ସରକାର ନିରନ୍ତର ଭାବେ କାମ କରିଚାଲିଛନ୍ତି। ଏକ ସ୍ୱତନ୍ତ୍ର ଜୀବିକା ଅର୍ଜନ ପଦକ୍ଷେପ ମାଧ୍ୟମରେ ମିଶନ ଶକ୍ତି ସଦସ୍ୟମାନଙ୍କୁ ୮ ହଜାର କୋଟି ଟଙ୍କାର ସରକାରୀ ବିଜ୍‌ନେସ ସହାୟତା ଯୋଗାଇ ଦିଆଯାଇଛି। ସେମାନେ ଏବେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶୀଦାର ହୋଇଛନ୍ତି। ନୂଆ ଓଡ଼ିଶା ଗଠନରେ ସାମିଲ ହୋଇଛନ୍ତି। ମିଶନ ଶକ୍ତିର ଭଲ କାମ ଦେଶ ବିଦେଶରେ ପହଞ୍ଚି ପାରିଛି। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଦୁବାଇ ଓ ସିଙ୍ଗାପୁରକୁ ଏକ୍ସପୋଜର ଭିଜିଟରେ ଯାଉଥିବାରୁ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି। ଆଗକୁ ଅଧିକରୁ ଅଧିକ ମା' ମାନେ ବିଦେଶ ଯିବେ। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଏଚ୍‌ଏଚ୍‌ଜିରୁ ଏସ୍‌ଏମ୍‌ଇ ଆଡ଼କୁ ଆଗଉଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ କର୍ପୋରେଟ ଜଗତ ସହ ଯୋଡ଼ି ହୋଇଛନ୍ତି। ବିଜ୍‌ନେସ କରିବା ପାଇଁ ଆଗଉଛନ୍ତି। ରାଜ୍ୟର ୭୦ ଲକ୍ଷ ସ୍ୱୟଂ ସହାୟକ ☞ପୃଷ୍ଠା–୯










# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଉତ୍କଳ ସମ୍ମିଳନୀ ଓ ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦ ପକ୍ଷରୁ ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ନଗର, ସମୟ: ସକାଳ ୯ଟା।
- ଆଶୋଚାମ୍ ମ୍ୟାନୁଫ୍ୟାକ୍ଚରିଂ କନକ୍ଲେଭ୍, ସ୍ଥାନ: ସ୍ୱସ୍ତି ପ୍ରିମିୟମ୍, ସମୟ: ପୂର୍ବାହ୍ନ ୧୦ଟା।
- ନାଶନାଲ ସାଇନ୍ସ ଡେ' ପାଳନ, ସ୍ଥାନ: ରିଜିଓନାଲ ସାଇନ୍ସ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବହୁଜନ ଅଧିକାର ସମାବେଶ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- କଞ୍ଜ୍ୟୁମର ଆୱେରନେସ୍ ମିଟ୍, ସ୍ଥାନ: ଓଭିଏଚ୍‌ଏ ସମ୍ମିଳନୀ କକ୍ଷ, ଲକ୍ଷ୍ମୀସାଗର, ସମୟ: ଅପରାହ୍ନ ୨ଟା।
- ବିଜନେସ୍ କନକ୍ଲେଭ ଆଣ୍ଡ ଓଡ଼ିଶା ମିରର ବିଜନେସ୍ ଲିଡରଶିପ ଆୱାର୍ଡ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା।
- କୃତି କଫିର ଉଦ୍‌ଘାଟନ, ସ୍ଥାନ: ଆଦର୍ଶ ବିହାର, ଫେଜ୍-୨, ସମୟ: ଅପରାହ୍ନ ୫ଟା ୩୦।
- ଆଲୋଚନା ଗ୍ରନ୍ଥ 'ତିନି ଦଶନ୍ଧିର ଓଡ଼ିଶା' ଉନ୍ମୋଚନ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ୨୪ତମ ଓଡ଼ିଶୀ ସଙ୍ଗୀତ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ରାଜ୍ୟସ୍ତରୀୟ ଥିଏଟର ଫେଷ୍ଟିଭାଲ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ସଞ୍ଚାରି ଟ୍ରଷ୍ଟ ପକ୍ଷରୁ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ଜାତୀୟ ବିଜ୍ଞାନ ଦିବସ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ହରଚଣ୍ଡୀ ସାହି, ସମୟ: ସକାଳ ୮ଟା।
- ଜାତୀୟ ବିଜ୍ଞାନ ଦିବସ ପାଳିତ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମଧୁବନ, ପୂର୍ବାହ୍ନ ୧୧ଟା।
- ଭାରତୀୟ ଜନତା ପାର୍ଟି ମହିଳା ମୋର୍ଚ୍ଚା ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଅନୁଷ୍ଠାନ 'ଆମର' ପକ୍ଷରୁ ୧୬ତମ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଉଦ୍‌ଯାପନ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୁରୀ, ସମୟ: ସନ୍ଧ୍ୟା ୭ଟା।

## କଟକ

- ଶ୍ରୀ ଶ୍ରୀସିଂହନାଥ ଦେବ ବିଜେ ଗୋପୀନାଥପୁରଙ୍କ ଜାଗର ଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ସିଂହନାଥ ପୀଠ ପରିସର, ବଡମ୍ବା, ସମୟ: ପୂର୍ବାହ୍ନ ୧୧ଟା।
- ନବନିର୍ମିତ ମାତୃ ଓ ଶିଶୁ ବିଭାଗ ଚିକିତ୍ସାଳୟ ଲୋକାର୍ପଣ ଉତ୍ସବ, ସ୍ଥାନ: ନିଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ତିଗିରିଆ, ସମୟ: ଅପରାହ୍ନ ୨ ଟା।
- କଂଗ୍ରେସ ପକ୍ଷରୁ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ସମ୍ମିଳନୀ, ସ୍ଥାନ: ଭଦ୍ରେଶ୍ୱରର ମସଜିଦ୍ ପାଖ ପଡିଆ, ମାହାଙ୍ଗା, ସମୟ: ଅପରାହ୍ନ ୩ଟା।

## ଖୋର୍ଦ୍ଧା

- ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: କୁଶପଲ୍ଲା ମିନି ଷ୍ଟାଡିୟମ, ବେଗୁନିଆ, ସମୟ: ଅପରାହ୍ନ ୩ଟା।
- ଦିଲୀପ-ସଞ୍ଜୀବ ସ୍ମାରକୀ ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଶାଗୁଆନ ପଡ଼ିଆ ବଡ଼ପାରୀ, ଟାଙ୍ଗୀ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ଏନଏସି ଘୋଷଣାରୁ ଖଇରା ବାଦ୍ ପଡିବା ପ୍ରତିବାଦରେ ଭାଜପା ଓ ଖଇରା ସ୍ୱାଭିମାନ ମଞ୍ଚର ଖଇରା ବନ୍ଦ ଡାକରା, ସ୍ଥାନ: ଖଇରା, ସମୟ: ସକାଳ ୯ଟାରୁ ଅପରାହ୍ନ ୩ଟା।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଖ୍ୟାତନାମା ଐତିହାସିକ ଡ. ମନ୍ମଥନାଥ ଦାସ ଓ ତାଙ୍କ ଅନୁଜ ବିଶ୍ୱ ସୃଜନଶୀଳ ସାରସ୍ୱତ ସାଧକ ଡ. ମନୋଜ ଦାସଙ୍କ ସ୍ମାରକୀ ଲୋକାର୍ପଣ ଉତ୍ସବ, ସ୍ଥାନ: ଶଙ୍ଖାରୀ ଗ୍ରାମ, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଜାତୀୟ ବିଜ୍ଞାନ ଦିବସ ଏବଂ ବିଜ୍ଞାନ ସୋସାଇଟିର ବାର୍ଷିକ ଉତ୍ସବ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ସମୟ: ପୂର୍ବାହ୍ନ ୧୧ଟା।
- ସମରବଲ୍ଲଭ ଭୋଇଙ୍କ ଗ୍ରନ୍ଥ ଉନ୍ମୋଚନ, ସ୍ଥାନ: ଶାନ୍ତିକାନନ, ମଲ୍ଲିକାଶପୁର, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ

- ଜାତୀୟ ବିଜ୍ଞାନ ଦିବସରେ ବିଜ୍ଞାନ ଭିତ୍ତିକ ପ୍ରକଳ୍ପର ପ୍ରଦର୍ଶନୀ, ସ୍ଥାନ: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା ୩୦।
- ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ସିଂହାସନ ଖାଲି କର କାର୍ଯ୍ୟକ୍ରମ, ସ୍ଥାନ: ବୈଶିଙ୍ଗା ମହୁରୀ ପଡ଼ିଆ,ସମୟ: ପୂର୍ବାହ୍ନ ୧୧ଟା।
- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କିଚକେଶ୍ୱରୀ ମନ୍ଦିର ପରିଦର୍ଶନ, ସ୍ଥାନ: ଖିଚିଂ, ସମୟ: ଅପରାହ୍ନ ୨ଟା୪୫।
- ଜିଲାସ୍ତରୀୟ ଆଶା କର୍ମୀ, ଗାଁ କଲ୍ୟାଣ ସମିତି ଓ ଜନ ସମ୍ମିଳନୀ, ସ୍ଥାନ: ଶହୀଦ ସ୍ମୃତି ଭବନ, ସମୟ: ଅପରାହ୍ନ ୩ଟା।
- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ରାଇରଙ୍ଗପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ,ଏନ୍‌ଏଚ୍୨୨୦ରେ ବାଇପାସ୍ ରାସ୍ତା ଓ ବଡ଼ସାହି ବ୍ଲକର ଏକଲବ୍ୟ ବିଦ୍ୟାଳୟର ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ରାଇରଙ୍ଗପୁର,ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ରକ୍ତଦାନ ଶିବିର, ସ୍ଥାନ: ନୀଳମଣି ଟାଉନହଲ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ତୁରୁମୁଙ୍ଗା, ପାଟଣା, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ଅବସରପ୍ରାପ୍ତ କର୍ମଚାରୀ ଓ ଶିକ୍ଷକ ସଂଘ ପକ୍ଷରୁ ଆର୍‌ଡିସିଙ୍କୁ ସ୍ମାରକ ପତ୍ର, ସ୍ଥାନ:ଆର୍‌ଡିସି କାର୍ଯ୍ୟାଳୟ,ସମୟ:ପୂର୍ବାହ୍ନ ୧୦ଟା।

## ଗଞ୍ଜାମ

- କ୍ରିକେଟ ମ୍ୟାଚ, ସ୍ଥାନ: ଭଞ୍ଜନଗର ବ୍ଲକ ମଲାସପଦର ଶିକ୍ଷାଞ୍ଚଳ ପଡ଼ିଆ,ସମୟ: ସକାଳ ୯ଟା।
- ବିଦ୍ୟା ପବ୍ଲିକ ସ୍କୁଲ ବିଦ୍ୟାର୍ଥୀଙ୍କୁ ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମ ସ୍ଥାନ:ରଘୁନାଥ ସାହି, ଗଞ୍ଜାମ, ସମୟ:ପୂର୍ବାହ୍ନ ୧୦ ଟା।
- ବଡ଼ନଦୀ ସେତୁ ଉଦ୍‌ଘାଟନ, ସ୍ଥାନ: ଭଞ୍ଜନଗର ବ୍ଲକ କମଳାବାରି ତୋଟା, ସମୟ: ପୂର୍ବାହ୍ନ ୧୧ଟା।
- ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ, ସ୍ଥାନ: ବୁଗୁଡା ବ୍ଲକ ଅନ୍ତରପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୧ଟା୩୦।
- ପାନୀୟ ଜଳ ପ୍ରକଳ୍ପ ଶିଳାନ୍ୟାସ, ସ୍ଥାନ: ବାରୁଡ଼ା ଛକ, ସମୟ: ପୂର୍ବାହ୍ନ ୧୧ଟା୩୦।
- ଭଞ୍ଜନଗର-ଦଶପଲ୍ଲା ରାସ୍ତାର ଶିଳାନ୍ୟାସ, ସ୍ଥାନ: ବାରୁଡା ଛକ, ସମୟ: ମଧ୍ୟାହ୍ନ ୧୨ ଟା। ଏଥିସହିତ ଉକ୍ତ କାର୍ଯ୍ୟକ୍ରମ ଲାଗି ସାଧାରଣ ସଭା, ସ୍ଥାନ: ଭଞ୍ଜନଗର ବ୍ଲକ ପହଣ୍ଡା ଛକ, ସମୟ: ଅପରାହ୍ନ ୧ଟା।
- ନାଗରିକ ମଞ୍ଚର ବିକ୍ଷୋଭ,ସ୍ଥାନ: ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧ଟା୩୦।
- ଆଦିବାସୀ ଭାରତ ମହାସଭାର ଦିବାରାତ୍ର ଧାରଣା, ସ୍ଥାନ: ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ।
- ବାଣିଜ୍ୟ ମେଳା, ସ୍ଥାନ: ଭଞ୍ଜନଗର ଜେଲ ପଡିଆ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀମଦ୍ ଭାଗବତ କଥା ଓ ପ୍ରବଚନ, ସ୍ଥାନ: ଭଞ୍ଜନଗର ଘୁମୁସର ବୈଶ୍ୟ ଧର୍ମଶାଳା, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ବିଭିନ୍ନ ଦାବିରେ ବ୍ଲକ ଅଧ୍ୟକ୍ଷା ଓ ଅନ୍ୟମାନଙ୍କ ଶାନ୍ତିପୂର୍ଣ୍ଣ ଗଣଧାରଣା, ସ୍ଥାନ: ବ୍ଲକ୍ ଅଫିସ, ଗୁଡ଼ାରି, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଜାଗା ମିଶନ ନେଇ ୪ ଜିଲାର ପୌର ଅଧିକାରୀମାନଙ୍କ ତାଲିମ ଶିବିର, ସ୍ଥାନ: ଗାନ୍ଧୀନଗର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ୧୧ଟା।
- ଜୟପୁର ସାଇନ୍ସ ପାର୍କ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଜିଲ୍ଲା ମେଡିକାଲ ପାଖ, ସମୟ: ଅପରାହ୍ନ ୪ଟା ୩୦।

## ନବରଙ୍ଗପୁର

- ଚନ୍ଦ୍ର ଘଣ୍ଟେଶ୍ୱର ଶିବ ମନ୍ଦିର ରତ୍ନମୁଦ ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନବରଙ୍ଗପୁର ପୋଲିସ ରିଜର୍ଭ ପଡ଼ିଆ, ସମୟ: ସକାଳ ୭ଟା ୩୦।

## ମାଲକାନଗିରି

- କାଙ୍ଗୁରକୋଣ୍ଡା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ:କାଙ୍ଗୁରକୋଣ୍ଡା,ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର

- ଭିସୁଟ୍‌ରେ ଜାତୀୟ ସମ୍ମିଳନୀ, ସ୍ଥାନ: ଭିସୁଟ୍ ସଭାଗୃହ, ସମୟ: ପୂର୍ବାହ୍ନ ୯ଟା ୩୦।
- ଗାଁ ସାଥୀ ସମାବେଶ, ସ୍ଥାନ: ପିଏଚ୍‌ଡି ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା ୪୫।
- ଜାତୀୟ ଜନଜାତି ଉତ୍ସବ, ସ୍ଥାନ: ବିର୍ସା ମଇଦାନ, ସମୟ: ସନ୍ଧ୍ୟା ୫ଟା।

## ବଲାଙ୍ଗୀର

- ଆଗଲପୁର ବ୍ଲକ କୃଷକ ସଂଘର୍ଷ ସମିତି ପକ୍ଷରୁ ରାସ୍ତାରୋକୋ, ସ୍ଥାନ: ରୁଗୁଡ଼ିଖାଲ, ସମୟ: ସକାଳ ୭ଟାରୁ।
- ଜୈବିକ ଉତ୍ପାଦ ବିକ୍ରୟ କେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ଖପ୍ରାଖୋଲ ବ୍ଲକ ତେଲେନପାଲି, ସମୟ: ସକାଳ ୯ଟା।
- ଯାଦବ ସମାଜର ସମାବେଶ, ସ୍ଥାନ: ଟିଟିଲାଗଡ଼ ବ୍ଲକ ପିପଲପଦର, ସମୟ: ପୂର୍ବାହ୍ନ୧୧ଟା।
- ଟିଟିଲାଗଡ଼ ସାହୁ ସମାଜ ନୂତନ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ, ସ୍ଥାନ: ମା' ଓ ଶିଶୁ ହସ୍ପିଟାଲ ପାର୍ଶ୍ୱ, ସମୟ: ମଧ୍ୟାହ୍ନ ୧୨ଟା।
- ଦେବୋତ୍ତର କମିଟି ବୈଠକ, ସ୍ଥାନ: ପାଟଣାଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ରାଜ୍ୟ ହୋଟେଲ ପରିଚାଳନା ସଂସ୍ଥାର ୨୦ତମ ବାର୍ଷିକ ଉତ୍ସବ, ସ୍ଥାନ: ଏସ୍‌ଆଇଏଚ୍‌ଏମ୍ ପରିସର, ଟିଟିଲାଗଡ ରୋଡ଼, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ ଟା ୩୦।

## ସୁବର୍ଣ୍ଣପୁର

- ଶୁଖା-ଦୁଦୁକା ରାସ୍ତାର ଅଙ୍ଗନଦୀ ଉପରେ ସେତୁ ନିର୍ମାଣ ପାଇଁ ଶିଳାନ୍ୟାସ ଉତ୍ସବ, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକର ଶୁଖା ଅଙ୍ଗନଦୀ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ମହାନଦୀରେ ମାଛ ବଂଶ ବୃଦ୍ଧି ପାଇଁ ସଚେତନତା ଶିବିର, ସ୍ଥାନ: ସୋନପୁର ତେନ୍ତୁଳିଘାଟ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼

- ଯୁବ ସଂସଦ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ମାଲିପାଲି(ଗାଇସୀମା), ସମୟ: ପୂର୍ବାହ୍ନ ୧୦ଟା।
- ଟିନିକଲ କର୍ମଚାରୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- କୃଷକଙ୍କ ବିକ୍ଷୋଭ ସମାବେଶ, ସ୍ଥାନ: ଅତାବିରା ତହସିଲ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ଖାଦ୍ୟ ସୁରକ୍ଷା ସାମାଜିକ ସମୀକ୍ଷାର ଜନଶୁଣାଣି, ସ୍ଥାନ: ବଡ଼ଗାଁ ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା

- ବାଲାଜୀ ମନ୍ଦିର ଉତ୍ସବ, ସ୍ଥାନ: ଛେଣ୍ଡ, ସମୟ: ସକାଳ ୬ଟା।
- ଜାତୀୟ ବିଜ୍ଞାନ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଓଏସ୍‌ଏପି ସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ସାମାଜିକ କର୍ମୀ କଲ୍ୟାଣୀ ରାୟଙ୍କ ଶ୍ରାଦ୍ଧ ଦିବସ, ସ୍ଥାନ: ହକି ଭିଲେଜ, ସମୟ: ମଧ୍ୟାହ୍ନ ୧୨ଟା।
- ବ୍ରହ୍ମାକୁମାରୀ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବାସନ୍ତୀ କଲୋନୀ, ସମୟ: ମଧ୍ୟାହ୍ନ ୧୨ଟା।

## ଦେବଗଡ଼

- ଜିଲା କଂଗ୍ରେସ ପକ୍ଷରୁ କର୍ମୀ ସମ୍ମିଳନୀ, ସ୍ଥାନ: ତିଲେଇବଣି ବ୍ଲକର ନୂଆଡି ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ବଜରଙ୍ଗ କ୍ରିକେଟ କପ୍ ପଞ୍ଚମ ଦିବସ, ସ୍ଥାନ: ମହୁଲିଡିପା ସାହି, ନାଳପଡିଆ, ଦେବଗଡ, ସମୟ: ପୂର୍ବାହ୍ନ ୧୧ଟା।
- କୃଷି ବୈଷୟିକ ପରିଚାଳନା ସଂସ୍ଥା ଆନୁକୂଲ୍ୟରେ କୃଷକ ତାଲିମ ଶିବିର, ସ୍ଥାନ: ରିଆମାଳ ବ୍ଲକର ବୁଢ଼ିଦୋ ପଞ୍ଚାୟତ ଘମମୁଣ୍ଡା ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- ବ୍ଲକସ୍ତରୀୟ ଭୀମ ଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ସ୍ଥାୟୀ ପଟ୍ଟା ଓ ପକ୍କା ଘର ପ୍ରଦାନ ଦାବିରେ ସାଧାରଣ ସଭା, ସ୍ଥାନ: ଜୁନାଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଜିଲା ବିଜ୍ଞାନ କେନ୍ଦ୍ର ଶିଳାନ୍ୟାସ, ସ୍ଥାନ: ନୂଆପଡ଼ା ଓସ୍ୱାନ କେନ୍ଦ୍ର, ସମୟ: ଅପରାହ୍ନ ୪ଟା ୩୦।

## ବୌଦ୍ଧ

- କଣ୍ଟାମାଳ ରେଞ୍ଜର ଘଣ୍ଟାପଡା ସେକ୍ସନ ଖୁଣ୍ଟିଗୋରା ପଞ୍ଚାୟତର ବନ୍ଧଗୋରାରେ ବିଏସଏସ ଗୃହ ଉଦ୍‌ଘାଟନ, ସ୍ଥାନ: ବନ୍ଧଗୋରା, ସମୟ: ସକାଳ ୯ଟା।
- ବୌଦ୍ଧ ସହର ମର୍ଯ୍ୟାକୁଦଠାରେ ଜିଲା ବିଜ୍ଞାନ କେନ୍ଦ୍ରର ଶିଳାନ୍ୟାସ, ସ୍ଥାନ: ଓସମାନ ହଲ,ବୌଦ୍ଧ , ସମୟ: ଅପରାହ୍ନ ୪ଟା ୩୦।

## ଢେଙ୍କାନାଳ

- ପିଏମ୍ ବିଶ୍ୱକର୍ମା ସ୍କିମ୍ ସମ୍ପର୍କିତ କର୍ମଶାଳା, ସ୍ଥାନ: ଢେଙ୍କାନାଳ ଗୋପବନ୍ଧୁ ଟାଉନହଲ୍, ସମୟ: ସକାଳ ୯ଟା।

## ଅନୁଗୋଳ

- ଆଇସିଡିଏସ୍ ସମୀକ୍ଷା ବୈଠକ, ସ୍ଥାନ: ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱୟଂସହାୟକ ଗୋଷ୍ଠୀ ସମୀକ୍ଷା ବୈଠକ, ସ୍ଥାନ: ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା।
- କ୍ରୀଡ଼ା ସଂସ୍କୃତି ଓ ପର୍ଯ୍ୟଟନ ସମୀକ୍ଷା ବୈଠକ, ସ୍ଥାନ: ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର

- ଜିଲାସ୍ତରୀୟ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ, ନାଉଗାଁ ବ୍ଲକ, ସମୟ: ପୂର୍ବାହ୍ନ୧୦ଟା।
- ଜିଲାସ୍ତରୀୟ ଆଶା, ଜିକେଏସ୍, ଜେଏଏସ୍ ଏବଂ ଏମ୍‌ଏଏସ୍ ସମ୍ମିଳନୀ, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା୩୦।
- ଜିଲା ବିଜ୍ଞାନ କେନ୍ଦ୍ର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ନୂଆଷଣ୍ଢକୁଦ, ପାରାଦୀପ, ସମୟ: ଅପରାହ୍ନ ୪ଟା ୩୦।

## ନୟାଗଡ଼

- ବର ଅଶ୍ୱସ୍ତ ବିବାହ ଉତ୍ସବ,ସ୍ଥାନ: ଦଶପଲ୍ଲା ବ୍ଲକ କୁଆଁରିଆ ନର୍ସରୀ ପଛପାଖ, ସମୟ: ସକାଳ ୮ଟା।
- ପୋଲିସ ପ୍ରତିଷ୍ଠାନ ନୟାଗଡ଼ର କନ୍‌ଷ୍ଟେବଲ ପ୍ରଶିକ୍ଷାର୍ଥୀମାନଙ୍କ ୫୪ତମ ଦୀକ୍ଷାନ୍ତ ସମାରୋହ,ସ୍ଥାନ: ପୋଲିସ ଟ୍ରେନିଂ ସ୍କୁଲ(ପିଟିଏସ୍), ସମୟ: ସକାଳ ୮ଟା୩୦।
- ମ୍ୟୁନିସିପାଲିଟି କାଉନସିଲ ବୈଠକ, ସ୍ଥାନ: ନୟାଗଡ଼ ମ୍ୟୁନିସିପାଲଟି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।

## କେନ୍ଦ୍ରାପଡ଼ା

- ଗୋବରୀ ନଦୀ ହାଇଲେବୁଲ ବ୍ରିଜ୍ ଉଦ୍‌ଘାଟନ, ସ୍ଥାନ:ମିଳନମୋଡ ଛକ, ମହାକାଳପଡା, ସମୟ: ପୂର୍ବାହ୍ନ ୧୧ଟା।
- ବର୍ଦ୍ଧିତ ଭତ୍ତା ଓ ସ୍ୱୟଂ ସହାୟିକା ଗୋଷ୍ଠିଙ୍କୁ ସହାୟତା କାର୍ଯ୍ୟକ୍ରମ, ସ୍ଥାନ: ଅଟାଳ ପଞ୍ଚାୟତ ସମ୍ମୁଖ ପଡ଼ିଆ, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- ବର୍ଦ୍ଧିତ ଭତ୍ତା ଓ ସ୍ୱୟଂ ସହାୟିକା ଗୋଷ୍ଠିଙ୍କୁ ସହାୟତା କାର୍ଯ୍ୟକ୍ରମ, ସ୍ଥାନ: ନିଆଳ ଖେଳ ପଡ଼ିଆ, ଆଳି, ସମୟ: ପୂର୍ବାହ୍ନ ୧୧ଟା।

## ଯାଜପୁର

- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ବ୍ଲକ୍‌ର ଖଇରାବାଦ ପଞ୍ଚାୟତ ଅଫିସ ପଡ଼ିଆ ଓ ସାନସୁଆର ପଞ୍ଚାୟତର କପାସି ଜାଗୁଲାଇ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଏସ୍‌ଏଚ୍‌ଜି ମହିଳାଙ୍କୁ ଋଣ ପ୍ରଦାନ ମେଳା, ସ୍ଥାନ: ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାବୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପାରିବାରିକ ଓ କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟାକୁ ପ୍ରତିହତ କରିବାରେ ସମର୍ଥ ହେବେ। ଭୁଲ୍ ବୁଝାମଣା ହେତୁ ନିଜ ଲୋକଙ୍କୁ ସନ୍ଦେହ କରିବାର ପରିସ୍ଥିତି ସୃଷ୍ଟିହେବ। ସାମାନ୍ୟ ସମସ୍ୟା ସହ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। କୃତ୍ତିକା ନକ୍ଷତ୍ରର ସ୍ୱାସ୍ଥ୍ୟ ମନକୁ ଅସମ୍ଭବ ଭାବେ ଅସ୍ଥିର କରିବାର ଆଶଙ୍କା ରହିଛି।

**ବୃଷ** ମାନସିକ ଅସ୍ଥିରତା ଲାଗି ରହିବା କାରଣରୁ ପ୍ରତ୍ୟେକ କାର୍ଯ୍ୟାବଳୀର ଠିକ୍ ସମୀକ୍ଷା କରିବାରେ ପଛେଇଯିବେ। ବାଣିଜ୍ୟ, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତି କ୍ଷେତ୍ରରୁ ଆଶ୍ୱସ୍ତି ମିଳିବ। ବହୁତ ଦିନରୁ ଘରକୁ ଆଣିପାରି ନ ଥିବା ଜିନିଷଟି ଆଜି ଆଣିବେ। ରୋହିଣୀ ନକ୍ଷତ୍ର ଅନ୍ୟମାନଙ୍କ କଥାରେ ସହକର୍ମୀଟିର ମନୋଭାବ ବଦଳିଯିବ।

**ମିଥୁନ** ଆଜି ଘର କାମ ସାଙ୍ଗକୁ ବନ୍ଧୁଙ୍କ କାମ କରିବାକୁ ଚେଷ୍ଟିତ ହେବେ। ବ୍ୟବସାୟରେ ଲାଭବାନ୍ ହେବେ। ଯେତେ ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ମୃଗଶିରା ନକ୍ଷତ୍ରର ଆର୍ଥିକ ସ୍ଥିତି, ପାରିବାରିକ ପରିସ୍ଥିତି, କାର୍ଯ୍ୟରେ ସଫଳତା ସକାଶେ ଉଦ୍ୟମ ବିଫଳ ହେବନାହିଁ।

**କର୍କଟ** ଆଜିର ଗ୍ରହସ୍ଥିତି ମାନସିକ, ଶାରୀରିକ ଓ ଆର୍ଥିକ ସ୍ଥିତିକୁ ମଜଭୁତ କରିବ। ଅବଶ୍ୟ କର୍ମକ୍ଷେତ୍ରରେ ଫାଇଲ କାମ, ଯାନ୍ତ୍ରିକ ତ୍ରୁଟି, ମିଟିଂ ପ୍ରଭୃତିରେ ବ୍ୟସ୍ତ ରହିପାରନ୍ତି। ଅଶ୍ଳେଷା ନକ୍ଷତ୍ରର ଜଞ୍ଜାଳ ବଢ଼ିବା କାରଣରୁ ପରିବାର ପ୍ରତି ବିମୁଖ କିମ୍ବା ଉଦାସୀନତା ପରିଲକ୍ଷିତ ହୋଇପାରେ। ବାଣିଜ୍ୟ, ପରିବହନର ସ୍ଥିତି ପୂର୍ବପରି ରହିବ।

**ସିଂହ** ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତାରେ ସମସ୍ୟାର ସମାଧାନ, ନୈରାଶ୍ୟଜନକ ସ୍ଥିତିରେ ଆଶାର ସଞ୍ଚାର ପରିଲକ୍ଷିତ ହେବ। ପୂର୍ବା ଫାଲ୍‌ଗୁନୀ ନକ୍ଷତ୍ର ପାଇଁ ଅନ୍ୟମାନେ ପଛରେ ବିଭିନ୍ନ ସମାଲୋଚନାତ୍ମକ ମନ୍ତବ୍ୟ ପ୍ରଦାନ କରିପାରନ୍ତି। ସାଙ୍ଗସାଥୀମାନେ ହିଁ ଆପଣଙ୍କ ପାଇଁ ପରୋକ୍ଷ କ୍ଷତି ସାଧନରେ ଲିପ୍ତ ରହିପାରନ୍ତି।

**କନ୍ୟା** ପ୍ରତ୍ୟେକ କ୍ଷେତ୍ରରେ ସତର୍କରେ ନ ଚଳିଲେ ମରୀଚିକା ପଛରେ ଗୋଡ଼ାଇବା ସାର ହେବ। ମିଠାକଥା କହି ବନ୍ଧୁଙ୍କ ଦ୍ୱାରା କାମ ହାସଲରେ ସଫଳ ହେବେ। ହସ୍ତା ନକ୍ଷତ୍ର କାମଟିକୁ ଶେଷ କରିପାରିବା କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସାମ୍ନା କରିବାକୁ ପଡ଼ିବ। ଯେଉଁ ବ୍ୟକ୍ତି ବିଷୟରେ ଭାବିବେ ତାଙ୍କୁ ହଠାତ୍ ଅତି ନିକଟରେ ଦେଖିପାରନ୍ତି।

**ତୁଳା** କୌଣସି ଘଟଣାକୁ ନେଇ ଘର ଲୋକଙ୍କ ବ୍ୟସ୍ତତାକୁ ଲକ୍ଷ୍ୟକରି ମନ ଅଶାନ୍ତ ରହିପାରେ। ସ୍ୱାତୀ ନକ୍ଷତ୍ର ସାଧାରଣ କଥାକୁ କେନ୍ଦ୍ରକରି ଅଧସ୍ତନ କର୍ମଚାରୀଙ୍କ ସମସ୍ୟାକୁ ବୃଦ୍ଧି କରିପାରନ୍ତି। କୌଣସି ବନ୍ଧୁଙ୍କ ପ୍ରତି ଅତିରିକ୍ତ ଆନ୍ତରିକତା ନିଜଆଡ଼କୁ ଅଙ୍ଗୁଳି ଦେଖାଇବ। ସଭାସମିତି, ଆନୁଷ୍ଠାନିକ କାମରେ ପ୍ରତିଯୋଗିତା ମନୋଭାବ ଉପୁଜିବ।

**ବିଛା** ସାଧାରଣ କଥାକୁ କେନ୍ଦ୍ରକରି କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ଯୋଗୁ ଆଶା ପୂରଣ ହୋଇପାରିବ ନାହିଁ। ଅତୀତ ଘଟଣା ମନକୁ ଆଲୋଡ଼ିତ କରିପାରେ। ଅଭାବ ନ ଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତି ଯୋଗୁ କେତେକ ସୁଯୋଗ ହରାଇ ଦୁଃଖିତ ହେବେ। ବନ୍ଧୁମାନଙ୍କ ସହାୟତାରେ ସମସ୍ୟାର ସରଳ ସମାଧାନ କରିପାରିବେ।

**ଧନୁ** ମୂଳା ନକ୍ଷତ୍ର କର୍ମକ୍ଷେତ୍ରରେ ହେଉ କିମ୍ବା ନିଜ ପରିସରରେ ପ୍ରତିଷ୍ଠିତ ହେବେ। ମାଙ୍ଗଳିକ କିମ୍ବା ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଜମିଜମା, ବ୍ୟବସାୟ, ପରିବହନ, ଆଲୋଚନା ତଥା ମାଲିମକଦ୍ଦମାରେ ସଫଳତା ପାଇବେ। ଜିଦ୍‌ରେ ଅଟଳ ରହି ଅଶାନ୍ତ ବାତାବରଣକୁ ନିମନ୍ତ୍ରଣ କରିପାରନ୍ତି।

**ମକର** କର୍ମକ୍ଷେତ୍ରରେ ସମସ୍ୟା ଲାଗିରହିବା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଶ୍ରବଣା ନକ୍ଷତ୍ର ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି। ଆର୍ଥିକ ସ୍ଥିତି ପୂର୍ବପରି ରହିବ ମାତ୍ର ସନ୍ତୋଷଜନକ ହେବନାହିଁ। ସଭାସମିତି, ବିବାଦୀୟ ପରିସ୍ଥିତି ଓ ମାଲିମକଦ୍ଦମାରେ ସଫଳତା ହାସଲ କରିବେ।

**କୁମ୍ଭ** ଶତଭିଷା ନକ୍ଷତ୍ର ଅଧୈର୍ଯ୍ୟ ନ ହୋଇ ସ୍ଥିରଭାବେ କାମ କଲେ ପରିସ୍ଥିତିର ମୁକାବିଲା କରିବାରେ ସମର୍ଥ ହେବେ। ଶିଳ୍ପ, ବାଣିଜ୍ୟ, ଶେୟାର ବଜାର କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ବନ୍ଧୁଙ୍କୁ ଖବର ଦେବାରେ ହେଳା ଲାଗି କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହେବ। ନିଜ ନିଜ ଭିତରେ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମୀନ** ଆଜି ବନ୍ଧୁମାନଙ୍କ ସହାୟତା ଲାଭକରି ସମସ୍ୟା ଗୁଡ଼ିକ ଆପଣାଛାଏଁ ସୁଧୁରିଯିବ। ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ପରିଲକ୍ଷିତ ହେବାର ଆଶଙ୍କା ଦେଖାଦେବ। ଉତ୍ତର ଭାଦ୍ରବ ନକ୍ଷତ୍ରର କଠିନ ଶ୍ରମଜନିତ ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ। ପାରିଶ୍ରମିକ ମନଲାଖି ନ ହେବା କାରଣରୁ ବିଷାଦଗ୍ରସ୍ତ ହୋଇପାରନ୍ତି।

ଆଜି ଫେବୃଆରୀ ୨୮ ତାରିଖ, ରାଷ୍ଟ୍ରୀୟ ବିଜ୍ଞାନ ଦିବସ, ଡକ୍ଟର ରାଜେନ୍ଦ୍ର ପ୍ରସାଦ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ତିରୋଧାନ ଦିବସ, ଫାଲ୍‌ଗୁନ କୃଷ୍ଣ ଚତୁର୍ଥୀ, ବୁଧବାର, ରାଶି ନକ୍ଷତ୍ର-ଚିତ୍ରା/କନ୍ୟା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୧୧ମି. ଗତେ ଘ.୦୭।୪୪ମି. ମଧ୍ୟେ, ଘ.୧୦।୩୨ମି. ଗତେ ଘ.୧୧।୩୬ମି. ମଧ୍ୟେ ଶୁଦ୍ଧ ଶୁଭବେଳା॥ ଦିବା ଘ.୧୧।୫୯ମି. ଗତେ ଘ.୦୧।୨୬ମି. ମଧ୍ୟେ ରାହୁକାଳ॥

# ଶିମିଳିପାଳରେ ଛଡ଼ାଯିବ ବାହାର ବାଘୁଣୀ

**ଭୁବନେଶ୍ୱର, ୨୭।୨(ଅସମାପିକା ସାହୁ)**

ଶିମିଳିପାଳରେ ଏବେ କଳା ବାଘ ବଂଶ ବୃଦ୍ଧି ପାଉଛି। ଯଦିଓ ଏହିଭଳି କଳାବାଘ କେବଳ ଶିମିଳିପାଳରେ ଦେଖାଯାଉଥିବାରୁ ବନ ବିଭାଗ ଖୁସି ହେଉଛି, ତଥାପି ଏହାର ସଂଖ୍ୟା ବଢୁଥିବାରୁ ଚିନ୍ତା ମଧ୍ୟ ଘାରୁଛି। ତେଣୁ ଏହାର ସମାଧାନ ପାଇଁ ବାହାରୁ ବାଘୁଣୀ ଆଣି ଶିମିଳିପାଳରେ ଛାଡ଼ିବା ପାଇଁ ବନ ବିଭାଗ ଚିନ୍ତା କରିଛି। ଶିମିଳିପାଳରେ ଏବେ ୧୩ଟି କଳା ବାଘ ରହିଛି। ଇନ୍ ବ୍ରିଡିଂ ଯୋଗୁ କଳା ବାଘଙ୍କ ସଂଖ୍ୟା ବଢୁଥିବା ପିସିସିଏଫ୍ (ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ କହିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଅନ୍ୟ ସ୍ଥାନରୁ ବାଘୁଣୀ ଆଣି ଶିମିଳିପାଳରେ ଛାଡ଼ିବାକୁ ଯୋଜନା ହୋଇଛି। ଏଥିପାଇଁ ଏନ୍‌ଟିସିଏ ଏବଂ ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ ସହ ଯୋଗାଯୋଗ କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି। ସେହିଭଳି ଓଡ଼ିଶାରେ ପ୍ରତିବର୍ଷ ବାଘ ଗଣନା ହେବ। କ୍ୟାମେରା ଟ୍ରାପ୍ ଜରିଆରେ ବର୍ଷ ସାରା ମହାବଳ ବାଘଙ୍କ ସ୍ଥିତି ଉପରେ ନଜର ରହିବ ବୋଲି ମଙ୍ଗଳବାର ପିସିସିଏଫ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନନ୍ଦ ଏହି ସୂଚନା ଦେଇଛନ୍ତି। ସେପଟେ ସାତକୋଶିଆରେ ଗୋଟିଏ ବି ମହାବଳ ବାଘ ନାହାନ୍ତି। ଅଭୟାରଣ୍ୟ ଭିତରେ ଥିବା ଜନବସତିକୁ ସମ୍ପୂର୍ଣ୍ଣ ବିସ୍ଥାପିତ କରିବା ପରେ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ବାଘ ଛଡ଼ାଯିବା ନେଇ ଯୋଜନା କରାଯିବ। ଶିମିଳିପାଳରେ ବାଘ ସଂଖ୍ୟା ବଢ଼ିବା ପରେ ମହାବଳ ନୂଆ ଟେରିଟରି ସନ୍ଧାନରେ ଅଛନ୍ତି। ତେଣୁ କେନ୍ଦୁଝର, ହଦଗଡ଼ ଓ କୁଲଡ଼ିହାକୁ ମିଶାଇ ଗ୍ରେଟର ଶିମିଳିପାଳ ଲ୍ୟାଣ୍ଡସ୍କେପ ବିକାଶ କରାଯାଉଛି ବୋଲି ପିସିସିଏଫ୍ କହିଛନ୍ତି।

# ମିଶନ ଶକ୍ତି ବଜାର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୨୭।୨(ଅନିଲ ଦାସ)**

- ମହିଳା ଉଦ୍ୟୋଗୀ ଉତ୍ପାଦ ସାମଗ୍ରୀ ପାଇଁ ସୃଷ୍ଟି କରିବ ବଜାର ସୁବିଧା
- କେଏମ୍‌ଏଫ୍‌ପି ଦ୍ୱାରା ପରିଚାଳିତ ହେବ ଦୀର୍ଘମିଆଦୀ ମହିଳା ଜୀବିକା ସହାୟତା ପାଇଁ ହେବ ବଡ଼ ପ୍ଲାଟ୍‌ଫର୍ମ: ମୁଖ୍ୟମନ୍ତ୍ରୀ
- ଫେବୃୟାରୀ ୧୯ରେ ମିଶନ ଶକ୍ତି ବଜାରର ଚୂଡ଼ାନ୍ତ ସମୀକ୍ଷା କରିଥିଲେ ପାଣ୍ଡିଆନ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଭୁବନେଶ୍ୱରରେ ମିଶନ ଶକ୍ତି ବଜାରକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ରାଜ୍ୟର ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧ ସହରାଞ୍ଚଳରେ ବାସ କରୁଥିବା ମହିଳାମାନଙ୍କ ପାଇଁ ଦୀର୍ଘମିଆଦୀ ଜୀବିକାର୍ଜନ ଲାଗି ମିଶନ ଶକ୍ତି ବଜାର ବଡ଼ ପ୍ଲାଟ୍‌ଫର୍ମ ଭାବେ କାର୍ଯ୍ୟ କରିବ। ମହିଳା ଉଦ୍ୟୋଗୀ ସୃଷ୍ଟି ଦିଗରେ ୫-ଟି କ୍ରମରେ ଏହାର ବିକାଶ କରାଯାଇଛି। ମିଶନ ଶକ୍ତି ବଜାର ଉଦ୍‌ଘାଟନ ହେବା ପୂର୍ବରୁ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଫେବୃୟାରୀ ୧୯ ତାରିଖରେ ପରିଦର୍ଶନ କରି ଏହାର ଚୂଡ଼ାନ୍ତ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଏହାଦ୍ୱାରା ଏଣିକି ଘରେ ଘରେ ପହଞ୍ଚିବ ମିଶନ ଶକ୍ତି ମହିଳାଙ୍କ ଉତ୍ପାଦ। ଗ୍ରାହକଙ୍କୁ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ କିଣିବା ସୁବିଧା ମିଳିପାରିବ। ଏଥିରେ ସମଗ୍ର ରାଜ୍ୟର ମିଶନ ଶକ୍ତି ଗ୍ରୁପ୍‌ର ଉତ୍ପାଦଗୁଡ଼ିକ ବିକ୍ରି ପାଇଁ ପ୍ରଦର୍ଶନ କରାଯିବ। ଏହା ଖୋର୍ଦ୍ଧା ମାତୃଶକ୍ତି ଫାର୍ମର୍ସ ପ୍ରଡ୍ୟୁସର (କେଏମ୍‌ଏଫ୍‌ପି) କମ୍ପାନୀ ଦ୍ୱାରା ପରିଚାଳିତ ହେବ। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଏସ୍‌ଏଚ୍‌ଜି ଅଂଶୀଦାର ଭାବେ ରହିଛନ୍ତି। ରାଜ୍ୟର ଲକ୍ଷ ଲକ୍ଷ ମହିଳା ଏଥିରେ ସାମିଲ ହୋଇ ସେମାନଙ୍କ ଉତ୍ପାଦ ବିକ୍ରି କରିପାରିବେ। ରାଜ୍ୟରେ ମହିଳାମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀକୁ ପ୍ରୋତ୍ସାହିତ ଓ ବିକ୍ରି କରିବା ପାଇଁ କେଏମ୍‌ଏଫ୍‌ପି ଓ ମିଶନ ଶକ୍ତି ବିଭାଗର ମୂଳ ଲକ୍ଷ୍ୟ। ପ୍ରଡ୍ୟୁସର କମ୍ପାନୀଗୁଡ଼ିକ ବୈଷୟିକ ସେବା ଏଜେନ୍ସି ଭାବେ କାର୍ଯ୍ୟ କରିବ। ଏହି ବଜାରରେ ଲୋକେ ଝାଡୁଠାରୁ ପାଟଶାଢ଼ି, ବେତ ସୋଫା, ଘରକରଣା ଜିନିଷ, ମିଲେଟ୍ସ ଉତ୍ପାଦ, ପଟ୍ଟଚିତ୍ର, ପେଣ୍ଟିଂ, କନ୍ଧମାଳ ହଳଦୀ ସମେତ ପ୍ରାୟ ୧ ହଜାର ପ୍ରକାର ଉତ୍ପାଦ କିଣିବାର ସୁବିଧା ପାଇବେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଫେବୃଆରୀ ୨୮/୨୦୨୪ | Bhubaneswar, Wednesday, February 28/2024





# କ୍ରିକେଟ ପାଇଁ ବୃହତ୍ ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

- ବିଶ୍ୱସ୍ତରୀୟ ସ୍ପୋର୍ଟସ କମ୍ପ୍ଲେକ୍ସ ହେବ ବାରବାଟୀ ଷ୍ଟାଡିୟମ
- ସମ୍ବଲପୁର ଭିଏସ୍ଏସ୍ କ୍ରିକେଟ ଷ୍ଟାଡିୟମର ହେବ ପୁନର୍ବିନ୍ୟାସ
- ପୁରୀ, ବ୍ରହ୍ମପୁର, ଯାଜପୁର, ଝାରସୁଗୁଡ଼ାର ୪୧ କ୍ରିକେଟ ଏକାଡେମୀ ଉଦ୍‌ଘାଟିତ
- ଦେଶର ସର୍ବବୃହତ୍ ଭାରୋତ୍ତୋଳନ ଏକାଡେମୀ ଲୋକାର୍ପିତ



ଭୁବନେଶ୍ୱର,୨୭।୨(ଅନିଲ ଦାସ)

ଓଡ଼ିଶା କ୍ରିକେଟ ଖେଳ ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡ଼ିହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଐତିହାସିକ ବାରବାଟୀ ଷ୍ଟାଡିୟମର ପୁନଃନିର୍ମାଣ ଘୋଷଣା କରିବା ସହ ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ କ୍ରିକେଟ ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏଥିସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ୪୧ କ୍ରିକେଟ ଏକାଡେମୀ ଉଦ୍‌ଘାଟନ କରିବା ସହ ଅନେକ କ୍ରୀଡ଼ା ପ୍ରକଳ୍ପର ଭିତ୍ତି ସ୍ଥାପନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିସିସିଆଇ, ଓସିଏ ଏବଂ କର୍ପୋରେଟ ସଂସ୍ଥାଗୁଡ଼ିକର ମିଳିତ ସହଯୋଗରେ ଅତ୍ୟାଧୁନିକ ସୁବିଧା ସହ ବାରବାଟୀ ଷ୍ଟାଡିୟମକୁ ବିଶ୍ୱସ୍ତରୀୟ ସ୍ପୋର୍ଟସ କମ୍ପ୍ଲେକ୍ସ ଭାବେ ପୁନର୍ବିକାଶ କରାଯିବ। ତେବେ ଆଇକନିକ କ୍ଲକ୍ ଟାୱାରକୁ ଐତିହ୍ୟ ସ୍ମାରକୀ ଭାବେ ସଂରକ୍ଷଣ କରାଯିବ। ସମ୍ବଲପୁରରେ ଥିବା ଭିଏସ୍ଏସ୍

☞ପୃଷ୍ଠା-୯

# ୨୦୪୦ ସୁଦ୍ଧା ଚନ୍ଦ୍ରକୁ ମାନବ ପ୍ରେରଣ ଲକ୍ଷ୍ୟ

## ୪ ଗଗନୟାନ ମହାକାଶଚାରୀଙ୍କ ନାଁ ପ୍ରକାଶ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୭।୨

ମହାକାଶକୁ ଭାରତର ପ୍ରଥମ ମାନବ ମିଶନ ଗଗନୟାନରେ ଭାଗନେବାକୁ ଥିବା ୪ ମହାକାଶଚାରୀଙ୍କ ନାଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ପ୍ରକାଶ କରିଛନ୍ତି। ଥିରୁଭାନନ୍ତପୁରମ୍‌ସ୍ଥିତ ବିକ୍ରମ ସରାଭାଇ ସ୍ପେସ୍ ସେଣ୍ଟରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଗନୟାନରେ ଯିବା ପାଇଁ ଚୟନ ହୋଇଥିବା ୪ ଜଣଙ୍କୁ ମହାକାଶଚାରୀର ପରିଚୟ ଦେଇଛନ୍ତି। ସେମାନେ ହେଲେ ଗ୍ରୁପ୍ କ୍ୟାପ୍‌ଟେନ ପ୍ରଶାନ୍ତ ବାଲାକ୍ରିଷ୍ଣନ ନାୟାର, ଗ୍ରୁପ୍ କ୍ୟାପ୍‌ଟେନ୍ ଅଜିତ କ୍ରିଷ୍ଣନ, ଗ୍ରୁପ୍ କ୍ୟାପ୍‌ଟେନ ଅଙ୍ଗଦ ପ୍ରତାପ ଏବଂ ୱିଙ୍ଗ୍ କମାଣ୍ଡର ଶୁଭାଂଶୁ ଶୁକ୍ଳା।



ବାମରୁ ପ୍ରଶାନ୍ତ ବାଲାକ୍ରିଷ୍ଣନ ନାୟାର, ଅଙ୍ଗଦ ପ୍ରତାପ, ଅଜିତ କ୍ରିଷ୍ଣନ ଓ ଶୁଭାଂଶୁ ଶୁକ୍ଳା।

ଏହି ମାନବ ମିଶନରେ କ୍ରିଉ ସଦସ୍ୟମାନଙ୍କୁ ୪୦୦ କିଲୋମିଟର ଦୂରରେ ଥିବା ପୃଥିବୀର ନିମ୍ନ କକ୍ଷକୁ ନେବା ସହ ୩ ଦିନ ପରେ ସେମାନଙ୍କୁ ଫେରାଇ ଆଣିବାକୁ ଲକ୍ଷ୍ୟ ରଖାଯାଇଛି। ସେମାନଙ୍କ ନିରାପତ୍ତା ପାଇଁ ଗଗନୟାନକୁ ଭାରତୀୟ ସମୁଦ୍ରରେ ଅବତରଣ କରାଯିବ। ଚୟନ ହୋଇଥିବା ମହାକାଶଚାରୀମାନେ ମିଶନ ସମୟରେ ଯେପରି ସୁସ୍ଥ ରହିବେ ସେଥିପାଇଁ ସେମାନଙ୍କୁ ବୈଷୟିକ ଜ୍ଞାନ ଏବଂ ଶାରୀରିକ ଫିଟ୍‌ନେସ୍ ତାଲିମ ଦିଆଯାଇଛି। ଗଗନୟାନର ୪ ଯାତ୍ରୀ କେବଳ ୪ଟି ନାଁ କିମ୍ବା ୪ ଜଣ ନୁହନ୍ତି, ସେମାନେ ୧୪୦ କୋଟି ଭାରତୀୟଙ୍କ ଆଶା ଆକାଂକ୍ଷାକୁ ମହାକାଶକୁ ନେଇଯିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଦୀର୍ଘ ୪୦ ବର୍ଷ ପରେ ଭାରତୀୟମାନେ ମହାକାଶରେ ପହଞ୍ଚିବାକୁ ଯାଉଛନ୍ତି। ତେବେ ଏଥରର ସମୟ, ଅବଗଣନା, ରକେଟ ସବୁକିଛି ଆମର ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସୂଚନାଯୋଗ୍ୟ, ୧୯୮୪ରେ ସୋଭିଏଟ୍ ରୁଷ୍ ମିଶନରେ ଭାରତର ୱିଙ୍ଗ୍ କମାଣ୍ଡର ରାକେଶ ଶର୍ମା ମହାକାଶ ଯାଇଥିଲେ।

ପ୍ରଧାନମନ୍ତ୍ରୀ ମହାକାଶଚାରୀମାନଙ୍କ ନାଁ ଘୋଷଣା କଲାବେଳେ ଉକ୍ତ କାର୍ଯ୍ୟକ୍ରମରେ କେରଳ ରାଜ୍ୟପାଳ ଅରିଫ୍ ମହମ୍ମଦ ଖାନ, ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ, ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଭି. ମୁରଲୀଧରନ ଏବଂ ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥ ପ୍ରମୁଖ ଉପସ୍ଥିତ ଥିଲେ। ଗଗନୟାନ ମିଶନର

☞ପୃଷ୍ଠା-୯



ତୁମେ ଯାହା ଜାଣିଛ- ତାହା ହିଁ ଯେ ଏକମାତ୍ର ସତ୍ୟ- ଏବଂ ତୁମର ବିଶ୍ୱାସ ଯେ ଏକମାତ୍ର ସତ୍ୟ ଏବଂ ଅନ୍ୟମାନଙ୍କ ଜ୍ଞାନ ଓ ବିଶ୍ୱାସ ସତ୍ୟ ନୁହେଁ- ତୁମେ ଯଦି ଏହିପରି ଭାବୁଥାଅ- ତା'ହେଲେ ତୁମେ ଜାଣ ଯେ, ଅତୀତରେ ବିଭିନ୍ନ ଧର୍ମ ଓ ସଂପ୍ରଦାୟର ଲୋକମାନେ ଯାହା କରୁଥିଲେ- ତୁମେ ତାହା ହିଁ କରୁଛ। -ଶ୍ରୀମା



# ଫାଇଟର ପରେ ଆର୍ଟିକଲ ୩୭୦

ଫେବୃଆରୀ ୨୩ରେ ଆଦିତ୍ୟ ସୁହାସ ଜମ୍ଭାଲେଙ୍କ ନିର୍ଦ୍ଦେଶିତ ତଥା ୟାମୀ ଗୌତମଙ୍କ ଅଭିନୀତ ଆର୍ଟିକଲ ୩୭୦ ସିନେମା ରିଲିଜ ହୋଇଯାଇଛି। ଭାରତରେ ସାଧାରଣ ନିର୍ବାଚନ ପୂର୍ବରୁ ଏଭଳି ସିନେମାରେ ରାଜନୈତିକ ଉଦ୍ଦେଶ୍ୟ ଥିବା କୁହାଯାଉଛି। ଏହି ଚଳଚ୍ଚିତ୍ର ଭାରତରେ ଭଲ ବ୍ୟବସାୟ କରୁଥିବାବେଳେ କେତେକ ମଧ୍ୟପ୍ରାଚ୍ୟ ଦେଶ ଏହାକୁ ରିଲିଜ କରିବାକୁ ନ ଦେଇ ସାର୍ଟିଫିକେଶନ ଅପେକ୍ଷାରେ ରହିଛନ୍ତି। ଆଶ୍ଚର୍ଯ୍ୟକର ବିଷୟ ହେଉଛି, ଗତ ସପ୍ତାହରେ ହ୍ରିତିକ ରୋଶନ ଓ ଦୀପିକା ପାଦୁକୋନଙ୍କ ଅଭିନୀତ ଫାଇଟର ସିନେମାକୁ ୟୁଏଇକୁ ଛାଡ଼ି ଅନ୍ୟ ସବୁ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ ନିଷେଧ କରାଯିବା ପରେ ଏବେ ଆର୍ଟିକଲ ୩୭୦ ଉପରେ ପ୍ରଶ୍ନ ଉଠିଛି। ଭାରତ-ପାକିସ୍ତାନ ସୀମା ସଂଘର୍ଷ, ବିଶେଷକରି ୨୦୧୯ର ପୁଲୱାମା ଉଗ୍ରବାଦୀ ଆକ୍ରମଣ ଓ ବାଲାକୋଟ ଏୟାର୍‌ଷ୍ଟ୍ରାଇକ ଫାଇଟର ସିନେମାର ମୂଳ କାହାଣୀ। ଉଲ୍ଲେଖଯୋଗ୍ୟ ଯେ, କେନ୍ଦ୍ର ସରକାର ୫ ଅଗଷ୍ଟ ୨୦୨୯ରେ ଜମ୍ମୁ କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରିବା ସହ ସେହି ରାଜ୍ୟକୁ ବିଭାଜନ କରି ଜମ୍ମୁକଶ୍ମୀର ଓ ଲଦାଖ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ କରିଥିଲେ। ତେବେ ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟରେ ଦାଖଲ ହୋଇଥିବା ପିଟିଶନଗୁଡ଼ିକର ଶୁଣାଣି କରି ଗତବର୍ଷ କୋର୍ଟ କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ବୈଧ ଘୋଷଣା କରିବା ସହ ଜମ୍ମୁକଶ୍ମୀର ରାଜ୍ୟ ମାନ୍ୟତା ପୁନଃ ସ୍ଥାପିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଆର୍ଟିକଲ ୩୭୦ ଚଳଚ୍ଚିତ୍ରର କାହାଣୀ ସପକ୍ଷରେ ଶାସକ ନେତାମାନେ ଯୁକ୍ତି କରୁଥିବାବେଳେ ଆଉ ଏକ ଗୋଷ୍ଠୀ ଏହାକୁ ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। ଦେଖିବାକୁ ଗଲେ ବିଦେଶରେ ଏଭଳି ଭାରତୀୟ ସିନେମାକୁ ବିରୋଧ କରାଯିବା ଘଟଣା ନୂଆ ନୁହେଁ। ନବେ ଦଶକର କଶ୍ମୀର ପଣ୍ଡିତଙ୍କ ନିର୍ଯାତନା ଓ ସେମାନଙ୍କ ସଂଘର୍ଷକୁ ନେଇ ୩ ଦଶନ୍ଧି ପରେ ଏହା ଉପରେ ବିବେକ ଅଗ୍ନିହୋତ୍ରୀଙ୍କ ନିର୍ଦ୍ଦେଶିତ ଦି କଶ୍ମୀର ଫାଇଲ୍ସ ଚଳଚ୍ଚିତ୍ରକୁ ବିରୋଧ କରାଯାଇଥିଲା ଓ ସଂଖ୍ୟାଲଘୁଙ୍କ ପ୍ରତି ବିଦ୍ୱେଷ ଭାବ ସୃଷ୍ଟି କରାଯାଇଛି ବୋଲି ଅଭିଯୋଗ ଉଠିଥିଲା। ସିଙ୍ଗାପୁରରେ ଏହାକୁ ନିଷେଧ କରାଯାଇଥିଲା । ଏପରି କି ୨୦୨୨ରେ ଆୟୋଜିତ ଗୋଆ ଅନ୍ତଃରାଷ୍ଟ୍ରୀୟ ଚଳଚ୍ଚିତ୍ର ମହୋତ୍ସବର ଜୁରି ଚେୟାରମ୍ୟାନ ତଥା ଇସ୍ରାଏଲୀ ଚଳଚ୍ଚିତ୍ର ନିର୍ମାତା ନାଦାଭ ଲାପିଡ ଏହାକୁ ଅଶ୍ଳୀଳ ଓ ପ୍ରଚାରଧର୍ମୀ ଚଳଚ୍ଚିତ୍ର ବୋଲି କହିଥିଲେ। ଏଥିରେ ଅନ୍ୟ ଜୁରି ସଦସ୍ୟମାନେ ଏକମତ ହୋଇଥିବାବେଳେ କେବଳ ଜୁରିରେ ଏକ ମାତ୍ର ଭାରତୀୟ ସଦସ୍ୟ ଚଳଚ୍ଚିତ୍ର ନିର୍ମାତା ସୁଦୀପ୍ତୋ ସେନ ତାହା ନାଭାଦଙ୍କ ବ୍ୟକ୍ତିଗତ ମତ ବୋଲି ପ୍ରକାଶ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ପରବର୍ତ୍ତୀ ସମୟରେ ସୁଦୀପ୍ତୋ ସେନ୍‌ଙ୍କ ନିର୍ଦ୍ଦେଶନାରେ ଓ ବିପୁଲ ଅମୃତଲାଲ ଶାହାଙ୍କ ଦ୍ୱାରା ଦି କେରଲା ଷ୍ଟୋରି ସିନେମା ନିର୍ମାଣ କରାଯାଇଥିଲା। କିନ୍ତୁ ଏହାର ଟ୍ରେଲର ରିଲିଜ ପୂର୍ବରୁ ଦେଶରେ ଝଡ଼ ଉଠିଥିଲା। କଂଗ୍ରେସ, ସିପିଏମ୍ ଓ ଅନ୍ୟ କେତେକ ଆଞ୍ଚଳିକ ଦଳ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଏହା ଉପରେ ନିଷେଧାଦେଶ ଜାରି କରିବା ପାଇଁ ସୁପ୍ରିମକୋର୍ଟରେ ଆବେଦନଗୁଡ଼ିକ ଦାଖଲ ହୋଇଥିଲା ଏବଂ କୋର୍ଟ ଏହାର ବିଚାର କରି ପ୍ରତିବନ୍ଧକ ଲଗାଇବାକୁ ମନା କରିଦେଇଥିଲେ। ଏହି ସିନେମାରେ କେରଳରୁ ୩୨,୦୦୦ ଝିଅ ନିଖୋଜ ହୋଇଯିବା ଏବଂ ସେମାନେ ପରେ ଆଇଏସ୍‌ଆଇଏସ୍‌ରେ ଯୋଗଦେବା ବିଷୟ ଦର୍ଶାଯାଇଥିଲା। କିନ୍ତୁ ସେହି ତଥ୍ୟ ପରବର୍ତ୍ତୀ ସମୟରେ ଅସତ୍ୟ ବୋଲି ପ୍ରମାଣିତ ହୋଇଥିଲା।

ଦି କଶ୍ମୀର ଫାଇଲ୍ସ, ଦି କେରଲା ଷ୍ଟୋରି ସିନେମାଗୁଡ଼ିକରେ ସଂଖ୍ୟାଲଘୁଙ୍କ ପ୍ରତି କିଛି ବିରୋଧାତ୍ମକ ବିଷୟ ରହିଥିବାର ଅଭିଯୋଗ ଉଠିଥିଲା। ଏବେ ଫାଇଟର ଓ ଆର୍ଟିକଲ ୩୭୦ ସିନେମାରେ ସମାନ ପ୍ରକାର ଅଭିଯୋଗ କରାଯାଇଛି। ବିଗତ ବର୍ଷଗୁଡ଼ିକରେ ରିଲିଜ ହୋଇଥିବା ଏହିସବୁ ଚଳଚ୍ଚିତ୍ର ପ୍ରଚାରଧର୍ମୀ ବୋଲି ଅଭିଯୋଗ ହୋଇ ଆସିଛି। ହିନ୍ଦୀ ସିନେମା କେବଳ ମଧ୍ୟପ୍ରାଚ୍ୟ ନୁହେଁ ଉତ୍ତର ଆଫ୍ରିକା, ଇଣ୍ଡୋନେସିଆ, ମାଲେସିଆ ଏବଂ କେନ୍ଦ୍ରୀୟ ଏସିଆରେ ବହୁଳ ଭାବେ ଲୋକପ୍ରିୟତା ହାସଲ କରିପାରିଛି। ଦେଖିବାକୁ ଗଲେ ହିନ୍ଦୀ ସିନେମା ହେଉଛି ଭାରତୀୟ କାଳ୍ପନିକ ସମାଜର ବାର୍ତ୍ତାବାହକ ବା ଦୂତ ବା ଆମ୍ବାସାଡର। ସେଭଳି ଏକ ଉଚ୍ଚସ୍ଥାନରୁ ବମ୍ବେ ସିନେମାକୁ ଦେଶ ଭିତରେ ନ୍ୟୂନ କରି ଦେଖାଇଲେ ତାହା ଏହି ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ଅଙ୍ଗକୁ କ୍ଷତି ପହଞ୍ଚାଉଛି।

> **ଦେଖିବାକୁ ଗଲେ ହିନ୍ଦୀ ସିନେମା ହେଉଛି ଭାରତୀୟ କାଳ୍ପନିକ ସମାଜର ବାର୍ତ୍ତାବାହକ ବା ଦୂତ ବା ଆମ୍ବାସାଡର। ସେଭଳି ଏକ ଉଚ୍ଚସ୍ଥାନରୁ ବମ୍ବେ ସିନେମାକୁ ଦେଶ ଭିତରେ ନ୍ୟୂନ କରି ଦେଖାଇଲେ ତାହା ଏହି ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ଅଙ୍ଗକୁ କ୍ଷତି ପହଞ୍ଚାଉଛି।**

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 8 | | 2 | | 7 |
| 2 | | | | | 3 | | | |
| 7 | 8 | | 9 | | | | | 3 |
| | | | | | 4 | 6 | | |
| | | | | 3 | 9 | | 4 | 2 |
| 1 | | 7 | | | | | | |
| | 5 | | | | | 7 | | 8 |
| 9 | | | | | | | | |
| | | | | 2 | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 7 | 8 | 2 | 1 | 5 | 4 | 6 |
| 8 | 5 | 2 | 9 | 4 | 6 | 1 | 3 | 7 |
| 1 | 4 | 6 | 7 | 5 | 3 | 9 | 8 | 2 |
| 7 | 6 | 5 | 4 | 3 | 8 | 2 | 9 | 1 |
| 4 | 1 | 3 | 2 | 6 | 9 | 7 | 5 | 8 |
| 2 | 8 | 9 | 5 | 1 | 7 | 4 | 6 | 3 |
| 5 | 9 | 8 | 3 | 7 | 2 | 6 | 1 | 4 |
| 3 | 2 | 1 | 6 | 9 | 4 | 8 | 7 | 5 |
| 6 | 7 | 4 | 1 | 8 | 5 | 3 | 2 | 9 |

ଗତକାଲିର ଉତ୍ତର

# ଅମୃତରେ ଅପମିଶ୍ରଣ



ଶୁଭନାରାୟଣ ଶତପଥୀ

କଥାରେ ଅଛି-ଦୁଗ୍ଧ ଖାଇବାକୁ ମନ କରିଥିଲେ ଘରେ ରଖିଥିବ ଗାଈ, କଳି କରିବାକୁ ବାହାରକୁ ଗଲେ ସାଙ୍ଗରେ ଥିବଟି ଭାଇ। ଏ ଲୋକକଥାର ଯଥାର୍ଥତା ଆଜିବି ମନେହୁଏ। ଗାଈର ଦୁଗ୍ଧ ବା କ୍ଷୀର ଅମୃତତୁଲ୍ୟ। ପିଲାଠାରୁ ବୟସ୍କ ଯାଏଁ ସଭିଙ୍କ ଖାଦ୍ୟର ଆବଶ୍ୟକତା ଏହି କ୍ଷୀର। ଡାକ୍ତରଙ୍କ ପରାମର୍ଶର ପ୍ରମୁଖ ଅଂଶ କ୍ଷୀର। ଆଦିମ କାଳରୁ ଯୋଗୀ ଋଷିଙ୍କଠାରୁ ବୈଜ୍ଞାନିକମାନଙ୍କ ଖାଦ୍ୟ ତଥା ଦକ୍ଷତା, ଶାରୀରିକ ଅଭିବୃଦ୍ଧିର ବିଶେଷ ଆବଶ୍ୟକତା ଭାବରେ କ୍ଷୀରର ସ୍ଥାନ ସ୍ୱତନ୍ତ୍ର। ତେବେ ଏହାକୁ କିଛି ଲୋକ ବ୍ୟବସାୟ କରି ଚଳୁଥିବା ବେଳେ ବର୍ତ୍ତମାନ ଅନେକ ସଂସ୍ଥା କ୍ଷୀର ବିକ୍ରିବଟା କରୁଛନ୍ତି। ତେବେ କ୍ଷୀରରେ ପାଣି ମିଶାଇ ବିକ୍ରି କରିବା ବା ପିଇବା ଅଭ୍ୟାସଟା ଏବର ନୁହେଁ ବରଂ ପ୍ରାଚୀନ କହିଲେ ଅତ୍ୟୁକ୍ତି ହେବନାହିଁ। ଯଦିଓ ପାଣି ମିଶିବା ପରେ କ୍ଷୀରର ନିଜସ୍ୱ ମାନଦଣ୍ଡ ଦୁର୍ବଳ ହୁଏ ତଥାପି ଏହା ଶରୀର ପାଇଁ ଆବଶ୍ୟକ ପୁଷ୍ଟିଠାରୁ କମ୍ ହେଲେ ମଧ୍ୟ ଶରୀରକୁ କ୍ଷତି ପହଞ୍ଚାଇ ନ ଥାଏ। କୌଣସି ପ୍ରକାର ଅପମିଶ୍ରିତ କ୍ଷୀର ସେବନ ସ୍ୱାସ୍ଥ୍ୟ ଅହିତକାରୀ। ସଂପ୍ରତି କ୍ଷୀରରେ ଅପମିଶ୍ରଣ କରି ରୋଜଗାର କରିବା ଧୀରେ ଧୀରେ ବଢ଼ିବାକୁ ଲାଗିଲାଣି। ତେବେ ଏହି ଅମୃତତୁଲ୍ୟ ଖାଦ୍ୟରେ ଅପମିଶ୍ରଣ ଶୁଣିଲେ ମନ ଆନ୍ଦୋଳିତ ହୋଇଯାଏ। ପ୍ରାକୃତିକ ଉପାୟରେ ମିଳୁଥିବା ଏହି କ୍ଷୀରରେ ରାସାୟନିକ ଦ୍ରବ୍ୟର ବ୍ୟବହାର ବର୍ତ୍ତମାନ ଜନଜୀବନ ପାଇଁ ଆହ୍ୱାନ ପାଲଟିଲାଣି।

ଏଇ କିଛିଦିନ ତଳର ଘଟଣା। ଏକ ଗାଁରେ ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରେ ପାଟିତୁଣ୍ଡ ଲାଗିଥାଏ। ବୁଝିଲାବେଳକୁ ଜଣାପଡ଼ିଲା ଜଣେ କ୍ଷୀର ବିକ୍ରେତା ଓ ଆର ଜଣକ ଗ୍ରାହକ। କ୍ଷୀର ବିକୁଥିବା ବ୍ୟକ୍ତିଟିର ଘରେ ଗାଈ ନାହାନ୍ତି। ସେ ବଜାରରୁ କିଛି କ୍ଷୀର ପ୍ୟାକେଟ୍ ଆଣି ଆଉ କିଛି ଶସ୍ତା କ୍ଷୀରଗୁଣ୍ଡ ବା ରାସାୟନିକ ପାଉଡରକୁ ବ୍ୟବହାର କରି ଅଧିକ ଓ ବହଳିଆ କ୍ଷୀର ପ୍ରସ୍ତୁତ କରି ବିକ୍ରି କରୁଥିଲେ। ଏପରି କରୁଥିବା ଜାଣିବା ପରେ ଗ୍ରାହକ ଜଣକ ଖପ୍ପା। ଅଭିଯୋଗ ପରେ ଉକ୍ତ ବ୍ୟକ୍ତି କ୍ଷୀର ବେପାର ବନ୍ଦ କରିଥିବା ଜଣାପଡ଼ିଛି। ଶସ୍ତା ଓ ହାନିକାରକ ଜିନିଷର ବ୍ୟବହାର କରି କ୍ଷୀର ପ୍ରସ୍ତୁତ କରିବା, ବିକ୍ରି କରିବା ଓ ତାକୁ ଖାଦ୍ୟରୂପେ ଗ୍ରହଣ କରିବା ଦ୍ୱାରା ମଣିଷ ସ୍ୱାସ୍ଥ୍ୟଗତ ବିପତ୍ତି ଆଡ଼କୁ ଟାଣି ହୋଇଯାଏ। ଏପଟେ ଅର୍ଥଦେଇ ଅପମିଶ୍ରିତ କ୍ଷୀର ଓ ସେପଟେ ରୋଗକୁ ବରଣ କରିବା ସାର। ଦୁଇ ପାଖରୁ କ୍ଷତି। ତେବେ ବର୍ତ୍ତମାନ



ଗାଁର ଚିତ୍ରକୁ ବିଶ୍ଳେଷଣ କଲେ ଦେଖାଯାଏ ଗାଁର ଗାଈଗୋଠ, ଗୋ-ପାଳନ ଏକ ଇତିହାସ ହେବାକୁ ବସିଲାଣି। ଯେତେବେଳେ ପ୍ରତି ଘରେ ଗାଈ ଥିଲେ ଓ ଗୋଠ ଥିଲା ସେତେବେଳେ ବି କ୍ଷୀରର ନିଅଣ୍ଟ ପରିଲକ୍ଷିତ ହେଉଥିଲା। ଆଉ ଏବେ ଯଦିଓ ଗାଈ ସମସ୍ତଙ୍କ ଘରେ ନାହାନ୍ତି ତଥାପି ବ୍ୟବସାୟଭିତ୍ତିରେ ଗୋପାଳନ ପ୍ରତି ସେତେ ଆଗ୍ରହ ଦେଖାଯାଉନାହିଁ। ଆଶ୍ଚର୍ଯ୍ୟ ହେଉଛି କ୍ଷୀର, ପନିର, ଛେନା, ଦହି, ଘିଅର ଅଭାବ ନାହିଁ। ଏହା ବୈଚିତ୍ର୍ୟମୟ ନୁହେଁ କି?

କେବଳ ସ୍ଥାନୀୟ ନୁହେଁ, ପ୍ୟାକେଟ୍ ହୋଇ ବିକ୍ରି ହେଉଥିବା ଅମୃତତୁଲ୍ୟ କ୍ଷୀର ମଧ୍ୟ କେତେକ ସ୍ଥାନରେ ଅପମିଶ୍ରିତ ହେଉଥିବାର ଉଦାହରଣ ରହିଛି। ୪ ମାର୍ଚ୍ଚ, ୨୦୨୦ ମସିହାରେ ପ୍ରକାଶିତ ଗ୍ରାହକ ପରାମର୍ଶ ସମାଜ ରିପୋର୍ଟ ଅନୁସାରେ, ବଜାରରେ ମିଳୁଥିବା ୭୯ ଶତକଡା ବ୍ରାଣ୍ଡେଡ୍, ଖୋଲା କ୍ଷୀର ଅପମିଶ୍ରିତ। ଗତ ଜାନୁଆରୀ ମାସରେ ଥିରୁଭାନନ୍ତପୁରମ୍‌ରେ ଜବତ ହୋଇଥିବା ୧୫,୩୦୦ ଲିଟର କ୍ଷୀରରେ ହାଇଡ୍ରୋଜେନ୍ ପେରକ୍ସାଇଡ୍‌ର ଉପସ୍ଥିତିକୁ ସେଠାକାର ଗୋପାଳନ ବିଭାଗ ନିଶ୍ଚିତ କରିଛି। ଗାଈ ରଖି ନ ଥିବା ଜଣେ ବ୍ୟକ୍ତି ଚେନ୍ନାଇର ଏକ ସମବାୟ ସମିତିକୁ ଲହୁଣି ଓ କ୍ଷୀରଗୁଣ୍ଡ ମିଶାଇ ବିକ୍ରି କରୁଥିବା ଖବର ନଜରକୁ ଆସିଛି। ଉକ୍ତ ବ୍ୟକ୍ତି ମହଜୁଦ ହୋଇଥିବା ଗୁଣ୍ଡ କ୍ଷୀର ଓ ଲହୁଣିକୁ ଚୋରିକରି ସେଥିରେ ପାଣି ମିଶାଇ ବିକ୍ରି କରୁଥିବା ବେଳେ ଧରାପଡ଼ିଥିଲା। ସେଠାରୁ ପାଖାପାଖି ୧୪୦ କେଜି ଲହୁଣି, ୧୭୫ କେଜି କ୍ଷୀରଗୁଣ୍ଡ, ଗୋଟିଏ କ୍ରିମ୍ ପୃଥକୀକରଣ, ମିଶ୍ରଣ ଯନ୍ତ୍ରପାତି ମିଳିଥିଲା। ଅନ୍ୟ ଏକ ରିପୋର୍ଟରୁ ଜଣାଯାଏ ଯେ, ଛତ୍ରପତି ଶିବାଜୀ ନଗରରେ ଖାଦ୍ୟ ଓ ଔଷଧ ପ୍ରଶାସନ ୨୫ ହଜାର ଲିଟର ବିକ୍ରି କ୍ଷୀରରୁ ୧୩ରୁ ୧୪ ହଜାର ଲିଟରେ ଅପମିଶ୍ରିତ ବୋଲି ଧରିଥିଲା ଓ ତିନିଜଣଙ୍କୁ ଗିରଫ କରିଥିଲା, ଯେଉଁଥିରେ ୧୩୨ ବ୍ୟାଗ୍ ମହଜୁଦ ଥିବା କ୍ଷୀରଗୁଣ୍ଡ, ୨୨୦ ପ୍ୟାକେଟ୍ ପାମ୍‌ତେଲ, ଲୁଗାଧୁଆ କଷ୍ଟିକ୍ ସୋଡ଼ା ମିଳିଥିଲା। ତେବେ ଭାରତୀୟ ପ୍ରାଣୀ କଲ୍ୟାଣ ବୋର୍ଡ ସଦସ୍ୟ ମୋହନ ସିଂ ଆହଲୁୱାଲିଆ କହିଛନ୍ତି ଯେ ପ୍ରାୟ ୬୮.୭ ଶତକଡା ଦୁଗ୍ଧ ଓ ଦୁଗ୍ଧଜାତୀୟ ଦ୍ରବ୍ୟ ଭାରତୀୟ ଖାଦ୍ୟ ନିରାପତ୍ତା ଓ ମାନକ ପ୍ରାଧିକାରୀଙ୍କ ଦ୍ୱାରା ସ୍ଥିରୀକୃତ ମାନକଯୋଗ୍ୟ ନୁହେଁ। ଅପମିଶ୍ରଣ କାରକଗୁଡ଼ିକ ମଧ୍ୟରେ ସାଧାରଣତଃ କଷ୍ଟିକ୍ ସୋଡ଼ା, ଗ୍ଲୁକୋଜ୍, ଧଳାରଙ୍ଗ, ରିଫାଇନ୍ ତେଲ ଇତ୍ୟାଦି ରହିଛି। ସେ କହିଛନ୍ତି, ୩୧ ମାର୍ଚ୍ଚ ୨୦୧୮ ସୁଦ୍ଧା ଦେଶର ପ୍ରତିଦିନ ଦୁଗ୍ଧ ଉତ୍ପାଦନ ୧୪.୬୮ କୋଟି ଲିଟର ଥିବାବେଳେ ମୁଣ୍ଡପିଛା ପ୍ରାୟ ୪୮୦ ଗ୍ରାମ୍ ଖର୍ଚ୍ଚ ହୋଇଛି।

ପ୍ରତି ଘରର ଆହାର ହେଉଛି କ୍ଷୀର। କିନ୍ତୁ କ୍ଷୀର ଅପମିଶ୍ରଣ କୋମଳମତି ଶିଶୁ ଓ ଅସହାୟ ବୟୋଜ୍ୟେଷ୍ଠଙ୍କ ଜୀବନ ପ୍ରତି ଆହ୍ୱାନ। ଏପରି ଅପମିଶ୍ରଣକୁ ଘରେ ପରୀକ୍ଷା କରିବାକୁ ଚାହିଁଲେ ମଣ୍ଡ କ୍ଷୀରରେ ଆୟୋଡିନ୍ ମିଶାଇଲେ ତାହା ନୀଳ ହୋଇଯିବ। ପାଣିମିଶ୍ରିତ କ୍ଷୀର ଚଟାଣରେ ପଡ଼ିଲେ ତାହା ବୋହିଯିବ। ଯଦି କ୍ଷୀରରେ ୟୁରିଆ ମିଶିଥିବ ତେବେ ସୋୟାବିନ୍ ପାଉଡର ମିଶାଇ ଫେଣ୍ଟିଲାପରେ ଲିଟମସ୍ ପେପର ବୁଡ଼ାଇଲେ ତାହା ନୀଳ ପଡ଼ିଯିବ। ୧୦ ମିଲି କ୍ଷୀରରେ ୧୦ ମିଲି ପାଣି ମିଶାଇ ଫେଣ୍ଟିଲେ ଯଦି ଫେଣ ହୁଏ ତେବେ ସେଥିରେ ଡିଟରଜେଣ୍ଟ ମିଶିଥିବାର ସମ୍ଭାବନା ରହିଛି। ସିନ୍ଥେଟିକ୍ କ୍ଷୀରକୁ ପିଇବା ପରେ ତାହା ପାଟିକୁ ଖରାପ ଲାଗେ। ଏହି ଅପମିଶ୍ରିତ କ୍ଷୀର ପାନ କଲେ କିଡ୍‌ନୀ, ପାଚନତନ୍ତ୍ର, ଆଖି, ହାର୍ଟ ଆଦି ଶରୀରର ପ୍ରମୁଖ ଅଙ୍ଗ ଗୁଡ଼ିକୁ ପ୍ରଭାବିତ କରି ରୋଗ ସୃଷ୍ଟି କରାଏ। ତେବେ ସରକାରଙ୍କ ତରଫରୁ ଦୁଗ୍ଧ ଓ ଦୁଗ୍ଧଜାତୀୟ ସାମଗ୍ରୀ, ଯାହା ସ୍ଥାନୀୟ ଓ ବଜାରରେ ବିକ୍ରି ହେଉଛି ସେଗୁଡ଼ିକ ନିୟମିତ ବ୍ୟବଧାନରେ ପରୀକ୍ଷା ହେବା ଜରୁରୀ। ଏହି କ୍ଷୀର ଅପମିଶ୍ରଣର କାରକଗୁଡ଼ିକର ଲୁଚାଛପା ବିକ୍ରିରେ ରୋକ୍ ଲଗାଯାଇପାରେ। ଭାରତୀୟମାନେ ନିଜର ସାମଗ୍ରିକ ଅଭିବୃଦ୍ଧି ପାଇଁ ବେଶ୍ ଆଶା ଓ ଭରସା ରଖି ଗାଈକ୍ଷୀର ପାନ କରିଥାନ୍ତି ଓ ଈଶ୍ୱରଙ୍କୁ ମଧ୍ୟ ସମର୍ପଣ କରିଥାନ୍ତି। ଏଥିରେ ଅପମିଶ୍ରଣ ସେହି ଆଶାକୁ ବିପରୀତାଭିମୁଖୀ କରାଏ। ଗୋଟିଏ ବଡ଼ ବିପର୍ଯ୍ୟୟକୁ ଅପେକ୍ଷା ନ କରି ସବୁସ୍ତରରେ ବେଳହୁଁ ସାବଧାନ ହେଲେ ଏ ସମସ୍ୟାର ସମାଧାନ ସହଜ ହେବ।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ:୯୪୩୮୪୩୨୦୨୩

# ମୁଁ ବୁଢ଼ାବଳଙ୍ଗ



ଅଧ୍ୟାପକ ଗୋପବନ୍ଧୁ

ମୁଁ ବୁଢ଼ାବଳଙ୍ଗ କହୁଛି। ମୁଁ ମୟୂରଭଞ୍ଜ ଜିଲାର ସବୁଠାରୁ ବଡ଼ ନଦୀ। ମୟୂରଭଞ୍ଜବାସୀଙ୍କ ନଜରରେ ମୁଁ ହିଁ ଜିଲାର ଗଙ୍ଗା ଓ ଯମୁନା ଏବଂ ମହାନଦୀ। ଦେଶର ଅନ୍ୟ ନଦୀକୁ ଲୋକମାନେ ମାଁ ବୋଲି ସମ୍ବୋଧନ କରନ୍ତି। କିନ୍ତୁ ମୋ ନାମ ପୂର୍ବରୁ ବୁଢ଼ା ଶବ୍ଦ ଲଗାଇ ଜିଲାବାସୀମାନେ ମୋତେ ମୁରବିର ଆସନରେ ବସାନ୍ତି। କାହିଁ କୋଉ କାଳରୁ ମୁଁ ଜିଲାବାସୀଙ୍କ ସୁଖଦୁଃଖର ସାଥୀ ହୋଇ ଆସିଛି। କେତେବେଳେ ମୋ ତଟରେ ସାଥୀ ଲଳନାମାନଙ୍କ ହାସ୍ୟରୋଳ ଯୋଗୁଁ ମୋ ମନ ଆନନ୍ଦରେ ଭରି ଉଠିଛି ତ କେତେବେଳେ ପରିଜନଙ୍କ ଶବସତ୍କାର ସମୟର କରୁଣ କ୍ରନ୍ଦନ ମୋତେ ଶୋକାଭିଭୂତ କରିଛି। ମୋ ନଦୀଘାଟରେ ଶଙ୍ଖା ସିନ୍ଦୂରରେ ସଜ୍ଜିତ ନବବଧୂର ଲାଜୁଆ ହସ ଦେଖିଛି ତ ପୁଣି ସେହି ଘାଟରେ ଶଙ୍ଖା ସିନ୍ଦୂର ଉତାରିବାର ହୃଦୟ ବିଦାରକ ଦୃଶ୍ୟ ମଧ ଦେଖିଛି। ମୋ ଦେହରେ ଟୁସୁ ଭସାଣି ହୁଏ, ଅସ୍ଥି ବିସର୍ଜନ ବି ହୁଏ। ମୋ ତଟର ବିଭିନ୍ନ ସ୍ଥାନରେ ମେଳା ମହୋତ୍ସବ ହୁଏ। ମୋ ନାମକୁ ନେଇ ବଳାଙ୍ଗି ମହୋତ୍ସବ ବି ହୁଏ।

ମୋ ଉଭୟ ପାର୍ଶ୍ୱରେ ଅନେକ ଜନବସତି ଗଢ଼ି ଉଠିଛି। ପୂର୍ବେ ଏଗୁଡ଼ିକର ସଂଖ୍ୟାଧିକ ଲୋକ ମୋ ଉପରେ ନିର୍ଭର କରୁଥିଲେ। ଏବେବି ଅନେକ ଲୋକ ଗାଧୁଆପାଧୁଆ ପାଇଁ ମୋ ଉପରେ ନିର୍ଭର କରନ୍ତି। ବାରିପଦା ସହର ସମେତ ଅନେକ ଅଞ୍ଚଳ ନିର୍ମାଣ କାର୍ଯ୍ୟ ପାଇଁ ମୋ ଶଯ୍ୟାର ବାଲି ଉପରେ ନିର୍ଭର କରନ୍ତି। ବଦଳରେ ସହରର ନାଳ ନର୍ଦ୍ଦମାକୁ ମୋ ଜଳକୁ ଛାଡ଼ି ଦିଅନ୍ତି। ସେବା ଦେବାରେ ମୁଁ ହେଳା କରିନାହିଁ। ମୋର ସମସ୍ତ ସ୍ନେହ ମମତା ଅଞ୍ଚଳବାସୀଙ୍କୁ ଦେଇଆସିଛି। ତଟବର୍ତ୍ତୀ ଅଞ୍ଚଳବାସୀଙ୍କୁ ବଢ଼ି ଯୋଗୁ ହଇରାଣ ହରକତ କରିନାହିଁ। ବେଳେବେଳେ ବାରିପଦା ସହରର ତଳି ଅଞ୍ଚଳର ଲୋକମାନେ ବଢ଼ି ଯୋଗୁ ହଇରାଣ ହୁଅନ୍ତି ତାଙ୍କ ନିଜ ଭୁଲ୍ ପାଇଁ। ମୋ ଶଯ୍ୟାକୁ ଦଖଲ କରି ତା' ଉପରେ ଘର କରି ପକାଇଛନ୍ତି। ଜଳ ନିଷ୍କାସନର ମାର୍ଗଗୁଡ଼ିକୁ ସଙ୍କୁଚିତ କରି ଦେଇଛନ୍ତି। ମୋ ଦେହରେ ପଡୁଥିବା ବିଭିନ୍ନ ଶାଖା ନଦୀର ଜଳ ବାହାରି ନ ପାରିବା ଯୋଗୁ ଏପରି ହୁଏ। ଏଥିରେ ମୋର ଦୋଷ ନାହିଁ। ସେମାନେ ନିଜ କୁକର୍ମର କୁଫଳ ନିଜେ ଭୋଗ କରନ୍ତି।

ସେବା ହିଁ ମୋର ପରମ ଧର୍ମ। ଜିଲାର ସମୃଦ୍ଧିରେ ମୋର ଯୋଗଦାନ ଯେତେ ଅଧିକ ହେବ, ମୋର ଆତ୍ମସନ୍ତୋଷ ସେତେ ଅଧିକ ହେବ। ମୋ ତଟବର୍ତ୍ତୀ ଅଞ୍ଚଳ ପ୍ରଚୁର ଉର୍ବର। କେତେକ କୃଷକ ମୋ ଦେହରୁ ପାଣି ନେଇ ବିଭିନ୍ନ ପ୍ରକାର ଚାଷ କରନ୍ତି ଓ କିଛି ରୋଜଗାର କରି ପରିବାର ପୋଷଣ କରନ୍ତି। ଯେଉଁ ପାଣି ଚାଷ ପାଇଁ ବ୍ୟବହାର ହୁଏ ତାହା ଖୁବ୍ କମ। ସବୁତକ ଜଳ ଜିଲାବାସୀଙ୍କ ସେବାରେ ବ୍ୟବହାର ନ ହୋଇ ବହିଯାଇ ବଙ୍ଗୋପସାଗରରେ ମିଶେ। ଏହା ମୋ ପାଇଁ ଅତ୍ୟନ୍ତ ଦୁଃଖର ବିଷୟ। ମୋତେ ଭାରି ଈର୍ଷା ହୁଏ ଯେତେବେଳେ ମୁଁ ଶୁଣେ ବିଭିନ୍ନ ନଦୀ ଉପରେ ବନ୍ଧ ହେଉଛି, ବ୍ୟାରେଜ ହେଉଛି ଓ ବିଭିନ୍ନ ପ୍ରକାର ପ୍ରକଳ୍ପ ହେଉଛି। ଅଥଚ ମୁଁ ଜିଲାର ସବୁଠାରୁ ବଡ଼ନଦୀ ହୋଇଥିଲେ ହେଁ ମୋ ଉପରେ କିଛି ନାହିଁ। ମୋ ଜଳ ତୁଚ୍ଛାରେ ବହିଯାଉଛି। ଆଜିର ଦିନରେ ମୋ ପାଇଁ ଏହା ଲଜ୍ଜାର ବିଷୟ। ନିଃସନ୍ତାନ ମାଁ ପରି ମୋ ଅବସ୍ଥା। ବେଳେବେଳେ ରାଗ ଲାଗେ ଜିଲାର ଅଯୋଗ୍ୟ ପିଲାମାନଙ୍କୁ ଦେଖି। ଶୁଣୁଛି,



ନେତାମାନେ ସବୁ କରିପାରିବେ। କାହିଁ କୋଉ ନେତା ମୋ ପାଇଁ ମୁହଁ ଖୋଲୁନାହାନ୍ତି। ପିଲେ ଏମିତି ନେତା ବାଛୁଛ କାହିଁକି ଯିଏ କୌଣସି କାମକୁ ନୁହନ୍ତି!

ମୋ ଉପରେ କୌଣସି ନଦୀବନ୍ଧ କିମ୍ବା ବ୍ୟାରେଜ୍ ଯୋଜନାର ଚୂଡ଼ାନ୍ତ ରୂପରେଖ ନାହିଁ। ଏହା ମୋ ପାଇଁ ଅତ୍ୟନ୍ତ ଦୁଃଖର ବିଷୟ। ବେଳେବେଳେ ଏ ସମ୍ବନ୍ଧରେ କିଛି ଉଡ଼ା ଖବର ମୋ କାନରେ ବାଜେ ଓ ମନରେ ଆଶା ସଂଚାର କରେ। ହେଲେ ସବୁକିଛି ଆଶାରେ ରହିଯାଏ। ଏପରି ଯୋଜନା କାର୍ଯ୍ୟକାରୀ ହେଲେ ଜିଲାର ବହୁ ଚାଷଜମି ଜଳସେଚିତ ହୋଇପାରନ୍ତା। କୃଷିର ବିକାଶ ହୁଅନ୍ତା। ବିଭିନ୍ନ ପ୍ରକାର ଚାଷକରି ମୋ ଲୋକମାନଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତି ଆସନ୍ତା। ତାଙ୍କ ଅଭାବ ଅସୁବିଧା ଦୂର ହୁଅନ୍ତା। କେବଳ ମୟୂରଭଞ୍ଜ ନୁହେଁ, ପଡ଼ୋଶୀ ବାଲେଶ୍ୱର ଜିଲାରେ ମଧ ପର୍ଯ୍ୟାପ୍ତ ଜଳସେଚନର ସୁବିଧା ଉପଲବ୍ଧ ହୋଇପାରନ୍ତା। ମୟୂରଭଞ୍ଜରେ ମୋ ଉପରେ ଏକ ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ ହେବା ଜରୁରୀ। ଏହା ସହିତ ବାଙ୍ଗିରିପୋଷି, କୁଲିଅଣା, ବାରିପଦା, ମାଣତ୍ରୀ ପ୍ରଭୃତି ଜାଗାରେ ବ୍ୟାରେଜ୍ ତିଆରି କରାଯାଇ ପାରିବ। ବାଲେଶ୍ୱର ଜିଲାରେ ବି ହୋଇପାରିବ। ଏଗୁଡ଼ିକ ଜଳସେଚନ ସହିତ ମତ୍ସ୍ୟଚାଷ, ପାନୀୟଜଳ ଯୋଗାଣ, ନୌକାବିହାର ଜନିତ ପର୍ଯ୍ୟଟନ ପାଇଁ ଖୋରାକ ଯୋଗାଇବ।

ବଣଭୋଜି ପାଇଁ ଅନେକ ଲୋକ ମୋ ପାଖକୁ ଧାଇଁ ଆସନ୍ତି। ଅନେକ ଚଳଚ୍ଚିତ୍ର ଓ ଆଲ୍‌ବମ୍ ମୋ ପାଖରେ ମୋ ସୌନ୍ଦର୍ଯ୍ୟ ସହିତ ସୁଟିଂ ହୋଇଛି। ଶୁଣୁଛି ଶିକ୍ଷାନୁଷ୍ଠାନ, ଡାକ୍ତରଖାନା, ମନ୍ଦିର, ଐତିହ୍ୟ ସ୍ଥଳ ପ୍ରଭୃତିର ରୂପାନ୍ତର ହେଉଛି। ମୋର ଉଭୟ ପାର୍ଶ୍ୱରେ ଥିବା ସୌନ୍ଦର୍ଯ୍ୟମୟ ପ୍ରାକୃତିକ ପରିବେଶର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ରୂପାନ୍ତର ହୋଇପାରିଲେ ଦେଶ ବିଦେଶରୁ ବହୁ ପର୍ଯ୍ୟଟକ ଆସନ୍ତେ। ମୋ ପିତା ଶିମିଳିପାଳ ତ ଅସରନ୍ତି ସୌନ୍ଦର୍ଯ୍ୟର ଗନ୍ତାଘର। ମୁଁ ଶିମିଳିପାଳର ଉତ୍ତରଘାଟରୁ ଜନ୍ମ ନେଇଛି। ଜନ୍ମ ହେବାମାତ୍ରେ ମୁଁ ଲମ୍ଫ ଦେଇଛି ୨୧୭ ମିଟର ତଳକୁ। ମୋର ଏ ଲମ୍ଫ ବରେହିପାଣି ଜଳପ୍ରପାତ ଭାବେ ଖ୍ୟାତ। ଏହା ଭାରତର ଦ୍ୱିତୀୟ ଉଚ୍ଚତମ ଜଳପ୍ରପାତ। ନିକଟରେ ଯୋରନ୍ଦା ଜଳପ୍ରପାତ ମଧ୍ୟ ରହିଛି। ଏହା ସହିତ ଅନେକ ଆକର୍ଷଣୀୟ କୁଣ୍ଡ ରହିଛି।

ମୁଁ ଯେଉଁବାଟ ଦେଇ ଯାଇଛି ଓ ଜନବସତି ନିକଟରେ ପହଞ୍ଚିଛି, ସେ ସମସ୍ତ ଅଞ୍ଚଳର ସୌନ୍ଦର୍ଯ୍ୟରେ ପଟାନ୍ତର ନାହିଁ। ମୋତେ ଓ ମୋ ବାପାଙ୍କୁ ନେଇ ପର୍ଯ୍ୟଟନର ଭିତ୍ତିଭୂମିକୁ ବିକଶିତ କଲେ ଜିଲାର ଅର୍ଥନୀତି ସୁଦୃଢ଼ ହେବ। ବାରିପଦା ନିକଟରେ ମୋତେ ଲାଗି ଏକ ସୁରମ୍ୟ ଉଦ୍ୟାନ ନିର୍ମାଣ କଲେ ସହରର ଶୋଭା ବହୁଗୁଣିତ ହୁଅନ୍ତା। ସହର ତଳେ ଏହାକୁ ଲାଗି ବ୍ୟାରେଜ ନିର୍ମାଣ କଲେ ଜଳସେଚନ ସହିତ ସହରକୁ ଜଳଯୋଗାଣ ଓ ନୌବିହାର ପାଇଁ ସୁବିଧା ସୃଷ୍ଟି କରନ୍ତା। ପର୍ଯ୍ୟଟନର ବିକାଶ ଦ୍ୱାରା ବେକାରି ସମସ୍ୟା କିଛି ମାତ୍ରାରେ ଦୂର ହୋଇପାରିବ। ଯୁବତୀ ଯୁବକମାନେ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯିବେ ନାହିଁ। ସହରର ଯେଉଁ ନାଳ ନର୍ଦ୍ଦମା ଜଳ ମୋ ଦେହକୁ ଛାଡ଼ି ଦିଆଯାଉଛି ତାହା ମୋ ପାଇଁ ବିରକ୍ତିକର। ଏହା ଦ୍ୱାରା ମୋର ପବିତ୍ରତା ନଷ୍ଟ ହେଉଛି। ମୋ ଶଯ୍ୟାର ତଳ ଲୋକମାନେ ଏ ଜଳକୁ ବ୍ୟବହାର କରି ପାରୁନାହାନ୍ତି। ଏହି ଦୂଷିତ ଜଳକୁ ବିଶୋଧନ ପ୍ଲାଣ୍ଟ ଜରିଆରେ ଶୋଧନ କରି ଛଡ଼ାଗଲେ ଭଲହୁଅନ୍ତା।

ରୋଜଗାର କରି ସମ୍ମାନର ସହିତ ବଞ୍ଚିବାର ସମସ୍ତ ବ୍ୟବସ୍ଥା ମୋ ନିକଟରେ ଅଛି। ମୋର ଦୀର୍ଘ ୧୭୫ କିଲୋମିଟର ଲମ୍ବା ଜଳାଧାର ମୋ ପିଲାମାନଙ୍କ କାମରେ ଲାଗୁନାହିଁ। ମୋ ପିଲାମାନେ ଅଯୋଗ୍ୟ। ଏହାର ସଦୁପଯୋଗ କିପରି କରାଯିବ, ତାହା ଜାଣିନାହାନ୍ତି। ଏହା ହିଁ ମୋ ପାଇଁ ଦୁଃଖର ବିଷୟ।

ଦର୍ଶନ ବିଭାଗ (ଅବସରପ୍ରାପ୍ତ)
ବାରିପଦା, ମୟୂରଭଞ୍ଜ
ମୋ: ୭୦୦୮୯୭୬୧୮୦

## ଏଇ ଭାରତରେ

ରୋଗଗ୍ରସ୍ତ, ବିକଳାଙ୍ଗ ଓ ପରିତ୍ୟକ୍ତ ଅବସ୍ଥାରେ ଥିବା କୁକୁରଙ୍କ ସାହାରା ପାଲଟିଛନ୍ତି ଚେନ୍ନାଇର ଶାରା ଆୟର। ସେ ରାସ୍ତାକଡ଼ରେ ପଡ଼ିରହୁଥିବା ଏଭଳି କୁକୁରଗୁଡ଼ିକୁ ଉଦ୍ଧାର କରି ସେମାନଙ୍କ ଚିକିତ୍ସା କରିବା ସହ ଆଶ୍ରୟ ଦେଉଛନ୍ତି। ଏହି କାର୍ଯ୍ୟ ପାଇଁ ସେ ତାଙ୍କ ସ୍ୱାମୀଙ୍କ ସହଯୋଗରେ ଗଠନ କରିଛନ୍ତି ମାଡ୍ରାସ ଆନିମଲ ରେସ୍କ୍ୟୁ ସୋସାଇଟି(ଏମ୍‌ଏଆର୍‌ଏସ୍)। ଏହା ୨୦୧୯ରୁ କାମ କରୁଛି ଓ ତାମିଲନାଡୁ ଆନିମଲ ୱେଲ୍‌ଫେୟାର ବୋର୍ଡ ସହ ଅନୁବନ୍ଧିତ ହୋଇଛି। ମହାବଳୀପୁରମ ନିକଟରେ ଥିବା କ୍ରିଷ୍ଣନ କରନାଇରେ କୁକୁରମାନଙ୍କ ପାଇଁ 'ଡାମନ' ନାମକ ଏକ ଆଶ୍ରୟସ୍ଥଳୀ ନିର୍ମାଣ କରିଛନ୍ତି। ସେଠାରେ ଏବେ ୩୮୦ରୁ ଊର୍ଦ୍ଧ୍ୱ କୁକୁର ଅଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ୪୨ ବିକଳାଙ୍ଗ କୁକୁର ଛୁଆ, ୫୦ରୁ ଅଧିକ ଆଂଶିକ ଦୃଷ୍ଟିହୀନ ଓ ସ୍ୱାସ୍ଥ୍ୟଗତ ସମସ୍ୟାରେ ପୀଡ଼ିତ। ଏହାବ୍ୟତୀତ ୧୦୦ରୁ ଅଧିକ ବୟସ୍କ ବିକଳାଙ୍ଗ କୁକୁର ମଧ୍ୟ ରହିଛନ୍ତି। ରାସ୍ତାକଡ଼ରେ ଅସହାୟ ଅବସ୍ଥାରେ ପଡ଼ିରହିଥିବା କୁକୁରଙ୍କୁ ଉଦ୍ଧାର କରିବା ଲାଗି ଶାରା ଏକ ହ୍ୱାଟ୍ସଆପ୍ ଗ୍ରୁପ୍ କରିଛନ୍ତି ଓ ସେଥିରେ ୧୮୦ ଲୋକଙ୍କୁ ଯୋଡ଼ିଛନ୍ତି, ଯେଉଁମାନେ ସହରର ବିଭିନ୍ନ ସ୍ଥାନରେ ଉଦ୍ଧାର କାର୍ଯ୍ୟ ପରିଚାଳନା କରିବା ସହ ବନ୍ଧ୍ୟାକରଣ କାର୍ଯ୍ୟ କରୁଛନ୍ତି। ପ୍ରତି ମାସରେ କୁକୁରଙ୍କ ଖାଦ୍ୟ ଲାଗି ୩୦୦ କେଜି ଚିକେନ୍, ୧୭୦୦ କେଜି ରାଇସ୍, ୫୦୦ ଲିଟର କ୍ଷୀର, ୮୦୦ ଅଣ୍ଡା ଏବଂ କିଛି ପନିପରିବା ଆବଶ୍ୟକ ହେଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ଫେବୃଆରୀ ୧୯୭୫

- କଙ୍କଣିକୁ ଭାରତର ଏକ ସ୍ୱାଧୀନ ଭାଷା ରୂପେ ସ୍ୱୀକୃତି ଦେବା ନେଇ ସାହିତ୍ୟ ଏକାଡେମୀର ସାଧାରଣ ପରିଷଦରେ ନିଷ୍ପତ୍ତି ଗ୍ରହଣ।
- ପୁରୀ ସହରର ଚକ୍ରତୀର୍ଥ ଅଞ୍ଚଳ ନୋଳିଆ ବସ୍ତିଠାରେ ରାଜ୍ୟ ଗୃହ ନିର୍ମାଣ କର୍ପୋରେଶନ ପକ୍ଷରୁ ବାସଗୃହ ନିର୍ମାଣ ଯୋଜନା।
- ନାଗା ନେତା ଫିଜୋଙ୍କ ସହିତ ଆଲୋଚନା କରିବା ନିମନ୍ତେ ଏକ ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଅଗ୍ରାହ୍ୟ।
- ଶେଖ୍ ଅବ୍‌ଦୁଲ୍ଲା ଓ ଇନ୍ଦିରା ଗାନ୍ଧୀଙ୍କ ମଧ୍ୟରେ ହୋଇଥିବା କଶ୍ମୀର ରାଜିନାମା ବିରୁଦ୍ଧରେ ପାକିସ୍ତାନ ନିରାପତ୍ତା ପରିଷଦର ଦ୍ୱାରସ୍ଥ।

## ଚିରନ୍ତନୀ

ଆପଣା ବରାଦ ଆପେ
କରିବାକୁ ହେବ ଆଜି
ଗଲାଣି ସେ ବେଳକାଳ
କରିବାକୁ ହାଁ ଜୀ ହାଁ ଜୀ !
-(ଚାଷୀର ଭାଗ୍ୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ନୂଆ ଲେଖକ ଦୃଷ୍ଟି ଦିଅନ୍ତୁ

ମହାଶୟ,

ଓଡ଼ିଶାରେ ଆଜିକାଲି ଅଧିକରୁ ଅଧିକ ସଂଖ୍ୟକ ଶିରୋନାମାରେ ପୁସ୍ତକ ପ୍ରକାଶ ପାଉଛି ଓ ଏହା ଆନନ୍ଦର ବିଷୟ। ପ୍ରକାଶକମାନଙ୍କ ଦ୍ୱାରା କେତେଜଣ ବିଶିଷ୍ଟ ଲେଖକଙ୍କ ପୁସ୍ତକ ବି ପ୍ରକାଶ କରାଯାଉଛି। ସାଧାରଣ ଲେଖକ ତଥା ନୂତନ ଲେଖକମାନେ ନିଜ ନିଜର ପାଣ୍ଡୁଲିପିଗୁଡ଼ିକ ଅଳ୍ପସଂଖ୍ୟାରେ ମୁଦ୍ରଣ କରାଉଛନ୍ତି। ଏଗୁଡ଼ିକର ଉନ୍ମୋଚନ କରାଯାଇ କୌଣସିମତେ ଆତ୍ମତୃପ୍ତି ଲାଭ କରାଯାଉଛି। ଏ ସବୁ ପୁସ୍ତକର ବିକ୍ରି ହେବାର ପ୍ରଶ୍ନ ଉଠୁନାହିଁ। ପୁସ୍ତକ ପ୍ରକାଶ ପାଇଲେ ନିର୍ଦ୍ଦିଷ୍ଟ କେତେକ ପାଠାଗାରକୁ ଖଣ୍ଡିଏ ଲେଖାଏଁ ପଠାଯିବା ସକାଶେ ଭାରତ ସରକାର ନୀତି ନିର୍ଦ୍ଧାରଣ କରିଛନ୍ତି। ଏଥିପ୍ରତି ନବାଗତମାନେ ଦୃଷ୍ଟି ଦେବାକୁ ବିଶେଷ ଅନୁରୋଧ।

-ମନୋରଞ୍ଜନ ମହାରଣା, ରେମୁଣା, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଜୟପ୍ରଦା ଫେରାର ଘୋଷିତ



**ନୂଆଦିଲ୍ଲୀ,୨୭।୨:** ଅଭିନେତ୍ରୀ ତଥା ପୂର୍ବତନ ଏମ୍‌ପି ଜୟପ୍ରଦା ଦୁଇଟି ମାମଲାରେ ଶୁଣାଣି ପାଇଁ ହାଜର ନ ହେବାରୁ ଏକ ସ୍ୱତନ୍ତ୍ର ଅଦାଲତ ତାଙ୍କୁ ଫେରାର ଘୋଷଣା କରିଛନ୍ତି। ୨୦୧୯ ଲୋକ ସଭା ନିର୍ବାଚନ ବେଳେ ଆଚରଣ ବିଧିର ଉଲ୍ଲଂଘନ କରିଥିବା ନେଇ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ସେତେବେଳେ ସେ ଭାଜପାରୁ ପ୍ରାର୍ଥୀ ହୋଇଥିଲେ। ୭ ଥର ଜାମିନବିହୀନ ଗିରଫ ପରୱାନା ଜାରି ସତ୍ତ୍ୱେ ସେ କୋର୍ଟରେ ହାଜର ହୋଇ ନ ଥିଲେ। ଫଳରେ ସ୍ୱତନ୍ତ୍ର ଏମ୍‌ପି ଏମ୍‌ଏଲ୍‌ଏ କୋର୍ଟ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେଇଛି।

### ଦିଲ୍ଲୀ ଓ ହରିୟାଣାରେ ଲୋକ ସଭା ନିର୍ବାଚନ ପାଇଁ ଏଏପିର ପ୍ରାର୍ଥୀ ଘୋଷଣା

**ନୂଆଦିଲ୍ଲୀ, ୨୭।୨:** ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ଆସନ୍ତା ଲୋକ ସଭା ନିର୍ବାଚନ ପାଇଁ ଦିଲ୍ଲୀର ୪ଟି ଆସନ ଓ ହରିୟାଣାର ଗୋଟିଏ ଆସନ ପାଇଁ ମଙ୍ଗଳବାର ପ୍ରାର୍ଥୀ ଘୋଷଣା କରାଯାଇଛି। ନୂଆଦିଲ୍ଲୀ ଆସନରୁ ସୋମନାଥ ଭାରତୀ, ପୂର୍ବ ଦିଲ୍ଲୀ ଆସନରୁ କୁଲଦୀପ୍ କୁମାର, ଦକ୍ଷିଣ ଦିଲ୍ଲୀ ଆସନରୁ ସହିରାମ୍ ପହଲ୍‌ବାନ୍ ଏବଂ ପଶ୍ଚିମ ଦିଲ୍ଲୀ ଆସନରେ ମହାବଲ୍ ମିଶ୍ରାଙ୍କ ନାମରେ ଏଏପି ମୋହର ମାରିଛି । ନୂଆଦିଲ୍ଲୀ ଆସନରୁ ଦଳୀୟ ଟିକେଟ ପାଇଥିବା ସୋମନାଥ ଦିଲ୍ଲୀ ଜଳ ବୋର୍ଡର ଉପାଧ୍ୟକ୍ଷ ଥିବା ସହ ମାଳବୀୟ ନଗରରୁ ବିଧାୟକ ରହିଛନ୍ତି। ସେହିପରି ପୂର୍ବଦିଲ୍ଲୀ ଆସନରୁ ଏଏପି ପ୍ରାର୍ଥୀ ହୋଇଥିବା କୁଲଦୀପ୍, କୋଣ୍ଡଲୀରୁ ବିଧାୟକ ରହିଛନ୍ତି। ରାଜ୍ୟ ସଭାର ପୂର୍ବତନ ସଦସ୍ୟ ସୁଶୀଳ ଗୁପ୍ତାଙ୍କୁ ହରିୟାଣାର କୁରୁକ୍ଷେତ୍ର ଆସନରୁ ଏଏପି ପ୍ରାର୍ଥୀ କରିଛି। ସୂଚନାଯୋଗ୍ୟ, ଆଗାମୀ ଲୋକ ସଭା ନିର୍ବାଚନରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ଦିଲ୍ଲୀରେ ଏଏପି ୪ଟି ଓ କଂଗ୍ରେସ ୩ଟି ସିଟ୍‌ରେ ଲଢ଼ିବାକୁ ନିଷ୍ପତ୍ତି ହୋଇଛି। ଏହାସହ ହରିୟାଣାରେ ଏଏପିକୁ ଗୋଟିଏ ଆସନ ଛାଡ଼ିବାକୁ କଂଗ୍ରେସ ରାଜି ହୋଇଛି।

# ଇଣ୍ଟରସେପ୍‌ଶନ ରେକର୍ଡ ନଷ୍ଟ କରିପାରିବେ ସରକାର

## ଆଇଟି ନିୟମାବଳୀରେ ସଂଶୋଧନ

ନୂଆଦିଲ୍ଲୀ,୨୭।୨

କେନ୍ଦ୍ର ସରକାର ସୂଚନା ପ୍ରଯୁକ୍ତି (ଆଇଟି) ନିୟମାବଳୀରେ ସଂଶୋଧନ କରିଛନ୍ତି। ଉକ୍ତ ସଂଶୋଧନ ଅନୁଯାୟୀ ସ୍ୱରାଷ୍ଟ୍ର ସଚିବ କିମ୍ବା କେନ୍ଦ୍ର ସରକାରରେ ଥିବା ଅନ୍ୟ ପଦାଧିକାରୀମାନେ ଇଣ୍ଟରସେପ୍‌ସନ (ଅବରୋଧନ)ର ଡିଜିଟାଲ ରେକର୍ଡଗୁଡ଼ିକୁ ନଷ୍ଟ କରିବା ପାଇଁ କିମ୍ବା ତଥ୍ୟ ଡିକ୍ରିପ୍ଟ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିପାରିବେ। ବର୍ତ୍ତମାନ ପର୍ଯ୍ୟନ୍ତ ଏହି କ୍ଷମତା କେବଳ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ଭଳି ସୁରକ୍ଷା ଏଜେନ୍ସିଙ୍କ ହାତରେ ରହିଥିଲା। ନିୟମାବଳୀରେ ସଂଶୋଧନ ଫଳରେ ଡିଜିଟାଲ ତଥ୍ୟ ପ୍ରମାଣ ନଷ୍ଟ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିବାରେ କେନ୍ଦ୍ରର କ୍ଷମତା ବଢ଼ିବ। ସୋମବାର ପ୍ରକାଶିତ ଗେଜେଟ୍ ବିଜ୍ଞପ୍ତିରେ ଆଇଟି ମନ୍ତ୍ରଣାଳୟ କହିଛି, ସୂଚନା ପ୍ରଯୁକ୍ତି (ତଥ୍ୟର ଇଣ୍ଟରସେପ୍‌ସନ, ମନିଟରିଂ ଏବଂ ଡିକ୍ରିପ୍‌ଶନ ପଦ୍ଧତି ଓ ସୁରକ୍ଷା) ନିୟମାବଳୀ, ୨୦୦୯ର ଧାରା ୨୩ରେ ସଂଶୋଧନ କରାଯାଇଛି। ସେଥିରେ ଥିବା 'ସୁରକ୍ଷା ଏଜେନ୍ସି' ସ୍ଥାନରେ ' ଉପଯୁକ୍ତ କର୍ତ୍ତୃପକ୍ଷ ଏବଂ ସୁରକ୍ଷା ଏଜେନ୍ସି' ଲେଖାଯାଇଛି।

ଆଇଟି ଆଇନର ଧାରା ୨୩ ଅନୁଯାୟୀ, ଇଣ୍ଟରସେପ୍‌ସନ କିମ୍ବା ମନିଟରିଂ ବା ତଥ୍ୟର ଡିକ୍ରିପ୍‌ଶନ ପାଇଁ ନିର୍ଦ୍ଦେଶ ଏବଂ ଇଣ୍ଟରସେପ୍ଟ କିମ୍ବା ମନିଟର ଅଥବା ଡିକ୍ରିପ୍ଟ ହୋଇଥିବା ତଥ୍ୟ ଆଦି ଇଲେକ୍ଟ୍ରୋନିକ୍ ରେକର୍ଡ ସମେତ ସମସ୍ତ ରେକର୍ଡକୁ ପ୍ରତି ୬ ମାସରେ ସୁରକ୍ଷା ଏଜେନ୍ସି ଦ୍ୱାରା ନଷ୍ଟ କରାଯିବ। ତେବେ ଆବଶ୍ୟକ ଥିବା କିମ୍ବା କାର୍ଯ୍ୟାତ୍ମକ ଆବଶ୍ୟକତା ପାଇଁ ଦରକାର ହେବାର ସମ୍ଭାବନା ଥିବା ତଥ୍ୟଗୁଡ଼ିକୁ ଏଥିରୁ ବାଦ୍ ଦିଆଯିବ। ସୂଚନା ପ୍ରଯୁକ୍ତି ଅଧିନିୟମ,୨୦୦୦ର ସଂଶୋଧିତ ନିୟମାବଳୀ ଅନୁଯାୟୀ ସ୍ୱରାଷ୍ଟ୍ର ସଚିବ ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ଗୃହ ସଚିବ ପ୍ରତି ୬ ମାସ ମଧ୍ୟରେ ଉପରୋକ୍ତ ସମସ୍ତ ରେକର୍ଡକୁ ନଷ୍ଟ କରିବା ପାଇଁ କ୍ଷମତା ପାଇଛନ୍ତି।



ଭାରତ ଗସ୍ତରେ ଆସିଥିବା ଫ୍ରାନ୍ସ ସେନାର ଚିଫ୍ ଅଫ୍ ଷ୍ଟାଫ୍ ଜେନେରାଲ ପିଏରେ ଶିଲ୍‌ଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ବାହାରେ ଗାର୍ଡ ଅଫ୍ ଅନର ପ୍ରଦାନ ପୂର୍ବରୁ ଭାରତୀୟ ପ୍ରତିପକ୍ଷ ଜେନେରାଲ ମନୋଜ ପାଣ୍ଡେ କରମର୍ଦ୍ଦନ କରୁଛନ୍ତି।

# ଜଷ୍ଟିସ୍ ଖାନ୍‌ୱିଲକର ନୂଆ ଲୋକପାଳ ଅଧ୍ୟକ୍ଷ

ନୂଆଦିଲ୍ଲୀ,୨୭।୨



ସୁପ୍ରିମକୋର୍ଟରେ ପୂର୍ବତନ ବିଚାରପତି ଏ.ଏମ୍. ଖାନ୍‌ୱିଲକରଙ୍କୁ ମଙ୍ଗଳବାର ଲୋକପାଳର ନୂଆ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ପ୍ରାୟ ଦୁଇବର୍ଷ ହେଲା ଏହି ପଦ ଖାଲି ପଡ଼ିଥିଲା। ୨୦୨୨ ମେ' ୨୭ରେ ଜଷ୍ଟିସ୍ ପିନାକୀ ଚନ୍ଦ୍ର ଘୋଷଙ୍କ କାର୍ଯ୍ୟକାଳ ଶେଷ ହେବା ପରେ କୌଣସି ନିୟମିତ ଅଧ୍ୟକ୍ଷ ବିନା ଲୋକପାଳ କାର୍ଯ୍ୟ କରୁଥିଲା। ଏହି ଦୁର୍ନୀତି ନିରାକରଣ ସଂସ୍ଥାର ନ୍ୟାୟିକ ସଦସ୍ୟ ଜଷ୍ଟିସ୍ ପ୍ରଦୀପ କୁମାର ମହାନ୍ତି ଏବେ କାର୍ଯ୍ୟକାରୀ ଅଧ୍ୟକ୍ଷ ଅଛନ୍ତି। ଜଷ୍ଟିସ୍ ଅଜୟ ମାନିକରାଓ ଖାନ୍‌ୱିଲକରଙ୍କୁ ଲୋକପାଳର ନୂଆ ଅଧ୍ୟକ୍ଷ ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଯୁକ୍ତି ଦେଇଥିବା ରାଷ୍ଟ୍ରପତି ଭବନ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି। ୨୦୨୨ ଜୁଲାଇରେ ଜଷ୍ଟିସ୍ ଖାନ୍‌ୱିଲକର ସୁପ୍ରିମକୋର୍ଟରୁ ଅବସର ନେଇଥିଲେ। ଅବସରପ୍ରାପ୍ତ ବିଚାରପତି ଲିଙ୍ଗାପ୍ପା ନାରାୟଣ ସ୍ୱାମୀ, ସଞ୍ଜୟ ଯାଦବ ଏବଂ ଋତୁରାଜ ଅୱସ୍ଥି ଲୋକପାଳର ନ୍ୟାୟିକ ସଦସ୍ୟ ନିଯୁକ୍ତ ହୋଇଥିବାବେଳେ ଅଣନ୍ୟାୟିକ ସଦସ୍ୟ ଭାବେ ସୁଶୀଲ ଚନ୍ଦ୍ରା, ପଙ୍କଜ କୁମାର ଏବଂ ଅଜୟ ତିର୍କୀ ନିଯୁକ୍ତ ହୋଇଛନ୍ତି।

# ପତଞ୍ଜଳିକୁ ଅଦାଲତ ଅବମାନନା ନୋଟିସ

ନୂଆଦିଲ୍ଲୀ,୨୭।୨

ଯୋଗଗୁରୁ ରାମଦେବଙ୍କ ପତଞ୍ଜଳି ଆୟୁର୍ବେଦ ଏବଂ ଏହାର ପରିଚାଳନା ନିର୍ଦ୍ଦେଶକ ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କୁ ସୁପ୍ରିମକୋର୍ଟ ମଙ୍ଗଳବାର ଅଦାଲତ ଅବମାନନା ନୋଟିସ ଜାରି କରିଛନ୍ତି। ଉତ୍ପାଦଗୁଡ଼ିକ ଉପରେ ବିଭ୍ରାନ୍ତିକର ବିଜ୍ଞାପନ ବନ୍ଦ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ ପତଞ୍ଜଳି ଏହାର ଅବମାନନା କରିଥିଲା। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଉକ୍ତ ସଂସ୍ଥା ଏହାର ଔଷଧୀୟ ଉତ୍ପାଦ ଉପରେ ବିଜ୍ଞାପନ ଦେବାରୁ ବିରତ ରହିବାକୁ ଜଷ୍ଟିସ୍ ହିମା କୋହଲି ଏବଂ ଏ. ଅମନୁଲ୍ଲାଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଭୁଲ୍ ବିଜ୍ଞାପନ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ସରକାର ଆଖି ବନ୍ଦ କରି ବସିଥିବା ଅଦାଲତ କହିଛନ୍ତି। ଏଲୋପାଥି ଔଷଧ ବିରୋଧରେ ଭୁଲ୍ ତଥ୍ୟ ପାଇଁ ଇଣ୍ଡିଆନ ମେଡିକାଲ ଆସୋସିଏଶନ (ଆଇଏମ୍‌ଏ) ପତଞ୍ଜଳି ବିରୋଧରେ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲା। ବିଭ୍ରାନ୍ତିକର ବିଜ୍ଞାପନକୁ ବରଦାସ୍ତ କରାଯିବ ନାହିଁ ବୋଲି ଜଷ୍ଟିସ ଅମନୁଲ୍ଲା କହିଥିଲେ। ସୂଚନାଯୋଗ୍ୟ, କୋଭିଡ୍ ଟିକାକରଣ ବିରୋଧରେ ପତଞ୍ଜଳି ଗ୍ରୁପ୍ ମିଥ୍ୟା ପ୍ରଚାର ଚଳାଇଥିବା ନେଇ ଆଇଏମ୍‌ଏ ପିଟିଶନର ଶୁଣାଣି କରି ଗତବର୍ଷ ନଭେମ୍ବରରେ ସର୍ବୋଚ୍ଚ ଅଦାଲତ ବିଭ୍ରାନ୍ତିକର ବିଜ୍ଞାପନକୁ ନିୟନ୍ତ୍ରଣ କରିବା ନିମନ୍ତେ ପ୍ରସ୍ତାବ ଦେବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ସ୍ୱାମୀଙ୍କ ମୃତ୍ୟୁ ପରେ ଛାତରୁ ଡେଇଁ ସ୍ତ୍ରୀଙ୍କ ଆତ୍ମହତ୍ୟା

## ବାହାଘରକୁ ୩ ମାସ ପୂରି ନ ଥିଲା

ଗାଜିଆବାଦ, ୨୭।୨



ସ୍ୱାମୀଙ୍କ ମୃତ୍ୟୁକୁ ସହି ନ ପାରି ଜଣେ ନବ ବିବାହିତ ମହିଳା ଛାତରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଅଭିଷେକ ଆଲୁୱାଲିଆ (୨୫) ନାମକ ଜଣେ ଯୁବକ ନିଜ ସ୍ତ୍ରୀ ଅଞ୍ଜଳୀ(୨୩)ଙ୍କ ସହ ସୋମବାର ଏକ ଚିଡ଼ିଆଘର ବୁଲିବାକୁ ଯାଇଥିବା ବେଳେ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା। ସ୍ୱାମୀଙ୍କ ମୃତ୍ୟୁରେ ମ୍ରିୟମାଣ ହୋଇ ଅଞ୍ଜଳୀ ସହରର ସେକ୍ଟର ୩ ସ୍ଥିତ ଏଲକନ୍ ଆପାର୍ଟମେଣ୍ଟର ସପ୍ତମ ମହଲାରେ ଥିବା ନିଜ ବାଲ୍‌କୋନିରୁ ଡେଇଁ ମଙ୍ଗଳବାର ଆତ୍ମହତ୍ୟା କରିଛନ୍ତି। ଉଭୟ ନବ ଦମ୍ପତିଙ୍କର ଗତ ବର୍ଷ ନଭେମ୍ବର ମାସରେ ବିବାହ ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି। ବ୍ୟବଚ୍ଛେଦ ପାଇଁ ଅଞ୍ଜଳୀଙ୍କ ଶବ ପଠାଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଗାଜାରେ ଯୁଦ୍ଧ ବନ୍ଦ କରିବାକୁ ଇସ୍ରାଏଲ୍ ପ୍ରସ୍ତୁତ: ବାଇଡେନ୍

ଜେରୁଜେଲମ,୨୭।୨

ମୁସଲମାନଙ୍କ ପବିତ୍ର ମାସ ରମଦାନ ବେଳେ ଗାଜାରେ ହମାସ ବିରୋଧରେ ଯୁଦ୍ଧ ବନ୍ଦ କରିବାକୁ ଇସ୍ରାଏଲ୍ ଇଚ୍ଛା ପ୍ରକାଶ କରିଥିବା ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି। ତେବେ ଏଥିପାଇଁ ହମାସ ଆତଙ୍କବାଦୀଙ୍କ କବଳରେ ଥିବା ପଣବନ୍ଦୀମାନଙ୍କ ମୁକ୍ତି ନେଇ ଚୁକ୍ତି କରିବାକୁ ହେବ। ତେବେ ବାଇଡେନ୍‌ଙ୍କ ମନ୍ତବ୍ୟ ଉପରେ ଇସ୍ରାଏଲ୍ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ।

# କେଜ୍‌ରିୱାଲ୍‌ଙ୍କୁ ଇଡିର ଅଷ୍ଟମ ସମନ

ନୂଆଦିଲ୍ଲୀ,୨୭।୨



ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ୍‌ଙ୍କୁ ଅଷ୍ଟମ ଥର ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ସମନ ଜାରି କରିଛନ୍ତି। ଆସନ୍ତା ମାର୍ଚ୍ଚ ୪ରେ ଅଧିକ ପଚରାଉଚରା ପାଇଁ ଇଡି ସ୍ଥିତ କାର୍ଯ୍ୟାଳୟରେ ହାଜର ହେବାକୁ କେଜ୍‌ରିୱାଲ୍‌ଙ୍କୁ ମଙ୍ଗଳବାର ସମନ ହୋଇଛି। ପୂର୍ବରୁ ଗତ ୨୬ରେ କେଜ୍‌ରିୱାଲ୍‌ଙ୍କୁ ସପ୍ତମ ଥର ପାଇଁ ଇଡି ସମନ କରିଥିବା ବେଳେ ଏହାକୁ ବେଆଇନ୍ ଦର୍ଶାଇ ସେ ଜେରାରେ ହାଜିର ହୋଇ ନ ଥିଲେ। ବାରମ୍ବାର ସମନ ଜାରି ହେଉଥିଲେ ମଧ୍ୟ ଜେରାରେ ସହଯୋଗ କରୁନଥିବାରୁ କେଜ୍‌ରିୱାଲ୍‌ଙ୍କ ବିରୋଧରେ ଚଳିତ ମାସ ୧୬ ତାରିଖରେ ଦିଲ୍ଲୀର ସ୍ଥାନୀୟ କୋର୍ଟଙ୍କ ନିକଟରେ ଇଡି ଦ୍ୱାରସ୍ଥ ହୋଇଥିଲା। ତେବେ କୋର୍ଟଙ୍କ ରାୟକୁ ଅପେକ୍ଷା ନ କରି ଇଡି ପକ୍ଷରୁ ଜାରି ହୋଇଥିବା ଏହି ସମନକୁ ଆମ୍ ଆଦମୀ ପାର୍ଟି ବେଆଇନ ଦର୍ଶାଇଛି।

# ଯୁଦ୍ଧକୁ ସମାଲୋଚନା: ରୁଷିଆ ମାନବାଧିକାର କର୍ମୀଙ୍କୁ ଜେଲ

ମସ୍କୋ,୨୭।୨



ଓଲେଗ ଓର୍ଲୋଭ

ୟୁକ୍ରେନ୍ ବିରୋଧରେ ଯୁଦ୍ଧକୁ ସମାଲୋଚନା କରିଥିବା ଜଣେ ବର୍ଷୀୟାନ ମାନବାଧିକାର ସପକ୍ଷବାଦୀଙ୍କୁ ମସ୍କୋର ଏକ ଅଦାଲତ ୩୦ ମାସ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ୭୦ ବର୍ଷୀୟ ଓଲେଗ ଓର୍ଲୋଭ ତାଙ୍କ ଲେଖା ମାଧ୍ୟମରେ ରୁଷୀୟ ସେନାକୁ ବାରମ୍ବାର ବଦନାମ କରିବା ଅଭିଯୋଗରେ ଦୋଷୀସାବ୍ୟସ୍ତ ହୋଇଥିଲେ। ତେବେ ତାଙ୍କ ବିରୋଧରେ ମାମଲା ରାଜନୈତିକ ଉଦ୍ଦେଶ୍ୟମୂଳକ କହି ଓର୍ଲୋଭ ଏହାକୁ ଖଣ୍ଡନ କରିଥିଲେ। ସେ ତାଙ୍କ କାର୍ଯ୍ୟ ପାଇଁ ଆଦୌ ଅନୁତପ୍ତ ନୁହନ୍ତି ବୋଲି ଓର୍ଲୋଭ ତାଙ୍କ ଶେଷ ବିବୃତିରେ ଅଦାଲତଙ୍କୁ ଜଣାଇଥିଲେ। ତାଙ୍କୁ ସିଧାସଳଖ କୋର୍ଟରୁମ୍‌ରୁ ଜେଲକୁ ନିଆଯାଇଥିଲା। ପ୍ରଥମେ ତାଙ୍କୁ ଜରିମାନା କରାଯାଇଥିବାବେଳେ କଠୋର ଦଣ୍ଡବିଧାନ ପାଇଁ ସରକାର ଓକିଲ ଅପିଲ କରିବାରୁ ଏହାର ପୁନର୍ବିଚାର କରାଯାଇ ଜେଲଦଣ୍ଡ ଦିଆଯାଇଛି। ସୂଚନାଯୋଗ୍ୟ, ଓର୍ଲୋଭ ହେଉଛନ୍ତି ନୋବେଲ ଶାନ୍ତି ପୁରସ୍କାର ବିଜୟୀ ମାନବାଧିକାରୀ ସଂଗଠନ ମେମୋରିଆଲ୍‌ର ସହ ଅଧ୍ୟକ୍ଷ। ରୁଷିଆର ପାରମ୍ପରିକ ଆଧ୍ୟାତ୍ମିକତା, ନୈତିକତା ଏବଂ ଦେଶଭକ୍ତି ମୂଲ୍ୟବୋଧ ପ୍ରତି ଶତ୍ରୁତା କରାଯାଉଥିବାରୁ ଏହାଦ୍ୱାରା ପ୍ରଭାବିତ ହୋଇ ସେ ରୁଷିଆ ସେନା ବିରୋଧରେ ଘୃଣିତ ଲେଖା ପ୍ରକାଶ କରିଥିଲେ। ଓର୍ଲୋଭଙ୍କୁ ଦଣ୍ଡବିଧାନ ରୁଷିଆରେ ମାନବାଧିକାର ଆନ୍ଦୋଳନର ସ୍ୱର ଚାପିଦେବା ପାଇଁ ଉଦ୍ୟମ ବୋଲି ମେମୋରିଆଲ କହିଛି।

# କୋଭିଡ୍ ଆକ୍ରାନ୍ତଙ୍କ ଫୁସ୍‌ଫୁସ୍ ସମସ୍ୟା ବଢ଼ିଛି

ନୂଆଦିଲ୍ଲୀ, ୨୭।୨ (ପି.ଟି.)



କୋଭିଡ୍ ଦ୍ୱାରା ଗମ୍ଭୀର ଭାବେ ଆକ୍ରାନ୍ତ ହୋଇଥିବା ଭାରତୀୟଙ୍କ ମଧ୍ୟରୁ ଅଧିକାଂଶଙ୍କର ଫୁସ୍‌ଫସ୍ ଜନିତ ସମସ୍ୟା ବଢ଼ିଛି, ଯାହା ଫଳରେ ସେମାନଙ୍କ ଶ୍ୱାସକ୍ରିୟାରେ ସମସ୍ୟା ଉପୁଜୁଥିବା ଏକ ଅଧ୍ୟୟନରୁ ଜଣା ପଡ଼ିଛି। ଭେଲ୍ଲୋରର ଖ୍ରୀଷ୍ଟିଆନ ମେଡିକାଲ କଲେଜ ଦ୍ୱାରା ଏହି ଅଧ୍ୟୟନ କରାଯାଇଥିବାବେଳେ ଏଥିରେ କୋଭିଡ୍ ଦ୍ୱାରା ଗମ୍ଭୀର ଭାବେ ଆକ୍ରାନ୍ତ ହୋଇଥିବା ୨୦୭ ଜଣ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପ୍ରାୟ ୨ ମାସରୁ ଅଧିକ ସମୟ ଧରି କରୋନାରେ ପୀଡ଼ିତ ଥିବା ବ୍ୟକ୍ତିଙ୍କୁ ଏହି ଅଧ୍ୟୟନରେ ସାମିଲ କରାଯାଇଥିଲା। କରୋନାରୁ ସୁସ୍ଥ ହୋଇଥିବା ଏହି ବ୍ୟକ୍ତିମାନଙ୍କ ଫୁସ୍‌ଫୁସ୍‌ର କାର୍ଯ୍ୟ କ୍ଷମତା ହ୍ରାସ ପାଇଥିବା ବେଳେ ସେମାନଙ୍କ ଜୀବନଶୈଳୀରେ ଯଥେଷ୍ଟ ଦୁର୍ବଳତା ପ୍ରଦର୍ଶିତ ହୋଇଥିବା ଏହି ଅଧ୍ୟୟନରୁ ଜଣା ପଡ଼ିଛି। ପରୀକ୍ଷା କରାଯାଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ପ୍ରାୟ ଅଧା ବ୍ୟକ୍ତି (୪୯.୩%) ଶ୍ୱାସକ୍ରିୟାରେ ଅସୁବିଧା ଭୋଗ କରୁଥିବା ଲକ୍ଷ୍ୟ କରାଯାଇଛି। ସେହିପରି ୨୭ ପ୍ରତିଶତ ବ୍ୟକ୍ତିଙ୍କ ନିକଟରେ କାଶର ଲକ୍ଷଣ ଥିବା ଏହି ଅଧ୍ୟୟନ କହିଛି। ପୂର୍ବରୁ କୋଭିଡ୍‌ରେ ଆକ୍ରାନ୍ତ ଥିବା ଅନ୍ୟ ଦେଶର ଜନସାଧାରଣଙ୍କ ତୁଳନାରେ ଭାରତୀୟଙ୍କ ଫୁସ୍‌ଫସ୍‌ର କାର୍ଯ୍ୟକ୍ଷମତା ଅଧିକ ହ୍ରାସ ପାଇଥିବା ନେଇ ସ୍ପଷ୍ଟ କରିଛନ୍ତି ଏହି ଅଧ୍ୟୟନର ମୁଖ୍ୟ ଗବେଷକ ତଥା ଖ୍ରୀଷ୍ଟିଆନ୍ ମେଡିକାଲ କଲେଜର ପ୍ରଫେସର ଡି.ଜେ. ଖ୍ରିଷ୍ଟୋଫର୍। ତେବେ ଏହାର କୌଣସି ସ୍ପଷ୍ଟ କାରଣ ଜଣା ପଡ଼ି ନ ଥିବା ବେଳେ ପୂର୍ବରୁ ଅନ୍ୟ କୌଣସି ରୋଗରେ ପୀଡ଼ିତ ରହି କୋଭିଡ୍‌ରେ ଆକ୍ରାନ୍ତ ହେବା ଦ୍ୱାରା ଏପରି ଘଟିଥାଇପାରେ ବୋଲି ସେ ଆଶଙ୍କା କରିଛନ୍ତି। ବିଭିନ୍ନ ରୋଗରେ ପୀଡ଼ିତ ହୋଇ କୋରୋନାରେ ଆକ୍ରାନ୍ତ ଥିବା ଭାରତୀୟଙ୍କ ସଂଖ୍ୟା ଅନ୍ୟ ଦେଶ ତୁଳନାରେ ଅଧିକ ରହିଥିବା ସେ ସୂଚନା ଦେଇଛନ୍ତି।

## ଫୁର୍‌ସତ୍

# ଆକାଶରେ ନିର୍ମିତ ଫୁଟ୍‌ବଲ ଗ୍ରାଉଣ୍ଡ

ୟୋଙ୍ଗ୍‌କାଙ୍ଗ୍(ଚାଇନା)



ବିଶ୍ୱରେ ଏପରି ଅନେକ ଦେଶ ରହିଛନ୍ତି, ଯେଉଁମାନେ ନିଜ ଭିତ୍ତିଭୂମିରେ ଉନ୍ନତି ଆଣିବା ପାଇଁ ସବୁବେଳେ କିଛି ନା କିଛି ନୂତନ ଏବଂ ବିଶେଷ ପ୍ରୟାସ କରିଥାନ୍ତି। ନିକଟରେ ସାମାଜିକ ଗଣମାଧ୍ୟମ ଏକ୍ସ'ରେ ଏପରି ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯାହା ଦେଖି ଆଖିକୁ ବିଶ୍ୱାସ ମଧ୍ୟ ହେଉ ନାହିଁ। ଏହି ଭିଡିଓରେ ଏକ ବିସ୍ମୟକର ଫୁଟ୍‌ବଲ ଗ୍ରାଉଣ୍ଡ ନିର୍ମାଣ ହୋଇଥିବା ଦେଖି ଅନେକ ୟୁଜର୍ସ ଆଶ୍ଚର୍ଯ୍ୟ ଚକିତ ହୋଇଯାଇଛନ୍ତି। ଭାଇରାଲ ହେବାରେ ଲାଗିଥିବା ଏହି ଅବିଶ୍ୱସନୀୟ ଭିଡିଓ ଚାଇନାର ଝେଜିଆଙ୍ଗ୍ ପ୍ରଦେଶର ୟୋଙ୍ଗ୍‌କାଙ୍ଗ୍ ସହରର ହୋଇଥିବା ସୂଚନା ମିଳିଛି। ଭିଡିଓରେ ଏକ ଫୁଟ୍‌ବଲ ଗ୍ରାଉଣ୍ଡ ଦେଖିବାକୁ ମିଳୁଛି, ଯାହା ଭୂମିରେ ନୁହେଁ, ବରଂ ବହୁ ଉଚ୍ଚରେ ଆକାଶରେ ନିର୍ମିତ ହୋଇଛି। ଭିଡିଓରୁ ଭଲ ଭାବେ ଜଣାପଡୁଛି ଯେ, ଏହି ଫୁଟ୍‌ବଲ ଗ୍ରାଉଣ୍ଡ ଭୂମିଠାରୁ ଯଥେଷ୍ଟ ଉଚ୍ଚରେ ଦୁଇଟି ପର୍ବତ ମଧ୍ୟରେ ଥିବା ଅବଶିଷ୍ଟ ସ୍ଥାନରେ ଏକ ନେଟ୍ ସାହାଯ୍ୟରେ ନିର୍ମିତ ହୋଇଛି। ଏହି ଆଶ୍ଚର୍ଯ୍ୟକର ଫୁଟ୍‌ବଲ ଗ୍ରାଉଣ୍ଡରେ କିଛି ଲୋକ ଆନନ୍ଦରେ ଖେଳୁଥିବା ମଧ୍ୟ ଦେଖିବାକୁ ମିଳିଛି। ସାମାଜିକ ଗଣମାଧ୍ୟମ ଏକ୍ସ'ରେ ଏହି ଭିଡିଓ ବେଶ ଭାଇରାଲ ହେବାରେ ଲାଗିଛି। ୟୁଜର୍ସମାନେ ଭିଡିଓକୁ ଦେଖି ବିଭିନ୍ନ ପ୍ରକାରର ପ୍ରତିକ୍ରିୟା ଦେଉଛନ୍ତି। କିଛି ୟୁଜର୍ସ ଏଭଳି ଗ୍ରାଉଣ୍ଡରେ ଖେଳିବାକୁ ଭୟାବହ ଦର୍ଶାଇଛନ୍ତି। ଭୂମିଠାରୁ ଅତ୍ୟଧିକ ଉଚ୍ଚାରେ ଥିବା ଏହି ଗ୍ରାଉଣ୍ଡରେ ଖେଳିବାକୁ ସାହସ ନ ଥିବା କହି ମଜାଳିଆ ଢଙ୍ଗରେ ଅନେକ ନିଜ ମତ ରଖିଛନ୍ତି। ସେହିପରି ନେଟ୍ ଦ୍ୱାରା ନିର୍ମିତ ଏହି ଗ୍ରାଉଣ୍ଡ ଖସି ପଡ଼ିବା ନେଇ କିଛି ୟୁଜର୍ସ ଆଶଙ୍କା ପ୍ରକାଶ କରିଛନ୍ତି।

# ପୁରୁଣା ଲୁକ୍‌କୁ 'ରି-କ୍ରିଏଟ୍' କଲେ ମାଧୁରୀ



**ମୁମ୍ବାଇ:** ଏବେ ମଧ୍ୟ ବଲିଉଡ ଅଭିନେତ୍ରୀ ମାଧୁରୀ ଦୀକ୍ଷିତଙ୍କ ଅନେକ ପ୍ରଶଂସକ ରହିଛନ୍ତି, ଯେଉଁମାନେ ତାଙ୍କର ଗୋଟିଏ ଝଲକ୍ ପାଇବା ପାଇଁ ଅନାଇ ବସିଥାନ୍ତି। ନିକଟରେ ମାଧୁରୀ ଏକ ହିଟ ଚଳଚ୍ଚିତ୍ରରେ ତାଙ୍କର ଲୁକ୍‌କୁ ପୁଣି 'ରି-କ୍ରିଏଟ୍' କରିଛନ୍ତି, ଯାହାକୁ ନେଇ ସେ ଏବେ ଚର୍ଚ୍ଚାରେ ଅଛନ୍ତି । ୧୯୯୪ ମସିହାରେ ରିଲିଜ୍ ହୋଇଥିବା ବଲିଉଡ୍ ଫିଲ୍ମ 'ହମ୍ ଆପ୍‌କେ ହେଁ କୌନ୍' ବକ୍ସ ଅଫିସରେ ସୁପର୍‌ହିଟ୍ ହୋଇଥିଲା। ଏହି ଚଳଚ୍ଚିତ୍ରରେ 'ନିଶା' ଚରିତ୍ରରେ ମାଧୁରୀ ନଜର ଆସିଥିଲେ। ଚଳଚ୍ଚିତ୍ରରେ ଅଭିନେତା ସଲମାନ୍ ଖାନ୍‌ଙ୍କ ସହ ମାଧୁରୀଙ୍କ ଯୋଡ଼ିକୁ ଦର୍ଶକ ଭରପୂର୍ ପସନ୍ଦ କରିଥିଲେ। ରିଲିଜ୍ ହେବାର ୩୦ ବର୍ଷ ପରେ ପୁଣି ଏହି ଫିଲ୍ମକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ଏହି ଚଳଚ୍ଚିତ୍ରର 'ଦିଦି ତେରା ଦେୱର୍ ଦିୱାନା' ଗୀତ ବେଶ୍ ଲୋକପ୍ରିୟ ହୋଇଥିଲା। ଗୀତରେ ମାଧୁରୀ ଏକ ବାଇଗଣୀ ରଙ୍ଗର ସାଢ଼ୀ ପିନ୍ଧିଥିବାବେଳେ ଦୀର୍ଘ ବର୍ଷ ପରେ ପୁଣି ସେ ନିଜର ଏହି ଲୁକ୍‌କୁ 'ରି କ୍ରିଏଟ' କରି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି। ନୂଆ ଲୁକ୍‌ରେ ମାଧୁରୀ ବାଇଗଣୀ ରଙ୍ଗର ଶାଢ଼ି ସହ ମ୍ୟାଚିଙ୍ଗ୍ ଚୁଡ଼ି ପିନ୍ଧି ଏକ ଶୋ'ର ସେଟ୍ ମଧ୍ୟକୁ ପ୍ରବେଶ କରୁଥିବା ନଜର ଆସୁଛନ୍ତି। ୩୦ ବର୍ଷ ତଳର 'ନିଶା' ଚରିତ୍ର ପରି ଆଜି ମଧ୍ୟ ମାଧୁରୀ ଏହି ଲୁକ୍‌ରେ ସମାନ ପରିମାଣରେ ସୁନ୍ଦର ଦେଖାଯାଉଥିବା କହି ଅନେକ ପ୍ରଶଂସକ ଏହି ଭିଡିଓରେ କମେଣ୍ଟ କରିଛନ୍ତି। ମାଧୁରୀଙ୍କ ଏହି ଭିଡିଓ ଏବେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବାରେ ଲାଗିଛି।




# ଛାତ୍ରୀଛାତ୍ରଙ୍କୁ ସଶକ୍ତ କରିବ ନୂଆ-ଓ ଛାତ୍ରବୃତ୍ତି

## ଖୋର୍ଦ୍ଧାରେ ନୂଆ-ଓ ଛାତ୍ରବୃତ୍ତି ବିତରଣ କାର୍ଯ୍ୟକ୍ରମ

ଖୋର୍ଦ୍ଧା/ବେଗୁନିଆ,୨୭।୨
(ପ୍ରଭାତ ପାଣିଗ୍ରାହୀ/ହର ପ୍ରସନ୍ନ ପଣ୍ଡା)

**■ ୧୬,୬୧୩ ଛାତ୍ରୀଛାତ୍ରଙ୍କୁ ମିଳିଲା ୧୬.୧୩ କୋଟି ବୃତ୍ତିରାଶି**
**■ ଛାତ୍ରୀଛାତ୍ରଙ୍କୁ ମିଳିବ ମ୍ୟାଜିକ୍ କାର୍ଡ**

ଖୋର୍ଦ୍ଧା ଜିଲାରେ ମଙ୍ଗଳବାର ନୂଆ-ଓ ଛାତ୍ରବୃତ୍ତି ବିତରଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଖୋର୍ଦ୍ଧା ଓ ବେଗୁନିଆରେ ଅନୁଷ୍ଠିତ ନୂଆ-ଓ ଛାତ୍ରବୃତ୍ତି ବିତରଣ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଅନୁଦାନପତ୍ର ବଣ୍ଟନ କରିଛନ୍ତି। ଜିଲାର ୩୦ଟି କଲେଜର ୧୬,୬୧୩ ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ୧୬.୧୩ କୋଟି ଟଙ୍କା ଛାତ୍ରବୃତ୍ତି ରାଶି ପ୍ରଦାନ କରାଯାଇଛି। ଖୋର୍ଦ୍ଧାର ହାବେଳି ପଡ଼ିଆ ଓ ବେଗୁନିଆର ମିନି ଷ୍ଟାଡ଼ିୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୫-ଟି ଅଧ୍ୟକ୍ଷ ପାଣ୍ଡିଆନ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସହିତ ଭାବବିନିମୟ କରିବା ସହ ୫-ଟି ବ୍ୟବସ୍ଥାରେ ଆରମ୍ଭ କରାଯାଇଥିବା ଏହି ଯୋଜନା ଉଚ୍ଚଶିକ୍ଷାର ବିକାଶ କରିବା ସହ ଯୁବଗୋଷ୍ଠୀଙ୍କୁ ନିଜର ସ୍ୱପ୍ନ ପୂରଣ କରିବା ଦିଗରେ ସହାୟତା କରିବ ବୋଲି ସୂଚନା ଦେଇଥିଲେ। ଏଥିସହିତ ଛାତ୍ରୀଛାତ୍ରଙ୍କ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଜଣାଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଏହି ପଦକ୍ଷେପ ନୂଆ ଓଡ଼ିଶାର ସ୍ୱପ୍ନକୁ ସାକାର କରିବାରେ ସହାୟକ ହେବ। ସଶକ୍ତ ଯୁବସମାଜ ଗଠନ ଦିଗରେ ରାଜ୍ୟ ସରକାର ଛାତ୍ରୀଛାତ୍ରଙ୍କୁ ସମସ୍ତ ସହାୟତା ପ୍ରଦାନ କରିବେ। ଏହି ଛାତ୍ରବୃତ୍ତି ସାଧାରଣ ବର୍ଗ ଏବଂ ଓବିସି ଛାତ୍ରୀଛାତ୍ରଙ୍କୁ ଯଥାକ୍ରମେ ୧୦ ହଜାର ଓ ୯ ହଜାର ଟଙ୍କା ମିଳିବାକୁ ଥିବାବେଳେ ଏସ୍‌ସି/ଏସ୍‌ଟି ଏବଂ ନିର୍ମାଣ ଶ୍ରମିକଙ୍କ ଛାତ୍ରୀଛାତ୍ରଙ୍କୁ ଯଥାକ୍ରମେ ୧୧ ହଜାର ଓ ୧୦ ହଜାର ଟଙ୍କା ପ୍ରଦାନ କରାଯିବ। ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ, ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ର ଏହି ବୃତ୍ତିରାଶି ପାଇବେ। ସମସ୍ତ ଯୋଗ୍ୟ ଛାତ୍ରୀଛାତ୍ରଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଏହି ଟଙ୍କା ପଠାଯିବ। ଆସନ୍ତା ମାର୍ଚ୍ଚ ୫ରେ ମ୍ୟାଜିକ୍ କାର୍ଡର ଶୁଭାରମ୍ଭ ହେବ ଓ ଅଗଷ୍ଟ ୧୫ରେ ବଣ୍ଟନ କରାଯିବ। ଏହି କାର୍ଡ ଉଭୟ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ। ଏଥିରେ ସେମାନେ ୱାଇଫାଇ ଆକ୍ସେସ୍, ପୁସ୍ତକ କ୍ରୟରେ ରିହାତି, ବସ୍ ଓ ଟ୍ରେନ୍ ଯାତ୍ରାରେ ରିହାତି, ଅନ୍‌ଲାଇନ କ୍ଲାସ୍, ଅନ୍‌ଲାଇନ କ୍ୟାରିୟର କାଉନ୍‌ସେଲିଂ, ଫୋନ୍ ରିଚାର୍ଜ କରିବା ଭଳି ସୁବିଧା ପାଇବେ। ଏହି ମ୍ୟାଜିକ୍ କାର୍ଡ ଆଧାରକାର୍ଡ ସଦୃଶ। ଯଦି କୌଣସି ଛାତ୍ରୀ ବା ଛାତ୍ର ଭଲ ପ୍ରଦର୍ଶନ କରିବେ ତା'ହେଲେ ସେମାନଙ୍କ କାର୍ଡକୁ ସିଲ୍‌ଭର କାର୍ଡରେ ଅପ୍‌ଗ୍ରେଡ୍ କରାଯିବ ଓ ପର୍ଯ୍ୟାୟକ୍ରମେ ଏହାକୁ ଗୋଲ୍ଡେନ୍ ଓ ପ୍ଲାଟିନମ୍ କାର୍ଡକୁ ଅପ୍‌ଗ୍ରେଡ୍ କରାଯିବ। ଏହା ମାଧ୍ୟମରେ ଛାତ୍ରୀଛାତ୍ର ସେମାନଙ୍କ ଅଧ୍ୟୟନ ଖର୍ଚ୍ଚକୁ ପରିଚାଳନା କରିପାରିବେ ବୋଲି ସେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଓ ବ୍ଲକର ସମସ୍ତ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଜନପ୍ରତିନିଧି, ପୋଲିସ ଫୋର୍ସ ସହଯୋଗ କରିଥିଲେ।


ଖୋର୍ଦ୍ଧା ହାବେଳି ପଡ଼ିଆରେ ମଙ୍ଗଳବାର ଆୟୋଜିତ ନୂଆ-ଓ ଛାତ୍ରବୃତ୍ତି ବିତରଣ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଗହଣରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

# ୫-ଟି ଅଧ୍ୟକ୍ଷଙ୍କୁ ଭେଟିଲେ ୧୪ ଅନୁଷ୍ଠାନର କର୍ମକର୍ତ୍ତା

ଭୁବନେଶ୍ୱର,୨୭।୨(ଅନିଲ ଦାସ)

**■ ସମସ୍ତଙ୍କ ପ୍ରସ୍ତାବ ଓ ଅନୁରୋଧକୁ ଗୁରୁତ୍ୱ ଦେଇ ପଦକ୍ଷେପ ନିଆଯାଇଛି**
**■ ମୁଖ୍ୟମନ୍ତ୍ରୀ,୫-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଲେ କର୍ମକର୍ତ୍ତା**
**■ ସମସ୍ତେ ମିଶି ମୁଖ୍ୟମନ୍ତ୍ରୀଙ୍କ ଆକାଂକ୍ଷିତ ନୂଆ ଓଡ଼ିଶା ଗଠନ ପାଇଁ କାମ କରିବାକୁ ପାଣ୍ଡିଆନଙ୍କ ପରାମର୍ଶ**

ରାଜ୍ୟର ୧୪ଟି ବିଭିନ୍ନ ଅନୁଷ୍ଠାନ ଓ ସଂଘର କର୍ମକର୍ତ୍ତାମାନେ ମଙ୍ଗଳବାର ନବୀନ ନିବାସଠାରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଧନ୍ୟବାଦ ଅର୍ପଣ କରିଛନ୍ତି।

ସମ୍ପୃକ୍ତ କର୍ମକର୍ତ୍ତାମାନେ ପୂର୍ବରୁ ପାଣ୍ଡିଆନଙ୍କୁ ଭେଟି ତାଙ୍କ ଅନୁଷ୍ଠାନ ଓ ସଂଘର ସମସ୍ୟା ବିଷୟରେ ଅବଗତ କରାଇଥିଲେ। ପାଣ୍ଡିଆନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟିକୁ ଆଣି ଏହି ସବୁ ସମସ୍ୟାଗୁଡ଼ିକର ତୁରନ୍ତ ପ୍ରତିକାର କରିଥିଲେ। ଏଥିପାଇଁ କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇବା ସହିତ ଧନ୍ୟବାଦ ଦେଇଛନ୍ତି।

କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇ ପାଣ୍ଡିଆନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ଉଦ୍ୟମ କରୁଛନ୍ତି। ଆପଣମାନେ ସମସ୍ତେ ମୁଖ୍ୟମନ୍ତ୍ରୀଙ୍କ ଏହି ଆକାଂକ୍ଷିତ ଓଡ଼ିଶା ଗଠନ ଦିଗରେ ସହଭାଗୀ ହୋଇ କାମ କରନ୍ତୁ ବୋଲି ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ସେମାନଙ୍କ ଅନୁରୋଧ ମୁତାବକ ଭୁବନେଶ୍ୱର ପୋଲିସ ଲାଇନ ମସ୍‌ଜିଦର ଲିଜ୍ ପ୍ରିମିୟମ ଛାଡ଼, କ୍ୟାପିଟାଲ ମସ୍କ କମିଟିର ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିବା ଜମିର ପ୍ରିମିୟମ ଛାଡ଼, ଭୁବନେଶ୍ୱର ଚନ୍ଦ୍ରଶେଖର ମୌଜାର ସ୍ୱଭାବ କବି ଗଙ୍ଗାଧର ମେହେର ଭବନର ଲିଜ୍ ପ୍ରିମିୟମ ଛାଡ଼, ଚନ୍ଦ୍ରଶେଖରପୁର ଅଞ୍ଚଳରେ ଓଡ଼ିଶା ଅଗ୍ରଗାମୀ ଅଘରିଆ ସମାଜ ଜମି ଉପରେ ଲିଜ୍ ପ୍ରିମିୟମ ଛାଡ଼, ଚନ୍ଦ୍ରଶେଖରପୁରଠାରେ ଗୋଣ୍ଡ ଭବନ ନିର୍ମାଣ ପାଇଁ ଲିଜ୍ ପ୍ରିମିୟମ ଛାଡ଼, ଭୁବନେଶ୍ୱର ଡୁମୁଡୁମା ଅଞ୍ଚଳର ସନ୍ଥ ଭୀମ ଭୋଇ ମହିମା ଅଲେଖ ଟ୍ରଷ୍ଟର ଲିଜ୍ ପ୍ରିମିୟମ ଛାଡ଼, ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଏବଂ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳି ମହାସଂଘକୁ ଆର୍ଥିକ ସହାୟତା, କର୍ମଚାରୀଙ୍କ ଦରମା ବୃଦ୍ଧି, କେନ୍ଦୁପତ୍ର ବିଡ଼ା ମୂଲ୍ୟ ବୃଦ୍ଧି, ୫୦ ପ୍ରତିଶତ ବୋନସ ପ୍ରଦାନ ଏବଂ ସାମାଜିକ ସୁରକ୍ଷା ଯୋଜନାରେ ବୟସ ସୀମା ୨ ବର୍ଷ ବୃଦ୍ଧି, ନିଖିଳ ଓଡ଼ିଶା ଗ୍ରାମ ରୋଜଗାର ସେବକ ସଂଘକୁ ୫ ବର୍ଷ ପରେ ଚାକିରି ନିୟମିତ କରାଯାଇଛି। ସେହିପରି ଓଡ଼ିଶା ସବ୍‌ଅର୍ଡିନେଟ ଷ୍ଟାଫ୍ ସିଲେକ୍ସନ କମିଶନ ଦ୍ୱାରା ନିଯୁକ୍ତିରେ ୩୦ ପ୍ରତିଶତ ସ୍ଥାନ ସଂରକ୍ଷଣ, ଓଡ଼ିଶା ଶିଳ୍ପୀ ମହାସଂଘକୁ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟକ ଯୋଜନାରେ ସହାୟତା ପ୍ରଦାନ, ଖଣ୍ଡଗିରିଠାରେ ରାଜ୍ୟ ହସ୍ତଗୃହ ଓ ହସ୍ତଶିଳ୍ପ ବିକାଶ ଉନ୍ନୟନ ପରିଷଦ ରାଜ୍ୟ କାର୍ଯ୍ୟାଳୟ ନିର୍ମାଣ ପାଇଁ ଜମି ପ୍ରଦାନ, କୁଲତା ସମାଜକୁ ପୁରୀ ତାଳବଣିଆଠାରେ ଜମି ପ୍ରଦାନ, ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ଓ ଫାର୍ମାସିଷ୍ଟଙ୍କୁ ସ୍ୱତନ୍ତ୍ର ଭତ୍ତା ପ୍ରଦାନ, କେନ୍ଦ୍ରାପଡ଼ା ଶ୍ରୀବଳଦେବଜୀଉ ମନ୍ଦିରର ରୂପାନ୍ତର ପାଇଁ ଆର୍ଥିକ ଅନୁଦାନ ପ୍ରଦାନ ସହ ଏକାମ୍ର ଭୁବନେଶ୍ୱର ନିର୍ବାଚନମଣ୍ଡଳୀର ମୁସ୍‌ଲିମ କମ୍ୟୁନିଟି ପାଇଁ ୩ଟି କଲ୍ୟାଣ ମଣ୍ଡପ ନିର୍ମାଣ ସକାଶେ ସହାୟତା ପ୍ରଦାନ କରାଯାଇଛି। ଖୁବ୍ କମ୍ ସମୟ ମଧ୍ୟରେ ୫-ଟି ଉପକ୍ରମରେ ଏସବୁ ସମସ୍ୟାର ସମାଧାନ କରାଯାଇଛି। ଏହା ଦ୍ୱାରା ସମ୍ପୃକ୍ତ ସଦସ୍ୟା ସଦସ୍ୟମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

# ସୀମାନ୍ତରେ ପୋଲିସ ଗୁଳିରେ ୪ ମାଓବାଦୀ ନିହତ

ମାଲକାନଗିରି,୨୭।୨
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାରେ ମଙ୍ଗଳବାର ମାଓବାଦୀଙ୍କ ଆକ୍ରମଣ ଯୋଜନାକୁ ସୁରକ୍ଷା କର୍ମୀ ଭଣ୍ଡୁର କରିଛନ୍ତି। ଯବାନଙ୍କ ଗୁଳିରେ ୪ ମାଓବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମୃତଦେହ ଜବତ କରାଯାଇଛି। ବିଜାପୁର ଜିଲା ଜଙ୍ଗଲା ଥାନା ଅନ୍ତର୍ଗତ ଛୋଟେ ତୁଙ୍ଗଲି ଜଙ୍ଗଲରେ ମାଓବାଦୀମାନେ ଏକାଠି ହୋଇ ଆକ୍ରମଣ ଯୋଜନା କରୁଥିବା ଗୋଇନ୍ଦା ସୂଚନା ପାଇଥିଲା ବିଜାପୁର ପୋଲିସ। ପରେ ଡିଆର୍‌ଜି ବାହିନୀ ସହ ବସ୍ତର ଫାଇଟର ଏବଂ ସିଆର୍‌ପିଏଫ୍ ବାହିନୀର ଯବାନମାନେ ମିଳିତ ଭାବେ କୋମ୍ବିଂ ଅପରେଶନରେ ଯାଇଥିଲେ। ଯବାନଙ୍କ ଆସିବା ଦେଖି ମାଓବାଦୀମାନେ ପ୍ରଥମେ ଗୁଳିଚାଳନା କରିବାରୁ ଯବାନମାନେ ପାଲଟା ଆକ୍ରମଣ କରିଥିଲେ। ଉଭୟ ପକ୍ଷ ମଧ୍ୟରେ ବହୁ ସମୟ ଧରି ଗୁଳି ବିନିମୟ ହୋଇଥିବା ବେଳେ ୪ ମାଓବାଦୀ ଏଥିରେ ନିହତ ହୋଇଛନ୍ତି। ବହୁ ମାଓବାଦୀ ସାମଗ୍ରୀ ଯବାନମାନେ ଜବତ କରିବା ସହ ସେହି ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜାରି ରହିଥିବା ଜଣାପଡ଼ିଛି।

# ଆଜି ଓଡ଼ିଶା ଆସିବେ ରାଷ୍ଟ୍ରପତି

ଭୁବନେଶ୍ୱର, ୨୭।୨(ଅସମାପିକା ସାହୁ)


ଦ୍ରୌପଦୀ ମୁର୍ମୁ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ଓଡ଼ିଶା ଆସୁଛନ୍ତି। ସେ ୪ଦିନିଆ ଓଡ଼ିଶା ଗସ୍ତରେ ଆସିବେ। ବୁଧବାର ରାଷ୍ଟ୍ରପତି ରାଇରଙ୍ଗପୁରଠାରେ କେନ୍ଦ୍ର ସରକାରଙ୍କ ଅବକାଶ ନିବାସ ପାଇଁ ଶିଳାନ୍ୟାସ କରିବେ। ଏହି ଅବସରରେ ସେ ରାଇରଙ୍ଗପୁରଠାରେ ବିଭିନ୍ନ ସଡ଼କ ପ୍ରକଳ୍ପ ଓ କ୍ରୀଡ଼ା କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ବଡ଼ସାହିସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଉଦ୍‌ଘାଟନ କରିବେ। ୨୯ ତାରିଖରେ ରାଷ୍ଟ୍ରପତି କେନ୍ଦୁଝର ଜିଲା ଗୋନାସିକାସ୍ଥିତ କଦଳୀବାଡ଼ି ଗ୍ରାମର ପିଭିଟିଜି ସଦସ୍ୟଙ୍କ ସହ ଆଲୋଚନା କରିବେ। ଏହାପରେ ସେ 'କେନ୍ଦୁଝରର ଜନଜାତି: ଲୋକ, ସଂସ୍କୃତି ଓ ଐତିହ୍ୟ' ଶୀର୍ଷକ ଜାତୀୟ ଆଲୋଚନାଚକ୍ରକୁ ଉଦଘାଟନ କରିବା ସହ ଧରଣୀଧର ବିଶ୍ୱବିଦ୍ୟାଳୟର ଉତ୍ତର କ୍ୟାମ୍ପସ, ଗମ୍ଭରିଆ, କେନ୍ଦୁଝରଠାରେ ଧରଣୀଧର ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରିବେ। ସନ୍ଧ୍ୟାରେ ରାଷ୍ଟ୍ରପତି ଭୁବନେଶ୍ୱରସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟର ୫୩ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ଆସନ୍ତା ୧ ତାରିଖରେ ରାଷ୍ଟ୍ରପତି ଭଞ୍ଜବିହାରସ୍ଥିତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୨୫ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ପରେ ସେ କଟକରେ ବ୍ରହ୍ମକୁମାରୀ ଓଡ଼ିଶାର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେବେ। ରାଷ୍ଟ୍ରପତି ଭୁବନେଶ୍ୱରସ୍ଥିତ ରାଜଭବନରେ ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଜନମନ ଯୋଜନାର ଉପସ୍ଥାପନା ଦେଖିବେ। ଆସନ୍ତା ୨ ତାରିଖରେ ରାଷ୍ଟ୍ରପତି ସମ୍ବଲପୁର ଜିଲାରେ ସନ୍ଥକବି ଭୀମ ଭୋଇଙ୍କ ସହ ଜଡ଼ିତ ବିଭିନ୍ନ ସ୍ଥାନ ପରିଦର୍ଶନ କରିବେ। ଏଥିସହ ସମ୍ବଲପୁର ମିନି ଷ୍ଟାଡିୟମରେ ସେ ମହିମା ସମ୍ପ୍ରଦାୟର ଅନୁଗାମୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।

# ଗହଣା ବ୍ୟବସାୟୀଙ୍କୁ ଗୁଳି, ଲୁଟ୍

## ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର

ରାସୋଳ (ସରୋଜ ମିଶ୍ର)/
ଢେଙ୍କାନାଳ,୨୭।୨(ରତନ ନାୟାର)

କଟକ-ସମ୍ବଲପୁର ପୁରୁଣା ରାସ୍ତାର ଢେଙ୍କାନାଳ ଜିଲା ରାସୋଳ ଥାନା ଇସରାପାଳ ଓ କଦଳୀପାଳ ମଧ୍ୟରେ ମଙ୍ଗଳବାର ଅପରାହ୍ନ ସାଢେ ୪ଟାରେ ବାଇକ୍‌ରେ ଯାଉଥିବା ଗହଣା ବ୍ୟବସାୟୀ ପ୍ରକାଶଚନ୍ଦ୍ର ସାହୁ(୪୦)ଙ୍କୁ ଗୁଳିମାଡ଼ କରାଯାଇ ଲୁଟ୍‌ପାଟ କରାଯାଇଛି। ପଛରୁ ବାଇକ୍‌ରେ ଆସିଥିବା ୨ଜଣ ଦୁର୍ବୃତ୍ତ ଗହଣା ବ୍ୟବସାୟୀ ପ୍ରକାଶଚନ୍ଦ୍ରଙ୍କଠାରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟି ନେଇଥିବା ସୂଚନା ମିଳିଛି। ଗୁଳିଟି ପ୍ରକାଶଚନ୍ଦ୍ରଙ୍କ ଡାହାଣପଟ ଅଣ୍ଟାତଳେ ପଶିଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଅନୁଗୋଳ ଜିଲା ଖଲାରୀ ଅଞ୍ଚଳର ପ୍ରକାଶ କଟକରୁ ମାର୍କେଟିଂ ସାରି ବାଇକ୍ ଯୋଗେ ଅନୁଗୋଳ ଫେରୁଥିବା ବେଳେ ୨ଜଣ ଦୁର୍ବୃତ୍ତ ତାଙ୍କୁ ପିଛା କରିଥିଲେ। ପୁରୁଣା କଟକ-ସମ୍ବଲପୁର ରାସ୍ତାର ଇସରାପାଳ ଓ କଦଳୀପାଳ ମଧ୍ୟରେ ସମ୍ପୃକ୍ତ ଦୁର୍ବୃତମାନେ ବ୍ୟବସାୟୀଙ୍କୁ ଗୁଳିମାଡ଼ କରି ତାଙ୍କ ଠାରୁ ସାଢ଼େ ୩ ଲକ୍ଷ ଟଙ୍କାର ସୁନାଗହଣା ସହିତ ସେ ପିନ୍ଧିଥିବା ଲକେଟ୍ ଓ ଏକ ସୁନାଚେନ ଲୁଟିନେଇ ଫେରାର ହୋଇଯାଇଥିଲେ। ଖବରପାଇ ସଦର ଥାନା, ଭାପୁର ଫାଣ୍ଡି ପୋଲିସ ଓ ରାସୋଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

# ଓଟିପି ପାଇଁ ୩୦ କି.ମି.

ଉଦଳା,୨୭।୨
(ସନ୍ତୋଷ କୁମାର ବାଛିନୀ)

ଦେଶରେ ୫-ଜି ଟେଲି ସେବା ଉପଲବ୍ଧ ହୋଇଥିବା ବେଳେ ନେଟ୍‌ୱର୍କ ନ ଥିବାରୁ ଝିଅର ଭବିଷ୍ୟତ ପାଇଁ ଜଣେ ବ୍ୟକ୍ତି ୩୦ କି.ମି. ଦୂରକୁ ଯାଇ ଓଟିପି ନମ୍ବର ଦେବା ଭାରତ ସଞ୍ଚାର ନିଗମ ଲିମିଟେଡ୍(ବିଏସ୍‌ଏନ୍‌ଏଲ୍)ର ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଏହି ଘଟଣା ଘଟିଛି ମୟୂରଭଞ୍ଜ ଜିଲା ଉଦଳା ଅଞ୍ଚଳରେ। ସୂଚନା ଅନୁଯାୟୀ, ଉଦଳା ଏନ୍‌ଏସି ୧୦ନଂ. ୱାର୍ଡର ଦୀପକ କୁମାର ପରିଡ଼ାଙ୍କ ଝିଅ ତାସା ବାଲେଶ୍ୱରରେ ରହି ପାଠ ପଢ଼ନ୍ତି। ମଙ୍ଗଳବାର ସେ ବାଲେଶ୍ୱରରେ ନିଟ୍ ପ୍ରବେଶିକା ପରୀକ୍ଷା-୨୦୨୪ ନିମନ୍ତେ ଆବେଦନ କରୁଥିଲେ। ତାଙ୍କ ଆଧାର କାର୍ଡରେ ବାପା ଦୀପକ ପରିଡାଙ୍କ ମୋବାଇଲ୍ ନମ୍ବର ଲିଙ୍କ୍ ଥିବାରୁ ଓଟିପି ଦୀପକଙ୍କ ନିକଟକୁ ଆସିଥିଲା। ଉଦଳା ଅଞ୍ଚଳରେ ୨ ଦିନ ହେବ ବିଏସ୍‌ଏନ୍‌ଏଲ୍ ନେଟ୍‌ୱର୍କ ନ ରହିବା ସହିତ କୌଣସି କଲ୍ ଯାଇ ଆସିପାରୁନାହିଁ। ଦୀପକ ବ୍ୟବହାର କରୁଥିବା ମୋବାଇଲ୍ ନମ୍ବର ବିଏସ୍‌ଏନ୍‌ଏଲ୍‌ର ହୋଇଥିବାରୁ କୌଣସି ଓଟିପି ତାଙ୍କ ନିକଟରେ ପହଞ୍ଚୁ ନ ଥିଲା। ସେପଟେ ପରିବାରର ଅନ୍ୟ ସଦସ୍ୟଙ୍କୁ ଝିଅ ତାସା ଫୋନ କରିବା ପରେ ଦୀପକ ଓଟିପି ବାବଦରେ ଜାଣିବାକୁ ପାଇଥିଲେ। ଏହା ପରେ ଝିଅର ଭବିଷ୍ୟତ ପାଇଁ ଓଟିପି ନମ୍ବର ଦେବାକୁ ଦୀପକ ବିଏସ୍‌ଏନ୍‌ଏଲ୍ ମୋବାଇଲ୍ ନମ୍ବରକୁ ଧରି ଚାଲିଥିଲେ ନେଟ୍‌ୱର୍କ ଅନୁସନ୍ଧାନରେ। ଉଦଳାରୁ ବାହାରି ୩୦ କି.ମି. ଯାଇ ନୀଳଗିରି ପାଖ ସଜନାଗଡ଼ ଛକ ନିକଟରେ ପହଞ୍ଚିବା ପରେ ନେଟ୍‌ୱର୍କ ପାଇଥିଲେ। ସେଠାରେ ଝିଅକୁ ଫୋନ କରି କଥା ହେବା ସହିତ ଓଟିପି ନମ୍ବର ପ୍ରଦାନ କରିଥିଲେ। ଏହାପରେ ପରେ ତାଙ୍କ ଝିଅ ଆବେଦନ କରିଥିଲେ। ଏହି ବିଭ୍ରାଟ ବାବଦରେ ଉଦଳା ସ୍ଥିତ ବିଏସ୍‌ଏନ୍‌ଏଲ୍ ଅଫିସରେ କାର୍ଯ୍ୟରତ ଜେଟିଓ ଜଗନ୍ନାଥ ମାଝିଙ୍କୁ ପଚାରିବାରୁ ପାଣି ପାଇପ୍ ଲାଇନ ପାଇଁ କେବୁଲ ତାଡ଼ି ଦିଆଯାଉଛି। ଫଳରେ ତାର କଟିଯାଇ ବିଏସ୍‌ଏନ୍‌ଏଲ୍ ନେଟ୍‌ୱର୍କରେ ବିଭ୍ରାଟ ଘଟୁଛି। ଏନେଇ ଉପଭୋକ୍ତାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ସେ କହିଛନ୍ତି।

# ଢେଙ୍କାନାଳ ଜିଲାରେ ବଢୁଛି କଲରାପତରିଆଙ୍କ ସଂଖ୍ୟା

## କନ୍ଧରା ଜଙ୍ଗଲ ବନ୍ୟପ୍ରାଣୀଙ୍କ ପାଇଁ ସ୍ୱର୍ଗ ସଦୃଶ

ଢେଙ୍କାନାଳ,୨୭।୨(ରତନ ନାୟାର)



ଢେଙ୍କାନାଳ ଜିଲାରେ କଲରାପତରିଆ ବାଘଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଜିଲାରେ ପ୍ରାୟ ୧୦ଟି କଲରାପତରିଆ ବାଘ ଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ଶେଷ ହୋଇଥିବା ବାଘ ଗଣନାରୁ ଜଣାପଡିଛି। ହିନ୍ଦୋଳ ରେଞ୍ଜ୍ କନ୍ଧରା ଓ କାମାକ୍ଷାନଗର ପଶ୍ଚିମାଞ୍ଚଳ ଏବଂ ମହାବୀର ରୋଡ୍ ରେଞ୍ଜ୍ ମଧ୍ୟରେ ଥିବା ଅନନ୍ତପୁର ସଂରକ୍ଷିତ ଜଙ୍ଗଲରେ ଅଧିକ ସଂଖ୍ୟାରେ କଲରାପତରିଆ ବାଘ ଥିବା ଟ୍ରାପ୍ କ୍ୟାମେରାରୁ ଜଣାପଡିଛି।

ପ୍ରକାଶ ଯେ, ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜର କନ୍ଧରା ସଂରକ୍ଷିତ ଜଙ୍ଗଲର ପରିସୀମା ହେଉଛି ୧୧୪୧୧.୧୫ ହେକ୍ଟର। ଏହା ସବୁଠାରୁ ଘଞ୍ଚ ହୋଇଥିବାବେଳେ ଅନୁଗୋଳ ଜିଲାର ସାତକୋଶିଆ ଅଭୟାରଣ୍ୟ ଓ କଟକ ଜିଲାର ବଡମ୍ବା ଏବଂ ନରସିଂହପୁର ସଂରକ୍ଷିତ ଜଙ୍ଗଲକୁ ଏହାର ସୀମା ଲାଗିରହିଛି। ତେଣୁ ବନ୍ୟପ୍ରାଣୀଙ୍କ ବିଚରଣ ପାଇଁ ଏହା ଏକ ଉତ୍ତମ ଅଞ୍ଚଳ ହୋଇପାରିଛି। ଏହି କାରଣରୁ କନ୍ଧରା ଜଙ୍ଗଲକୁ ବନ୍ୟପ୍ରାଣୀଙ୍କ ପାଇଁ ସ୍ୱର୍ଗ ସଦୃଶ ବୋଲି କୁହାଯାଉଛି। କଲରାପତରିଆ ବାଘ ଗୋଟିଏ ଜାଗାରେ ରହନ୍ତି ନାହିଁ। ଏହା ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଜଙ୍ଗଲ ମଧ୍ୟରେ ପ୍ରବେଶ କରିଥାନ୍ତି। ତେଣୁ କନ୍ଧରା ଜଙ୍ଗଲରେ ଥିବା କଲରାପତରିଆ ବାଘ ଅଧିକାଂଶ ସମୟରେ ସାତକୋଶିଆ ଅଭୟାରଣ୍ୟ ଏବଂ ବଡମ୍ବା ଓ ନରସିଂହପୁର ଜଙ୍ଗଲ ଆଡକୁ ଯିବାଆସିବା କରିଥାନ୍ତି। ସାତକୋଶିଆ ଏବଂ ବଡମ୍ବା ନରସିଂହପୁର ଜଙ୍ଗଲକୁ କନ୍ଧରା ଜଙ୍ଗଲ ଲାଗିଥିବା ଯୋଗୁ ଭବିଷ୍ୟତରେ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପାଇଁ ଏହା ଏକ ପ୍ରମୁଖ ଅଞ୍ଚଳ ହେବ ବୋଲି ବନ ବିଭାଗ ଅଧିକାରୀମାନେ ଆଶା ପ୍ରକଟ କରିଛନ୍ତି। ଢେଙ୍କାନାଳ ଜିଲାରେ ପୂର୍ବ ଅପେକ୍ଷା କଲରାପତରିଆ ବାଘଙ୍କ ସଂଖ୍ୟା ବଢ଼ିବା ବନବିଭାଗ ପାଇଁ ଏକ ଖୁସି ଖବର ବୋଲି ସୂଚନା ମିଳିଛି। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କହିଛନ୍ତି, ଚଳିତ ବାଘ ଗଣନାରେ ଢେଙ୍କାନାଳ ଜିଲାରେ ମହାବଳ ବାଘ ନ ଥିବା ଜଣାପଡିଛି। କିନ୍ତୁ ଯେ ପର୍ଯ୍ୟନ୍ତ ପୂରା ସଂଖ୍ୟା ମିଳିନାହିଁ ସେଯାଏ ପ୍ରାୟ ୧୦ଟି କଲରାପତରିଆ ବାଘ ଥିବା କ୍ୟାମେରା ଟ୍ରାପ୍ ଓ ଅନ୍ୟାନ୍ୟ ପ୍ରମାଣରୁ ଜଣାପଡିଛି। କଲରାପତରିଆ ବାଘ ଅଧିକା ରହିବା ନିଶ୍ଚିତ ଖୁସି ଖବର।

# ମାର୍ଚ୍ଚ ପ୍ରଥମ ସପ୍ତାହରେ ଓଡ଼ିଶା ଆସିବେ ମୋଦି: ମନମୋହନ

ଭୁବନେଶ୍ୱର,୨୭।୨
(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ମାର୍ଚ୍ଚ ପ୍ରଥମ ସପ୍ତାହରେ ଓଡ଼ିଶା ଗସ୍ତରେ ଆସିବେ। ଚଣ୍ଡିଖୋଲଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ନେଇ ସେ ଓଡ଼ିଶା ଆସୁଥିବା ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି। ତେବେ ଚଣ୍ଡିଖୋଲଠାରେ ତାଙ୍କର ସରକାରୀ ନା ଦଳୀୟ କାର୍ଯ୍ୟକ୍ରମ ରହିଛି ସେନେଇ ମନମୋହନ କିଛି ସ୍ପଷ୍ଟ କରିନାହାନ୍ତି। ଅନ୍ୟପଟେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ନେଇ ରାଜ୍ୟ ସରକାରଙ୍କ ପାଖକୁ ମଧ୍ୟ ସେମିତି କିଛି ବିଧିବଦ୍ଧ ସୂଚନା ଆସିନାହିଁ। ତେବେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ସମ୍ପର୍କରେ ଅଧିକ ଖବର ସଂଗ୍ରହ ଲାଗି ଅନ୍ୟ ଭାଜପା ନେତାମାନଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ସେମାନଙ୍କ ନିକଟରେ ସେପରି କିଛି ସ୍ପଷ୍ଟ ସୂଚନା ନ ଥିବା କହିଛନ୍ତି।

## ସଂକ୍ଷେପରେ

### ଜନ୍ମେଜୟ କଂଗ୍ରେସ ସାଧାରଣ ସମ୍ପାଦକ(ଓବିସି)ମନୋନୀତ

ଦେଓଗାଁ,୨୭।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)



ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର କଂଗ୍ରେସ ନେତା ଜନ୍ମେଜୟ ସାହୁ ଦଳର ରାଜ୍ୟ ସାଧାରଣ ସମ୍ପାଦକ(ଓବିସି)ଭାବେ ମନୋନୀତ ହୋଇଛନ୍ତି। ଗତ ୨୨ ତାରିଖରେ ଅଲ ଇଣ୍ଡିଆ କଂଗ୍ରେସ କମିଟି ତରଫରୁ ୨୨ଜଣଙ୍କ ନାମ ତାଲିକାରେ ସାହୁଙ୍କ ନାମ ରହିଛି। ଏହି ଘୋଷଣା ପରେ ଦେଓଗାଁ ବ୍ଲକ କଂଗ୍ରେସ କର୍ମକର୍ତ୍ତାଙ୍କ ମଧ୍ୟରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଛି। ଏଥିପାଇଁ ବ୍ଲକ କଂଗେସ ତରଫରୁ ପିସିସି ସଭାପତି ଶରତ ପଟ୍ଟନାୟକ ଓ ବିଧାୟକ ନରସିଂହ ମିଶ୍ରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

### ଗଞ୍ଜେଇ ଜବତ, ଜଣେ ଗିରଫ

ଗୁଡଭେଲା,୨୭।୨(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ତୁଷୁରା ଥାନା ଡାହିମାଲ ଛକରେ ଚଢାଉ କରି ତୁଷୁରା ପୋଲିସ ୧୦କେଜି ୩୫୫ଗ୍ରାମ ଗଞ୍ଜେଇ ଜବତ କରିଛି। ଗଞ୍ଜେଇ କାରବାରରେ ସମ୍ପୃକ୍ତ ସଇଁତଳା ଥାନା ବ୍ରାହ୍ମଣୀ ଗ୍ରାମର ଭଗବାନ ବରଗାର୍ଡ଼ି(୩୩)ଙ୍କୁ ଗିରଫ କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି। ଗଞ୍ଜେଇ ଆସୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ତୁଷୁରା ପୋଲିସ ଡାହିମାଲ ଛକରେ ଅପେକ୍ଷା କରିଥିଲା। ଏକ ଘରୋଇ ବସରୁ ଓହ୍ଲାଇ ଯାଉଥିବା ବେଳେ ଅଭିଯୁକ୍ତଙ୍କୁ ସନ୍ଦେହ କରି ପୋଲିସ ଅଟକାଇ ଥିଲା। ତାଙ୍କଠାରୁ ଗଞ୍ଜେଇ ଜବତ ହୋଇଥିଲା। ତୁଷୁରା ତହସିଲଦାର କର୍ଣ୍ଣ ମଲ୍ଲିକଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ ଯାଇଥିଲା। ଥାନାଧିକାରୀ ସଞ୍ଜୀବ ପ୍ରଧାନଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା।

### ଜଗନ୍ନାଥ ମନ୍ଦିର ମୁଖ୍ୟପୂଜକଙ୍କ ପରଲୋକ

ଦେଓଗାଁ,୨୭।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)



ବଲାଙ୍ଗୀର ସଦର ବ୍ଲକ କୁଶଙ୍ଗ ଗାଁର ବିଶିଷ୍ଟ ଧର୍ମପରାୟଣ ବ୍ୟକ୍ତି ତଥା ସ୍ଥାନୀୟ ଜଗନ୍ନାଥ ମନ୍ଦିର ମୁଖ୍ୟ ପୂଜକ ଅକ୍ଷୟ କୁମାର ପଣ୍ଡା(୮୫)ଙ୍କ ମଙ୍ଗଳବାର ପରଲୋକ ହୋଇଛି । ବାର୍ଦ୍ଧକ୍ୟଜନିତ ରୋଗ ଯୋଗୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା। ସ୍ଥାନୀୟ ଶ୍ମଶାନରେ ତାଙ୍କ ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ କରାଯାଇଥିଲା। ବଡପୁଅ ଫକିର ମୋହନ ପଣ୍ଡା ମୁଖାଗ୍ନିଦେଇଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

### ଭାଜପା ଯୁବମୋର୍ଚ୍ଚା ସମାବେଶ



ଖପ୍ରାଖୋଲ, ୨୭।୨(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କନ୍ଦରାଭଟା ଜଳ ମହାଦେବ ମନ୍ଦିର ପରିସରରେ ଭାଜପା ଯୁବମୋର୍ଚ୍ଚା ବ୍ଲକସ୍ତରୀୟ ସମାବେଶ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ବ୍ଲକ ସଂଯୋଜକ ବିକାଶ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା, ଜିଲା ସଭାପତି ଅମରଜିତ ପଟେଲ, ଏମ୍‌ପି ପ୍ରତିନିଧି ପ୍ରବୀଣ ଅଗ୍ରୱାଲ, ଦେବାକାନ୍ତ ପାଣିଗ୍ରାହୀ, ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ସୁବାଷ ସାହୁ, କାଶୀନାଥ ମେହେର ଯୋଗଦେଇଥିଲେ। ନେତୃବୃନ୍ଦ ନରେନ୍ଦ୍ର ମୋଦି ସରକାରଙ୍କ ସଫଳତା ବଖାଣିବା ସହ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲଳିତ ଶଗଡ଼ିଆ, ଉମାକାନ୍ତ ପୂଝାରଙ୍କ ସମେତ ଯୁବମୋର୍ଚ୍ଚାର ବହୁ ସଦସ୍ୟ ଯୋଗଦେଇଥିଲେ।

# ଗାନ୍ଧୀମାର୍ଗ ସାଂସ୍କୃତିକ ବିପର୍ଯ୍ୟୟରୁ ମୁକ୍ତିର ବାଟ

ବଲାଙ୍ଗୀର,୨୭।୨(ବୀରେନ୍ଦ୍ର କୁମାର ଝାଙ୍କର)



ଆୟୋଜିତ ଆଲୋଚନାଚକ୍ରର ଅତିଥି ଓ ଆଲୋଚକ।

**ଶିବପ୍ରସାଦ ପାଣ୍ଡିଆ ୯୮ତମ ଜନ୍ମବାର୍ଷିକୀ ସମାରୋହ**

ବଲାଙ୍ଗୀର ଟାଉନ୍ ବାଳିକା ହାଇସ୍କୁଲ ସଭାମଞ୍ଚରେ ବିପ୍ଳବୀ କବି ସାମ୍ବାଦିକ ଗୌରବ ଶିବପ୍ରସାଦ ପାଣ୍ଡିଆଙ୍କ ୯୮ତମ ଜୟନ୍ତୀ ସମାରୋହ ସୋମବାର ଅନୁଷ୍ଠିତ ହୋଇଥିଲା। ଶିବପ୍ରସାଦ ପାଣ୍ଡିଆ ସ୍ମୃତି କମିଟି ଏବଂ ସ୍ମୃତିବିନ୍ଦୁ ଫାଉଣ୍ଡେଶନ୍ ତରଫରୁ ଆୟୋଜିତ ଏହି ଜନ୍ମବାର୍ଷିକୀ ସମାରୋହରେ ଯୁବଶ୍ରେଣୀ ପାଇଁ ଗାନ୍ଧୀଙ୍କ ପ୍ରାସଙ୍ଗିକତା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଫେସର ମଧୁସୂଦନ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପ୍ରାଧ୍ୟାପକ ମନୋଜ କୁମାର ନାଗ ଏବଂ ସରକାରୀ ମହିଳା ମହାବିଦ୍ୟାଳୟ ଅଧ୍ୟାପକ ଦେବଦତ୍ତ ପାଣିଗ୍ରାହୀ ଆଲୋଚକ ଭାବେ ଯୋଗଦାନ କରିଥିଲେ।

ଆଲୋଚକ ନାଗ ତାଙ୍କ ବକ୍ତବ୍ୟରେ ଗାନ୍ଧୀଙ୍କ ଅର୍ଥନୈତିକ ଦୃଷ୍ଟିକୋଣ ଏବଂ ଯୁବ ଭାରତୀୟଙ୍କ ଆତ୍ମନିର୍ଭରଶୀଳତା ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଗାନ୍ଧୀଜୀ ଯେଉଁ ଗ୍ରାମକେନ୍ଦ୍ରିକ ଅର୍ଥନୀତିର କଥା କହି ଗ୍ରାମ ସ୍ୱରାଜ ଉପରେ ଗୁରୁତ୍ୱ ଦେଇଥିଲେ ତାର ବିଫଳତା କାରଣରୁ ଭାରତୀୟ ସମାଜରେ ବେକାରୀ ଓ ବେରୋଜଗାରୀ ବୃଦ୍ଧି ପାଉଛି ବୋଲି କହିଥିଲେ। ଅନ୍ୟତମ ଆଲୋଚକ ଅଧ୍ୟାପକ ପାଣିଗ୍ରାହୀ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଗାନ୍ଧୀଜୀ ବିଚାର ଦର୍ଶନକୁ ନେଇ ଯେଉଁ ପାଠ୍ୟକ୍ରମ ରହିବା କଥା ତାହା ନଥିବାରୁ ଆମ ସମାଜ ଅଧିକ ଅବ୍ୟବସ୍ଥିତ ମନେ ହେଉଛି ବୋଲି କହିଥିଲେ। ଗାନ୍ଧୀଜୀ ଯେଉଁ ଶୃଙ୍ଖଳା, ଆତ୍ମସଞ୍ଜମତା ଉପରେ ଗୁରୁତ୍ୱ ଦେଉଥିଲେ ତାର ଅଭାବରୁ ଆମ ଯୁବବର୍ଗ ଲକ୍ଷ୍ୟହୀନ ମନେ ହେଉଛନ୍ତି ବୋଲି କହିଥିଲେ। ସଭାପତୀୟ ଅଭିଭାଷଣରେ ପ୍ରଫେସର ପତି ଆଜିର ସାଂସ୍କୃତିକ ବିପର୍ଯ୍ୟୟରୁ ମୁକ୍ତି ପାଇଁ ଗାନ୍ଧୀଙ୍କ ପ୍ରଦର୍ଶିତ ମାର୍ଗ ଉପାଦେୟ ବୋଲି କହିଥିଲେ। ଯୁବବର୍ଗଙ୍କ ସମ୍ମୁଖରେ ଆଦର୍ଶ ନେତୃତ୍ୱ ସୃଷ୍ଟି ପାଇଁ ଆଜିବି ଗାନ୍ଧୀଜୀ ସବୁଠୁ ବଳିଷ୍ଠ ଉଦାହରଣ ବୋଲି କହିଥିଲେ। କବି ସ୍ୱର୍ଗତ ପାଣ୍ଡିଆ ବହୁମାତ୍ରାରେ ଗାନ୍ଧୀଜୀଙ୍କ ବ୍ୟକ୍ତିତ୍ୱରେ ପ୍ରଭାବିତ ଥିଲେ ଏବଂ ତାଙ୍କ ଜୀବନ ମଧ କିଭଳି ସଂଘର୍ଷମୟ ଏବଂ ମହିମାନ୍ୱିତ ଥିଲା କହିଥିଲେ। ଆଲୋଚନାଚକ୍ରକୁ ଅଧ୍ୟାପକ ସନ୍ଦୀପ କୁମାର କୁଅଁର ସଂଯୋଜନା କରିଥିଲେ। ପ୍ରାରମ୍ଭରେ ବୀରେନ୍ଦ୍ର କୁମାର ଝାଙ୍କର ସ୍ୱର୍ଗତ ପାଣ୍ଡିଆଙ୍କ ଜୀବନ ଏବଂ ଉପଲବ୍ଧି ଉପରେ ବକ୍ତବ୍ୟ ରଖିଥିଲେ। ଏହି ସଭାରେ ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ ପ୍ରତାପ ଚନ୍ଦ୍ର ରଥ କାରଗିଲ ଯୁଦ୍ଧ ସମୟରେ ଲିଖିତ ସମର କବିତା ପାଠ କରି ସ୍ୱର୍ଗତ ପାଣ୍ଡିଆଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ଆବାହକ ସୁଶୀଳ କୁମାର ପାଣ୍ଡିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ଆହ୍ଲାଦ ପୂଜାରୀ, ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାଥ ମିଶ୍ର, ମନୋରଞ୍ଜନ ସାହୁ, ଆଡଭୋକେଟ ସନ୍ତୋଷ ପାଢ଼ୀ, ଭବାନୀ ଶଙ୍କର ଶତପଥୀ, ରତନ ମହାରଣା, ଜ୍ୟୋତିରଞ୍ଜନ ନାଗ, ରସରାଜ ଅଚ୍ୟୁତ ପୁରୋହିତ, ଚାଳିନା ମହାନ୍ତି, କୁନୁ ପଣ୍ଡା, ଉଦିତ ଚନ୍ଦ୍ର ପଣ୍ଡା, ପ୍ରେସ କ୍ଲବ୍ ସଭାପତି ଅରୁଣ ମିଶ୍ର, ରାଜେଶ ଝାଙ୍କର, ଯୁଜେଷ୍ଠି ମେହେର, ହୃଷୀକେଶ ପୁରୋହିତ, ଗୋପଭୂଷଣ ନାଥ, ପ୍ରଭାକର ମିଶ୍ର, ଶଶୀଶେଖର ପଣ୍ଡା, ପ୍ରେମଚାନ୍ଦ ମହାନ୍ତି, ସୁବାସ ଠାକୁର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଏସ୍‌ଏଚ୍‌ଜି ଫେରି ପାଇଲେ ବ୍ୟାଙ୍କଋଣ ସୁଧ

ଟିଟିଲାଗଡ଼,୨୭।୨(ଶରତ ମିଶ୍ର)

ରାଜ୍ୟ ସରକାର ପ୍ରତ୍ୟେକ ମହିଳା ଗୋଷ୍ଠୀଙ୍କୁ ବିନା ସୁଧରେ ଋଣ ପ୍ରଦାନ ଯୋଜନାକ୍ରମେ ମଙ୍ଗଳବାର ସୁଧ ଭରଣା କରିଥିବା ମହିଳା ଗୋଷ୍ଠୀଙ୍କ ସୁଧ ଫେରିଛି । ଏନେଇ ମୁଖ୍ୟମନ୍ତ୍ରୀ ଆଭାସି ଯୋଗେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁଧ ମହିଳା ଗୋଷ୍ଠୀଙ୍କ ବ୍ୟାଙ୍କଖାତାରେ ପ୍ରଦାନ କରିଛନ୍ତି। ଏହି ଅବସରରେ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇ ମହିଳାଙ୍କ ବିକାଶ ହେଲେ ପରିବାରର ବିକାଶ ହେବ। ତେଣୁ ମୁଖ୍ୟମନ୍ତ୍ରୀ ମହିଳା ଗୋଷ୍ଠୀଙ୍କୁ ସର୍ବଦା ଗୁରୁତ୍ୱ ଦେଇ ଆସିଥିବା କହିଥିଲେ। ସଭାରେ ୫୦ଟି ମହିଳା ଗୋଷ୍ଠୀ ସଦସ୍ୟାଙ୍କୁ ସୁଧ ପରିଶୋଧ ବାବଦକୁ ଡମିଚେକ୍ ପ୍ରଦାନ କରାଯାଇଥିଲା । ବିଡ଼ିଓ ସୁଶାନ୍ତ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସିଡ଼ିପିଓ କାନ୍ତିଲତା ସାହୁ, ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକ, ଜିଲା ପରିଷଦ ସଭ୍ୟା ଗୀତା ବିଶି, ସଞ୍ଜୟ ବେହେରା, ସରପଞ୍ଚ ମାଦ୍ରୀ ଖରସେଲ, ଚିନ୍ତାମଣି ସୁନା, ଉର୍ବଶୀ ଘିବେଲା, ପୁଷ୍ପା ମହାନନ୍ଦ ମଞ୍ଚାସୀନ ଥିଲେ। ବିପିସି ପିତାମ୍ବର ବାଗ, ବିପିଏମ ଏସ.କେ. ଅଞ୍ଜୁମ, ବିଏଲସି ବିକାଶ ସାହୁ, ବିପିଏ ହୃଦାନନ୍ଦ ମାଝି ସହାୟତା କରିଥିଲେ।


ଜଣେ ଏସ୍‌ଏଚ୍‌ଜି ମହିଳାଙ୍କୁ ମନ୍ତ୍ରୀ ଟୁକୁନି ସାହୁ ଚେକ୍ ପ୍ରଦାନ କରୁଛନ୍ତି।

# ଜଙ୍ଗଲଜାତ ଦ୍ରବ୍ୟର ଖାଦ୍ୟ ପରମ୍ପରା, ପ୍ରୋତ୍ସାହନ ମେଳା

ଖପ୍ରାଖୋଲ,୨୭।୨(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଘୁନସର ପଞ୍ଚାୟତ ଅନ୍ତର୍ଗତ ସାନବାଞ୍ଜିପାଲି ଗାଁରେ ଜଙ୍ଗଲ ଜାତ ଦ୍ରବ୍ୟର ଖାଦ୍ୟ ପରମ୍ପରା ଓ ପ୍ରୋତ୍ସାହନ ମେଳା ବଲାଙ୍ଗୀର ଆରସିଡିସି ତରଫରୁ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜଙ୍ଗଲପ୍ରେମୀ ଟେକେନ୍ଦ୍ର ଜାଲ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ହରିଶଙ୍କର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ, ସମ୍ମାନିତ ଅତିଥି ରେଙ୍ଗାଲି ବାନପାଳ ଘାସୀରାମ ଦୀକ୍ଷିତ, ଆର୍‌ସିଡିସି ଜିଲା ସଂଯୋଜକ ଶମ୍ଭୁନାଥ ସାହୁ ଯୋଗଦେଇ ଜଙ୍ଗଲ ଜାତଦ୍ରବ୍ୟ ଓ ଖାଦ୍ୟ ଭାବେ ତାହାର ବ୍ୟବହାର ଉପରେ ଆଲୋକପାତ କରିଥିଲେ। ଜଙ୍ଗଲରୁ ମିଳୁଥିବା ଚାର, ମହୁଲ, ମହୁ, ବିଭିନ୍ନ କନ୍ଦମୂଳ, ବିଭିନ୍ନ ଶାଗ, ବିଭିନ୍ନ ଫୁଲ ଆଦିକୁ ହଜାର ହଜାର ବର୍ଷ ତଳୁ ମଣିଷ ଖାଦ୍ୟଭାବେ ବ୍ୟବହାର କରି ବଞ୍ଚି ଆସୁଛି। ସାମ୍ପ୍ରତିକ ପରିସ୍ଥିତିରେ ତାର ଅବକ୍ଷୟ, ଜଙ୍ଗଲର ସଙ୍କୋଚନ, ଖାଦ୍ୟ ଅଭ୍ୟାସର ପରିବର୍ତ୍ତନ ଯୋଗୁ ଅନେକ ସମସ୍ୟା ଦେଖାଦେଉଛି। ଜୈବିକ ଖାଦ୍ୟ ପରମ୍ପରା ପ୍ରଭାବିତ ହେଉଥିବାରୁ ଏହାକୁ ପ୍ରୋତ୍ସାହିତ କରିବା ସହ ଜଙ୍ଗଲର ସୁରକ୍ଷା ଉପରେ ଅତିଥିମାନେ କହିଥିଲେ। ଏହି ଅବସରରେ ବୈକୁଣ୍ଠ ବାଗ, ଡମ୍ବରୁ ବରିହା, ଘନଶ୍ୟାମ ବରିହା, ମନ୍ଦାର ବରିହା, ଭରତ ବରିହା, ଋଷି ବରିହା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଦେବରାଜ ଭୋଇ ପରିଚାଳନା କରିଥିବାବେଳେ ଦୁର୍ଯ୍ୟୋଧନ ବରିହା ଧନ୍ୟବାଦ ଅର୍ପଣ କରିଥିଲେ।

# ୧୨ଘଣ୍ଟା ବଙ୍ଗୋମୁଣ୍ଡା ବନ୍ଦ



ଆନ୍ଦୋଳନକାରୀ ରାସ୍ତାରୋକୋ କରିଛନ୍ତି।

କଣ୍ଟାବାଞ୍ଜିଥ,୨୭।୨(ଗୁରୁଦୟାଲ ହଂସ)

**ଏନଏସି ମାନ୍ୟତା ନ ମିଳିବାର ପ୍ରତିବାଦ**

ରାଜ୍ୟ ସରକାର ନିକଟରେ ଘୋଷଣା କରିଥିବା ଏନଏସି ତାଲିକାରେ ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡାର ନାମ ନାହିଁ। ଏ ନେଇ ଅଞ୍ଚଳବାସୀ ତୀବ୍ର ପ୍ରତିବାଦ କରିଛନ୍ତି। ଏନଏସି ମାନ୍ୟତା ଦାବି ନେଇ ମଙ୍ଗଳବାର ୧୨ଘଣ୍ଟା ବଙ୍ଗୋମୁଣ୍ଡା ବନ୍ଦ ପାଳନ କରାଯାଇଥିଲା। ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ହୋଇଥିବା ବନ୍ଦ ପାଳନରେ ଅଞ୍ଚଳର ବିଭିନ୍ନ ସଂଗଠନ, ରାଜନୈତିକ ଦଳ କର୍ମକର୍ତ୍ତା ସାମିଲ ହୋଇଥିଲେ। ସରକାରୀ ଓ ବେସରକାରୀ ଅଫିସ, ଦୋକାନ ବଜାର ବନ୍ଦ ରହିଥିଲା। ଗାଡି ଚଳାଚଳ ବନ୍ଦ ରହଥିବାରୁ ରାସ୍ତାଘାଟ ଶୂନଶାନ ରହିଥିଲା। ଆଗାମୀ ଦିନରେ ସରକାର ଏନଏସି ଘୋଷଣା ନ ହେଲେ ଆଇନ ଆମାନ୍ୟ ଆନ୍ଦୋଳନ କରିବାକୁ ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି। ବନ୍ଦରେ ବଙ୍ଗୋମୁଣ୍ଡା ସରପଞ୍ଚ ଅଜିତ ଯୋଶୀ, ବଙ୍ଗୋମୁଣ୍ଡା ବ୍ଲକ ଉପାଧ୍ୟକ୍ଷ କେଶବ ନାରାୟଣ ଜୈନ, ଆନନ୍ଦ ଅଗ୍ରୱାଲଙ୍କ ସହ ବଙ୍ଗୋମୁଣ୍ଡା ନାଗରିକ ମଞ୍ଚ, ଶ୍ରୀରାମ ସେନା ସଂଗଠନ, ମାରୱାଡ଼ି ଯୁବାମଞ୍ଚ, ଚୋଷଠି ଯୋଗିନୀ ସାହିତ୍ୟ କଳା ପରିଷଦ, ଇନ୍ଦ୍ରଧନୁ, ବାରିକ ସମାଜ, ଖଡୁରା ସମାଜ, ଯୁବ ଯାଦବ ମହାସମାଜ, କୁମ୍ଭାର ସମାଜ, ବଙ୍ଗୋମୁଣ୍ଡା ସାମ୍ବାଦିକ ସଂଘ, କୋଶଳେଶ୍ୱର ମାଳି ସମାଜ, ଡ୍ରାଇଭର ୟୁନିୟନ, ଭୁଲିଆ ସମାଜ, ବ୍ରାହ୍ମଣ ସମାଜ, ତୈଳିକ ବୈଶ୍ୟ ସମାଜ ଭଳି ଅନେକ ସଂଗଠନ ଏଥିରେ ସାମିଲ ହୋଇଥିଲେ।

# ମୃତଦେହ ଛୁଇଁଲେନି, ସତ୍କାର କଲେ ସ୍ୱେଚ୍ଛାସେବୀ

**ଅନ୍ୟଜାତିରେ ବାହା ହୋଇଥିଲେ ବୋଲି**

ଲୋଇସିଂହା,୨୭।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢୀପଦର ପଞ୍ଚାୟତ ପିପିଲିପାଲି ଗ୍ରାମର ଘନଶ୍ୟାମ ଧରୁଆ(୪୨)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ବୁର୍ଲାରେ ସୋମବାର ମୃତ୍ୟୁ ଘଟିଥିଲା। ଗାଁରେ ମୃତଦେହ ପହଞ୍ଚିଲା ପରେ ପରିବାର ବର୍ଗ, ଜାତିଭାଇ ଓ ଗ୍ରାମବାସୀ ସତ୍କାର କରିବାକୁ ଆସି ନ ଥିଲେ। ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ ପଧାନଙ୍କ ଉପସ୍ଥିତିରେ ସ୍ୱେଚ୍ଛାସେବୀ ଯୁଧିଷ୍ଠିର ପଧାନ,ସୀତାରାମ ପଧାନ, ୱାର୍ଡସଭ୍ୟ ଲଳିତ ମହାକୁର ଓ ଜୟନ୍ତ ପଧାନ ସତ୍କାର କରିଥିଲେ।

ଗଣ୍ଡ ସମ୍ପ୍ରଦାୟର ଘନଶ୍ୟାମ ବିବାହିତ ଥିଲେ। ହେଲେ କିଛିବର୍ଷ ତଳେ ଅନ୍ୟଜାତିର ଜଣେ ମହିଳାଙ୍କୁ ପ୍ରେମ ବିବାହ କରି ଝାରସୁଗଡ଼ା ଜିଲା କୋଲାବିରା ଥାନା ସମାସିଂଘା ଅଞ୍ଚରେ ରହୁଥିଲେ। ଘନଶ୍ୟାମ ଆସୁସ୍ଥ ହେବାରୁ ତାଙ୍କୁ ଫେବୃୟାରୀ ୨୪ରେ ବୁର୍ଲାରେ ତାଙ୍କ ଦ୍ୱିତୀୟ ସ୍ତ୍ରୀ ଭର୍ତ୍ତି କରିଥିଲେ। ସୋମବାର ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଦ୍ୱିତୀୟ ସ୍ତ୍ରୀ ମୃତଦେହ ଧରି ପିପିଲିପାଲିରେ ସୋମବାର ରାତିରେ ପହଞ୍ଚିଥିଲେ। ଅନ୍ୟଜାତିରେ ସେ ବିବାହ କରିଥିବାରୁ ସାମାଜିକ କଟକଣା ଭୟରେ ଘନଶ୍ୟାମଙ୍କ ପରିବାର ଲୋକେ ମୃତଦେହ ଗ୍ରହଣ କରିବାକୁ ମନା କରିଥିଲେ। ଏପରିକି ଜାତିଭାଇ ଏବଂ ଗ୍ରାମସବୀ ସତ୍କାର କରିବାକୁ ଆସି ନ ଥିଲେ।

# ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସୁଧ ଫେରସ୍ତ କାର୍ଯ୍ୟକ୍ରମ


ଦେଓଗାଁ ବ୍ଲକରେ ସୁଧ ଫେରସ୍ତ କାର୍ଯ୍ୟକ୍ରମରେ ଅତିଥି।

ଦେଓଗାଁ,୨୭।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଓଡ଼ିଶା ଜୀବିକା ମିଶନ ତଥା ମିଶନ ଶକ୍ତି ଆନୁକୂଲ୍ୟ ତଥା ଓଏଲଏମର ବ୍ଲକ ସଂଯୋଜକ ପ୍ରଦୀପ କୁମାର ଛତ୍ରିଆଙ୍କ ସଂଯୋଜନାରେ ସୁଧ ଫେରସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ବିଡିଓ କ୍ଷମାନିଧି ଭୋଇ, ସିଡିପିଓ ସୁକାନ୍ତୀ ବେହେରା, ଜିଲା ପରିଷଦ ସଭ୍ୟା ମମତା କୁମୁରା, ସୁମତୀ ସେଠ, ସାଲେପାଲି ସମିତି ସଭ୍ୟ ଲକ୍ଷ୍ମଣ କୁମାର ମେହେର, ସରପଞ୍ଚ ବଲ୍ଲଭି ସାହୁ, ଦେଓଗାଁ ସରପଞ୍ଚ ନୀନା ଛତ୍ରିଆ, ବଡବାହାଲ ସରପଞ୍ଚ ଜ୍ୟୋତ୍ସ୍ନାମୟୀ ରଣା, ଉଡାର ସରପଞ୍ଚ ପଞ୍ଚମୀ ଦୀପ, ସ୍ଥାନୀୟ ୟୁଜିବି ଶାଖା ପରିଚାଳକ ଅନନ୍ତ କୁମାର ଦାଶ, ବନ୍ଧପଡା ଶାଖା ପରିଚାଳକ ସୁଶାନ୍ତ କୁମାର ଭୋଇ ଓ ତୁଷୁରା ଏସ୍‌ବିଆଇ ପରିଚାଳକ ସତ୍ୟଜିତ ଭୋଇ ଯୋଗଦେଇଥିଲେ। ଏହି ଅବସରରେ ବ୍ଲକର ୧୨୬ ଗାଁର ୬୩୮ ଏସ୍‌ଏଚ୍‌ଜିକୁ ସୁଧ ରିହାତି ବାବଦକୁ ୧୩ ଲକ୍ଷ ୧୫ ହଜାର ଟଙ୍କା ପ୍ରଦାନ କରାଯିବା ସହ ୟୁନିଫର୍ମ ଓ ବ୍ଲେଜର ବାବଦକୁ ଟଙ୍କା ଦିଆଯାଇଥିଲା। ଏହାସହ ରାଜ୍ୟ ସରକାରଙ୍କ ପକ୍ଷରୁ ଜିରୋ ପ୍ରତିଶତ ସୁଧରେ ୫ଲକ୍ଷରୁ ୧୦ଲକ୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ଅବଗତ କରାଯାଇଥିଲା। ମିଶନଶକ୍ତିର ବିପିସି ଭକ୍ତିଭୂଷଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକସ୍ତରୀୟ ବନାଗ୍ନି ସଚେତନତା ଶିବିର

ଲୋଇସିଂହା, ୨୭।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ବନାଗ୍ନି ରୋକିବାକୁ ନେଇ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ପାଉଲ ହରପାଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ମୁଖ୍ୟ ଅତିଥି, ସ୍ଥାନୀୟ ସରପଞ୍ଚ ନବକିଶୋର ନାଏକ, ଅଗ୍ନିଶମ କର୍ମଚାରୀ ସୁଶାନ୍ତ ସାମଲ ସମ୍ମାନୀତ ଅତିଥି ଏବଂ ଅବସରପ୍ରାପ୍ତ ରେଞ୍ଜ ଅଫିସର ରଘୁନାଥ ପାଢି ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। କେନ୍ଦୁପତ୍ର, ଲଘୁବନଜାତ ଦ୍ରବ୍ୟ ସଂଗ୍ରହ ସମୟରେ ଲୋକେ ପତରା ଜଙ୍ଗଲରେ ନିଆଁ ଲଗାଇ ଦେଇଥାନ୍ତି। ନିଆଁଲାଗି ଜଙ୍ଗଲ କ୍ଷୟ ହେବା ସହ ଔଷଧିୟ ଗୁଳ୍ମଲତା ଓ ବନ୍ୟପ୍ରାଣୀ ପୋଡି ଯାଇଥାନ୍ତି। ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଜଙ୍ଗଲରେ ନିଆଁ ବୃଦ୍ଧି ପରିବେଶ ଉତ୍ତପ୍ତ ରହୁଥିବାର ମାନବ ସମାଜକୁ ମଧ୍ୟ ନାହିଁ ନ ଥିବା ଆସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ । ଏହାର ପ୍ରତିକାର ପାଇଁ ଜଙ୍ଗଲ ସୁରକ୍ଷା ସମିତି ସହ ଲୋକେ ସଚେତନ ହୋଇ ବନାଗ୍ନିକୁ କିପରି ରୋକା ଯାଇପାରିବ ଚେଷ୍ଟା କରିବାକୁ ଅତିଥିମାନେ କହିଥିଲେ । ବନପାଳ ବାବୁଲା ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ଏସି ତାଲିକାରୁ କେଉଁଟ, କୈବର୍ତ୍ତ୍ୟ, ଧୀବରଙ୍କୁ ହଟାଅ

ପାଟଣାଗଡ,୨୭।୨(ସଚ୍ଚିଦାନନ୍ଦ ମହାକୁର)

ଅନୁସୂଚିତ ଜାତି ତାଲିକାରୁ କେଉଁଟ, କୈବର୍ତ୍ତ୍ୟ, ଧୀବରଙ୍କୁ ତୁରନ୍ତ ହଟାଅ। ଏହିଭଳି ଦାବି କରିଛି ପାଟଣାଗଡ ଲକ୍ଷେଘର ଗଣ୍ଡା ସମାଜ, ଛଅକୋର ଘାସି ସମାଜ ଓ ରୋହିଦାସ ସମାଜ। ମଙ୍ଗଳବାର ଗଡଭିତର ଯାତ୍ରା ପଡିଆରୁ ଏହି ତିନି ସମାଜର କର୍ମକର୍ତ୍ତା ଶୋଭାଯାତ୍ରାରେ ସଂଘ ସଭାପତି ଡିଗସନ ନନ୍ଦ, ସମ୍ପାଦକ ଜୟନ୍ତ କୁମ୍ଭାରଙ୍କ ନେତୃତ୍ୱରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ଯାଇଥିଲେ। ସେଠାରେ ଏକ ପ୍ରତିବାଦ ସଭା କରିବା ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ଅମିତ ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଆନ୍ଦୋଳନକାରୀଙ୍କ କହିବା ମୁତାବକ ୨୦୦୨ ମସିହାରେ କେଉଁଟ, କୈବର୍ତ୍ତ ଓ ଧୀବର ସମ୍ପ୍ରଦାୟର ଲୋକେ ଦେୱାର ଜାତିର ବୋଲି ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବା ପରେ ଅନୁସୂଚିତ ଜାତି ତାଲିକାରେ ସ୍ଥାନ ପାଇଥିଲେ। ହେଲେ ପ୍ରକୃତରେ ସେମାନେ ଦେୱାର ଜାତିର ନୁହନ୍ତି। ଏମାନେ ଅନୁସୂଚିତଜାତି ତାଲିକାରେ ଅନ୍ତର୍ଭୁକ୍ତ ହେଲାପରେ ଆମ ପାଇଁ ଥିବା ବିଭିନ୍ନ କୋଟାର ଭାଗିଦାର ହେଉଛନ୍ତି। ଏଦିଗରେ ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ। କେକେଡି ହଟାଅର ସଂଯୋଜକ ଡିଙ୍ଗର କୁମ୍ଭାର, ଏଲଡିଏର ମୁଖ୍ୟ ଲବ ସୁନା, ଧନେଶ୍ୱର ନାଗ ପ୍ରମୁଖ ଉପସ୍ଥିତ ଥିଲେ।


ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

# ୨୯ରେ ୧୨ଘଣ୍ଟା ଲାଠୋର ବନ୍ଦ

ଲାଠୋର,୨୭।୨(ଭୁବନେଶ୍ୱର ବାରିକ)


ବୈଠକରେ ଉପସ୍ଥିତ ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା।

**ଲାଠୋରକୁ ମିଳିଲାନି ଏନଏସି ମାନ୍ୟତା**

ବଲାଙ୍ଗୀର ଜିଲା ଲାଠୋରକୁ ଏନଏସି ମାନ୍ୟତା ଦେବାକୁ ଦୀର୍ଘଦିନହେବ ଦାବି ହୋଇ ଆସୁଛି। ହେଲେ ରାଜ୍ୟ ସରକାରଙ୍କ ସଦ୍ୟ ଘୋଷିତ ତାଲିକାରେ ଲାଠୋରର ନାମ ନାହିଁ। ଏହକୁ ନେଇ ଲାଠୋର ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଆଗାମୀ କାର୍ଯ୍ୟପନ୍ଥା ସ୍ଥିର ପାଇଁ ମଙ୍ଗଳବର ଲାଠୋର ଏନଏସି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ବୈଠକ ସଭାପତି ଭୋଜରାଜ ମେହେରଙ୍କ ଅଧ୍ୟକ୍ଷତାରେ ଅଗ୍ରସେନ ଭବନରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇ ମତ ରଖିଥିଲେ । ଲାଠୋର ଏନଏସି ମାନ୍ୟତା ପାଇବା ପାଇଁ ସମସ୍ତ ପ୍ରକାର ଯୋଗ୍ୟତା ରହିଥିବା ବେଳେ ସରକାରୀସ୍ତରରେ ଏଥିପ୍ରତି କର୍ଣ୍ଣପାତ କରାଯାଇନାହିଁ। ଦୁଇବର୍ଷ ତଳେ ଲାଠୋର ଗ୍ରାମବାସୀ ଏନଏସି କ୍ରିୟାନୁଷ୍ଠାନ କମିଟି ଗଠନ କରି ଦାବି ସମ୍ପର୍କରେ ପାଟଣାଗଡ ବିଧାୟକଙ୍କଠାରେ ଦାବି ଉପସ୍ଥାପନ କରିଥିଲେ। ଲୋକଙ୍କ ଦାବି ଅନୁସାରେ ବିଧାୟକ ଲାଠୋରକୁ ଏନଏସି ମାନ୍ୟତା ପ୍ରଦାନ ପାଇଁ ସରକାରଙ୍କ ନିକଟରେ ଦାବି ରଖିଥିଲେ। ବିଧାନ ସଭାର ଗତ ଶୀତ ଅଧିବେଶନ ପ୍ରଶ୍ନ କାଳରେ ନର୍ଲା ବିଧାୟକ ଭୂପିନ୍ଦର ସିଂହ ପ୍ରଶ୍ନର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ଉଷା ଦେବୀ ରାଜ୍ୟର ୨୨ଜିଲାର ୫୫ ନୂତନ ଏନଏସି ଗଠନ ପାଇଁ ପ୍ରସ୍ତାବ ସରକାରଙ୍କ ହସ୍ତଗତ ହୋଇଥିବା କହିଥିଲେ। ସେହି ତାଲିକାର କ୍ରମିକ ସଂଖ୍ୟା ୧୪ରେ ଲାଠୋର ନାମଥିଲା। ହେଲେ ନିକଟରେ ଘୋଷିତ ତାଲିକାରେ ସରକାର ଲାଠୋରକୁ ଉପେକ୍ଷା କରିଛନ୍ତି ବୋଲି ବୈଠକରେ କୁହାଯାଇଥିଲା। ଏହାର ପ୍ରତିବାଦରେ ଆନ୍ଦୋଳନ ହିଁ ଶେଷ ଅସ୍ତ୍ର ବୋଲି ମତପ୍ରକାଶ ପାଇଥିଲା। ବୈଠକରେ ଜୟ ମା’ ବାସ୍ରେନ ଓଡ଼ିଆ ବଣିକ ସଂଘ ଉପସଭାପତି ଜିସ୍ମନ୍ତ ମେହେର, ସାବାସ ସଂଗଠନ ସମ୍ପାଦକ ରାହୁଲ ସୋନି, ଚ୍ୟାମ୍ବର ଅଫ କମର୍ସ ସମ୍ପାଦକ ନବୀନ ଅଗ୍ରୱାଲ, ୟୁଥ ଏସଟି ସଭାପତି ରୋହିତ ଶବର, ବିକାଶ ସଂଘ ସଭାପତି ସୁବାସ ମେହେର, କୋଶଳ ମୁକ୍ତିମୋର୍ଚ୍ଚା ସଭାପତି ଗୌରିଶଙ୍କର ଥନାପତି, କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚା ରାଜ୍ୟ ଆବାହକ କାଶୀନାଥ ମେହେର, ଦୁର୍ଗା ପୂଜା କମିଟି ସଭାପତି ଉମେଶ ଭଇଁସାଲ, ପୂର୍ବତନ ସରପଞ୍ଚ ସନ୍ତୋଷ ଭଇଁସାଲ ଏବଂ ପ୍ରବୀଣ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ୨୯ତାରିଖ ଗୁରୁବାର ଲାଠୋରରେ ସକାଳ ୬ଟାରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଜରୁରୀକାଳୀନ ସେବାକୁ ଛାଡ଼ି ଦୋକାନ ବଜାର, ଗାଡ଼ି ମୋଟର ଚଳାଚଳ ବନ୍ଦ ପାଇଁ ନିଷ୍ପତ୍ତି ନିଆଯାଇଛି।

## ସଂକ୍ଷେପରେ

### ବର୍ଷାରେ ଝଡ଼ିଲା ଆମ୍ବ ବଉଳ

ବରଗଡ଼,୨୭।୨(ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ମଙ୍ଗଳବାର ରାତିରେ ପ୍ରବଳ ବର୍ଷା ହୋଇଥିଲା। ବରଗଡ଼ ସହରରେ ରାତି ପ୍ରାୟ ୮ଟା ୪୦ମିନିଟ୍‌ରୁ ୨୦ମିନିଟ ଧରି ବର୍ଷା ଲାଗି ରହିଥିଲା। ପଦ୍ମପୁର ଉପଖଣ୍ଡରେ ମଧ୍ୟ ବର୍ଷା ହୋଇଥିବା ସୂଚନା ମିଳିଛି। ଝଡ଼ବତାସ ଏବଂ ବର୍ଷା ପ୍ରଭାବରେ ଆମ୍ବଗଛରୁ ବଉଳ ଝଡ଼ି ପଡ଼ିଛି। ଏଭଳି ବର୍ଷା ଲାଗି ରହିଲେ ଏଥର ଆମ୍ବ ଅମଳ ହ୍ରାସ ପାଇବ ବୋଲି ଚାଷୀମାନେ ଆଶଙ୍କା କରିଛନ୍ତି। ବର୍ଷା ଯୋଗୁ ବିଭିନ୍ନ ପରିବା ମଧ୍ୟ ପ୍ରଭାବିତ ହୋଇଛି ।

### ରାସ୍ତା ନିର୍ମାଣର ଶିଳାନ୍ୟାସ

ବରଗଡ଼,୨୭।୨(ପ୍ରେମାନନ୍ଦ ଖମାରୀ): ବରଗଡ଼ବ୍ଲକଅନ୍ତର୍ଗତଏସ.ଡୁମ୍ବେରପାଲିରୁ କଟାପାଲି ପଞ୍ଚାୟତର ବାଞ୍ଜିପାଲି ପର୍ଯ୍ୟନ୍ତ ରାସ୍ତା ନିର୍ମାଣର ଶିଳାନ୍ୟାସ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବିଧାୟକ ଦେବେଶ ଆଚାର୍ଯ୍ୟ ଶିଳାନ୍ୟାସ କରିଥିଲେ। ଜିଲା ପରିଷଦ ସଭ୍ୟା ପ୍ରଭାସିନୀ ପ୍ରଧାନ, ଏସ୍. ଡୁମ୍ବେରପାଲି ସରପଞ୍ଚ ଯୋଗେଶ୍ୱର ସାହୁ, କଟାପାଲି ସରପଞ୍ଚ ଗଙ୍ଗାଧର ଦାଶ, ସମିତି ସଭ୍ୟା ଚମ୍ପା ସାହୁ, ଦୟାସାଗର ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।

### ଭାଜପାରେ ମିଶିଲେ ବିଜେଡି କର୍ମୀ

ପାଇକମାଳ,୨୭।୨(ବଡ ଶତପଥୀ): ନିର୍ବାଚନ ଯେତେ ପାଖେଇ ଆସୁଛି, ରାଜନୈତିକ ଉଷ୍ମତା ଧୀରେ ଧୀରେ ବଢ଼ିବାରେ ଲାଗିଛି। ପ୍ରତିଦିନ ବିଭିନ୍ନ ରାଜନୈତିକ ଦଳରେ ମିଶ୍ରଣ ପର୍ବ ଅନୁଷ୍ଠିତ ହେଉଛି। ଏହି କ୍ରମରେ ବରଗଡ ଜିଲା ପାଇକମାଳ ବ୍ଲକ ଝାରବନ୍ଧ ପଞ୍ଚାୟତ ପତ୍ରାଗୁଡା ଗ୍ରାମର ବହୁ ବିଜେଡି କର୍ମୀ ଭାଜପାରେ ଯୋଗ ଦେଇଛନ୍ତି। ସେମାନେ ମଙ୍ଗଳବାର ପାଇକମାଳସ୍ଥିତ ଦଳୀୟ କାର୍ଯ୍ୟାଳୟକୁ ଆସି ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତଙ୍କ ଉପସ୍ଥିତିରେ ଭାଜପାରେ ସାମିଲ ହୋଇଥିଲେ। ଭାଜପାରେ ସାମିଲ ହୋଇଥିବା କର୍ମୀଙ୍କ ମଧ୍ୟରେ ବିଜେଡି କର୍ମୀ ତଥା ଝାରବନ୍ଧ ଗାଁ କମିଟି ସଭାପତି ନିମାଇଁ ବିଶ୍ୱାଲଙ୍କ ସମେତ ରାମସିଂ ମଲ୍ଲିକ, ଭଜନ ଭୁଏ, ସୁରସେନ ଭୁଏ, ଭଗନେରାଜ ମଲ୍ଲିକ, ବୈଷ୍ଣବ ମଲ୍ଲିକ, ବେଲାରସେନ ମଲ୍ଲିକ, ଭଗବାନ ମଲ୍ଲିକ, ଦୁଲାରାମ ମଲ୍ଲିକ, ମୁରଲି ମାଝୀ ପ୍ରମୁଖ ରହିଛନ୍ତି। ମିଶ୍ରଣ ପର୍ବରେ ବରଗଡ ଜିଲା ଭାଜପା ଉପ ସଭାପତି ସରୋଜ ସାମଲ, ପାଇକମାଳ ମଣ୍ଡଳ ସଭାପତି କୈଳାଶ ଦିଶ୍ରୀ, ମାଣ୍ଡୋସିଲ ମଣ୍ଡଳ ସଭାପତି ସଞ୍ଜୟ ବେହେରା, ମାଣ୍ଡୋସିଲ ମଣ୍ଡଳ ପ୍ରଭାରୀ ଡା. ଲମ୍ବୋଦର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।




ଶୋଭାଯାତ୍ରାରେ ଚାଷୀମାନେ ଜିଲାପାଳଙ୍କ ଅଫିସକୁ ଯାଉଛନ୍ତି ।



ଜିଲାପାଳଙ୍କ ଅଫିସ ଆଗରେ ଚାଷୀଙ୍କ ଧାରଣା ।

# ଚାଷୀଙ୍କ ବିକ୍ଷୋଭ ଶୋଭାଯାତ୍ରା

- ଜିଲାପାଳଙ୍କ ଅଫିସ ଆଗରେ ଗର୍ଜିଲେ
- ୭ ଦଫା ଦାବିରେ ସ୍ମାରକପତ୍ର ପ୍ରଦାନ
- ବିଭିନ୍ନ ସଙ୍ଗଠନର ସମର୍ଥନ

ବରଗଡ଼,୨୭।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଚାଷ ଓ ଚାଷୀ ସମସ୍ୟା ଅସମାହିତ ହୋଇ ରହିଛି। ଏହାକୁ ନେଇ ଜିଲାରେ ଅସନ୍ତୋଷ ବଢ଼ିବାରେ ଚାଲିଛି। କୃଷିକ୍ଷେତ୍ରକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅଣଦେଖା କରୁଛନ୍ତି। ଏଭଳି ଅଭିଯୋଗ କରି ଚାଷୀ ଚାଷ ଛାଡ଼ି ଆନ୍ଦୋଳନ ମୁହାଁ ହୋଇଛନ୍ତି। ଏହି କ୍ରମରେ ମଙ୍ଗଳବାର ସଂଯୁକ୍ତ କୃଷକ ସଙ୍ଗଠନ, ବରଗଡ଼ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀ ଚେତାବନୀ ବିକ୍ଷୋଭ ସମାବେଶ ହୋଇଥିଲା। ପରେ ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଉଦ୍ଦେଶ୍ୟରେ ସଙ୍ଗଠନ ପକ୍ଷରୁ ୭ ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ସ୍ମାରକପତ୍ର ଗ୍ରହଣ କରିଥିଲେ।

ଧାନ ଅମଳ ସମୟରେ ମିଗ୍‌ଜୋମ ପ୍ରଭାବରେ ଅଦିନିଆଁ ବର୍ଷା ହୋଇଥିଲା। ଏଥିରେ ଜିଲାରେ ବ୍ୟାପକ ଫସଲକ୍ଷତି ହୋଇଥିଲା। ମାତ୍ର ଚାଷୀଙ୍କୁ ବୀମା କ୍ଷତିପୂରଣ କିମ୍ବା ଇନପୁଟ୍ ସବ୍‌ସିଡ଼ି ପ୍ରଦାନରେ ବୀମା କମ୍ପାନୀ ଏବଂ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି। ଅଦିନିଆଁ ବର୍ଷା ଯୋଗୁ ଜିଲାରେ ୪୧ହଜାର ହେକ୍ଟର ଜମିରେ ୩୩ ପ୍ରତିଶତରୁ ଊର୍ଦ୍ଧ୍ୱ କ୍ଷତି ହୋଇଥିବା ବିଭାଗୀୟ ଅଧିକାରୀମାନେ ଆକଳନ କରିଥିଲେ ଏବଂ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେଇଥିଲେ। କିନ୍ତୁ ମାତ୍ର ୪୦୦ ହେକ୍ଟର ଜମିରେ ଫସଲକ୍ଷତିର କ୍ଷତିପୂରଣ ଦିଆଯିବା ଦୁର୍ଭାଗ୍ୟଜନକ ବୋଲି ସଂଯୁକ୍ତ କୃଷକ ସଙ୍ଗଠନର ଚାଷୀ ପ୍ରତିନିଧିମାନେ କହିଛନ୍ତି।

ଅଦିନିଆଁ ବର୍ଷାରେ କ୍ଷତିଗ୍ରସ୍ତ ସମସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ସଙ୍ଗଠନ ଦାବି କରିଛି। ସେହିପରି ଫସଲକ୍ଷତିର ୧୦ଦିନ ମଧ୍ୟରେ କ୍ଷୟକ୍ଷତି ଆକଳନ କରି ୧୫ଦିନ ମଧ୍ୟରେ କ୍ଷତିପୂରଣ ଦେବାର ବିଧି ବ୍ୟବସ୍ଥା ରହିଛି। ମାତ୍ର ଫସଲକ୍ଷତିର ୨ମାସ ପରେ ସୁଦ୍ଧା କ୍ଷତିପୂରଣ ମିଳିନାହିଁ। ଫଳରେ ତୁରନ୍ତ ତାହା ପ୍ରଦାନ କରିବାକୁ ଦାବି ହୋଇଛି। ବିଧାନସଭାରେ ଧାନ କୁଇଣ୍ଟାଲ ପ୍ରତି ୨୯୩୦ ଟଙ୍କା କରିବା ପାଇଁ ସର୍ବଦଳୀୟ ବୈଠକରେ ଦୀର୍ଘଦିନରୁ ପ୍ରସ୍ତାବ ପାରିତ ହୋଇଥିବାବେଳେ ଶାସନକୁ ଆସିବା ପୂର୍ବରୁ କେନ୍ଦ୍ରର ମୋଦି ସରକାର ସ୍ୱାମୀନାଥନ କମିଶନ ଲାଗୁ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ୨ଗୁଣା ହେବ ବୋଲି ସେ କହିଥିଲେ। ମାତ୍ର ଏପର୍ଯ୍ୟନ୍ତ ମୋଦି ସରକାର ତାକୁ କାର୍ଯ୍ୟକାରୀ କରିପାରି ନ ଥିବାବେଳେ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)କୁ ଆଇନଗତ ମାନ୍ୟତା ଦାବିରେ ଆନ୍ଦୋଳନକୁ ଓହ୍ଲାଇଥିବା ଚାଷୀଙ୍କ ଉପରେ ଜୁଲୁମ କରାଯାଉଥିବା ଅଭିଯୋଗ ହୋଇଛି।

ଧାନର କଟନୀଛଟନୀ ବନ୍ଦ କରି ଏମ୍‌ଏସ୍‌ପି କୁଇଣ୍ଟାଲ ପ୍ରତି ୪ହଜାର ଟଙ୍କା କରାଯିବା, ରାଜ୍ୟ ସରକାର ଅଧିକ ୧ହଜାର ଟଙ୍କା ଲେଖାଏଁ ବୋନସ ଦେବା, ସମସ୍ତ ଚାଷୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ଋଣ ଛାଡ଼ କରିବାକୁ ମଧ୍ୟ ସଙ୍ଗଠନ ଦାବି କରିଛି। ଏହା ସହିତ ବକେୟା ବିଦ୍ୟୁତ୍ ବିଲ୍ ସମ୍ପୂର୍ଣ୍ଣ ଛାଡ଼ କରିବା, ପ୍ରତି ମାସରେ ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ ଯୋଗାଣ, ଜଙ୍ଗଲୀ ଜନ୍ତୁଙ୍କ ଦ୍ୱାରା ହେଉଥିବା ଫସଲକ୍ଷତିର କ୍ଷତିପୂରଣ ପ୍ରଦାନ, ଚାଷ ପାଇଁ ବିଦ୍ୟୁତ୍ ବିଲ୍ ଜଳକର ଆଧାରରେ ନେବାକୁ ଦାବି କରାଯାଇଛି। ଆସନ୍ତା ୭ଦିନ ମଧ୍ୟରେ ଦାବି ପୂରଣ କରା ନ ଗଲେ ସାଧାରଣ ନିର୍ବାଚନ ନାମାଙ୍କନ ଦାଖଲ ପୂର୍ବରୁ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସଙ୍ଗଠନ ଚେତାବନୀ ଦେଇଛି।

ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ପ୍ରବକ୍ତା ସରୋଜ ମହାନ୍ତି, ଦେବେନ୍ଦ୍ର ପ୍ରଧାନ, କଳାହାଣ୍ଡିର ଲିଙ୍ଗରାଜ ଆଜାଦ, ବଲାଙ୍ଗୀରର ବାଳକୃଷ୍ଣ ଷଣ୍ଢ, ସଂଯୁକ୍ତ କୃଷକ ସଙ୍ଗଠନର ଅଜିତ ଶତପଥୀ, ପଞ୍ଚାନନ ସାହୁ, ଲିଙ୍ଗରାଜ ପ୍ରଧାନ, ବୈକୁଣ୍ଠ ଭୋଇ, ନରେନ୍ଦ୍ର ଭୋଇ, ସୁଦାମ ପାତ୍ର, ବିରେନ କର, ଥବିର ସାହୁ, ଈଶାନ୍ତ ଭୋଇ, ମୁରଲୀ ଭୋଇ, ଅରବିନ୍ଦ ପଣ୍ଡା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଉପେନ୍ଦ୍ର କୁମାର ଭୋଇ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ରମେଶ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଞ୍ଜୟ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ସଂକଳ୍ପ ପରିବାର, କୋଶଳ ସେନା, ଓକିଲ ସଂଘ ସମେତ ବିଭିନ୍ନ ଅନୁଷ୍ଠାନ ସମାବେଶକୁ ସମର୍ଥନ କରିଥିଲେ। ଚାଷୀମାନେ ସ୍ଥାନୀୟ ନିଶାମଣି ସ୍କୁଲ ସମ୍ମୁଖ ଲୋକମଣ୍ଡପ ପଡ଼ିଆରେ ଏକାଠି ହେବା ପରେ ଏକ ବିଶାଳ ରାଲିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ଆସି ବିକ୍ଷୋଭ ପ୍ରଦର୍ଶନ ସହିତ ଧାରଣାରେ ବସିଥିଲେ।

### ବହୁମୁଖୀ ଭବନର ଶିଳାନ୍ୟାସ ସମାରୋହ

ବରଗଡ଼,୨୭।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୧୨ରେ ରହିଥିବା ଦାନୀକଟା ସନ୍ନିକଟ ୱାର୍ଡବାସୀଙ୍କ ବ୍ୟବହାର ଉପଯୋଗୀ ବହୁମୁଖୀ ଭବନ ନିର୍ମାଣର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏହାର ଶିଳାନ୍ୟାସ କରିଥିଲେ। ପୌର ପରିଷଦ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା କଳ୍ପନା ମାଝି, ଉପନଗରପାଳ ରାଜେଶ ଅଗ୍ରୱାଲ, କାଉନସିଲର ଶାରଳା ବଗର୍ତ୍ତି, ରାଜକିଶୋର ଦାଶ, ଉମାଚରଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ରାହ୍ମଣ ସମାଜର ସାମୂହିକ ବ୍ରତୋପନୟନ

ପଦ୍ମପୁର,୨୭।୨(ପ୍ରଦୀପ୍ତ ଦାଶ)

ପଦ୍ମପୁର ବ୍ରାହ୍ମଣ ସମାଜ କଲ୍ୟାଣ ମଣ୍ଡପରେ ମଙ୍ଗଳବାର ସାମୂହିକ ବ୍ରତୋପନୟନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ କର୍ତ୍ତା ଭାବେ ଅଖିଳ ପୁରୋହିତ ଏବଂ ସ୍ତ୍ରୀ ଭାରତୀ ପୁରୋହିତ ଯୋଗ ଦେଇଥିଲେ। ଏହି ଅବସରରେ ସମାଜର ବାର୍ଷିକ ସାଧାରଣ ସଭା ସଭାପତି ଜୟନାରାୟଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କର୍ମକାଣ୍ଡୀ ସଭାପତି କାହ୍ନୁ ଚରଣ ଦାଶ, ଗାୟତ୍ରୀ ବାହିନୀ ସଭାନେତ୍ରୀ ଜିତେଶ୍ୱରୀ ଦାଶ, ପର୍ଶୁରାମ ବାହିନୀ ସଭାପତି ଭରତ ପଣ୍ଡା ମଞ୍ଚାସୀନ ହୋଇଥିଲେ। ସହ ସମ୍ପାଦକ ଶ୍ରୀମାନ ସୁରେଶ ପତି ବାର୍ଷିକ ବିବରଣୀ ପଠନ କରିଥିଲେ। ଅଧ୍ୟାପକ ଦିବ୍ୟ କିଶୋର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଗ୍ରାହୀ ଭଞ୍ଜନ ପାଣିଗ୍ରାହୀ ମୁଖ୍ୟ ପୂଜକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମରେ ପର୍ଶୁରାମ ବାହିନୀ, ଗାୟତ୍ରୀ ବାହିନୀ ଏବଂ କର୍ମକାଣ୍ଡୀ ସମାଜ ପଦ୍ମପୁରର ସମସ୍ତ କାର୍ଯ୍ୟକର୍ତ୍ତାମାନେ ସହଯୋଗ କରିଥିଲେ।

## କଠିନ ପରିଶ୍ରମ ସଫଳତାର ଚାବିକାଠି

ଭେଡ଼େନ,୨୭।୨(ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ବସେଇକେଲାର ଐତିହାସିକ ପର୍ଯ୍ୟଟନସ୍ଥଳୀ ମନୋହର ସିଂ ଗଡ଼ ପାଦଦେଶରେ ଥିବା ବାଲିଯାତ୍ରା ପଡ଼ିଆଠାରେ ଗୁରୁପାଲି, ବସେଇକେଲା ଓ କଟାପାଲି ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ନିର୍ମିତ ହନୁମାନ, ରାଧାକୃଷ୍ଣ ଏବଂ ମହାକାଳେଶ୍ୱର ମନ୍ଦିରର ରତ୍ନମୁଦ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକ ବିଜେଡ଼ି ସଭାପତି ହରିଶଙ୍କର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ



ଉତ୍ସବରେ ମଞ୍ଚାସୀନ ନିମନ୍ତ୍ରିତ ଅତିଥିଗଣ ।

ମୁଖ୍ୟ ଅତିଥି ଭାବେ ଯୋଗଦେଇ କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏମ୍‌ପି ଡ଼. ପ୍ରଭାସ ସିଂ, ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧ୍ୟକ୍ଷ ଡୋଲାମଣି ଖେତି, ଜିଲା ପରିଷଦ ସଭ୍ୟା ପଦ୍ମିନୀ ଗଡ଼ତିଆ, ପିଙ୍କି ବଢେଇ, ବ୍ଲକ ସଭାନେତ୍ରୀ ନମିତା ସୁନା, ସରପଞ୍ଚ ଉଦ୍ଧବ ବାରିକ, ସୁବଳ ପଧାନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ପଣ୍ଡିତ ଦୈତାରି ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ରତ୍ନମୁଦ ଉତ୍ସବରେ ଅତିଥିମାନେ ମନ୍ଦିର ଚୂଡ଼ାରେ ଧାନ୍ୟ, ରୂପା, ଅଷ୍ଟଧାତୁ ଦେଇଥିଲେ। ପଣ୍ଡିତ ଅଶ୍ୱିନୀ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୂଜା ଏବଂ ଯଜ୍ଞରେ ଭୀଷ୍ମଦେବ ପଧାନ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପାଣ୍ଡବ କର୍ଣ୍ଣ ସସ୍ତ୍ରୀକ ଅନ୍ନପ୍ରସାଦଦାତା ସହକର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଓଡ଼ିଶା ମୋ ପରିବାର ସଂଯୋଜକ ଗୌରହରି ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୪୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ନନ୍ଦିନୀପୁର ଓ ନିଧେନପାଲି ଗ୍ରାମର ମହିଳା ସଂକୀର୍ତ୍ତନ ଦଳ ବୈଠକୀ କୀର୍ତ୍ତନ ପରିବେଷଣ କରିଥିଲେ। କିଶୋର ରାଏ ଧନ୍ୟବାଦ ଅର୍ପଣ କରିଥିଲେ।

## ମହାଶିବରାତ୍ରି ପାଇଁ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ମନ୍ଦିର କମିଟି କର୍ମକର୍ତ୍ତା ।

ସରଣ୍ଡା,୨୭।୨(ଯୁଧିଷ୍ଠିର ମହାପାତ୍ର )

ବରଗଡ଼ ଜିଲା ଅତାବିରା ବ୍ଲକର ଅଷ୍ଟଶମ୍ଭୁ ବିଶ୍ୱେଶ୍ୱର ଶୈବ ପୀଠରେ ମହା ଶିବରାତ୍ରି ପାଇଁ ମଙ୍ଗଳବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ପରିଚାଳନା କମିଟି ସଭାପତି ସଚ୍ଚିଦାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ବିନୋଦ ମେହେର, କୋଷାଧ୍ୟକ୍ଷ ପ୍ରମୋଦ ମହାପାତ୍ର, ସଂଯୋଜକ ମନୋଜ ମହାପାତ୍ର, ଯୁଧିଷ୍ଠିର ମହାପାତ୍ର, ରତ୍ନାକର ମହାପାତ୍ର, ମୁକ୍ତେଶ୍ୱର ମହାପାତ୍ର, ଲବ ମହାପାତ୍ର, ରବିନ ଗଡତିଆ, ଶ୍ୟାମସୁନ୍ଦର ପଧାନ, ମଧୁସୂଦନ ମହାପାତ୍ର, ଅବଧୂତ ମହାପାତ୍ର, ଅଗ୍ନି ମହାପାତ୍ର, ତରଣୀ ମହାପାତ୍ର, ସୁଦାମ ମହାପାତ୍ର, ଟିକୁ ମହାପାତ୍ର ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ଆସନ୍ତା ମାର୍ଚ୍ଚ ୮ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ମହା ଶିବରାତ୍ରି ପାଇଁ ମାର୍ଚ୍ଚ ୪ ତାରିଖରେ ଶୁଭସ୍ତମ୍ଭ ସ୍ଥାପନ କରିବାକୁ ସ୍ଥିର କରାଯାଇଥିଲା। ଶିବରାତ୍ରି ଦିନ ପାହାନ୍ତିଆ ସମୟରେ ମନ୍ଦିର ଦ୍ୱାର ଖୋଲାଯାଇ ପୂଜକ ପ୍ରଥମେ ବାବା ବିଶ୍ୱେଶ୍ୱରଙ୍କୁ ଗଙ୍ଗା ଜଳରେ ସ୍ନାନ କରାଇ ବିଧିମୁତାବକ ପୂଜାର୍ଚ୍ଚନା କରିବେ। ପରେ ଭକ୍ତଙ୍କ ପାଇଁ ଦର୍ଶନ ସୁଯୋଗ ମିଳିବ। ପୂର୍ବାହ୍ନ ସାଢେ ୧୦ଟାରେ ବିଶ୍ୱେଶ୍ୱର ବାବାଙ୍କ ପୀଠରୁ ଚନ୍ଦ୍ରଶେଖର ସରଣ୍ଡା ଗ୍ରାମ ପରିକ୍ରମା ପାଇଁ ଏକ ଭବ୍ୟ ଶୋଭାଯାତ୍ରାରେ ବାହାରିବେ। ଏଥିରେ ଘେଁସର ଘଣ୍ଟବାଦ୍ୟ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ବାବା ଚନ୍ଦ୍ରଶେଖର ଗ୍ରାମ ପରିକ୍ରମା କରି ଫେରିବା ପରେ ସନ୍ଧ୍ୟା ୬ଟାରେ ୪ ପ୍ରହର ପୂଜା ଆରମ୍ଭ ହେବ। ପ୍ରତି ପ୍ରହର ପୂଜାପାଠ ପରେ ୧୦୮ ଆଳତି ଅର୍ପଣ କରାଯିବ। ଏହାପରେ ହୋମ ପୂର୍ଣ୍ଣାହୁତି ପଡି ମହାଦୀପ ମନ୍ଦିର ଶିଖରକୁ ଚଢ଼ାଯିବ। ସନ୍ଧ୍ୟାରେ ଜମୁର୍ଡା ଓ ଥୁଆପାଲି କୁଶନପୁରୀ ଗ୍ରାମର ମହିଳା କୃଷ୍ଣଗୁରୁ ଦଳ ଭଜନ କୀର୍ତ୍ତନ ପରିବେଷଣ କରିବେ। ରାତିରେ ଅତାବିରାର ନାଟରାଜ କଳା ପରିଷଦ ପକ୍ଷରୁ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ।

## ବିଜୁ ସେତୁର ଶିଳାନ୍ୟାସ କଲେ ବିଧାୟିକା

ଭେଡେନ,୨୭।୨(ସୁଦନ ମହାକୁର)

ବରଗଡ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ ବସେଇକେଲା ଏବଂ ଗୁରୁପାଲିକୁ ସଂଯୋଗ କରୁଥିବା ନାଳରେ ରାଜ୍ୟ ସରକାରଙ୍କ ବିଜୁ ସେତୁ ଯୋଜନାରେ ସେତୁ ନିର୍ମାଣ ପାଇଁ ମଙ୍ଗଳବାର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକ ବିଜେଡି ସଭାପତି ହରିଶଙ୍କର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିଳାନ୍ୟାସ କରିଥିଲେ। ଏହି ପୋଲ ନିର୍ମାଣ ପାଇଁ ୨,୮୫,୨୯୩୭ ଟଙ୍କା ମଞ୍ଜୁର କରାଯାଇଛି। ଏହି ନାଳରେ ବ୍ରିଜ ନିର୍ମାଣ ହେଲେ ବର୍ଷାଦିନରେ ଅଞ୍ଚଳର ଚାଷୀ, ବ୍ୟବସାୟୀ, ଜନସାଧାରଣ ସୁବିଧାରେ ଯାତାୟାତ କରିପାରିବେ। ପୂର୍ବତନ ଏମ୍‌ପି ଡା. ପ୍ରଭାସ ସିଂ, ଓଡ଼ିଶା ମୋ ପରିବାରର ସଂଯୋଜକ ଗୌରହରି ମିଶ୍ର, ଜିଲା ପରିଷଦ ସଭ୍ୟା ପଦ୍ମିନୀ ଗଡତିଆ, ପିଙ୍କି ବଢେଇ, ସରପଞ୍ଚ ଉଦ୍ଧବ ବାରିକ, ଜନ୍ମେଜୟ ମିଶ୍ର, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ନମିତା ସୁନା, ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧ୍ୟକ୍ଷ ଡୋଲାମଣି କ୍ଷେତି, ସରୋଜ ବାରିକ, ଦିଲୀପ ଭୋଇ, ସୁବଳ ପଧାନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ।

## ଡାକ୍ତର ଡେପୁଟେଶନକୁ ନେଇ ଅସନ୍ତୋଷ

ପଦ୍ମପୁର,୨୭।୨(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟରୁ ବରଗଡ଼ ମୁଖ୍ୟାଳୟକୁ ଡାକ୍ତର ପ୍ରକାଶ ଚନ୍ଦ୍ର ସାହୁଙ୍କୁ ବଦଳି କରାଯାଇଥିବାରୁ ପଦ୍ମପୁର ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ମଙ୍ଗଳବାର ପଦ୍ମପୁର ଭାଜପାର ପ୍ରିତେଶ ବହିଦାର, ଅଶୋକ ମିଶ୍ର, ସୁନୀଲ ଅଗ୍ରୱାଲ, ହରି ସିଂ, ଆଦିତ୍ୟ ରଥ, ଡ. ନାରାୟଣ ପୁରୋହିତ, ଜ୍ୟୋସ୍ନାରାଣୀ କର, ନରୋତ୍ତମ ପ୍ରଧାନ, ପ୍ରତାପ ନାଥ, ଅଜୟ ଅଗ୍ରୱାଲ,



ପଦ୍ମପୁର ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ଦୀନେଶ ବାରିକ, ମଣ୍ଟୁ ପାଣ୍ଡେ, ରୋହିତ ସେଠ, ନିରୋଜ ମେହେର ପ୍ରମୁଖଙ୍କ ଉପସ୍ଥିତିରେ ଏସ୍‌ଡିଏମ୍‌ଓ ଡାକ୍ତର ସରୋଜ ସେଠଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆଗକୁ ଏଭଳି ସମସ୍ୟା ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହାସହ ଡାକ୍ତରଖାନାରେ ସମସ୍ତ ଡାକ୍ତର, ଷ୍ଟାଫ ପଦବୀ ପୂରଣ, ଫିଜିଓଥୋରାପି ଡାକ୍ତର ଯୋଗାଇ ଦେବା ପାଇଁ ଦାବି କରାଯାଇଛି।

## ବିଡିଓଙ୍କୁ ଆଦିବାସୀ ସଂଘର ଫେରାଦ

ବରଗଡ଼,୨୭।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅଧୀନ ୧୫ ପଞ୍ଚାୟତର ଗ୍ରାମଗୁଡ଼ିକରେ ବଂଶାନୁକ୍ରମେ ସରକାରୀ ରକ୍ଷିତ ଜମି ତଥା ଗ୍ରାମ୍ୟ ଜଙ୍ଗଲ ଜମି ଉପରେ ରହି ଆସୁଥିବା ଅନୁସୂଚିତ ଜନଜାତି (ଆଦିବାସୀ)ମାନଙ୍କୁ ବିଭିନ୍ନ ଆଳ ଦେଖାଇ ସେମାନଙ୍କ ହକ୍, ଅଧିକାରରୁ ବଞ୍ଚିତ କରାଯାଉଛି। ଏଭଳି ଅଭିଯୋଗ କରି ମଙ୍ଗଳବାର ପଶ୍ଚିମ ଓଡ଼ିଶା ଆଦିବାସୀ ସଂଘ ସ୍ଥାନୀୟ ବିଡ଼ିଓ ଶଙ୍କର ବାଗଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛି। ଜମିପଟ୍ଟା ଅଭାବରୁ ଆଦିବାସୀମାନେ ସମସ୍ତ ସରକାରୀ ଯୋଜନାରୁ ବାଦ୍ ପଡୁଥିବା ନେଇ ସଂଘ ନେତୃବୃନ୍ଦ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ । ଆଗାମୀ ଦିନରେ ଆଦିବାସୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାଶନ କାର୍ଡ, ଭତ୍ତା ଯୋଜନାରୁ ବଞ୍ଚିତ କରାଗଲେ ପଶ୍ଚିମ ଓଡ଼ିଶା ଆଦିବାସୀ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ବରଗଡ଼ ଜିଲା ଆଦିବାସୀ ସଂଘର ଜିଲା ସମ୍ପାଦକ ତ୍ରିଲୋଚନ ଭୁଏ, ଅମ୍ବାଭୋନା ବ୍ଲକ ସଭାପତି କେଶବ ଭୁଏ, କର୍ମଦେବ ବେହେରା, ଅଲେଖ ଗଣ୍ଡ, ଲଳିତ କୁମାର ଭୋଇ, ଭାଗବତିଆ ଭୁଏ, ହାଡୁ ଧରୁଆ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।



ଆଦିବାସୀ ସଂଘର ପ୍ରତିନିଧିମାନେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

## ମିଶନ ଶକ୍ତି ସୁଧ ଫେରସ୍ତ କାର୍ଯ୍ୟକ୍ରମ

ଝାରବନ୍ଧ/ବରପାଲି,୨୭।୨
( ଦେବେନ୍ଦ୍ର ସାହୁ/ ଚିତ୍ତରଞ୍ଜନ ସାହୁ)

ଝାରବନ୍ଧ ବ୍ଲକ ପଡିଆରେ ମିଶନ ଶକ୍ତି ତରଫରୁ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସୁଧ ଫେରସ୍ତ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଲିପ୍ସା ପ୍ରଧାନ ମୁଖ୍ୟଅତିଥି, ବିଡିଓ ପୁରଷୋତ୍ତମ ମିର୍ଦ୍ଧା, ଝାରବନ୍ଧ ଏସ୍‌ବିଆଇ ମ୍ୟାନେଜର୍ ଦୀପକ ରାଜ, ଝାରବନ୍ଧ ୟୁଜିବି ବ୍ୟାଙ୍କ ମ୍ୟାନେଜର ସୁରେଶ କର, ସିଡିପିଓ ସନ୍ଧ୍ୟାରାଣୀ ନେପାକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଝାରବନ୍ଧ ବ୍ଲକର ମୋଟ ୧୦୭୫ଟି ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରୁ ୮୯୦ ଗୋଷ୍ଠୀ ଋଣ ପାଇଥିବା ବେଳେ ୪୩୮ ଗୋଷ୍ଠୀଙ୍କୁ ମୋଟ ୨୦,୩୫,୦୯୪ ଟଙ୍କା ସୁଧ ଫେରସ୍ତ କରାଯାଇଥିଲା। ଏହି





ସୁଧ ଫେରସ୍ତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି। ଅତିଥିମାନେ ଏସ୍‌ଏଚ୍‌ଜିକୁ ଚେକ୍ ପ୍ରଦାନ କରୁଛନ୍ତି।

କାର୍ଯ୍ୟକ୍ରମକୁ ମିଶନ ଶକ୍ତି ସଂଯୋଜକ ରବି ଶଙ୍କର ନାଏକ ସଂଯୋଜନା କରିଥିବା ବେଳେ ବିପିଏମ୍ ସତ୍ୟ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ।

ବରପାଲି ବ୍ଲକ ପରିସରରେ ମିଶନ ଶକ୍ତି ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଋଣ ଓ ସୁଧ ରିହାତି କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଆଲୋକ କୁମାର ବିଶାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ରୀନା ଥଇତ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସଂଯୁକ୍ତା ଲେଙ୍କା ଓ ବରପାଲି ଏସ୍‌ବିଆଇ ମୁଖ୍ୟ ପରିଚାଳକ ସରୋଜ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅତିଥିମାନେ ବରପାଲି ବ୍ଲକ ଓ ଏନ୍‌ଏସି ଅଞ୍ଚଳର ୬୨୫ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସୁଧ ରିହାତି ବାବଦରେ ମୋଟ ୪୧,୬୪,୮୭୭ଟଙ୍କାର ଚେକ୍ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ଦୀପ ନିଆଁରୁ ଅଗ୍ନିକାଣ୍ଡ

**ରାଉରକେଲା,୨୭।୨(ସଙ୍ଗୀତା ଜେନା):** ସେକ୍ଟର-୭ ଥାନା ଅନ୍ତର୍ଗତ ସେକ୍ଟର-୫ ଗୋଲଘର ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରେ ଦୀପ ନିଆଁରୁ ଜଣେ ଦିନମଜୁରିଆଙ୍କ ଘରେ ଅଗ୍ନିକାଣ୍ଡ ଘଟିଛି। ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିଥିଲେ। ସୌଭାଗ୍ୟବଶତଃ କାହାର କୌଣସି କ୍ଷତି ହୋଇ ନ ଥିଲା। ଅଗ୍ନିକାଣ୍ଡରେ ଘରର ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। ସବିତା ନାୟକ ସନ୍ଧ୍ୟା ଦୀପ ଜଳାଇବା ବେଳେ ଅଗ୍ନିକାଣ୍ଡ ଘଟିଥିଲା।

### ଇସ୍ପାତ ସହରରେ ଅଦିନିଆ ଝଡ଼

**ରାଉରକେଲା,୨୭।୨(ସଙ୍ଗୀତା ଜେନା):** ଇସ୍ପାତ ନଗରୀ ରାଉରକେଲାରେ ମଙ୍ଗଳବାର ଅପରାହ୍ନରେ ଅଦିନିଆ ବର୍ଷା ସାଙ୍ଗକୁ ଝଡ଼ବତାସ ହୋଇଥିଲା। ପ୍ରବଳ ବେଗରେ ପବନ ସାଙ୍ଗକୁ ତୁହକୁ ତୁହା ବର୍ଷା ହୋଇଥିଲା। ରିଂରୋଡ୍ ସମେତ ସେକ୍ଟର ଅଞ୍ଚଳରେ ଏହାର ପ୍ରଭାବ ଅଧିକ ଅନୁଭୂତ ହୋଇଥିଲା। ପ୍ରବଳ ପବନ ଯୋଗୁ କଣ୍ଟାଝର ବସ୍ତିରେ କିଛି ସ୍ଥାନରେ ଗଛ ଭାଙ୍ଗିଛି। ଏଥିଯୋଗୁ ବିଦ୍ୟୁତ୍ ସରାବରାହ ବନ୍ଦ ରଖାଯାଇଥିଲା। ଅନେକ ଅଞ୍ଚଳରେ ମୋବାଇଲ ନେଟୱର୍କରେ ସମସ୍ୟା ଦେଖାଯାଇଥିବା ସୂଚନା ମିଳିଛି।

### ବିଶ୍ୱ ଏନ୍‌ଜିଓ ଦିବସ ପାଳିତ

**ରାଉରକେଲା, ୨୭।୨(ସଙ୍ଗୀତା ଜେନା):** ସାମାଜିକ ଅନୁଷ୍ଠାନ ଦି ମିରର ସୋଶିଆଲ ଫାଉଣ୍ଡେଶନ ପକ୍ଷରୁ ମଙ୍ଗଳବାର ବିଶ୍ୱ ଏନ୍‌ଜିଓ ଦିବସ ପାଳିତ ହୋଇଯାଇଛି। ସେକ୍ଟର-୧୬ସ୍ଥିତ ଦିବ୍ୟାଙ୍ଗ ଅନୁଷ୍ଠାନ ଶ୍ରଦ୍ଧାରେ ଅନ୍ତେବାସୀଙ୍କ ଗହଣରେ ଏହା ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଙ୍ଗଠନ ସଭାପତି ବିଶ୍ୱଜିତ ରାଉତଙ୍କ ତତ୍ତ୍ୱାବଧାନରେ ଗ୍ରେସୀ ଡେଭିଡ୍, ଇସ୍ମିତା ବିଶ୍ୱାଳ, ପ୍ରତି ମିଶ୍ର, ଟୋନି ତ୍ରିପାଠୀ, ରାଜନନ୍ଦିନୀ, କାର୍ତ୍ତିକ ରାଉତ, ଲଳିତା ସମାଦ, ରୀତା ସାମଦ, ଅଶୋକ ଦକ୍ଷିଣରାୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସ୍ୱେଚ୍ଛାସେବୀମାନେ ଅନ୍ତେବାସୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

### ମହିଳାଙ୍କୁ ଅସଦାଚରଣ

**ବଡ଼ଗାଁ, ୨୭।୨(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଏକମା ବସଷ୍ଟାଣ୍ଡ ଛକଠାରେ ଟେଲର ଦୋକାନ ଦେଇଥିବା ପଦମପୁର ଗ୍ରାମର ଜଣେ ମହିଳାଙ୍କୁ ପାମରା ଗ୍ରାମର ଜଣେ ଯୁବକ ଅସଦାଚରଣ କରିବା ଓ ଗାଳିଗୁଲଜ କରିବା ଅଭିଯୋଗ କ୍ରମେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋମବାର ସନ୍ଧ୍ୟାରେ ପାମରା ଗ୍ରାମର ସଞ୍ଜୀବ ଖିଲାରୀ ଓ ଜଣେ ଯୁବକ ଟେଲର ଦୋକାନକୁ ଆସିଥିଲେ। ସଞ୍ଜୀବ ଦୋକାନ ଭିତରେ ପଶି ଅସଦାଚରଣ କରିବା ସହ ଗାଳି କରିଥିଲେ। ସଞ୍ଜୀବଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି।

### ବଡ଼ଗାଁ ଥାନାରେ ନୂତନ ଆଇଆଇସି

**ବଡ଼ଗାଁ, ୨୭।୨(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ଥାନାରେ ନୂତନ ଥାନା ଅଧିକାରୀ ଆଶିଷ କୁମାର ଜେନା ଯୋଗ ଦେଇଛନ୍ତି। ସେ ବୀରମିତ୍ରପୁର ଥାନାରେ ଅବସ୍ଥାପିତ ଥିଲେ। ସୋମବାର ସନ୍ଧ୍ୟାରେ ସେ କାର୍ଯ୍ୟରେ ଯୋଗଦେଇଛନ୍ତି। ସେ ୪ ମାସ ହେଲା ବୀରମିତ୍ରପୁର ଥାନାରେ ଆଇଆଇସି ଦାୟିତ୍ୱରେ ଥିଲେ। ବଡ଼ଗାଁ ଥାନା ଅଧିକାରୀ ବନ୍ଦନା ପାତ୍ରଙ୍କ ବଦଳି ବୀରମିତ୍ରପୁର ଥାନାକୁ ହୋଇଛି।

# ସ୍ମାର୍ଟସିଟିରେ ମିଳୁନି ଶୌଚାଳୟ ସୁବିଧା

**ରାଉରକେଲା,୨୭।୨(ବିପ୍ଳବ ରଞ୍ଜନ ଦାଶ)**



ଟିସ୍କୋ କଲୋନୀ ସାର୍ବଜନୀନ ଶୌଚାଳୟ।



ରେଲୱେ ଷ୍ଟେଶନ କ୍ୟାବିନ ଟଏଲେଟ।

ରାଉରକେଲା ସହରର ଅର୍ଥନୈତିକ, ସାମାଜିକ ଓ ଶୈକ୍ଷିକ ଭିତ୍ତିଭୂମି ଦିନକୁ ଦିନ ସୁଦୃଢ ହେଉଛି। ଫଳରେ ସହରର ଜନସଂଖ୍ୟା ଓ ଯାତ୍ରୀସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏଭଳି ଭାବେ ରାଉରକେଲା ସହରର ଜନସଂଖ୍ୟା ୭ଲକ୍ଷ ଛୁଇଁବାକୁ ବସିଲାଣି। ଏମିତିରେ ସହରାଞ୍ଚଳର ୪୧ଟି ୱାର୍ଡର ବିଭିନ୍ନ ଛକରେ ଜନସମାଗମ ରହୁଛି। ଏଣୁ ଲୋକଙ୍କ ମୌଳିକ ସୁବିଧାକୁ ଦୃଷ୍ଟିରେ ରଖି ଆର୍‌ଏମ୍‌ସି ପକ୍ଷରୁ ମୋଟ ୨୪ଟି ସାର୍ବଜନୀନ ଶୌଚାଳୟ ଓ ୧୦ଟି କ୍ୟାବିନ ଟଏଲେଟ ସ୍ଥାପନ କରାଯାଇଛି। ମାତ୍ର ଏହି ଟଏଲେଟଗୁଡ଼ିକ ବ୍ୟବହାର ଉପଯୋଗୀ ନ ଥିବା ଅଭିଯୋଗ ହେଉଛି। ଫଳରେ ସହରକୁ ଦୈନିକ ଆସୁଥିବା ଯାତ୍ରୀମାନେ ଶୌଚ ପାଇଁ ନାନା ଅସୁବିଧା ଭୋଗୁଛନ୍ତି।

ରାଉରକେଲା ସହରର ବାସନ୍ତୀ କଲୋନୀ, ଗୋପବନ୍ଧୁପାଲ୍ଲୀ, ବିଶ୍ରା ଛକ, ନୂତନକୋର୍ଟ ବିଲ୍ଡିଂ ଏରିଆ, ପ୍ଲାଣ୍ଟସାଇଡ ମହତାବ ରୋଡ, ଫର୍ଟିଲାଇଜର ତାରିଣୀ ମନ୍ଦିର ସମ୍ମୁଖ, ପ୍ଲାଣ୍ଟଗେଟ ଲୋକନାଥ ମାର୍କେଟ, ଦେଓଗାଁ ପେଟ୍ରୋଲ ପମ୍ପ, ଆରଡିଏ ମାର୍କେଟ ପାନପୋଷ ରୋଡ୍, ସିଭିଲ ଟାଉନଶିପ୍ ନିଉ ଟ୍ରକ ପାର୍କିଂ ଆଦି ୨୪ଟି ସ୍ଥାନରେ ୨୪ସ୍ଥାନରେ ସାର୍ବଜନୀନ ଶୌଚାଳୟ ରହିଛି। ବଜାର, ସରକାରୀ ଅଫିସ, କୋର୍ଟ, କଚେରୀ, ଶିକ୍ଷାନୁଷ୍ଠାନ ଏବଂ ସହରର ପ୍ରମୁଖ ବସ ଟର୍ମିନାଲ ଯାତ୍ରୀଙ୍କ ପାଇଁ ପ୍ରାୟ ୩୦କିମି ଯାଏ ଏହି ଶୌଚାଳୟ ତିଆରି କରାଯାଇଛି। ମାତ୍ର ବର୍ତ୍ତମାନ ଅଧିକାଂଶ ଶୌଚାଳୟର ଅବସ୍ଥା ଦୟନୀୟ ହୋଇପଡ଼ିଛି। ପ୍ରାୟ ୪୦ପ୍ରତିଶତ ଶୌଚାଳୟରେ ଆଲୁଅ ନାହିଁ। ଏହାଦ୍ୱାରା ମହିଳାମାନେ ଅସୁବିଧା ଭୋଗୁଛନ୍ତି। ମହିଳା ଓ ପୁରୁଷଙ୍କ ପାଇଁ ଭିନ୍ନ ଭିନ୍ନ ଶୌଚାଳୟ ଥିବା ସତ୍ତ୍ୱେ ପ୍ରାୟ ଶୌଚାଳୟକୁ ପୁରୁଷମାନେ ହିଁ ବ୍ୟବହାର କରୁଛନ୍ତି।

ରାଉରକେଲା ହକି ଛାତ୍ରାବାସ ନିକଟ ସାମୂହିକ ଟିସ୍କୋ ସିଡିଂ କଲୋନୀ, ପାନପୋଷ ମ୍ୟାରେଜ ସବ୍‌ରେଜିଷ୍ଟ୍ରାର ଅଫିସ ସମ୍ମୁଖ, ଛେଣ୍ଡ ଉମାଶଙ୍କର ପୀଠସ୍ଥିତ କ୍ୟାବିନ ଟଏଲେଟ, ସାର୍ବଜନୀନ ଶୌଚାଳୟ, ପାନପୋଷ ମାର୍କେଟ ସ୍ଥିତ ଶୌଚାଳୟ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏଥିସହ ସହରରେ ଭଡ଼ାରେ ଚାଲିଥିବା ସାର୍ବଜନୀନ ଶୌଚାଳୟରେ ନିଃଶୁଳ୍କ ସୁବିଧା ପ୍ରଦାନ ନିୟମ ଥିଲେ ସୁଦ୍ଧା ଅନେକ ଶୌଚାଳୟରେ ୧୦ରୁ ୧୫ଟଙ୍କା ପର୍ଯ୍ୟନ୍ତ ଟିକସ ନିଆଯାଉଥିବା ଅଭିଯୋଗ ହେଉଛି। ଅନୁରୂପ ଭାବେ ଦୈନିକ ହଜାର ହଜାର ରେଳଯାତ୍ରୀ ରାଉରକେଲା ଷ୍ଟେଶନର ୪ ଓ ୫ ନଂ. ପ୍ଲାଟଫର୍ମରେ ଟଏଲେଟ ସମସ୍ୟା ଭୋଗୁଥିବା ଜଣାପଡ଼ିଛି। ରାଉରକେଲା ରେଳ ଷ୍ଟେଶନର ୪/୫ ନଂ. ମୁଖ୍ୟ ପ୍ଲାଟଫର୍ମରୁ ୧କି.ମି ଦୂର ଝାରସୁଗୁଡା ପଟକୁ ଦୁଇଟି ଲେଖାଏ ମହିଳା ଓ ପୁରୁଷ ପରିସ୍ରାଗାର ରହିଛି। ମହିଳା ପରିସ୍ରାଗାର ଅବସ୍ଥା ଶୋଚନୀୟ ଥିବାରୁ ରେଳ ବିଭାଗ ପକ୍ଷରୁ ତାଲା ପକାଯାଇଛି। ଫଳରେ ମହିଳାମାନେ ଅସୁବିଧା ଭୋଗୁଛନ୍ତି। ତୁରନ୍ତ ସାର୍ବଜନୀନ ଶୌଚାଳୟ ନିର୍ମାଣ କରିବାକୁ ଦାବି ହେଉଛି।

ଏ ନେଇ ଆର୍‌ଏମ୍‌ସି ବିଭାଗୀୟ ଏକ୍ସପର୍ଟ ଅନୀଲ ଲାକ୍ରାକୁ ପଚାରିବାରୁ ଅବ୍ୟବସ୍ଥିତ ସାର୍ବଜନୀନ ଶୌଚାଳୟରେ ସୁବ୍ୟବସ୍ଥା କରାଯିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି ସେ କହିଥିଲେ। ସେହିପରି ରେଲୱେ ଷ୍ଟେଶନ କ୍ୟାବିନ ଟଏଲେଟ ନେଇ ଷ୍ଟେଶନ ମ୍ୟାନେଜର ପ୍ରଭାସ ଦାସ କୁହନ୍ତି, ୪ ଓ ୫ ନଂ. ପ୍ଲାଟଫର୍ମ ବହୁପୁରୁଣା। ଯାତ୍ରୀମାନେ ଟଏଲେଟଗୁଡ଼ିକୁ ଅପରିଷ୍କାର କରୁଛନ୍ତି। ଫଳରେ ଟଏଲେଟ ପରିତ୍ୟକ୍ତ ହେଉଛି। ଖୁବ୍‌ଶୀଘ୍ର ଉତ୍କୃଷ୍ଟମାନର ଟଏଲେଟ ନିର୍ମାଣ କରାଯିବ ବୋଲି ଦାସ କହିଥିଲେ।

# ବ୍ଲକସ୍ତରୀୟ ମେଗା ଋଣ ସୁଧ ପ୍ରଦାନ ମେଳା

**କୁତ୍ରା, ୨୭।୨(ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ପଞ୍ଚାୟତସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ବ୍ଲକସ୍ତରୀୟ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଋଣ ସୁଧ ପ୍ରଦାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କୁତ୍ରା ବିଡ଼ିଓ ଯୁଗଳକିଶୋର ବିଶ୍ୱାଳ, ସରପଞ୍ଚ ଭୁବନ କୁଜୁର, ଷ୍ଟେଟବ୍ୟାଙ୍କ ମ୍ୟାନେଜର ସନାତନ ଭୋଇ, କାନାରା ବ୍ୟାଙ୍କ ମ୍ୟାନେଜର ପ୍ରିୟା ନନ୍ଦ, ସି.ଜୟଶ୍ରୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। କୁତ୍ରା ବ୍ଲକର ସମୁଦାୟ ୭୦୭ ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୪୦,୨୬୯୪୬ ଟଙ୍କାର ଋଣ ସୁଧ ପ୍ରଦାନ କରାଯିବ। ତେବେ ମଙ୍ଗଳବାର ୪୮ଟି ଗ୍ରୁପକୁ ଉଭୟ କାନାରା ଓ ଷ୍ଟେଟବ୍ୟାଙ୍କ ପକ୍ଷରୁ ଚେକ୍ ପ୍ରଦାନ କରାଯାଇଥିଲା। ଆଗକୁ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୧୦ ଲକ୍ଷ ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ କରାଯିବ। ବ୍ଲକ ମିଶନ ଶକ୍ତି ସଭାପତି ତରୁଣୀ ସୁନାନୀ, ପଞ୍ଚାୟତ ସଭାପତି ମନ୍ଦାକିନି ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃଷି ମିତ୍ର, ସିଆରପି, ଏମ୍ବିକେ, ବିପିସି, ବିପିଏଲଏମ, ସମିତି ସଭ୍ୟାସଭ୍ୟ ପ୍ରମୁଖ ଯୋଗ ଦେଇଥିଲେ।

# ଜଗଦାରେ ନବୀନ ଓ କାର୍ଯ୍ୟକ୍ରମ



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ରାଉରକେଲା,୨୭।୨(ସଙ୍ଗୀତା ଜେନା)**

ରାଉରକେଲା ମହାନଗର ନିଗମ ପୃଷ୍ଠପୋଷକତାରେ ଜଗଦା ବିର୍ସା ମୁଣ୍ଡା ସ୍କୁଲ ପଡ଼ିଆରେ ମଙ୍ଗଳବାର ଅପରାହ୍ନରେ ସ୍ଲମ ଡ୍ୱେଲର୍ସ ଆସୋସିଏଶନ ପକ୍ଷରୁ ଗୋପାଳ ଟୋଲି ଓ ବିଶ୍ୱକର୍ମା ବସ୍ତିକୁ ନେଇ ନବୀନ ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଛବି ମହାନ୍ତି ମୁଖ୍ୟ ଅତିଥି, ଶ୍ରମିକ ନେତା ସଞ୍ଜୀବ ମହାନ୍ତି, ଆରତୀ ଚୌଧୁରୀ, ପିତାମ୍ବର ନାୟକ, ପ୍ରଭାତ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଆସୋସିଏଶନର ସଭାପତି ବିପଦ ଭଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ବସ୍ତିର ପିଲାମାନଙ୍କୁ ନେଇ ଡ୍ରଇଁ, ରଙ୍ଗୋଲି, ସଙ୍ଗୀତ, ନୃତ୍ୟ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଆସୋସିଏଶନ ସମ୍ପାଦକ ରାଜୁ ନାଗ, ଆର୍‌ଏମ୍‌ସିର ମୀନତି ରାଉତ, ଅଂଶରୂପା, ଏସ୍. ପ୍ରହରାଜ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଶନ କାର୍ଡ ଅଛି, ସାମଗ୍ରୀ ମିଳୁନି

**ରାଉରକେଲା,୨୭।୨(ବିପ୍ଳବ ରଞ୍ଜନ ଦାଶ)**



ଯୋଗାଣ ବିଭାଗ ଅଫିସ ସମ୍ମୁଖରେ ରାଶନ କାର୍ଡଧାରୀଙ୍କ ସହ କଂଗ୍ରେସ ନେତା।

ରାଉରକେଲା ସେକ୍ଟର-୬ରେ ରହୁଥିବା ହିତାଧିକାରୀଙ୍କୁ ରାଶନ କାର୍ଡ ମିଳିଥିଲେ ମଧ୍ୟ ରାଶନ ସାମଗ୍ରୀ ଦିଆଯାଉନାହିଁ। ଏ ନେଇ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଖାଦ୍ୟ ସୁରକ୍ଷା ଯୋଜନାରେ ରାଉରକେଲା ସହରର ମୋଟ ୬୮ହଜାର ଲୋକ ସାମିଲ ହୋଇଛନ୍ତି। ରାଉରକେଲା ମହାନଗର ନିଗମ ଅଧୀନ ୪୧ ୱାର୍ଡର ୧୩୨ ବସ୍ତିରେ ୪୭,୭୭୩ ହାଉସ ହୋଲ୍ଡର ରହୁଥିବା ବେଳେ ସେମାନେ ମଧ୍ୟବିତ୍ତ ଓ ଅତ୍ୟନ୍ତ ଗରିବ ଶ୍ରେଣୀର। ତେବେ ସେମାନଙ୍କ ମଧ୍ୟରୁ ଅନେକ ଲୋକଙ୍କୁ ରାଶନ କାର୍ଡ ମିଳିଥିବା ସତ୍ତ୍ୱେ ସାମଗ୍ରୀ ମିଳୁନାହିଁ। ମଙ୍ଗଳବାର ଏଭଳି ଏକ ଅଭିଯୋଗ ନେଇ ସେକ୍ଟର-୬ର ରାଶନ କାର୍ଡ ହିତାଧିକାରୀ ଝରିଆ ସିଂ, ଫଗୁ ଗୋପା ଓ ସୋନୁ ପ୍ରଜାପତି ଯୋଗାଣ ବିଭାଗ କାର୍ଯ୍ୟାଳୟରେ ଫେରାଦ ହୋଇଥିଲେ।

**ତଦନ୍ତ ପରେ ଜଣାପଡିବ: ଯୋଗାଣ ବିଭାଗ**

ତେବେ ବିଭାଗୀୟ ଅଧିକାରୀ ନ ଥିବାରୁ ସେମାନେ ନିରାଶ ହୋଇ ଫେରିଯାଇଥିଲେ। ଏ ନେଇ ବରିଷ୍ଠ କଂଗ୍ରେସ ନେତା ବିରେନ ସେନାପତି କହିଛନ୍ତି, ସହରରେ ଗରିବ ଲୋକମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ରାଶନ ସାମଗ୍ରୀ ଯୋଗାଣ ବିଭାଗ ପକ୍ଷରୁ ବ୍ୟାପକ ହରିଲୁଟ୍ ହେଉଛି। ଏଥିରେ ଉଭୟ ଯୋଗାଣ ବିଭାଗ ଓ ଡିଲର୍ସ ମାନଙ୍କ ମଧୁଚନ୍ଦ୍ରିକା ରହିଥିବା ସେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ରାଉରକେଲା ଅତିରିକ୍ତ ଯୋଗାଣ ଅଧିକାରୀ ସୋନାଲି ଖରଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ ହେବ। ରାଶନ କାର୍ଡ ଥାଇ କାହିଁକି ସାମଗ୍ରୀ ମିଳୁନାହିଁ ତଦନ୍ତ ପରେ ଜଣାପଡିବ ବୋଲି ସେ କହିଥିଲେ।

### ଦୁଇ ଭାଇଙ୍କ ଦୋକାନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

**ବଡ଼ଗାଁ, ୨୭।୨(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଭୋଇପାଲି ରାମ ମନ୍ଦିର ପାର୍ଶ୍ୱରେ ଥିବା ଦୁଇ ଭାଇଙ୍କ ଦୋକାନରୁ ଚୋରି ହୋଇଛି। ସୂଚନା ଅନୁଯାୟୀ ଭୋଇପାଲି ଗ୍ରାମର ସୁନିଲ ଗୌଡ ଓ ତାଙ୍କ ସାନ ଭାଇ ଅନିଲ ଗୌଡଙ୍କ ରାଶନ ଦୋକାନ ସହିତ ଜେରକ୍ସ ଦୋକାନ ଅଛି। ସୁନିଲ ପରିବାର ସହିତ ଶନିବାର ପୁରୀକୁ ଯାଇଥିଲେ। ରବିବାର ରାତିରେ ଚୋରମାନେ ତାଲା ଓ ସଟର ଭାଙ୍ଗି ରାଶନ ସାମଗ୍ରୀ ସହିତ ୫ ହଜାର ଟଙ୍କା, ଜେରକ୍ସ ମେଶିନ, ଓଜନ ମେଶିନ, ସ୍ନାକସ ଓ ଥଣ୍ଡା ପାନୀୟ ନେଇଯାଇଛନ୍ତି। ସୋମବାର ସକାଳେ ଲୋକେ ତାଲା ଭଙ୍ଗା ଯାଇଥିବା ଦେଖି ସୁନିଲଙ୍କୁ ଫୋନରେ ଜଣାଇଥିଲେ। ସେ ସୋମବାର ଅପରାହ୍ନରେ ଘରକୁ ଆସିବା ପରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ ଗତ କିଛି ମାସ ହେଲା ବଡ଼ଗାଁ ଅଞ୍ଚଳରେ ଚୋରି ବଢ଼ିଥିବା ବେଳେ ଚୋର ଧରାପଡୁନାହାନ୍ତି।

# ମିଲେଟ୍ ସେଣ୍ଟର ପରିଦର୍ଶନ କଲେ, ଅଭିଜ୍ଞତା ବାଣ୍ଟିଲେ



ଦିବ୍ୟଜ୍ୟୋତି ଏସ୍‌ଏଚ୍‌ଜି ପରିସରରେ ଲଇକେରାରୁ ଆସିଥିବା ଏସ୍‌ଏଚ୍‌ଜି ସଦସ୍ୟା।

**ରାଉରକେଲା, ୨୭।୨(ସଙ୍ଗୀତା ଜେନା)**

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ କୋଲାବିରାର ସେବା ଅନୁଷ୍ଠାନ ପକ୍ଷରୁ ବିଶ୍ରା ବ୍ଲକ ଝିରପାଣିରେ ଥିବା ମିଲେଟ୍ ସେଣ୍ଟର ପରିଦର୍ଶନ କରାଯାଇଥିଲା। ବିଶ୍ରା ବ୍ଲକର ସଫଳ ମିଲେଟ ସେଣ୍ଟର ଭାବେ ପରିଚିତ ଦିବ୍ୟଜ୍ୟୋତି ଏସ୍‌ଏଚ୍‌ଜି ପରିଚାଳିତ ଉକ୍ତ ସେଣ୍ଟରରେ ପ୍ରସ୍ତୁତ ହେଉଥିବା ମିଲେଟ୍‌ର ବିଭିନ୍ନ ବ୍ୟଞ୍ଜନ ସମ୍ପର୍କରେ ଝାରସୁଗୁଡ଼ାରୁ ଆସିଥିବା ପ୍ରାୟ ଶହେ ଏସ୍‌ଏଚ୍‌ଜି ସଦସ୍ୟା ଆଲୋଚନା କରିବା ସହ ତାଲିମ ଗ୍ରହଣ କରିଥିଲେ। ଦିବ୍ୟଜ୍ୟୋତିର ସଦସ୍ୟାମାନେ ସେମାନଙ୍କ ସହ ଅଭିଜ୍ଞତା ବାଣ୍ଟିଥିଲେ। ଦିବ୍ୟଜ୍ୟୋତିର ସଭାନେତ୍ରୀ ପ୍ରେମା ଦାସ, ସାଧାରଣ ସମ୍ପାଦିକା ଦମୟନ୍ତୀ ପାଣିଗ୍ରାହୀ, ଶକୁନ୍ତଳା କୁମ୍ଭାର, ଆଶ୍ରିତା ଓରାମ, ସବିତା ସିଂହ, ସୁପ୍ରିୟା ଗିରିଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ।

# ଏସ୍‌ଏଚ୍‌ଜି ମହିଳାଙ୍କୁ ସିଲେଇ ମେଶିନ ପ୍ରଦାନ

**ରାଉରକେଲା,୨୭।୨(ବିପ୍ଳବ ରଞ୍ଜନ ଦାଶ)**



ସିଲେଇ ମେଶିନ ପାଇଥିବା ମହିଳା।

ଆର୍‌ଏସ୍‌ପିର ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସ ଅଧୀନ ବରସୁଆଁ ଲୌହଖଣିର (ବିଆଇଏମ୍) ସିଏସ୍‌ଆର ପ୍ରୟାସ ସ୍ୱରୂପ ଶସ୍ୟକେଲା, ଛରଧରା ଓ ଢେଙ୍ଗୁଲା ଗ୍ରାମପଞ୍ଚାୟତ ଅଧୀନ ପାର୍ଶ୍ୱାଞ୍ଚଳ ଗ୍ରାମର ଏସ୍‌ଏଚ୍‌ଜି ମହିଳାଙ୍କୁ ୩୪ଟି ସିଲେଇ ମେଶିନ ପ୍ରଦାନ କରାଯାଇଛି। ସ୍ଥାନୀୟ ଗ୍ରାମବାସୀଙ୍କୁ ଆଜୀବିକା କ୍ଷେତ୍ରରେ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସିଲେଇ ମେଶିନ ପ୍ରଦାନ କରାଯାଇଥିଲା। ବରସୁଆଁ ଲୌହ ଖଣି ସିଏସ୍‌ଆର ବିଭାଗର ଏଜିଏମ୍ ବି. ଦତ୍ତ ଓ ସିଭିଲ ବିଭାଗର ଡେପୁଟି ମ୍ୟାନେଜର ଏ. ଆର. ରାଉତ ସିଲେଇ ମେଶିନ ବଣ୍ଟନ କରିଥିଲେ। ଦକ୍ଷତା ବିକାଶର ମହତ୍ତ୍ୱକୁ ସ୍ୱୀକୃତି ଦେଇ ବରସୁଆଁ ଲୌହଖଣି ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ସିଲେଇ ତାଲିମ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା।

# ସଶକ୍ତ ମହିଳା, ସଶକ୍ତ ଓଡ଼ିଶା କାର୍ଯ୍ୟକ୍ରମ

**ରାଉରକେଲା,୨୭।୨(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଉଦିତନଗରସ୍ଥିତ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଉଦ୍ୟାନ ପରିସରରେ ମଙ୍ଗଳବାର ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ସୌଜନ୍ୟରୁ ସଶକ୍ତ ମହିଳା, ସଶକ୍ତ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଆର୍‌ଏମ୍‌ସି ଯୁଗ୍ମ ଆୟୁକ୍ତ ପଲ୍ଲଭି ନାୟକ, ସିଡିପିଓ ଦର୍ଶନୀ ଏକ୍କା, ମହିଳା ନେତ୍ରୀ ଛବି ମହାନ୍ତି, ୟୁନିୟନ ବ୍ୟାଙ୍କ ସହକାରୀ ପରିଚାଳକ ଶମ୍ଭୁ ପ୍ରସାଦ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୂନ ପ୍ରତିଶତ ସୁଧରେ ୧୦ଲକ୍ଷ ଟଙ୍କା ଯାଏ ମହିଳାମାନଙ୍କୁ ପ୍ରଦାନ କରାଯାଉଥିବା ଋଣ ଓ ସୁଧ ଫେରସ୍ତ ଯୋଜନା ସହିତ ରାଜ୍ୟରେ ୭୩୦କୋଟି ଟଙ୍କାର ୟୁନିଫର୍ମ ଓ ବ୍ଲେଜର ସହାୟତା ପ୍ରଦାନ କରି ମହିଳାମାନଙ୍କ ହାତ ମୁଠାକୁ ସଶକ୍ତ କରିବା ସହିତ ସଶକ୍ତ ଓଡ଼ିଶା ଗଠନ ଲକ୍ଷ୍ୟକୁ ସଫଳ ରୂପାୟନ କରିଛନ୍ତି ବୋଲି ମୁଖ୍ୟଅତିଥି କହିଥିଲେ। କାର୍ଯ୍ୟକ୍ରମରେ ରାଉରକେଲା ସହରାଞ୍ଚଳ, ଶିଳ୍ପାଞ୍ଚଳ ଏବଂ ସିଭିଲ ଟାଉନଶିପ୍‌ର ୩୬ ଏସ୍‌ଏଚ୍‌ଜିକୁ ଚେକ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ୨୨୦ରୁ ଊର୍ଦ୍ଧ୍ୱ ମହିଳା ସାମିଲ ହୋଇଥିଲେ। ବିଏଲ୍‌ଏଫ୍ ସଭାପତି ଲକ୍ଷ୍ମୀ ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମ୍ପାଦିକା ପ୍ରୀତି ବେହେରା ଓ ବିପିସି ପ୍ରତିଭା ଲାକ୍ରା ସଂଯୋଜନା କରିଥିଲେ।




ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ଅଭିଭାଷଣ ପ୍ରଦାନ କରୁଛନ୍ତି।

# ବିଦ୍ୟୁତ୍ ସଂଯୋଗ ହେଉନି, ଦୋକାନ ବନ୍ଦ

**ରାଉରକେଲା, ୨୭।୨(ସଙ୍ଗୀତା ଜେନା)**



ବନ୍ଦ ପଡିଥିବା କୋଏଲନଗର ଫୁଡ୍ କୋର୍ଟ।

ଉଠାଦୋକାନୀମାନଙ୍କ ପାଇଁ ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍ (ଆର୍‌ଏସ୍‌ସିଏଲ୍) ପକ୍ଷରୁ କୋଏଲନଗର ଏନ୍‌ଏସି ମାର୍କେଟ ପାର୍ଶ୍ୱରେ ଫୁଡ୍ କୋର୍ଟ ନିର୍ମାଣ କରାଯାଇଛି। ପୂର୍ବରୁ ମାର୍କେଟ ପରିସରରେ ଥିବା ଉଠାଦୋକାନୀ ଅସ୍ୱାସ୍ଥ୍ୟକର ପରିବେଶରେ ଲୋକଙ୍କୁ ଖାଦ୍ୟପାନୀୟ ବିକ୍ରି କରୁଥିଲେ। ଏହାକୁ ରୂପାନ୍ତର କରି ଦୋକାନ ଗୁଡ଼ିକ ନିର୍ମାଣ କରାଗଲା। ହେଲେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ୨ମାସ ବିତିଯାଇଥିଲେ ମଧ୍ୟ ଏଯାଏ ଦୋକାନ ଗୃହଗୁଡ଼ିକରେ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ଫଳରେ ପ୍ରାୟ ୪୧ଟି ଦୋକାନ ଗୃହ ଅବ୍ୟବହୃତ ହୋଇ ପଡ଼ିରହିଛି। ମାର୍କେଟ କମିଟିର ସଭାପତି ଦିଗନ୍ତ ପାଣିଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବରୁ ଏଠାରେ କିଛି ଦୋକାନୀ ଫାଷ୍ଟଫୁଡ ଓ ଅନ୍ୟ ଖାଦ୍ୟପଦାର୍ଥ ବିକ୍ରି କରୁଥିଲେ। ମାର୍କେଟର ନବୀକରଣ ହେବା ପରେ ଉକ୍ତ ଅସ୍ଥାୟୀ ଫୁଡ୍‌କୋର୍ଟକୁ ଅନ୍ୟତ୍ର ସ୍ଥାନାନ୍ତର କରି ଦୋକାନୀମାନଙ୍କୁ ଖାଦ୍ୟ ପାନୀୟ ବିକ୍ରି କରିବାକୁ ଅନୁମତି ପ୍ରଦାନ କରାଯାଇଥିଲା। ଏହାପରେ ଉକ୍ତ ସ୍ଥାନରେ ୪୧ଟି ଦୋକାନ ଗୃହ ନିର୍ମାଣ କରି ଆବଣ୍ଟନ କରାଗଲା। ହେଲେ ଆଜି ପର୍ଯ୍ୟନ୍ତ ଏଥିରେ ବିଦ୍ୟୁତ୍ ସଂଯୋଗ ହୋଇପାରିଲା ନାହିଁ। ଦୋକାନୀମାନେ ବିଦ୍ୟୁତ୍ ସଂଯୋଗ ପାଇଁ ଆବେଦନ କରିଥିଲେ ମଧ୍ୟ ଆରଏସ୍‌ସିଏଲ୍ ଟ୍ରାନ୍ସଫର୍ମର ସ୍ଥାପନ କରିବା ପରେ ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି ଟିପିଡବ୍ଲ୍ୟୁଓଡିଏଲ କର୍ତ୍ତୃପକ୍ଷ କହିଥିଲେ। ଫଳରେ ଦୋକାନୀମାନେ ନିରାଶ ହୋଇଛନ୍ତି ବୋଲି ପାଣି କହିଥିଲେ। ଏ ସମ୍ପର୍କରେ ଟିପିଡବ୍ଲ୍ୟୁଓଡିଏଲ ଏସ୍‌ଡ଼ିଓ ଡି. ମହାନ୍ତିଙ୍କୁ ପଚରାଯିବାରୁ ସେ କହିଲେ, ସ୍ମାର୍ଟସିଟି ପକ୍ଷରୁ ଟ୍ରାନ୍ସଫର୍ମର ସ୍ଥାପନ କରାଯିବା ଉଚିତ୍। ୨ଶହ କେଭିର ଟ୍ରାନ୍ସଫର୍ମର ସହ ବିଦ୍ୟୁତ୍ ସଂଯୋଗ କାମ ମଧ୍ୟ ଏପର୍ଯ୍ୟନ୍ତ ହୋଇନାହିଁ।

**କୋଏଲ ନଗର ଫୁଡ୍ କୋର୍ଟ**

ଉକ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ସ୍ମାର୍ଟସିଟିର ବୋଲି ଏସ୍‌ଡ଼ିଓ ମହାନ୍ତି କହିଥିଲେ। ଏ ସମ୍ପର୍କରେ ସ୍ମାର୍ଟସିଟି ଅଧିକାରୀ ଉତ୍ତମ ମହାନ୍ତି କୁହନ୍ତି, ଦୋକାନୀମାନେ ପୂର୍ବରୁ ବିଦ୍ୟୁତ୍ କମ୍ପାନୀର ଗ୍ରାହକ ଅଟନ୍ତି। ଏଥିରେ ସ୍ମାର୍ଟସିଟିର କୌଣସି ଭୂମିକା ନାହିଁ। ଯଥାଶୀଘ୍ର ଟିପିଡବ୍ଲ୍ୟୁଓଡିଏଲ ଓ ଗ୍ରାହକମାନଙ୍କ ମଧ୍ୟରେ ଏକ ବୈଠକ କରି ସମସ୍ୟାର ସମାଧାନ କରାଯିବ। ସମ୍ପୂର୍ଣ୍ଣ କୋଏଲନଗର ମାର୍କେଟ ପାଇଁ ଟ୍ରାନ୍ସଫର୍ମର ବ୍ୟବସ୍ଥା ଅଛି। ହେଲେ ସେମାନଙ୍କୁ ବିଦ୍ୟୁତ୍ ସଂଯୋଗ ପାଇଁ କମ୍ପାନୀ ଆବଶ୍ୟକ ପଦକ୍ଷେପ ନେବା ଉଚିତ୍ ବୋଲି ମହାନ୍ତି କହିଥିଲେ। ସୂଚନାଯୋଗ୍ୟ, ୧୯୮୩ରେ କୋଏଲନଗରଠାରେ ଏନ୍‌ଏସି ମାର୍କେଟ ନିର୍ମାଣ କରାଯାଇଥିଲା। ଏନ୍‌ଏସି (ଏସ୍‌ଟି) ଏହାକୁ ପରିଚାଳନା କରୁଥିବା ବେଳେ ୧୯୯୫ରେ ଦାୟିତ୍ୱରୁ ବାଦ୍ ପଡ଼ିଥିଲା।

## ସଂକ୍ଷେପରେ

### ଆବାସିକ ବିଦ୍ୟାଳୟରୁ ଛାତ୍ର ନିଖୋଜ

ରେଢ଼ାଖୋଲ,୨୭।୨(ଅଚ୍ୟୁତାନନ୍ଦ ପୁରୋହିତ): ରେଢାଖୋଲ ବ୍ଲକ ଚାରମାଳ ଥାନା ଚାଟୁଣିସ୍ଥିତ ଏକଘରୋଇ ଆବାସିକ ବିଦ୍ୟାଳୟରୁ ସୋମବାର ଅପରାହ୍ନରୁ ଜଣେ ନବମ ଶ୍ରେଣୀ ଛାତ୍ର ନିଖୋଜ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଛାତ୍ର ଜଣକ ହେଲେ ବୌଦ୍ଧ ଜିଲା ବାଉଁଶୁଣୀ ଥାନା ବଲାକିରା ଗ୍ରାମର କୈଳାସ କର୍ଣ୍ଣଙ୍କ ପୁଅ ରିତିକ ରଞ୍ଜନ କର୍ଣ୍ଣ। କୈଳାସ ଥାନାରେ ଅଭିଯୋଗ କରିଛନ୍ତି, ସୋମବାର ସନ୍ଧ୍ୟାରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଫୋନ ଯୋଗେ ରିତିକ ନିଖୋଜ ଥିବା ଜଣାଇଥିଲେ। ଖବର ପାଇ ଆମେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲୁ। ପତ୍ତା ନ ମିଳିବାରୁ ମଙ୍ଗଳବାର ସନ୍ଧ୍ୟାରେ ଚାରମାଳ ଥାନାରେ ଅଭିଯୋଗ କରିଛୁ। ରିତିକ ଚଳିତବର୍ଷ ବିଦ୍ୟାଳୟ ହଷ୍ଟେଲରେ ରହି ନବମ ଶ୍ରେଣୀରେ ପାଠ ପଢୁଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ ସ୍କୁଲ ଛୁଟି ପରେ ସେ ସାଙ୍ଗମାନଙ୍କ ସହ ଖେଳପଡିଆରେ ଖେଳୁଥିବା ବେଳେ କେଉଁଆଡେ ଚାଲିଯାଇଥିବା କହୁଥିବା କୈଳାସ କହିଛନ୍ତି। ଚାରମାଳ ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଦୁର୍ଘଟଣା: ମହିଳା ମୃତ, ୩ ଗୁରୁତର

ରେଢ଼ାଖୋଲ,୨୭।୨(ଅଚ୍ୟୁତାନନ୍ଦ ପୁରୋହିତ): ରେଢ଼ାଖୋଲ ସହର ଦେଇ ଯାଇଥିବା ରାଞ୍ଚି-ବିଜୟୱାଡା ଜାତୀୟ ରାଜପଥର ତେରବେଢ଼ା ଘାଟିରେ ମଙ୍ଗଳବାର ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୩ଜଣ ଗୁରୁତର ଆହତ ହୋଇଛନ୍ତି। ମୃତା ମହିଳା ହେଲେ କିସିଣ୍ଡା ଥାନା ତାଲବ ଗ୍ରାମର ସନ୍ତୋଷିନୀ ଦେହୁରି (୩୦)। ମୃତା ମହିଳାଙ୍କ ସ୍ୱାମୀ ଗୋବର୍ଦ୍ଧନ ଦେହୁରି, ପୁଅ ଜଗଦୀଶ (୧୨) ଓ ଗୋବର୍ଦ୍ଧନଙ୍କ ଶଢୁଙ୍କ ୪ବର୍ଷର ପୁଅ ଆଶିଷ ଗୁରୁତର ହୋଇଛନ୍ତି। ସୂଚନାମତେ ଉପରୋକ୍ତ ୪ଜଣ ବାଇକ୍ (ନଂ.ଓଡି୧୫ଡବ୍ଲ୍ୟୁ-୦୧୨୪) ଯୋଗେ ବୁର୍ଡା ଗ୍ରାମକୁ ଏକ ବିବାହ ଉତ୍ସବରେ ଯୋଗଦେବାକୁ ଯାଇଥିଲେ। କାମସାରି ସେମାନେ ହାତୀଭୟ ଯୋଗୁ ନିଜ ଗ୍ରାମକୁ ନ ଯାଇ ଶ୍ୱଶୁର ଘର ଉଇଁଚା ଗ୍ରାମକୁ ଯାଉଥିଲେ। ତେବେ ତେରବେଢା ଘାଟିରେ ଏକ ବଳଦ ରାସ୍ତା ଉପରକୁ ଦୌଡି ଆସିବାରୁ ବାଇକ୍‌ଟି ବଳଦ ସହ ଧକ୍କା ହୋଇଥିଲା। ଫଳରେ ସମସ୍ତେ ରାସ୍ତାରେ ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ରେଢାଖୋଲ ଡାକ୍ତରଖାନା ଆଣିଥିଲେ। ସେଠାରେ ଡାକ୍ତର ସନ୍ତୋଷିନୀଙ୍କୁ ମୃତ ଘୋଷଣା କରିଥିଲେ। ଆଶିଷ ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ମେଡିକାଲ ପଠାଯାଇଛି। ଗୋବର୍ଦ୍ଧନ ଓ ପୁଅ ଜଗଦୀଶ ରେଢାଖୋଲ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ରେଢାଖୋଲ ଥାନାରେ ଏ ନେଇ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ ହୋଇଛି।

### ବ୍ଲକସ୍ତରୀୟ ସୁଧ ଫେରସ୍ତ କାର୍ଯ୍ୟକ୍ରମ

କୁଚିଣ୍ଡା,୨୭।୨(ବିରଞ୍ଚି ଦର୍ଜୀ): କୁଚିଣ୍ଡା ବ୍ଲକ ମିଶନ ଶକ୍ତି ବିଭାଗ ପକ୍ଷରୁ ମଙ୍ଗଳବାର ବ୍ଲକ ସ୍ତରୀୟ ସୁଧ ଫେରସ୍ତ, ବ୍ଲେଜର ଓ ୟୁନିଫର୍ମ ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୁଚିଣ୍ଡା ବ୍ଲକ ମିଶନ ଶକ୍ତି ଭବନ ଓ ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ବିଏଲ୍ଏଫ୍ ଓ ଜିପିଏଲ୍ଏଫ୍‌ର ସମସ୍ତ ଇସି, କମ୍ୟୁନିଟି କ୍ୟାଡର ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଯୋଗଦେଇଥିଲେ। ପରେ ମିଶନ ଶକ୍ତି ଭବନଠାରେ ସୁଧ ଫେରସ୍ତ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜିଲା ପରିଷଦ ସଭ୍ୟ ଅଜିତ କୁମାର ମହାପାତ୍ର, ସିଡିପିଓ କନକଲତା ନାୟକ, ବିଏଲ୍ଏଫ୍ ସଭାପତି ରମିତା ଚୌଧୁରୀ, ବିଡିଓ ଡା. ଅଭିନାଶ କୁମାର ପ୍ରଧାନ ଯୋଗ ଦେଇଥିଲେ। ବ୍ଲକ ମିଶନ ଶକ୍ତିର ବିପିସି ପ୍ରଫୁଲ୍ଲ କିଣ୍ଡୋ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କୁଚିଣ୍ଡା ବ୍ଲକର ୫୦ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସୁଧ ଫେରସ୍ତ ଚେକ୍ ପ୍ରଦାନ କରାଯାଇଥିଲା। ଶେଷରେ କୁଚିଣ୍ଡା ବିପିଏମ୍ ଟିପେନ୍‌ସନ୍ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବ୍ଲକ ଅଧୀନ ୧୭ ପଞ୍ଚାୟତର ଏମ୍‌ବିକେ, ସିଆର୍‌ପି, କୃଷିମିତ୍ର, ପ୍ରାଣୀ ମିତ୍ର, ବ୍ୟାଙ୍କ ମିତ୍ର ଓ ଏସ୍ଏଚ୍‌ଜି ମହିଳା ଯୋଗ ଦେଇଥିଲେ।

# ଖାଉଟି ଅଦାଲତ ଦ୍ୱାରା ଠିକାସଂସ୍ଥା ଦଣ୍ଡିତ

- ରେଳଷ୍ଟେଶନରେ ପାର୍କିଂ ନାଁରେ ଯାତ୍ରୀଙ୍କୁ ଲୁଟ୍ ଅଭିଯୋଗ
- ୩ ଲକ୍ଷ ୧୦ ହଜାର ଟଙ୍କାର ଆର୍ଥିକ ଦଣ୍ଡ

ସମ୍ବଲପୁର,୨୭।୨(ଭବାନୀ ଶଙ୍କର ଭୋଇ)


TICKET NO.: 2701
RECEIPT FOIL
E.Co. Rly. SBP Station (JN)
TERMS & CONDITION
(1) Railway Administration/Contractor doesnot take any responsibility for loss of any detachable/sealing in the vehicle & fuel
(2) (GST @ 18% Including Rate)

| Time | Wheeler Two/Three | Four Wheeler |
|---|---|---|
| Upto 12 Hrs. | Rs. 9.00/- | Rs. 15.00/- |
| Beyound 12 Hrs. (+Add) | Rs. 12.00/- | Rs. 18.00/- |

Beyound 12 Hrs. Subsiquently Add @ Rs. 12/- for two & three wheelers & Rs. 18/- for four wheelers for every 12 Hrs. count.
(3) Only fully insured vehicle allowed park in Railway Parking Area.
(4) Non monthly customer allowed maximum 7 days for parking. After that we are waiting 3 days than we are not responsible.
(5) Receiving Parking Slip is most necessary proof of Parking & deposit the slip while receiving your Vehicle
(6) In case loss of parking slip show proper identity to claim your vehicle (with Rs.200/- fine) through GRP (Police) Sambalpur.
(7) If any dispute solve mutually or through Sambalpur Jurisdiction only.
A.P. Singh
CYCLE/SCOOTER/MOTOR CYCLE/CAR HELMET
No. OD 15 J 7003 Date 01/11/23
In Time 8.30 AM ....PM
Out Time 01/11/23 AM 11.57 PM
Amount : 30/- For ....Days
Time of Vehicle Delivery counting days & hours & Received the Final Charge / Settlement
Signature

ପାର୍କିଂ ଫି ପାଇଁ ଅଭିଯୋଗକାରୀଙ୍କୁ ଦିଆଯାଇଥିବା ରସିଦ।

ସମ୍ବଲପୁର ରେଳଷ୍ଟେଶନରେ ଯାନବାହନ ପାର୍କିଂ ନାଁରେ ଯାତ୍ରୀଙ୍କଠାରୁ ଲୁଟ୍ ହେଉଥିବା ଅଭିଯୋଗ ପ୍ରମାଣିତ ହେବା ପରେ ମଙ୍ଗଳବାର ସମ୍ପୃକ୍ତ ଠିକାସଂସ୍ଥାକୁ ଖାଉଟି ଅଦାଲତ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଦାଲତ ଅଭିଯୋଗକାରୀ ପ୍ରଫୁଲ୍ଲ ଦାଶଙ୍କୁ ୨ଲକ୍ଷ ଟଙ୍କା ଓ କେସ୍ ପରିଚାଳନା ପାଇଁ ଅତିରିକ୍ତ ୧୦ ହଜାର ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ରେଳ ବିଭାଗର ଚୁକ୍ତି ଖିଲାପ କରି ଯାତ୍ରୀମାନଙ୍କୁ ଲୁଟ୍ କରୁଥିବାରୁ ଅତିରିକ୍ତ ୧ ଲକ୍ଷ ଟଙ୍କା ଖାଉଟି କଲ୍ୟାଣ ପାଣ୍ଠିକୁ ପ୍ରଦାନ କରିବା ପାଇଁ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ସୂଚନା ଅନୁସାରେ ଗତବର୍ଷ ନଭେମ୍ବର ୧ରେ ପ୍ରଫୁଲ୍ଲ ଦାଶ କୌଣସି କାମରେ ଟ୍ରେନ୍ ଯୋଗେ ଭୁବନେଶ୍ୱର ଯିବା ପାଇଁ ବାଇକ୍‌ରେ କ୍ଷେତରାଜପୁର ରେଳ ଷ୍ଟେଶନରେ ପହଞ୍ଚିଥିଲେ। ସେଠାରେ ଥିବା ପାର୍କିଂରେ ସେ ନିଜ ବାଇକ୍ ରଖିଥିଲେ। ପାର୍କିଂ ଠିକା ନେଇଥିବା ସଂସ୍ଥାର ଜଣେ କର୍ମଚାରୀ ୧୨ଘଣ୍ଟା ପାଇଁ ଫି ବାବଦକୁ ୩୦ ଟଙ୍କା ମାଗିବା ସହ ଏଥିପାଇଁ ଏକ ଛାପା ରସିଦ ପ୍ରଦାନ କରିଥିଲେ। ପ୍ରଫୁଲ୍ଲ ୩୦ଟଙ୍କା ଦେଇ ରସିଦ ନେଇ ଟ୍ରେନ୍ ଧରିଥିଲେ। ଟ୍ରେନ୍‌ରେ ଛାପା ରସିଦ ଦେଖିବା ସମୟରେ ସେଥିରେ ୧୨ ଘଣ୍ଟା ପାଇଁ ୯ ଟଙ୍କା ଓ ୧୨ ଘଣ୍ଟାରୁ ଅଧିକ ସମୟ ପାଇଁ ୧୨ ଟଙ୍କା ପାର୍କିଂ ଫି ଉଲ୍ଲେଖ ରହିଥିବା ଦେଖିଥିଲେ। ପରେ ପ୍ରକୃତ ଫି ଜାଣିବା ପାଇଁ ସେ ରେଳ ବିଭାଗର ଜଣେ କର୍ମଚାରୀଙ୍କୁ ପଚାରିଥିଲେ। କର୍ମଚାରୀ ଜଣକ ୨୪ଘଣ୍ଟା ପାଇଁ ସର୍ବାଧିକ ୧୨ ଟଙ୍କା ନେବା କଥା ବୋଲି କହିଥିଲେ। ପ୍ରଫୁଲ୍ଲ ରାତିରେ ଫେରିବା ସମୟରେ କର୍ମଚାରୀ ଜଣଙ୍କ ତାଙ୍କୁ ୬ ଟଙ୍କା ଫେରସ୍ତ କରିଥିଲେ। ସେତେବେଳେ ପ୍ରଫୁଲ୍ଲ କାହିଁକି ୩୦ଟଙ୍କା ନିଆଯାଇଥିଲା ବୋଲି କର୍ମଚାରୀଙ୍କୁ ପଚାରିଥିଲେ ମଧ୍ୟ ସେ କୌଣସି ଉତ୍ତର ଦେଇପାରି ନ ଥିଲେ। ଠିକାସଂସ୍ଥା ଲୁଟ୍ କରୁଥିବା ଜାଣିବା ପରେ ପ୍ରଫୁଲ୍ଲ ନଭେମ୍ବର ୬ରେ ଖାଉଟି ଅଦାଲତରେ ଅଭିଯୋଗ ଦାଖଲ କରିଥିଲେ। ରେଳ ବିଭାଗ ପକ୍ଷରୁ ମଧ୍ୟ ଘଟଣାର ତଦନ୍ତ କରାଯାଇଥିଲା। ଏଥିରେ ଠିକାସଂସ୍ଥା ଚୁକ୍ତି ଖିଲାପ କରି ଯାତ୍ରୀମାନଙ୍କଠାରୁ ପାର୍କିଂ ଫି ଅସୁଲି କରୁଥିବା ଜାଣିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ମାମଲାର ଶୁଣାଣି ସମୟରେ ଠିକା ସଂସ୍ଥାର ମାଲିକ ଏ.ପି. ସିଂହ ପ୍ରଥମ ଅପରପକ୍ଷ ଭାବେ ଖାଉଟି ଅଦାଲତରେ ହାଜର ହୋଇ ନ ଥିଲେ। ଏହାପରେ ଦ୍ୱିତୀୟ ଅପରପକ୍ଷ ଭାବେ ସମ୍ବଲପୁର ଡିଆର୍‌ଏମ୍ ଓ ତୃତୀୟ ଅପରପକ୍ଷ ଭାବେ ସିନିଅର ଡିଭିଜନାଲ କମର୍ସିଆଲ ମ୍ୟାନେଜରଙ୍କୁ ପକ୍ଷ କରାଯାଇଥିଲା। ସେମାନେ ଠିକାସଂସ୍ଥାକୁ ପାର୍କିଂ ଫି ଅସୁଲି ପାଇଁ ୩ ବର୍ଷିଆ ଚୁକ୍ତି କରି ଦାୟିତ୍ୱ ଦେଇଥିବାରୁ ସେଥିରେ ରେଳ ବିଭାଗର କୌଣସି ଭୂମିକା ନ ଥିବା ଜଣାଇଥିଲେ। ଏହାପରେ ଖାଉଟି ଅଦାଲତ ମଙ୍ଗଳବାର ଶୁଣାଣି କରି ରାୟ ପ୍ରକାଶ କରିଥିଲେ। ଖାଉଟି ଅଦଲତର ସଭାପତି ରମାକାନ୍ତ ଶତପଥୀ ଓ ସଦସ୍ୟ ଏସ୍.ଏନ୍. ତ୍ରିପାଠୀ ରାୟ ପ୍ରକାଶ କରି ଅଭିଯୋଗକାରୀଙ୍କୁ ଅଯଥାରେ ହଇରାଣ କରିବା ସହ ଅଧିକ ୧୮ଟଙ୍କା ନେଇଥିବା ଅପରାଧରେ ଦୋଷୀ ସାବ୍ୟସ୍ତ କରିଥିଲେ। ଏହାସହ ଅଦାଲତ ଅଭିଯୋଗକାରୀଙ୍କୁ ୨ଲକ୍ଷ କ୍ଷତିପୂରଣ ଏବଂ ଅତିରିକ୍ତ ୧୦ ହଜାର ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାସକ ମଧ୍ୟରେ କ୍ଷତିପୂରଣ ପ୍ରଦାନ ନ କଲେ ୧୪ ପ୍ରତିଶତ ସୁଧ ସହ ପ୍ରଦାନ କରିବାକୁ ଅଦାଲତ ରାୟ ଶୁଣାଇଛନ୍ତି। ଏହାସହ ଯାତ୍ରୀମାନଙ୍କଠାରୁ ଦୀର୍ଘଦିନ ଧରି ଅତିରିକ୍ତ ଫି ଆଦାୟ କରିଥିବାରୁ ଅଧିକ ୧ ଲକ୍ଷ ଟଙ୍କା ଖାଉଟି କଲ୍ୟାଣ ପାଣ୍ଠିକୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାୟ ପ୍ରକାଶ ପରେ ପ୍ରଫୁଲ୍ଲ ଖୁସି ପ୍ରକଟ କରି କହିଛନ୍ତି, ଠିକା ସଂସ୍ଥା ୨୦୨୨ ଅକ୍ଟୋବରରେ ରେଳ ବିଭାଗ ସହ ୩ବର୍ଷ ପାଇଁ ପାର୍କିଂ ଫି ଆଦାୟ କରିବାକୁ ଚୁକ୍ତି କରିଥିଲା। ଅଭିଯୋଗ ପୂର୍ବରୁ ସଂସ୍ଥା ଏକବର୍ଷ ପର୍ଯ୍ୟନ୍ତ ଯାତ୍ରୀମାନଙ୍କୁ ଲୁଟ୍ କରିସାରିଥିବା ବେଳେ ଅଭିଯୋଗ ହୋଇ ନ ଥିଲେ ୨୦୨୫ ପର୍ଯ୍ୟନ୍ତ ଏହି ଧାରା ଜାରି ରହିଥାନ୍ତା ବୋଲି ସେ କହିଛନ୍ତି।

### ସମ୍ବଲପୁର ରେଳ ମଣ୍ଡଳରେ ୧୦ ପ୍ରକଳ୍ପର ଶିଳାନ୍ୟାସ

ସମ୍ବଲପୁର,୨୭।୨(ପ୍ରମୋଦ ବହିଦାର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଆଭାସୀ ଜାରିଆରେ ସମ୍ବଲପୁର ରେଳମଣ୍ଡଳରେ ଅମୃତ ଭାରତ ଯୋଜନା ଅନ୍ତର୍ଗତ ୧୯୨.୧୮୪ କୋଟି ଟଙ୍କାର ୧୦ ପ୍ରକଳ୍ପର ଶିଳାନ୍ୟାସ ଓ ଗୋଟିଏ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ସେଥିମଧ୍ୟରେ ସମ୍ବଲପୁର ସିଟି ଷ୍ଟେଶନ, ଝାରସୁଗୁଡ଼ା ରୋଡ୍ ଷ୍ଟେଶନ, ଟିଟିଲାଗଡ଼ ଷ୍ଟେଶନ ଓ କେସିଙ୍ଗା ରେଳ ଷ୍ଟେଶନର ରୂପାନ୍ତରୀକରଣ ପାଇଁ ଶିଳାନ୍ୟାସ ହୋଇଛି। ସେହିପରି ଝାରସୁଗୁଡ଼ାରେ ଏକ ଆର୍‌ଓବିର ଲୋକାର୍ପଣ ସହ ଗୋଡ଼ଭଗା-ଅତାବିରା ମଧ୍ୟରେ କୋଶଳ ସ୍କୁଲ ନିକଟରେ, ଦେବାହାଲ-ବରଗଡ଼ ମଧ୍ୟରେ ବାରହାଗୁଡ଼ାଠାରେ, ବରଗଡ଼ରୋଡ଼-ବରପାଲି ମଧ୍ୟରେ ବରଗଡ଼ ୟାର୍ଡରେ, ହାତୀବାରୀ-ଝୁମୁମୁରା ମଧ୍ୟରେ ଝୁମୁମୁରା ୟାର୍ଡଠାରେ ଓ କଣ୍ଟାବାଞ୍ଜି-ମୁରିବାହାଲ ମଧ୍ୟରେ କଣ୍ଟବାଞ୍ଜି ଷ୍ଟେଶନ ୟାର୍ଡରେ ୫ଟି ରେଳ ଅଣ୍ଡର ବ୍ରିଜ୍ ଏବଂ ବଲାଙ୍ଗୀର-ମହାସମୁନ୍ଦ ମଧ୍ୟରେ ମହାସମୁନ୍ଦ ରେଳ ଷ୍ଟେଶନ ୟାର୍ଡରେ ଗୋଟିଏ ଓଭରବ୍ରିଜ୍‌ର ଶିଳାନ୍ୟାସ ହୋଇଛି। ଅନୁରୂପ ଭାବେ ଝାରସୁଗୁଡ଼ା ରୋଡ୍ ଓ ବୃନ୍ଦାମାଳ ମଧ୍ୟରେ ସରବାହାଲଠାରେ ନବନିର୍ମିତ ରେଳ ଓଭରବ୍ରିଜ୍‌କୁ ପ୍ରଧାନମନ୍ତ୍ରୀ ଲୋକାର୍ପଣ କରିଛନ୍ତି।

## ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ବ୍ୟବସାୟିକ ସହଯୋଗୀ ସମ୍ମିଳନୀ



ସମ୍ମିଳନୀରେ ଅଧିକାରୀ ଓ କର୍ମକର୍ତ୍ତାମାନେ।

ସମ୍ବଲପୁର,୨୭।୨(ବି.ଶଙ୍କର)

ସମ୍ବଲପୁରସ୍ଥିତ ଗ୍ରାଣ୍ଡ ଶିବା ସମ୍ମିଳନୀ କକ୍ଷଠାରେ ମଙ୍ଗଳବାର ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ବ୍ୟବସାୟିକ ସହଯୋଗୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ୟବସାୟିକ ସହଯୋଗୀମାନଙ୍କ ମଧ୍ୟରେ ସୁସମ୍ପର୍କ ତଥା ଦୀର୍ଘମିଆଦୀ ସହଭାଗିତା ଲକ୍ଷ୍ୟରେ ସମ୍ମିଳନୀ ହୋଇଥିଲା। ଏଥିରେ କମ୍ପାନୀର ଅପରେଶନ ବିଭାଗର ମୁଖ୍ୟ, ବ୍ୟବସାୟ ବିଭାଗର ମୁଖ୍ୟ, ଷ୍ଟୋର ବିଭାଗର ମୁଖ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଆରମ୍ଭରେ କମ୍ପାନୀର କଣ୍ଟ୍ରାକ୍ଟ ଓ ଷ୍ଟୋର ବିଭାଗ ମୁଖ୍ୟ ରାହୁଲ କୁମାର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଗୁଣବତ୍ତା, ନୈତିକତା, ସମୟାନୁବର୍ତ୍ତୀ ବିତରଣ ଓ ଦୀର୍ଘକାଳୀନ ସହଭାଗିତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହାସହ ବ୍ୟବସାୟୀ ସହଯୋଗୀଙ୍କୁ ଉତ୍ସାହିତ କରିବାକୁ ଯାଇ ଟ୍ରାନ୍ସଫର୍ମର, କେବୁଲ, କଣ୍ଡକ୍ଟର, ବିଦ୍ୟୁତ୍ ଖୁଣ୍ଟ, ମିଟର ଓ ମିଟର ବକ୍ସ ଭଳି ସାମଗ୍ରୀ ଓଡ଼ିଶାରେ ଉତ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ବିଭାଗର ମୁଖ୍ୟ ପରିଚାଳକମାନେ କମ୍ପାନୀର ଲକ୍ଷ୍ୟ ପୂରଣ କରିବା ପାଇଁ ସୁରକ୍ଷା, ବିଧି, ନୈତିକତା ଓ ଅଭିନବ ଚିନ୍ତାଧାରା ଉପରେ ବକ୍ତବ୍ୟ ରଖିଥିଲେ। କମ୍ପାନୀର ବିଭିନ୍ନ ବିଭାଗର ମୁଖ୍ୟ ଅଧିକାରୀମାନେ ବ୍ୟବସାୟୀ ସହଯୋଗୀଙ୍କ କାର୍ଯ୍ୟକ୍ଷେତ୍ରରେ ଉତ୍ପାଦର ଗୁଣବତ୍ତା, ବିତରଣ ସମୟସୀମା ଓ ନିରାପତ୍ତା ଉନ୍ନତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ହେଡ-କଣ୍ଟ୍ରାକ୍ଟ ସମ୍ବିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଜଙ୍ଗଲରୁ ଗଳିତ ମୃତଦେହ ଜବତ

ନାକଟିଦେଉଳ,୨୭।୨(ବୈକୁଣ୍ଠ ନାଥ ସାହୁ): ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ଅନ୍ତର୍ଗତ ବେତଝରଣ ଜଙ୍ଗଲରୁ ମଙ୍ଗଳବାର ପୋଲିସ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ କରିଛି। ମୃତକ ହେଲେ ନାକଟିଦେଉଳ ଥାନା ସରାପାଲି ଗ୍ରାମର କୁଳମଣୀ ବିଶ୍ୱାଳ। ବେତଝରଣ ଗ୍ରାମଠାରୁ ପ୍ରାୟ ଅଧ କି.ମି. ଦୂର ଜଙ୍ଗଲରେ ମୃତଦେହ ପଡ଼ିଥିବା ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତଦେହ ପଚିଶଢି ଯାଇଥିବାରୁ ଡ଼ାକ୍ତରଖାନା ପଠାଇବା ସମ୍ଭବ ହୋଇ ନ ଥିଲା। ଘଟଣାସ୍ଥଳରେ ରେଢାଖୋଲ ଡ଼ାକ୍ତରଖାନାର ଡ଼ାକ୍ତରଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଯାଇ ତାହାକୁ ପୋତି ଦିଆଯାଇଛି ବୋଲି କିସିଣ୍ଡା ଥାନା ଅଧିକାରିଣୀ ଅଞ୍ଜଳି କୁମ୍ଭାର କହିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ବିଜୁ ଫୁଟ୍‌ବଲ ପ୍ରିମିୟର ଲିଗ୍ ଉଦ୍‌ଯାପିତ



ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ ଖେଳାଳିମାନେ।

ସମ୍ବଲପୁର,୨୭।୨(ପ୍ରମୋଦ ବହିଦାର)

ହୀରାକୁଦର ସୁଭାଷ ମଇଦାନରେ ଚାଲିଥିବା ଜୋନସ୍ତରୀୟ ବିଜୁ ଫୁଟ୍‌ବଲ ପ୍ରିମିୟର ଲିଗ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦର ବିଭିନ୍ନ ୱାର୍ଡର ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ ୱାର୍ଡ ନମ୍ବର ୧୦ ଓ ୧୨ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୱାର୍ଡ ନମ୍ବର ୧୨ ଚାମ୍ପିୟନ ହୋଇଥିଲା। ସଂଯୋଜକ ଉତ୍ତମ ବାଗଙ୍କ ପରିଚାଳନାରେ ଉଦ୍‌ଯାପନୀ ଉତ୍ସବ ହୋଇଥିଲା। ଜିଲା ଯୁବ ବିଜେଡି ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର ମୁଖ୍ୟଅତିଥି ଓ ଯୁବ ବିଜେଡି ସାଧାରଣ ସମ୍ପାଦକ ସୁରେନ୍ଦ୍ର ବିଶ୍ୱାଳ, ସାମାଜିକ କର୍ମୀ କାର୍ତ୍ତିକ କଲେତ, ମହିଳା ନେତ୍ରୀ କୁନ୍ତୀ ସିଂ, ବରିଷ୍ଠ ବିଜେଡି ନେତା ଅର୍ଜ୍ଜୁନ ସିଂ, ବରିଷ୍ଠ ଫୁଟ୍‌ବଲ ଖେଳାଳି ଗୌରାଙ୍ଗ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳ ସହିତ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ରେଫରି ଭାବେ ପ୍ରହଲ୍ଲାଦ ତାଣ୍ଡି, କବି କୁମାର, ଶ୍ୟାମ ତାଣ୍ଡି, ବୁଲୁ ନାୟକ, ବିଶିକେଶନ ଓରାମ ପ୍ରମୁଖ ବିଭିନ୍ନ ମ୍ୟାଚ୍ ପରିଚାଳନା କରିଥିଲେ।

## ଛାତ୍ର ଅଭିଭାବକ ଜିଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରସ୍ଥ

ସମ୍ବଲପୁର,୨୭।୨(ଭବାନୀ ଶଙ୍କର ଭୋଇ)


ଶିକ୍ଷା ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିବା ଅଭିଭାବକ ବୃନ୍ଦ।

ସମ୍ବଲପୁର ସହରର ବିଭିନ୍ନ ଘରୋଇ ବିଦ୍ୟାଳୟରେ ନାମଲେଖାରୁ ବାଦ ପଡ଼ିଥିବା ଛାତ୍ରୀଛାତ୍ରୀଙ୍କ ଅଭିଭାବକମାନେ ମଙ୍ଗଳବାର ଜିଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶିଙ୍କ ଜିଲା ପ୍ରତିନିଧି ତଥା ଯୁବ ବିଜେଡି ନେତା ଆଶିଷ ନନ୍ଦଙ୍କ ନେତୃତ୍ୱରେ ଅଭିଭାବକମାନେ ଶିକ୍ଷା ଅଧିକାରୀଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ସରକାରଙ୍କ ଶିକ୍ଷା ଅଧିକାର ଆଇନ ବଳରେ ମାଗଣାରେ ପାଠ ପଢିବା ବ୍ୟବସ୍ଥା କରାଯାଏ। ଚଳିତବର୍ଷ ବୈଷୟିକ ତ୍ରୁଟି ଯୋଗୁ ଛାତ୍ରୀଛାତ୍ର ନାମ ଲେଖାଇ ପାରି ନ ଥିବା ସେମାନେ ଅଭିଯୋଗ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ଏ ବିଷୟରେ ଅବଗତ ରହିଥିବା ସହ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ସଚିବଙ୍କ ଉଦ୍ଦେଶ୍ୟରେ କଳାକାରଙ୍କ ଦାବିପତ୍ର

ଜମନକିରା,୨୭।୨(ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ବ୍ଲକ ଲୋକକଳା କଳାକାର ସଂଘ ପକ୍ଷରୁ ମଙ୍ଗଳବାର ବିଭାଗୀୟ ସଚିବଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନା ଅନୁସାରେ, ଜମନକିରା ବ୍ଲକ ଅଞ୍ଚଳର କଳାକାରମାନେ ରାଜ୍ୟ ସରକାରଙ୍କ ବହୁମୁଖି କାର୍ଯ୍ୟକ୍ରମ ବିଷୟରେ ପ୍ରାୟ ୪୪ଟି ଦଳ ପ୍ରଚାର ପ୍ରସାର କରିଛନ୍ତି। ଏମାନଙ୍କ ମଧ୍ୟରୁ ବହୁ କଳାକାର ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ସରକାର ଆହୁରି ୩୦ ହଜାର କଳାକାରଙ୍କୁ ଭତ୍ତା ପ୍ରଧାନ କରିବେ ବୋଲି ଘୋଷଣା କରିଛନ୍ତି। ବୟସାଧିକ କଳାକାରଙ୍କୁ ଅଗ୍ରାଧିକାର ଭିତ୍ତିରେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ରାଶି ପ୍ରଦାନ, ବାକିଆ ଥିବା କଳାକାରଙ୍କୁ ଭତ୍ତା ପ୍ରଦାନ ଆଦି ଦାବି ନେଇ ସ୍ଥାନୀୟ ବିଡ଼ିଓ ରୀନା ନାଏକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବିଡ଼ିଓ ନାଏକ ଖୁବ୍‌ଶୀଘ୍ର ସୁବିଧା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।


ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି କଳାକାରମାନେ।

## ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରିଲା ଭାଜପା

**ପ୍ରିପେଡ୍ ସ୍ମାର୍ଟ ମିଟର ବ୍ୟବସ୍ଥା ବନ୍ଦ କରିବା ଦାବି**

ସମ୍ବଲପୁର,୨୭।୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲାରେ ପ୍ରିପେଡ୍ ସ୍ମାର୍ଟ ମିଟର ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ବନ୍ଦ କରିବା, ସ୍ଥାନୀୟ ଯୁବତୀଯୁବକଙ୍କୁ ନିଯୁକ୍ତି, ଚାଷୀଙ୍କୁ ଲିଫ୍ଟ ପଏଣ୍ଟରେ ମାଗଣା ବିଜୁଳି ପ୍ରଦାନ ଆଦି ଦାବି ନେଇ ମଙ୍ଗଳବାର ଭାଜପା ପକ୍ଷରୁ ଟିପିଡବ୍ଲ୍ୟୁଓଡିଏଲ୍ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଅଇଁଠାପାଲି ବସ୍ ଟର୍ମିନାଲ ଛକରୁ ଦଳୀୟ କର୍ମକର୍ତ୍ତା ଶୋଭାଯାତ୍ରାରେ ବାହାରି ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରେ ଭାଜପା ଜିଲା ସାଧାରଣ ସମ୍ପାଦକ ଅନୀଲ ବେହେରାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଦଳ ଅଭିଯୋଗ କରିଥିଲା, ହୀରାକୁଦ ଜଳ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ପଶ୍ଚିମାଞ୍ଚଳବାସୀଙ୍କ ତ୍ୟାଗ ରହିଛି। ଅଞ୍ଚଳର ଜମି, ଜଳ, ଜଙ୍ଗଲ ବ୍ୟବହାର କରି ବିଦ୍ୟୁତ୍ ଉତ୍ପାଦନ ହେବା ପରେ ଅଞ୍ଚଳବାସୀ ବିଦ୍ୟୁତ୍ ସେବାରେ ରିହାତି ମିଳିବା ବଦଳରେ ବିତରଣ କମ୍ପାନୀଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି। ପ୍ରିପେଡ ସ୍ମାର୍ଟ ମିଟର ବ୍ୟବସ୍ଥା, ତ୍ରୁଟିପୂର୍ଣ୍ଣ ବିଲିଂ, ବେନିୟମ ପାଉଣା ଆଦାୟ, ୱେସ୍କୋ ସମୟର ବକେୟା ପାଉଣା ଆଦାୟ, ଗ୍ରାହକଙ୍କୁ ଦୁର୍ବ୍ୟବହାରକୁ ଭାଜପା ପକ୍ଷରୁ ବିରୋଧ କରାଯାଇଥିଲା। ବିଦ୍ୟୁତ୍ କର୍ମଚାରୀ ଗ୍ରାହକଙ୍କ ପ୍ରତି ଅଶାଳୀନ ବ୍ୟବହାର ବନ୍ଦ ନ କଲେ ଆଗାମୀ ଦିନରେ ଭାଜପା ଆନ୍ଦୋଳନ କରିବ ବୋଲି ଘୋଷଣା କରିଥିଲା। ଏ ନେଇ ଟିପିଡବ୍ଲ୍ୟୁଓଡିଏଲ୍‌ର ଅଧୀକ୍ଷଣ ଯନ୍ତ୍ରୀ ଇଂ. ସଞ୍ଜିତ ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ ଯନ୍ତ୍ରୀ ନାୟକ କହିଛନ୍ତି, କମ୍ପାନୀ ନିଷ୍ପତ୍ତି ଅନୁସାରେ ଟାଟା ପାୱାର ପକ୍ଷରୁ ସମସ୍ତ କାର୍ଯ୍ୟ କରାଯାଉଛି। ସମସ୍ତ ଦାବି ଉପରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରି ଆଗାମୀ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ଭାଜପା ନେତା ସମିର ରଞ୍ଜନ ବାବୁ, ଡ. ପ୍ରମୋଦ ରଥ, ସୁଶାନ୍ତ କୁମାର ପୁରୋହିତ, ମାନସ ରଞ୍ଜନ ବକ୍ସିଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା। କର୍ଣ୍ଣେଲ ପ୍ରଭାତ କୁମାର ପଣ୍ଡା, ଦାମୋଦର କର, ଗୋବିନ୍ଦ ଅଗ୍ରୱାଲ, ଅଶ୍ୱିନୀ ମାଝି, ନିରଞ୍ଜନ ଦାସ, ସୁଧିର ରଞ୍ଜନ ବହିଦାର, ଅନ୍ନପୂର୍ଣ୍ଣା ବାରିକ, ଭାରତୀ ପଣ୍ଡା, ରୁନୁ ପ୍ରଧାନ ପ୍ରମୁଖ ଉଦବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ସଭାପତି ଗିରିଶ ପଟେଲ, ଶୁଭଶ୍ରୀ ମିଶ୍ର, ବିପିନ ଭାଟିଆ, ସରୋଜ କୁମାର ଦଳପତ, ଶମ୍ଭୁ ବରେଲିଆ, କ୍ରିଷ୍ଣା ମହାକୁଡ, ଅରୁଣ କୁମାର ଦାସ, ମୋହନ ଦାଶ, ଅନୁପ ମିଶ୍ର, ଅଜିତ ବେହେରା, କାହ୍ନୁରାମ ଶର୍ମା, ମୁକେଶ ଜରିୱାଲ, ସରୋଜ ଘଡ଼େଇ, ପ୍ରଭାସିନୀ ଦାଶ, ସରୋଜିନୀ ବନଛୋର୍, ଆରତୀ ବରାଡ, ଲକ୍ଷ୍ମୀପ୍ରିୟା ଜେନା, ସୁଜାତା ଗୁରୁ, ସଲିଲା ପଣ୍ଡା ପ୍ରମୁଖ ସାମିଲ ଥିଲେ।


ବିକ୍ଷୋଭ ଶୋଭାଯାତ୍ରାରେ ଭାଜପା କର୍ମୀ ଓ ନେତା।

# ଟୁକୁନୀ–ନବୀନ ଟକ୍କର ଚର୍ଚ୍ଚା

**ବଲାଙ୍ଗୀର,୨୭।୨ (ବୀରେନ୍ଦ୍ର କୁମାର ଝାଙ୍କର)**

## ଟିଟିଲାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ


ଟୁକୁନୀ ସାହୁ


ନବୀନ କୁମାର ଜୈନ

ପ୍ରଚଣ୍ଡ ଗ୍ରୀଷ୍ମ ତାତି ଅନୁଭୂତ ହେଉଥିବାରୁ ଟିଟିଲାଗଡ଼କୁ ଲୋକେ ତତଲାଗଡ଼ କହିଥାଆନ୍ତି। ସେଭଳି ଖରା ଆସି ନ ଥିଲେ ମଧ୍ୟ ଏବେ ନିର୍ବାଚନୀ ତାତି ଏହି ବିଧାନସଭା ନିର୍ବାଚନମଣ୍ଡଳୀରେ ଦେଖିବାକୁ ମିଳିଲାଣି। ୨୦୧୪ ମସିହାରେ ବିଜେଡି ଯୁବନେତା ଅଭିମନ୍ୟୁ ସାହୁଙ୍କ ହତ୍ୟା ପରେ ତାଙ୍କ ସ୍ତ୍ରୀ ଟୁକୁନୀ ସାହୁଙ୍କୁ ବିଜେଡି ଟିକେଟ ମିଳିଥିଲା। ୨୦୧୪ ଓ ୨୦୧୯ ନିର୍ବାଚନରେ ସେ କ୍ରମାଗତ ବିଜୟୀ ହୋଇଥିଲେ। ଏବେ ସେ ସରକାରରେ ମନ୍ତ୍ରୀ ଅଛନ୍ତି। ଏଥର ହ୍ୟାଟ୍ରିକ୍ କରିବା ଲକ୍ଷ୍ୟରେ ଟିକେଟ ଆଶାୟୀ। ତେବେ ପ୍ରାକ୍ ନିର୍ବାଚନୀ ଚର୍ଚ୍ଚାରୁ ବିଜେଡି ପାଇଁ ଆଗାମୀ ନିର୍ବାଚନୀ ଫଳାଫଳ ଏତେ ସହଜ ହେବନାହିଁ ବୋଲି ଆଲୋଚନା ହେଉଛି। କାରଣ ଭାଜପା ଆଶାୟୀ ପ୍ରାର୍ଥୀ ନବୀନ ଜୈନ ନିର୍ବାଚନମଣ୍ଡଳୀରେ ଲୋକସମ୍ପର୍କ ବଢ଼ାଇ ଚାଲିଛନ୍ତି। ତାଙ୍କୁ ମନ୍ତ୍ରୀ ଟୁକୁନୀ ସାହୁଙ୍କ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ବୋଲି କୁହାଯାଉଛି। ନବୀନଙ୍କୁ ଭାଜପା ଟିକେଟ ମିଳିଲେ ଟୁକୁନୀଙ୍କୁ ସେ କଡ଼ା ଟକ୍କର ଦେବେ ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି। ଏଭଳି ଚର୍ଚ୍ଚା ଜୋର ଧରିବା ଫଳରେ ନବୀନ ଉତ୍ସାହିତ ହୋଇ ଘରେ ଆଉ ବସୁନାହାନ୍ତି। ଦଳୀୟ ଟିକେଟ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ସେ ଟିଟିଲାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ଗାଁ ଓ ସହରର ବହୁ ସ୍ଥାନରେ ସଭାସମିତିରେ ଯୋଗଦେଉଥିବା ଦେଖିବାକୁ ମିଳୁଛି।

୨୦୧୯ ନିର୍ବାଚନରେ ଟୁକୁନୀଙ୍କୁ ଭାଜପା ପ୍ରାର୍ଥୀ ଅଶୋକ ଦୋରା ଟକ୍କର ଦେଇ ପରାଜିତ ହୋଇଥିଲେ। ସେ ଏଥର ଟିକେଟ ଦୌଡ଼ରେ ନ ଥିବା ଚର୍ଚ୍ଚା ହେଉଛି। ଅନ୍ୟ ଯେଉଁମାନେ ଭାଜପାରୁ ଆଶାୟୀ ରହିଛନ୍ତି ସେମାନେ ହେଲେ ମୁକେଶ ଜୈନ, ମନୋଜ ହାତୀ, ମହେନ୍ଦ୍ର ସିଂ ଠାକୁର ଓ ପ୍ରଶାନ୍ତ ଷଡ଼ଙ୍ଗୀ। କିନ୍ତୁ ସମସ୍ତଙ୍କ ଆଗରେ ନବୀନ। ଗତ ଟିଟିଲାଗଡ଼ ମ୍ୟୁନିସିପାଲିଟି ନିର୍ବାଚନରେ ନବୀନ ବାବୁଙ୍କ ସ୍ତ୍ରୀ ମମତାଦେବୀ ଜୈନ୍ ଭାଜପା ପ୍ରାର୍ଥିନୀ ଭାବେ ସିଧାସଳଖ ନିର୍ବାଚନ ଲଢ଼ି ବିଜେଡି ପ୍ରାର୍ଥୀଙ୍କୁ ହରାଇ ପୌରାଧ୍ୟକ୍ଷା ଭାବେ ବିଜୟୀ ହୋଇଥିଲେ। ଏହା ପ୍ରକାରାନ୍ତରେ ମନ୍ତ୍ରୀ ଟୁକୁନୀଙ୍କୁ ଚ୍ୟାଲେଞ୍ଜ ବୋଲି ସେତେବେଳେ ବି ଚର୍ଚ୍ଚା ହୋଇଥିଲା। ଏସବୁ ଦେଖିଲେ ବିଧାନସଭା ନିର୍ବାଚନ ପୂର୍ବରୁ ଟୁକୁନୀ–ନବୀନ ମୁହାଁମୁହିଁ ହେବା ଅଧିକ ଜଣାପଡୁଛି। ଏହା ମଧ୍ୟ କୁହାଯାଉଛି ଯେ, ନବୀନ ଭାଜପା ଟିକେଟ ଏବଂ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ଦଳୀୟ ଟିକେଟ ପାଇଲେ ବିଜେଡି ପ୍ରାର୍ଥୀଙ୍କ ପାଇଁ ଯେତେ ଅସୁବିଧା ସୃଷ୍ଟି କରିବେ, ତା'ଠୁ ଢେର ଅଧିକ ବିଜେଡିର ଗୋଷ୍ଠୀକନ୍ଦଳ ଖୋଦ୍ ପ୍ରାର୍ଥୀଙ୍କୁ କ୍ଷତି ପହଞ୍ଚାଇପାରେ। କଂଗ୍ରେସ ପ୍ରାର୍ଥୀ ସୁରେନ୍ଦ୍ର ଏବେ ଜିଲା କଂଗ୍ରେସ ସଭାପତି ଅଛନ୍ତି। ସେ ଗତ ଦୁଇଟି ବିଧାନସଭା ନିର୍ବାଚନରେ ପରାସ୍ତ ହୋଇସାରିଥିବାରୁ ଆଗକୁ କଂଗ୍ରେସ କେଉଁଭଳି ରଣନୀତି କରି ନିଜର ସ୍ଥିତି ସୁଦୃଢ଼ କରୁଛି, ତାହା ଉପରେ ମଧ୍ୟ ସମସ୍ତଙ୍କ ନଜର ରହିଛି।


ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଉପସ୍ଥିତ ୩୦ ଜିଲାରୁ ଆସିଥିବା ପ୍ରଯୁକ୍ତିବିଦ୍ୟା ନୋଡ଼ାଲ ଅଧିକାରୀ।

# ଆସନ ରେଢ଼ାଖୋଲ, ବସୁଛନ୍ତି ବାହାର ନେତା


ରୋହିତ ପୂଜାରୀ


ପ୍ରସନ୍ନ ଆଚାର୍ଯ୍ୟ


ଗୋବିନ୍ଦ ଅଗ୍ରୱାଲ


ଦୁଲାଲ ଚନ୍ଦ୍ର ପ୍ରଧାନ

**ସମ୍ବଲପୁର,୨୭।୨(ପ୍ରମୋଦ ବହିଦାର)**

## ରେଢ଼ାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀ

ସମ୍ବଲପୁର ଜିଲାର ରେଢ଼ାଖୋଲ ବ୍ଲକ, ନାକଟିଦେଉଳ, ଯୁଯୋମୁରା ଓ ମାନେଶ୍ୱର ବ୍ଲକର ୭ଟି ପଞ୍ଚାୟତକୁ ନେଇ ଗଠିତ ରେଢ଼ାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀ। ୨୦୦୦ ପରଠାରୁ ନିରବଚ୍ଛିନ୍ନ ଭାବେ ବିଜେଡି ଏହାକୁ ଅକ୍ତିଆର କରିଆସିଛି। ଆସନର ରେଢ଼ାଖୋଲର ହୋଇଥିବା ବେଳେ ବାହାରରୁ ଆସି ନେତା ବସୁଛନ୍ତି। ସତେ ଯେମିତି ଏଠାରେ ସ୍ଥାନୀୟ ନେତାଙ୍କ ଅଭାବ ରହିଛି ବୋଲି କଥା ଉଠିଲାଣି।

୨୦୦୪ ପର୍ଯ୍ୟନ୍ତ ଏହି ଆସନଟି ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ରହିଥିବା ବେଳେ ୨୦୦୯ରେ ଏହା ଅଣସଂରକ୍ଷିତ ଘୋଷିତ ହୋଇଥିଲା। ଏବେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସମ୍ବଲପୁର ଜିଲା ସଭାପତି ଇଂ. ରୋହିତ ପୂଜାରୀ ବିଧାୟକ ଅଛନ୍ତି। ବିଜେଡି ଗଠନ ହେବା ପରେ ଏଠାରୁ ୨୦୦୦ ମସିହାରେ ଦଳୀୟ ଟିକେଟରେ ଦୁର୍ଯ୍ୟୋଧନ ସୋହେଲା ବିଧାୟକ ହୋଇଥିଲେ। ତାଙ୍କର ଆକସ୍ମିକ ମୃତ୍ୟୁ ପରେ ୨୦୦୧ରେ ଅନୁଷ୍ଠିତ ଉପନିର୍ବାଚନରେ ସନାତନ ବିଶି ବିଜେଡି ଟିକେଟରେ ବିଜୟୀ ହୋଇଥିଲେ। ୨୦୦୪ ନିର୍ବାଚନରେ ମଧ୍ୟ ସେ ନିଜ ପ୍ରାର୍ଥିତ୍ୱ ବଜାୟ ରଖି ବିଜେଡି ଟିକେଟରେ ଜିତି ଦ୍ୱିତୀୟ ଥର ବିଧାୟକ ହୋଇଥିଲେ। ୨୦୦୯ରେ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ବିଧାୟକ ହୋଇଥିଲେ। କେବଳ ଦୁର୍ଯ୍ୟୋଧନଙ୍କୁ ଛାଡ଼ିଦେଲେ ପ୍ରସନ୍ନ ବରଗଡ଼ ନିର୍ବାଚନମଣ୍ଡଳୀର ହୋଇଥିବା ବେଳେ ସନାତନ ବିଶି ଓ ରୋହିତ ପୂଜାରୀ ସମ୍ବଲପୁର ନିର୍ବାଚନମଣ୍ଡଳୀର। ବର୍ତ୍ତମାନ ସ୍ଥିତିରେ ଏଠାରୁ କେଉଁ ଦଳରୁ କିଏ ପ୍ରାର୍ଥୀ ହେବେ, ସେନେଇ ଚିତ୍ର ସ୍ପଷ୍ଟ ହୋଇନାହିଁ। ତଥାପି ମୁଖ୍ୟତଃ ବିଜେଡି ଓ ଭାଜପା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ଆକଳନ କରିଛନ୍ତି। ଉଭୟ ଦଳ ଏଠାରେ ଭୋଟରଙ୍କୁ ପ୍ରଭାବିତ କରିବା ପ୍ରୟାସ ଜାରି ରଖିଛନ୍ତି। ବିଜେଡି ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ 'ନୂଆ ଓଡ଼ିଶା ନବୀନ ଓଡ଼ିଶା' ମାଧ୍ୟମରେ କାର୍ଯ୍ୟକ୍ରମ ଆୟୋଜନ କରି ବିକାଶମୂଳକ କାର୍ଯ୍ୟକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପ୍ରୟାସ କରୁଛି। ସେହିପରି ଭାଜପା ମଧ୍ୟ 'ଗାଁକୁ ଚାଲ' କାର୍ଯ୍ୟକ୍ରମରେ ଭୋଟରଙ୍କ ସହ ଯୋଡ଼ି ହେବାକୁ ପ୍ରୟାସରତ। ବର୍ତ୍ତମାନ ରୋହିତ ବିଧାୟକ ଥିଲେ ହେଁ ଏଠାରୁ ପ୍ରସନ୍ନ ପୁନର୍ବାର ଲଢ଼ିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। କୁହାଯାଉଛି ରୋହିତ ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇପାରନ୍ତି। ଆଲୋଚନା ଆହୁରି ହେଉଛି ଯେ, ଉଭୟଙ୍କ ମଧ୍ୟରୁ ଜଣଙ୍କୁ ସମ୍ବଲପୁର ଲୋକ ସଭା ଆସନ ପାଇଁ ଟିକେଟ ଦିଆଯାଇପାରେ। ଯାହାବି ହେଲେ ଉଭୟ ବାହାରର ନେତା।

ଗତ ନିର୍ବାଚନରେ ଭାଜପାରୁ ଏବର ଦଳ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସମ୍ବଲପୁରର ଦେବେନ୍ଦ୍ର ମହାପାତ୍ର ଏବଂ ଭାଜପା ରାଜ୍ୟ ବ୍ୟବସାୟୀ ପ୍ରକୋଷ୍ଠ ସଂଯୋଜକ ଗୋବିନ୍ଦ ଅଗ୍ରୱାଲ ଆଶାୟୀ ଥିବା ଜଣାପଡ଼ିଛି। ଏଥିସହିତ ବିଜେଡି ପରିତ୍ୟାଗ କରି ସଦ୍ୟ ଭାଜପାରେ ସାମିଲ ହୋଇଥିବା ଜିଲା ଓକିଲ ସଂଘ ପୂର୍ବତନ ସଭାପତି ଡ. ପ୍ରମୋଦ ରଥ ମଧ୍ୟ ନିର୍ବାଚନୀ ଦୌଡ଼ରେ । ତେବେ ଆଗାମୀ ନିର୍ବାଚନରେ ଏଠାରୁ ଗୋବିନ୍ଦ ଅଗ୍ରୱାଲଙ୍କୁ ଭାଜପା ଟିକେଟ ମିଳିବା ସର୍ବାଧିକ ସମ୍ଭାବନା ରହିଛି ବୋଲି ଚର୍ଚ୍ଚା ହେଉଛି।

କଂଗ୍ରେସର ବରିଷ୍ଠ ନେତା ତଥା ଦଳର ପୂର୍ବତନ ସମ୍ବଲପୁର ଜିଲା ସଭାପତି ଆସଫ୍ ଅଲ୍ଲୀ ଖାନଙ୍କ ସହିତ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ତଥା ସମ୍ବଲପୁରର ଦୁଲାଲ ଚନ୍ଦ୍ର ପ୍ରଧାନ ଏହି ଆସନରୁ ଟିକେଟ ଆଶାୟୀ ଅଛନ୍ତି। କୌତୂହଳର ବିଷୟ ତିନି ପ୍ରମୁଖ ଦଳର ସମ୍ଭାବ୍ୟ ପ୍ରାର୍ଥୀଙ୍କ ମଧ୍ୟରୁ କେହି ହେଲେ ସ୍ଥାନୀୟ ନୁହନ୍ତି। ପୂର୍ବଭଳି ୨୦୨୪ ବିଧାନସଭା ନିର୍ବାଚନରେ ଯେଉଁ ଦଳ ବିଜୟଲାଭ କଲେ ବି ଏହି ଆସନ ଉପରେ ବାହାର ଲୋକ ବସିବା ଥୟ ବୋଲି କୁହାଯାଉଛି।

## କଂଗ୍ରେସ ସ୍କ୍ରିନିଂ କମିଟି ବୈଠକ

# ଲୋକ ସଭା ଆସନ ଉପରେ ହେଲା ଆଲୋଚନା

**ଭୁବନେଶ୍ୱର,୨୭।୨(ସୁନିତ୍ ମିଶ୍ର):** ପିସିସିର ସ୍କ୍ରିନିଂ କମିଟି ବୈଠକ ମଙ୍ଗଳବାର ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିସିସି ସଭାପତି ଶରତ ପଟ୍ଟନାୟକ, ବିଧାୟକ ଦଳ ନେତା ନରସିଂହ ମିଶ୍ର ଏବଂ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଯୋଗ ଦେଇଛନ୍ତି। ସ୍କ୍ରିନିଂ କମିଟିରେ ମୁଖ୍ୟତଃ ଓଡ଼ିଶାର ୨୧ ଲୋକ ସଭା ଆସନ ଉପରେ ଆଲୋଚନା କରାଯାଇଛି। ଦଳ ଆଣିଥିବା ପ୍ରଗମନ ଆପ୍ ଜରିଆରେ ଉଭୟ ଲୋକ ସଭା ଏବଂ ବିଧାନସଭା ଆସନ ପାଇଁ ବହୁ ପ୍ରାର୍ଥୀ ଆବେଦନ କରିଛନ୍ତି। ଗତ ସପ୍ତାହରେ ଏହି ପ୍ରାର୍ଥୀମାନଙ୍କ ଆବେଦନକୁ ନେଇ ପ୍ରଥମେ ପ୍ରଦେଶ ନିର୍ବାଚନ କମିଟି(ପିଇସି) ବୈଠକ ଅନୁଷ୍ଠିତ ହେବାପରେ ମଙ୍ଗଳବାର ସ୍କ୍ରିନିଂ କମିଟି ବସିଛି। ଆସନ୍ତା ୯ ରେ ଆଉ ଥରେ ସ୍କ୍ରିନିଂ କମିଟି ବୈଠକ ବସିବ ବୋଲି ଜଣାପଡିଛି।

## ନିର୍ବାଚନ ପୂର୍ବରୁ ୩୦ ପ୍ରଯୁକ୍ତିବିଦ୍ୟା ଜିଲା ନୋଡାଲ ଅଧିକାରୀଙ୍କୁ ନେଇ କର୍ମଶାଳା

**ଭୁବନେଶ୍ୱର,୨୭।୨(ସୁନିତ୍ ମିଶ୍ର):** ଆଗାମୀ ନିର୍ବାଚନ ପାଇଁ ପ୍ରଯୁକ୍ତିବିଦ୍ୟା ଜିଲା ନୋଡାଲ ଅଧିକାରୀଙ୍କ ଏକ ଦିନିକିଆ କର୍ମଶାଳା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ସବୁ ଜିଲାରୁ ଆସିଥିବା ୩୦ ଜଣ ପ୍ରଯୁକ୍ତିବିଦ୍ୟା ଜିଲା ନୋଡାଲ ଅଧିକାରୀ ଉପସ୍ଥିତ ଥିଲେ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ବୈଠକରେ ଯୋଗଦେଇ ନିର୍ବାଚନରେ ସୁରକ୍ଷା ପ୍ରତି ଦୃଷ୍ଟି ଦେବାକୁ ପ୍ରଯୁକ୍ତିବିଦ୍ୟା ଜିଲା ନୋଡାଲ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଓକାକ୍‌ରୁ ଆସିଥିବା ସାଇବର ସୁରକ୍ଷା ବିଶେଷଜ୍ଞ ମନମୋହନ ମହାପାତ୍ର, ପ୍ରଭୁଦତ୍ତ ମହାପାତ୍ର ଓ ହିମାଂଶୁ ଶେଖର ସାହୁ ପ୍ରମୁଖ ଏହି କର୍ମଶାଳାରେ ଉପସ୍ଥିତ ଥିବା ଜିଲା ପ୍ରଯୁକ୍ତିବିଦ୍ୟା ଅଧିକାରୀଙ୍କୁ ବିସ୍ତୃତ ଭାବେ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଏନ୍. ତିରୁମାଲା ନାୟକ, ଉପମୁଖ୍ୟ ନିର୍ବାଚନ ଅଧିକାରୀ ପଦ୍ମଜା ଦାଶଙ୍କ ସହ ପ୍ରଯୁକ୍ତି ବିଦ୍ୟା ନୋଡାଲ ଅଧିକାରୀ ଦେବରାଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଭାରତୀୟ ରାଜନୀତିରେ ୨୦୨୪

**ସମରେଶ ପଟ୍ଟନାୟକ**



ଚଳିତ ବର୍ଷ ବିଶ୍ୱର ପ୍ରାୟ ୫୦ଟି ଦେଶରେ ଜାତୀୟ ନିର୍ବାଚନ ହେବାର କାର୍ଯ୍ୟସୂଚୀ ସ୍ଥିର ହୋଇଥିବା ବେଳେ ପାକିସ୍ତାନରେ ଏହା ସଦ୍ୟ ସମାପ୍ତ ହୋଇଛି। ଏବେ ଭାରତରେ ନିର୍ବାଚନ ହେବାକୁ ଯାଉଛି। ୨୦୨୪ ଲୋକ ସଭା ନିର୍ବାଚନ କେଉଁ ଧରଣର ଭାରତୀୟ ରାଜନୈତିକ ଦୃଶ୍ୟପଟ ଆଣିବ ତା' ଉପରେ କେବଳ ଦେଶ ନୁହେଁ, ବିଦେଶ ରାଷ୍ଟ୍ରଗୁଡ଼ିକ ମଧ୍ୟ ଅପେକ୍ଷା ରଖିଛନ୍ତି। ଏ ଦେଶରେ ବହୁ ରାଜନୈତିକ ଦଳ ଥିଲେ ହେଁ ତନ୍ମଧ୍ୟରୁ ହାତଗଣତି ଦଳ ମୁଖ୍ୟ ଭୂମିକା ଗ୍ରହଣ କରିଥାଆନ୍ତି। ସେଥିମଧ୍ୟରୁ ଯିଏ ଅଙ୍କ ଖେଳରେ ସଂଖ୍ୟାଧିକ ଭୋଟରଙ୍କ ସ୍ୱୀକୃତି ପାଇବ, ସେ ଆଗାମୀ ୫ ବର୍ଷ ପାଇଁ ଭାରତର ଭାଗ୍ୟବିଧାତା ପାଲଟିଯିବ।

ଭାରତୀୟ ଜନତା ପାର୍ଟି (ଭାଜପା) ଦକ୍ଷିଣପନ୍ଥୀ (ରାଇଟିଷ୍ଟ) ଚିନ୍ତାଧାରା ରଖି ଆଗେଇ ଚାଲିଛି। ନରମପନ୍ଥୀ ଆଦର୍ଶ ଉପରେ କଂଗ୍ରେସ ଆଧାରିତ। ତା'ର ଗୁଣାବଳୀକୁ ଅଧିକ ତର୍ଜମା କଲେ ତାହା ବାମପନ୍ଥୀ ସମାଜବାଦ ଆଡ଼କୁ ଢଳି ରହିଛି। ଅନ୍ୟପକ୍ଷରେ ବାମପନ୍ଥୀ ତଥା କମ୍ୟୁନିଷ୍ଟ ଭାବନାକୁ ବାମପନ୍ଥୀ ଦଳଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଭିଡ଼ି ଧରିଛନ୍ତି। ତେବେ ଭାଜପାର ଆକାର ଓ ପଦଧାରଣକୁ ଲକ୍ଷ୍ୟ କଲେ ତାହାକୁ ଏହିକ୍ଷଣି ହଟେଇବା ଏକପ୍ରକାର ଅସମ୍ଭବ। ବର୍ତ୍ତମାନର ନବ୍ୟଉଦାର ବିଶ୍ୱ ପରିପ୍ରେକ୍ଷୀକୁ ଦେଖିଲେ ବାମପନ୍ଥୀ ଚିନ୍ତାଧାରା ସମୟ ସହ ତାଳ ମିଳାଇ ଯାଇପାରୁ ନ ଥିବାରୁ ଘୁଷୁରୁଛି। କଂଗ୍ରେସ ସ୍ଥଳବିଶେଷରେ ନରମ ହିନ୍ଦୁତ୍ୱ ଆପଣାଉଥିବାରୁ ରାଜନୀତିର କେନ୍ଦ୍ରସ୍ଥଳ ଛୁଇଁପାରୁ ନାହିଁ। ତେଣୁ ଏବର ସ୍ଥିତିରେ ଯେଉଁ ରାଜନୈତିକ ଶୂନ୍ୟତା ସୃଷ୍ଟି ହୋଇଛି, ତାହାକୁ ପୂରଣ କରିବା ଲାଗି ନୂଆ ଦଳ ପାଖରେ ସୁଯୋଗ ରହିଛି। ଏପରିକି ସେହି ଜାତୀୟ ଶୂନ୍ୟତା ପୂରଣ କରିବା ଲାଗି ଦୁଇ ଦଳ ଅରବିନ୍ଦ କେଜ୍‌ରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଓ ପ୍ରଶାନ୍ତ କିଶୋର ପାଣ୍ଡେଙ୍କ 'ସୁରଜ ଅଭିଯାନ' ଦାବିଦାର ଅଛନ୍ତି। ଉଭୟ ଦଳ ଜାତୀୟ ସ୍ୱପ୍ନ ଦେଖିବାରେ ବିଭୋର।

ଏଠାରେ ସମାଜବାଦୀ ପାର୍ଟି (ଏସ୍‌ପି), ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି), ବିଜୁ ଜନତା ଦଳ(ବିଜେଡି), ଦ୍ରାବିଡ ମୁନେତ୍ରା କାଜ୍‌ଗମ୍ (ଡିଏମ୍‌କେ), ରାଷ୍ଟ୍ରୀୟ ଲୋକଦଳ (ଆର୍‌ଏଲ୍‌ଡି), ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଭଳି ଆଞ୍ଚଳିକ ଦଳଗୁଡ଼ିକର କୌଣସି ଜାତୀୟ ଆଭିମୁଖ୍ୟ ଜଣାପଡୁ ନାହିଁ। ସେଗୁଡ଼ିକ ନିଜ ରାଜ୍ୟରେ ଦୃଢ଼ତାର ସହିତ ରହିବା ପାଇଁ ଚେଷ୍ଟା କରିଆସୁଛନ୍ତି। କିନ୍ତୁ ଟିଏମ୍‌ସି ଗୋଆରେ ଲଢ଼ିବା ଏବଂ ଆପ୍ ଗୁଜରାଟ ଓ ପଞ୍ଜାବରେ ନିର୍ବାଚନ ଲଢ଼ିବା ଫଳରେ କଂଗ୍ରେସର କ୍ଷତି ଘଟିଥିବା ସ୍ପଷ୍ଟ ଦେଖାଗଲା। ଅନ୍ୟପଟେ ଏହାର ସମ୍ପୂର୍ଣ୍ଣ ଲାଭ ଭାଜପା ଉଠାଇଲା।

ଅରବିନ୍ଦଙ୍କ ଏଏପି ଏବଂ ପ୍ରଶାନ୍ତଙ୍କ ସୁରଜ ଅଭିଯାନ କଥା ଦେଖିଲେ ଭିନ୍ନ ଚିତ୍ର ପଦାକୁ ଆସୁଛି। ଏଏପି ଦକ୍ଷଣପନ୍ଥୀଙ୍କ ଆଡ଼କୁ ଢଳି ଭାରତୀୟ ରାଜନୀତିରେ କଂଗ୍ରେସ ନିଜର ଯେଉଁ ଜାଗା ସୃଷ୍ଟି କରିଥିଲା, ତାହାକୁ ଦଖଲ କରିବାକୁ ଚାହୁଁଛି। ଏଥିସହିତ ସଂଖ୍ୟାଲଘୁ ଓ ବିଶେଷକରି ମୁସଲମାନ ସମ୍ପର୍କିତ ପ୍ରସଙ୍ଗରେ ନୀରବ ରହୁଛି। ଅର୍ଥାତ୍ କଂଗ୍ରେସ ଭଳି ଏଏପି ମଧ୍ୟ ନରମ ହିନ୍ଦୁତ୍ୱ ଆପଣାଉଛି। ବର୍ତ୍ତମାନ ଏଏପି ସହରୀ ମାନସିକତାକୁ କାବୁ କରିବାକୁ ବସିଲାଣି। କୁହାଯାଇପାରେ ଯେ, ସଂରକ୍ଷଣ ବିରୋଧୀ ଓ ବିହାର ଜାତିଗତ ସର୍ଭେକୁ ନେଇ ଜନସ୍ୱାର୍ଥ ମାମଲା ଦାୟର କରିଥିବା 'ୟୁଥ୍ ଫର୍ ଇକ୍ୱାଲିଟି' ପଛରେ ଏଏପି ମୁଖ୍ୟ ଅରବିନ୍ଦ କେଜ୍‌ରିୱାଲ ଅଛନ୍ତି।

୨୦୧୩–୧୪ ବେଳକୁ ମୋଦିଙ୍କୁ ଜାତୀୟ ସ୍ତରକୁ ଆଣିବାରେ ପ୍ରଶାନ୍ତଙ୍କ ପ୍ରମୁଖ ଭୂମିକା ଥିଲା। ନିର୍ବାଚନ ରଣନୀତିକାର ଭାବେ ଜଣାଶୁଣା ପ୍ରଶାନ୍ତ ଏବେ ଗାନ୍ଧୀ ଦର୍ଶନକୁ ନେଇ ବିହାରର ଗାଁକୁ ଗାଁ ବୁଲୁଛନ୍ତି। ପୂର୍ବରୁ ଏହାକୁ କଂଗ୍ରେସ କରୁଥିଲା, ଯାହାକୁ ଏବେ ବନ୍ଦ କରିଦେଇଛି। ପ୍ରଶାନ୍ତ ତାଙ୍କ ଲକ୍ଷ୍ୟରେ ଚାଲିଲେ ଆଗାମୀ ବିହାର ନିର୍ବାଚନରେ ସେ ୩ରୁ ୫ଟି ଆସନ ପାଇପାରନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି। ଅବଶ୍ୟ ସମୟ ଏମିତି ଆସିପାରେ ଯେତେବେଳେ ସେ ସମଗ୍ର ବିହାର ଓ ଉତ୍ତରପ୍ରଦେଶରେ ପହଞ୍ଚିଯାଇପାରନ୍ତି।

ଏଠାରେ ମନେରଖିବା ଦରକାର ଯେ, ଉଭୟ ଅରବିନ୍ଦ ଓ ପ୍ରଶାନ୍ତ ହେଉଛନ୍ତି ଭାରତୀୟ ଦକ୍ଷିଣପନ୍ଥୀ ଚିନ୍ତାଧାରାରୁ ସୃଷ୍ଟି। ଯେତେବେଳେ ନରେନ୍ଦ୍ର ମୋଦି ଦୃଶ୍ୟପଟରୁ ଅନ୍ତର ହୋଇଯିବେ ସେତେବେଳେ ପ୍ରଶାନ୍ତ ଓ ଅରବିନ୍ଦଙ୍କ ଭଳି ଶକ୍ତି ନିର୍ଦ୍ୱନ୍ଦ୍ୱରେ ସମର୍ଥନ ପାଇପାରନ୍ତି।

ଅତଏବ କଂଗ୍ରେସକୁ ତିଷ୍ଠି ରହିବାକୁ ହେଲେ ଗାନ୍ଧୀ–ନେହେରୁ ତତ୍ତ୍ୱକୁ ପାଥେୟ କରି ନରମପନ୍ଥୀ ଚିନ୍ତାଧାରାକୁ ମଜଭୁତ କରିବାକୁ ପଡ଼ିବ। ସେଥିପାଇଁ ଦଳୀୟ ନେତା ଓ କର୍ମୀ ତତ୍ପରତାର ସହ କାର୍ଯ୍ୟ କରିବା ଦରକାର। ଏବେଠାରୁ ଦଳ ପ୍ରସ୍ତୁତ ନ ହେଲେ ୨୦୩୪ ବେଳକୁ କଂଗ୍ରେସର ସ୍ଥିତି ସମ୍ପୂର୍ଣ୍ଣ ଧୂଳିସାତ୍ ହୋଇଯାଇଥିବ।

ଆଜିର ସ୍ଥିତିରେ କୌଣସି ଦଳ ଦେଶରେ ଉଚ୍ଚ ଧରଣର ନିଯୁକ୍ତି ସୃଷ୍ଟି କଲା ଭଳି ବଡ଼ ସମସ୍ୟାକୁ ଗମ୍ଭୀରତାର ସହ ଦେଖୁନାହାନ୍ତି। କ୍ଷମତାକୁ ଆସିବା ପରେ ବଡ଼ ପ୍ରତିଶ୍ରୁତି ଦେଉଛନ୍ତି। କାହାର ଗୋଟେ ବଡ଼ ଦୂରଦୃଷ୍ଟି ଥିଲା ଭଳି ମନେ ହେଉନାହିଁ। କେବଳ ଧର୍ମ ବିଷୟରେ ଆଲୋଚନା କରି ସାଧାରଣ ଭାରତୀୟଙ୍କୁ ଗୋଟିଏ ସ୍ରୋତରେ ପକାଇ ଦେବାର ଉଦ୍ୟମ ଦୀର୍ଘ ଏକ ଦଶନ୍ଧି ଧରି ସଫଳ ହୋଇଛି। ଏହା ସ୍ୱୀକାରଯୋଗ୍ୟ ଯେ, ଭାରତ ଭଳି ଦେଶରେ ଶାସନ କରିବା ପାଇଁ ଧର୍ମକୁ ପନ୍ଥା ଭାବରେ ନେବା ସହଜ। ଅନ୍ୟପଟେ ପୃଥିବୀବ୍ୟାପୀ ଅର୍ଥନୈତିକ ସ୍ଥିତି ଯେଉଁଭଳି ଭାବେ ସବୁ ଦେଶକୁ ଅସ୍ଥିର କରୁଛି ସେଥିରୁ ବୁଝାପଡୁଛି ଯେ, କୌଣସି ବୃହତ୍ ରାଷ୍ଟ୍ର ଦୀର୍ଘକାଳ ପର୍ଯ୍ୟନ୍ତ ଏକାକୀ ବଞ୍ଚି ରହିପାରିବ ନାହିଁ। ଭାରତୀୟମାନଙ୍କ ଭିତରେ ଉପୁଜିଥିବା ଧାର୍ମିକ ଚିନ୍ତାଧାରା ଯୋଗୁ ଦେଶର ଅର୍ଥନୈତିକ ଉନ୍ନତି ଉପରୁ ଦୃଷ୍ଟି ଦୂରେଇ ଯାଉଛି। ପେଟରେ ଦାନା ପଡ଼ି ନ ଥିଲେ ମନ୍ଦିରକୁ ଯାଇ ଠାକୁରଙ୍କୁ ଡାକିବା କେତେଦୂର ସାମାଜିକ ସ୍ଥିରତା ବଜାୟ ରଖିବ ତାହା ଭବିଷ୍ୟତ କହିବ।

## ଆଞ୍ଚଳିକ ଖବର

# ୧୧ କେଜିର ବ୍ରଜକାପ୍ତା, ୩ ବାଇକ୍ ଜବତ: ୬ ଗିରଫ

**ନୂଆପଡ଼ା/ସିନାପାଲି,୨୭।୨(ମକାରୁ ବେମାଲ/ମନଫୁଲ ମେହେର)**



ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଚଉରା ଜଙ୍ଗଲ ନିକଟରେ ସିନାପାଲି ବନ ବିଭାଗ ଚଢ଼ାଉ କରି ୧୧ କେଜିର ବ୍ରଜକାପ୍ତା ଜବତ କରିବା ସହ ୬ଜଣଙ୍କୁ ଗିରଫ କରିଛି। ଗିରଫମାନେ ହେଲେ ଖଡିଆଳ ବନ ବିଭାଗସ୍ଥିତ ରାଣ୍ଡିମୁଣ୍ଡାର ଚିତନନ୍ଦ ହାତି (୫୬), ଦୁର୍ଯ୍ୟୋଧନ ମାଝି (୨୯) ଗ୍ରାମ କମ୍ପାନୀଗୁମା, ଗୋବର୍ଦ୍ଧନ ସତନାମୀ (୩୫) ଢୁଆଝର, ବାସୁଦେବ ରୋହିଦାସ (୨୮) ପାଟଣାଗଡ଼, ବଲସିଂ ଗହିର (୬୨) ସରଧାପୁର, ବୋଡେନର ବବଲୁ ଅଜଗଲା (୨୪) ବୋଲି ଜଣାପଡିଛି। ସୂଚନାଯୋଗ୍ୟ ଯେ, ଚଉରା ଜଙ୍ଗଲଠାରେ ବ୍ରଜକାପ୍ତା ଡିଲ କରୁଥିବା କୌଣସି ସୂତ୍ରରୁ ଖବର ପାଇ ସିନାପାଲି ଓ ଛତିଶଗଡ଼ ବନ ବିଭାଗ ମିଳିତ ଭାବେ ଚଢାଉ କରିଥିଲା। ଉକ୍ତ ବ୍ରଜକାପ୍ତା ୧୧ କେଜି ୨ଶହ ଗ୍ରାମ ରହିଥିବା ବେଳେ ବ୍ରଜକାପ୍ତା ସହ ୬ଜଣ ବେପାରୀଙ୍କୁ ଗିରଫ କରି ୩ଟି ବାଇକ ଜବତ କରାଯାଇଛି। ଚଢାଉରେ ସିନାପାଲି ବନାଞ୍ଚଳ ଅଧିକାରୀ ମୁରାରୀ ପ୍ରସାଦ ପଣ୍ଡା, ଫରେଷ୍ଟର ପୂର୍ଣ୍ଣ ଚନ୍ଦ୍ର ନାଏକ, ରଞ୍ଜନ କୁମାର ସାହୁ, ଚୁଡାନାଥ ସରାଫ, ମନୋଜ ବାଗ, ଉପେନ୍ଦ୍ର ପ୍ରସାଦ ମହାହୁଡି ସହ ଛତିଶଗଡ଼ ବନ ବିଭାଗ ଅଧିକାରୀ ସାମିଲ ଥିଲେ। ଏ ନେଇ ସିନାପାଲି ବନ ବିଭାଗ ଅଧିକ ତଦନ୍ତ କରୁଛି।

# ମିଶନ ଶକ୍ତି ମହିଳା କର୍ମଚାରୀଙ୍କୁ ପ୍ରୋତ୍ସାହନ କଲେ ରାଜ୍ୟ ସରକାର

**କୋକସରା,୨୭।୨ (ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)**

ମଙ୍ଗଳବାର ରାଜ୍ୟ ସରକାର ମିଶନ ଶକ୍ତିକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଅନେକ ପଦକ୍ଷେପ ନେଇଥିବା ବେଳେ ମହିଳାଙ୍କୁ ଅଗ୍ରାଧିକାର ଦେଇ ଅନେକ ଲୋକାଭିମୁଖୀ ଯୋଜନା ଘୋଷଣା କରିଛନ୍ତି। କୋକସରା ବ୍ଲକ ପରିସରରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଓ ମିଶନ ଶକ୍ତିର ମିଳିତ ଆନୁକୂଲ୍ୟରେ ମିଶନ ଶକ୍ତିରେ କାର୍ଯ୍ୟରତ ମହିଳା କର୍ମଚାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ମା'ଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବ୍ଲକରେ କାର୍ଯ୍ୟରତ ୩୮୦ ଗୋଟି ଏସଏଚଜି ଗୋଷ୍ଠୀଙ୍କ ମଧ୍ୟରୁ ୫୦ଟି ଗ୍ରୁପକୁ ଚେକ ପ୍ରଦାନ ଓ ୬ଜଣ ବ୍ୟାଙ୍କ ମିତ୍ର ମହିଳା କର୍ମଚାରୀଙ୍କୁ ଲାପଟପ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଏଲଇଡି ଜରିଆରେ ପ୍ରସାରଣ ଦେଖିଥିଲେ ମିଶନ ଶକ୍ତି ଓ ଏସଏଚଜି ମହିଳା । କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ସିଡିପିଓ ସରୋଜାଲତା ଦେଇଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରାଜ୍ୟ ଓମଫେଡ ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନୀ, ସମ୍ମାନିତ ଅତିଥି ଭାବେ ଜନ ପ୍ରତିନିଧି ଘନଶ୍ୟାମ ନାଏକ, ଗଜାନନ ନିଆଲ, ଅଞ୍ଜନା ଦୁର୍ଗା ଓ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଇନ୍ଦ୍ରମଣି ଧ. ମାଝି ଉପସ୍ଥିତ ରହି ଏସଏଚଜି ମହିଳା ଓ ମିଶନ ଶକ୍ତି ମହିଳା କର୍ମଚାରୀଙ୍କୁ ଚେକ ଓ ଲାପଟପ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ମିଶନ ଶକ୍ତି ବ୍ଲକ କର୍ମଚାରୀ ସୁରେଶ ରାଉତ, ସୌମ୍ୟ ରଞ୍ଜନ ପଣ୍ଡା, ଆଇସିଡିଏସ କର୍ମଚାରୀ ମନୋରଞ୍ଜନ ମହାନ୍ତି, ମିଶନ ଶକ୍ତିର ଏମବିକେ, ସିଆରପି, ବ୍ୟାଙ୍କ ମିତ୍ର ଓ ଏସଏଚଜି ମହିଳା ମାନେ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଜିଲା ପରିଷଦ ୱାର୍କ୍ସ କମିଟି ବୈଠକ

ଭବାନୀପାଟଣା,୨୭।୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲା ପରିଷଦ ୱାର୍କ୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଉପାଧ୍ୟକ୍ଷା ତଥା ୱାର୍କ୍ସ କମିଟି ସଭାନେତ୍ରୀ ସୁଧିରା ମେହେର ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଇରିଗେଶନ, ବିଦ୍ୟୁତ୍‌କରଣ ଆଦି ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଉପରୋକ୍ତ ବିଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଓ ଅନ୍ୟାନ ପଦାଧିକାରୀମାନେ ଉପସ୍ଥିତ ଥିଲେ।

### କଳାହାଣ୍ଡି କ୍ରିକେଟ ଏକାଡ଼େମୀ ଉଦ୍‌ଘାଟିତ

ଭବାନୀପାଟଣା,୨୭।୨(ଉତ୍ତମ କୁମାର ଦାଶ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଅପରାହ୍ନରେ ଆଭାସି ମାଧ୍ୟମରେ ରାଜ୍ୟର ବିଭିନ୍ନ ସ୍ଥାନରେ କ୍ରିକେଟ ଷ୍ଟାଡିୟମ ଓ କ୍ରିକେଟ ଏକାଡେମୀର ଉଦଘାଟନ କରିଛନ୍ତି। ଏହା ଦ୍ୱାରା କ୍ରୀଡା କ୍ଷେତ୍ରରେ ଖେଳାଳିଙ୍କ କ୍ୟାରିୟର ଗଠନ ପାଇଁ ଏକ ସୁଯୋଗ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ କଳାହାଣ୍ଡି କ୍ରିକେଟ ଏକାଡ଼େମୀ ଉଦଘାଟିତ ହୋଇଯାଇଛି। ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଯୋଡି ହୋଇ ଏହାର ଉଦଘାଟନ କରିଛନ୍ତି। ଉଦଘାଟନ ସମାରୋହରେ ଅତିଥି ଭାବେ କଳାହାଣ୍ଡି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଜିଲା କ୍ରୀଡା ସଂସ୍ଥା କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ବେହେରା, ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ, ଭବାନୀପାଟଣା ପୌରାଧ୍ୟକ୍ଷା ସଂଯୁକ୍ତା ବେହେରା ପ୍ରମୁଖ ଯୋଗଦେଇଥିଲେ।

### ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ଖଡ଼ିଆଳ,୨୭।୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳସ୍ଥିତ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ନବରଙ୍ଗପୁର ଉପକ୍ଷେତ୍ରୀୟ ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ନିଲମ ଦିଦିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସ୍ମୃତି ସଭାରେ ଖଡ଼ିଆଳ ଶାଖା ସଞ୍ଚାଳିକା ବ୍ରହ୍ମା କୁମାରୀ ସୂର୍ଯ୍ୟକାନ୍ତି ଭଉଣୀଙ୍କ ଅଧ୍ୟକ୍ଷତାରେ ସ୍ୱର୍ଗତ ନିଲମ ଦିଦିଙ୍କ ଜିବନୀ ଓ ଆଦର୍ଶ ଉପରେ ସ୍ମୃତି ଚାରଣ କରିଥିଲେ। ସେହିଭଳି ବିଶିଷ୍ଟ ଅତିଥି ଭାବେ କୁନୁ କରୁଆଁ, ଶିକ୍ଷକ ପ୍ରବୀଣ କୁମାର ହୋତା ଯୋଗଦେଇ ନିଲମ ଦିଦିଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମକୁମାର କୃଷ୍ଣ ଭାଇ, ବିପିନ ଭାଇ, ରିତା ଭଉଣୀ, କୌଶଲ୍ୟା, ତନୟା, ଜାନକି, ଧନମତି, ଖଗେଶ୍ୱର, ଅଶୋକ, ପ୍ରତିମା, ଖିଲେନ୍ଦ୍ରି, ସେବତୀ ପ୍ରମୁଖ ବ୍ରହ୍ମାକୁମାର ଭାଇ ଓ ଭଉଣୀମାନେ ଯୋଗଦେଇ ନିଲମ ଦିଦିଙ୍କ ଫଟୋଚିତ୍ରରେ ପୁଷ୍ପଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ମା' ବସ୍ତ୍ରାଣୀ ଖେଳ ପଡ଼ିଆ ଉନ୍ନତୀକରଣ ପାଇଁ ଭୂମି ପୂଜନ

ନୂଆପଡ଼ା/କୋମନା,୨୭।୨
(ମକାରୁ ବେମାଲ/ସୋବିନ ଛତ୍ରିଆ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ବୃନ୍ଦିକୋମନା ମା' ବସ୍ତ୍ରାଣୀ ଖେଳ ପଡିଆ ଉନ୍ନତିକରଣ ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କାଣ୍ଡେତରା, ବୃନ୍ଦିକୋମନା, ଡୋଙ୍ଗରିପାଲି, ଜଳମକଟା, ଧୁମାଭଟା ଗାଁର ଶତାଧିକ ସ୍ୱୟଂ ସହାୟକ ମହିଳା ଗୋଷ୍ଠି ଓ ଜନସାଧାରଣ ଉପସ୍ଥିତ ଥିଲେ। କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ମା' ବସ୍ତ୍ରାଣୀ ଖେଳ ପଡିଆ ଉତିକରଣ ପାଇଁ ଭୂମି ପୂଜା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ଜିଲା ପରିଷଦ ସଦସ୍ୟ ଅବନି ରଞ୍ଜନ ଯୋଶୀ, ମୁରଲିଧର ଭୋଇ, ବୃନ୍ଦିକୋମନା ସରପଞ୍ଚ ସନ୍ତୋଷିନି ବାଗ, ଜୟ ଢୋଲକିଆ, ପ୍ରିୟବନ୍ଧୁ ପାଢ଼ୀ, କାଳିଆ ପ୍ରଧାନ, କାର୍ତ୍ତିକ ଦୀପ, ଗୁପ୍ତେଶ୍ୱର କୁମ୍ଭାର, ବାଳକୃଷ୍ଣ ଦୁରିଆ, କ୍ଷମା ସିଂ ନିଆଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# ଜଙ୍ଗଲ ଭିତରେ ରହି ପରିଚୟ ଖୋଜୁଛନ୍ତି ଆଦିବାସୀ

■ଫେଲ ମାରିଛି ବିକାଶ
■ଆଜି ବି ଲୋକେ ମୌଳିକ ସୁବିଧାରୁ ବଞ୍ଚିତ

ଭବାନୀପାଟଣା,୨୭।୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଦାସିଗାଁ ପଞ୍ଚାୟତର ଚୋରଖସିଗୁଡା ଗ୍ରାମର ଏକ ସାହି ହେଉଛି କିଞ୍ଜିକନା। ଏଥିରେ ଗୋଟିଏ ଦଳିତ ପରିବାର ଓ ୫ଟି ଆଦିବାସୀ ପରିବାର ବସବାସ କରନ୍ତି। ଏଠାରେ ବସବାସ କରୁଥିବା ଲୋକେ ଜଙ୍ଗଲ ଉପରେ ନିର୍ଭର କରିଥାନ୍ତି। ଜଙ୍ଗଲଜାତ ଦ୍ରବ୍ୟ ବିକ୍ରି କରି ପରିବାର ପ୍ରତିପୋଷଣ କରିଥାନ୍ତି। ଏହି କିଞ୍ଜିକନା ସାହିକୁ ଯିବାକୁ ହେଲେ ଜଙ୍ଗଲ ଭିତରକୁ ୨ କିଲୋମିଟର ଚାଲିଯିବାକୁ ପଡେ। ଜଙ୍ଗଲ ଭିତରେ କେବଳ ପାଦଚଲା ରାସ୍ତାରେ ହିଁ ଯିବାଆସିବା କରିଥାନ୍ତି। ଯେହେତୁ ଯିବା ଆସିବା ପାଇଁ ଅସୁବିଧା ତେଣୁ ପିଲାମାନେ ଅଙ୍ଗନୱାଡି କିମ୍ବା ସ୍କୁଲ ଯାଆନ୍ତି ନାହିଁ। ଗତ ୧୮ ତାରିଖରେ କିଞ୍ଜିକନା ଗ୍ରାମର ରାଏମତି ମାଝି ଗର୍ଭବତୀ ଥିବା ଯୋଗୁ ତାଙ୍କୁ ପ୍ରସବ ବେଦନା ହୋଇଥିଲା। ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଯାଇ ପାରିଲା ନାହିଁ। ଦୁଃଖର କଥା ଖଟିଆରେ ବୋହି ଆଣୁଥବା ସମୟରେ ଅଧାବାଟରେ ହିଁ ରାଏମତି ଏକ କନ୍ୟାସନ୍ତାନ ଜନ୍ମ ଦେଇଥିଲେ। କିଞ୍ଜିକନାରେ ବସବାସ କରୁଥିବା ଜଣେ ଲୋକଙ୍କୁ ମଧ ଆବାସ ଯୋଜନାରେ ସାମିଲ କରାଯାଇନାହିଁ। ଫଳରେ ଛୋଟ ଛୋଟ ମାଟି କୁଡିଆରେ ଏବେବି ବସବାସ କରୁଛନ୍ତି। ଏହି ଗ୍ରାମରେ ଜଣେ ଦଳିତ ବୃଦ୍ଧ ବଳଦେବ ନାଏକ ଅଛନ୍ତି। ତାଙ୍କ ଛୁଆ ପିଲା କେହି ନ ଥିବା ବେଳେ ତାଙ୍କ ସ୍ତ୍ରୀଙ୍କ ମଧ ଆଗରୁ ଦେହାନ୍ତ ହୋଇଛି। ବଳଦେବଙ୍କ କହିବା ଅନୁସାରେ ତାଙ୍କୁ ୭୦ ବର୍ଷ ହେଉଥିବା ବେଳେ ଆଜି ପର୍ଯ୍ୟନ୍ତ ଭତ୍ତା ପାଇପାରୁନାହାନ୍ତି। ଆବାସ ଯୋଜନାରେ ଘରଟିଏ ମଧ ନାହିଁ। ଭତ୍ତା, ଆବାସ ତ ଦୂରର କଥା ରାଶନ କାର୍ଡ ଟିଏ ମଧ ନାହିଁ। ସରକାର ବିକାଶର ନାରା ଦେଇ କେଳ ମିଛ ବହାସ୍କୋଟ ମାରୁଛନ୍ତି। ସ୍ୱାଧୀନତାର ଦୀର୍ଘବର୍ଷ ପରେ ମଧ ପ୍ରଶାସନ କିମ୍ବା ରାଜନେତାଙ୍କୁ ଦେଖି ନାହାନ୍ତି। ଆଗକୁ ସାଧାରଣ ନିର୍ବାଚନ ଥିବା ବେଳେ ସରକାରର ରାଜନେତାମାନେ ଆଦିବାସୀମାନଙ୍କୁ କେଉଁ ପ୍ରତିଶ୍ରୁତି ଦେଇ ଭୋଟ ହାତେଇବେ ତାହା ଏବେ ଦେଖିବାକୁ ବାକି ରହିଲା।


କିଞ୍ଜିକିନା ଗ୍ରାମର ଜଣେ ବୃଦ୍ଧା ବସିଛନ୍ତି।

# ମିଶନ ଶକ୍ତି ବ୍ୟାଙ୍କ ଋଣ, ସୁଦ୍ଧ ଫେରସ୍ତ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ଲାଞ୍ଜିଗଡ଼,୨୭।୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ମଙ୍ଗଳବାର ସ୍ୱତନ୍ତ୍ର ମିଶନ ଶକ୍ତି ବ୍ୟାଙ୍କ ଋଣ ସୁଦ୍ଧ ଫେରସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକର କାର୍ଯ୍ୟକ୍ରମରେ ୩୬୪ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ୧୧ ଲକ୍ଷ ୯୫ ହଜାର ୮୩୫ ଟଙ୍କାର ସୁଧ ଫେରସ୍ତ ରାଶି ଏବଂ ଋଣ ରାଶି ଡମି ଚେକ ମାଧ୍ୟମରେ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରିଥିଲେ। ସୁଧ ଫେରସ୍ତ ରାଶି ଏବଂ ଋଣ ରାଶି ଆକାଉଣ୍ଟରେ ଜମା ହେବ ବୋଲି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶିବାଜୀ ମାଝି, ମୁଖ୍ୟବକ୍ତା ଭାବେ ବିଡିଓ ଶଶାଙ୍କ ପାତ୍ର, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ସିଡିପିଓ ବିଜୟଶ୍ରୀ ସିଂଦେଓ, ବନ୍ଧପାରୀ ପଞ୍ଚାୟତ ପୂର୍ବତନ ସରପଞ୍ଚ ଫୁଲମେ ମାଝି, ବିଶ୍ୱନାଥପୁର ଷ୍ଟେଟବ୍ୟାଙ୍କ ଫିଲଡ ଅଫିସର ଅବିନାଶ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନଙ୍କ ଦ୍ୱାରା ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ନାରୀ ସଶକ୍ତୀକରଣ ଦ୍ୱାରା ମିଶନଶକ୍ତି ଏବଂ ଏସଏଚଜିମାନଙ୍କ ସ୍ୱାବଲମ୍ବୀ କରୁଥିବା ଦର୍ଶାଇଥିଲେ। କାର୍ଯ୍ୟକ୍ରମରେ ବ୍ଲକର ୨୬ଟି ପଞ୍ଚାୟତର ୧ ହଜାରରୁ ଊର୍ଦ୍ଧ୍ୱ ମିଶନ ଶକ୍ତି ଏବଂ ଏସଏଚଜି ମହିଳାମାନେ ଯୋଗଦେଇଥିଲେ। ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ବ୍ଲକ ବିପିସି ଜାଭେଦ ଖାନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ମିଶନ ଶକ୍ତି ବିପିମ ସଞ୍ଜୀବ କୁମାର କଁଅର ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱୟଂ ସହାୟକ ମହିଳା ଦଳକୁ ସୁଧ ଫେରସ୍ତ କାର୍ଯ୍ୟକ୍ରମ


ମଞ୍ଚସୀନ ଅତିଥି ବୃନ୍ଦ।

ନୂଆପଡ଼ା/ସିନାପାଲି,୨୭।୨
(ମକାରୁ ବେମାଲ/ମନଫୁଲ ମେହେର)

ନୂଆପଡା ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଆଭାସି ମାଧ୍ୟମରେ ସୁଧ ଫେରସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲୀପ ନିର୍ମଳକର, ଜିଲା ପରିଷଦ ସଦସ୍ୟ ଭରତଲାଲ ରାଉତ, ଉମା ଠାକୁର, ଜିଲା କିଷାନ ମଜଦୁର ସଂଗ୍ରାମ ପରିଷଦ ଆବାହକ ଯଦୁମଣି ପାଣିଗ୍ରାହୀ, ସାମାଜିକ କର୍ମୀ ଧନିରାମ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ସରକାର ମହିଳାମାନଙ୍କୁ ସଶକ୍ତିକରଣ ବା ସ୍ୱାବଲମ୍ବି କରିବା ପାଇଁ ଅନେକ ଯୋଜନା ପ୍ରଣୟନ କରୁଛନ୍ତି। ଆଗ ମହିଳାମାନେ ଘରୁ ପଦାକୁ ବାହାରୁ ନ ଥିଲେ। ବର୍ତ୍ତମାନ ସମୟରେ ମହିଳାମାନଙ୍କ ସ୍ଥାନ ଆଗ ଧାଡିରେ ରହିଛି। ନିଜ ଗୋଡରେ ନିଜେ ଛିଡା ହୋଇ ଅନ୍ୟକୁ ଛିଡା କରିବା ସମର୍ଥ ହୋଇ ଗଲେଣି ବୋଲି ଅତିଥିମାନେ କହିଥିଲେ। ନୂଆପଡା ବ୍ଲକର ମୋଟ ୩ ହଜାର ୭୦୪ଟି ମହିଳା ସ୍ୱୟଂ ସହାୟକ ଦଳକୁ ଚେକ ମାଧ୍ୟମରେ ସୁଧ ଫେରସ୍ତ କରିଥିଲେ। ସଦର ବିଡିଓ ବିପିନ ବିହାରୀ ଦୀପ ପରି ଚାଳନା କରିଥିଲେ। ସେହିପରି ସିନାପାଲି ବ୍ଲକ ମିଶନଶକ୍ତି ପକ୍ଷରୁ ବିଭିନ୍ନ ଗ୍ରାମର ଏସଏଚଜି ମହିଳାଙ୍କୁ ଚେକ ମାଧ୍ୟମରେ ସହାୟତା ରାଶି ପ୍ରଦାନ କରାଯାଇଥିଲା। ସିନାପାଲି ବ୍ଲକ ମିଶନଶକ୍ତି ପକ୍ଷରୁ ମୋଟ ୩୦ଟି ଏସଏଚଜି ମହିଳା ଗ୍ରୁପକୁ ଚେକ ମାଧ୍ୟମରେ ସହାୟତା ରାଶି ପ୍ରଦାନ କରିଥିବା ବେଳେ ୫ଶହରୁ ଅଧିକ ଏସଏଚଜି ମହିଳାଙ୍କ ଏକାଉଣ୍ଟରେ ମୋଟ ୧୩ ଲକ୍ଷରୁ ଅଧିକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଜଣାପଡିଛି। କାର୍ଯ୍ୟକ୍ରମରେ ଓଏଲଏମ ଶରତଚନ୍ଦ୍ର ଦିପ ଅତିଥି ସ୍ୱାଗତ ଅଭିଭାଷଣ ତଥା ମଞ୍ଚ ପରିଚାଳନା କରିଥିଲେ। ଅତିଥି ଭାବେ ସିନାପାଲି ବିଡିଓ ସର୍ବେଶ୍ୱର ଜାଲ, ସିଡିପିଓ ଝରଣା ସତପତି, ଉପାଧ୍ୟକ୍ଷା ମିନା ଘିଭେଲା, ଜିଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ଗୁଆଲ, ଆଶା ଜୈନ, ସମିତିସଭ୍ୟ ମନିଷ କୁମାର ପଟେଲ, ଜିଲା ଭାଜପା ସଭାପତି ସୁବ୍ରତ ଠାକୁର ଉପସ୍ଥିତ ଥିଲେ। ସେଠାରୁ ବିଭିନ୍ନ ଏସଏଚଜିଙ୍କୁ ଚେକ ମାଧ୍ୟମରେ ସହାୟତା ରାଶି ପ୍ରଦାନ ଅତିଥିମାନେ କରିଥିବା ବେଳେ ମିଶନଶକ୍ତି ବିପିଶି ବିଜୟ କୁମାର ଭିତ୍ରୀଆ ପରିଚାଳନା କରିଥିବା ବେଳେ ମିଶନ ଶକ୍ତି ଏକାଉଣ୍ଟ ଟେଣ୍ଡ୍ର ଗୋପାଳ ମେହେର ସଭା ସାଙ୍ଗ କରିଥିଲେ।

# ନଗର ସଂକୀର୍ତ୍ତନ ସହିତ ଷୋହଳ ପ୍ରହର ନାମଯଜ୍ଞ ସମ୍ପନ୍ନ

ଲାଞ୍ଜିଗଡ଼,୨୭।୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ଗୋପୀନାଥ ମନ୍ଦିର ପରିସର ଠାରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଅନୁଷ୍ଠିତ ଷୋହଳ ପ୍ରହର ନାମଯଜ୍ଞ ମଙ୍ଗଳବାର ନଗର ସଂକୀର୍ତ୍ତନ ସହିତ ସମ୍ପୂର୍ଣ୍ଣ ହେଇଯାଇଛି। ଶନିବାର ନାମଯଜ୍ଞର ଅଧିବାସ କାର୍ଯ୍ୟାରମ୍ଭ ହୋଇଥିବାବେଳେ ଶୁଭକଳସ ସ୍ଥାପନ କରାଯାଇଥିଲା। ରବିବାର ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିବାବେଳେ ମଙ୍ଗଳବାର ସକାଳ ୭ଟାରେ ସମ୍ପୂର୍ଣ୍ଣ ହୋଇଯାଇଛି। ଷୋହଳ ପ୍ରହର ନାମ ଯଜ୍ଞ ସଂକୀର୍ତ୍ତନ ପାଇଁ ଭୀମାଡଙ୍ଗା, ନୂଆପଡା, ବଳଭଦ୍ରପୁର, ଝିଗି ପାଇକବୋରି, ହରେକୃଷ୍ଣପୁର, ବରଗୁଡ଼ା, ଲାଞ୍ଜିଗଡ ସମେତ, ଗୋଲଙ୍ଗବନ୍ଧ ମହିଳା ସଂକୀର୍ତ୍ତନ ମଣ୍ଡଳୀ ସାମିଲ ଥିଲେ। କର୍ତ୍ତା ଭାବେ ଯୁଧିଷ୍ଠିର ପାତ୍ର ଓ ରଶ୍ମିତା ପାତ୍ର, ସହକର୍ତ୍ତା ଭାବେ ସନ୍ତୋଷ ଦଣ୍ଡସେନା ଓ ସରିତା ଦଣ୍ଡସେନା ଦାୟିତ୍ୱ ତୁଲାଉ ଥିବାବେଳେ ପୂଜକ ଭାବେ ମୁରଲୀ ତ୍ରିପାଠୀ, ଶ୍ରୀଧର ତ୍ରିପାଠୀ, ରବୀନ୍ଦ୍ର ଦାସ, ଚନ୍ଦ୍ର ମହାପାତ୍ର, ତରୁଣସେନ ରଥ ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ଦୀନବନ୍ଧୁ ବାରିକ ଏବଂ ମନୁ ବାରିକ କାର୍ଯ୍ୟରେ ସହଯୋଗ କରିଥିଲେ। ଶ୍ରୀ ହରିହର ସାଂସ୍କୃତିକ ସେବା ସମିତି ସଭାପତି ରାଜେନ୍ଦ୍ର ପ୍ରସାଦ ସିଂଦେଓ, ସମ୍ପାଦକ କାମରାଜ ଦଳବେହେରା, କୋଷାଧ୍ୟକ୍ଷ ଚନ୍ଦ୍ରଧ୍ୱଜ ପେଶନିଆ, ଲାଞ୍ଜିଗଡ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେସନିଆ, ଶ୍ରୀମୁଖ ଅଗସ୍ତି, ଅଶୋକ ପଟ୍ଟନାୟକ, ସୁବାସ ମହାପାତ୍ର ସମେତ ସମସ୍ତ କର୍ମକର୍ତ୍ତା, ଯୁବଗୋଷ୍ଠୀ ରାଘବ ଗହୀର, ଭୁପେନ୍ଦ୍ର ମହାରଥା, ଏମ.ଏସ. ଶେଖର, ପ୍ରଦୋଷ ପୁଷ୍ଟି, ମାନବେନ୍ଦ୍ର ଜେନା, କାର୍ତ୍ତିକ ଓଡ଼ିଆ ସମେତ ପ୍ରହରୀ କମିଟି ସମସ୍ତ ସଦସ୍ୟ, ଲାଞ୍ଜିଗଡ ମହିଳା ମଣ୍ଡଳୀ ପ୍ରମୁଖ ସହଯୋଗ କରିଥିଲେ। ଭକ୍ତ ମାନକ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ମଧ କରାଯାଇଥିବାବେଳେ ଅଞ୍ଚଳର ହଜାର ହଜାର ଭକ୍ତ ପ୍ରସାଦ ସେବନ କରିଥିଲେ।

# ୩୨୯ ଦଳ ପାଇଲେ ସୁଧ ବାବଦକୁ ୧୨ ଲକ୍ଷ ଟଙ୍କା


ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସୁଧ ଟଙ୍କା ଫେରସ୍ତ କରାଯାଉଛି।

କର୍ଲାମୁଣ୍ଡା,୨୭।୨(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ସାଧାରଣ ପ୍ରେଡ଼ ପଡ଼ିଆଠାରେ ମଙ୍ଗଳବାର ମିଶନ ଶକ୍ତି ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କୁନି ସାହୁ, ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ବିଡିଓ ମଣ୍ଟୁ ଖମାରୀ, ସିଡିପିଓ ଗିରିଜା, ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ବ୍ଲକ ଫେଡରେଶନ ସଭାପତି ଜୟନ୍ତୀ ସାହୁ, ପୌରକେଲା ସରପଞ୍ଚ ଯଶୋଶ୍ୱିନୀ ଧରୁଆ, ରିଷିଡା ସରପଞ୍ଚ ସେବତୀ ରଣା, ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ରାଜେଶ ପ୍ରସାଦ ହିଆଁଲ ପ୍ରମୁଖ ଯୋଗଦେଇ ବ୍ଲକର ଯୋଗ୍ୟ ବିବେଚିତ ୩୨୯ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ସୁଧ ବାବଦକୁ ୧୨ ଲକ୍ଷ ଟଙ୍କା ଫେରସ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଶନ ଶକ୍ତି ବିପିସି ବିପିନ ବାରିକ କାର୍ଯ୍ୟକ୍ରମ ଲକ୍ଷ୍ୟ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଆଇସିଡିଏସ ସୁପରଭାଇଜର କୁଶୁମ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବିପିଏସିଏ ନେତ୍ରରାଜ ତାଣ୍ଡି, ଭାରପ୍ରାପ୍ତ ବିପିଏମ ଲଳିତ ବିଶି ସହଯୋଗ କରିଥିଲେ।

# ଆଦିବାସୀଙ୍କ ନିର୍ବାଚନ ବିଚାର ବିମର୍ଷ ସଭା



ଖଡ଼ିଆଳ,୨୭।୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ କଲ୍ୟାଣ ମଣ୍ଡପ ୨ଠାରେ ଜିଲା ଆଦିବାସୀ କଲ୍ୟାଣ ସଂଘ ନେତୃତ୍ୱରେ ଭାନୁ ପ୍ରତାପ ସିଂ ମାଝିଙ୍କ ସଭାପତିରେ ଚଳିତ ସାଧାରଣ ନିର୍ବାଚନ ବିଚାର ବିମର୍ଷ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଓଡ଼ିଶା ଆଦିବାସୀ କଲ୍ୟାଣ ମହା ସଂଘ ସଭାପତି ବାଳକୃଷ୍ଣ ଶବର, ସମ୍ମାନିତ ଅତିଥି ଭାବେ ବିକ୍ରମ ମାଝି, ଜୟରାମ ଶବର, ବିଦୁର ଶବର, ଜଗତ ରାମ ଶବର, ଭୁବନେଶ୍ୱର ମାଝି, ଗୀତାଞ୍ଜଳି ଶବର, କାର୍ତ୍ତିକ ମଲ୍ଲିକ, ଲକ୍ଷ୍ମଣ ଦଳ ପ୍ରମୁଖ ମଞ୍ଚାସୀନ ଥିଲେ। ସରକାର ବର୍ତ୍ତମାନ ଆଦିବାସୀଙ୍କ ଉପରେ ଲାଗିଥିବା ପୋଲିସ, ଜଙ୍ଗଲ ଓ ଅବକାରୀ ବିଭାଗ ଦ୍ୱାରା ୪୮୦୧୮ଟି ମକଦ୍ଦମା ଉଠାଇ ଦେଇଥିବାରୁ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଥିଲେ। ସଭାରେ ଲିଙ୍ଗରାଜ ମାଝି, ଗୁନଧର ଶବର, ପ୍ରତାପ ସିଂହ ମାଝି, ଭୁବନେଶ୍ୱର ଦଳ, ପୂର୍ଣ୍ଣଚନ୍ଦ୍ର ଶବର, ଯଦୁମଣି ମାଝି, ଜୟସିଂ ଚିନ୍ଦା, ସୁବୁଦ୍ଧି ଶବର, ସୋମନାଥ ଶବର, ଧିନ୍ଦୋଲୋ ମାଝି, ବଲସିଂ ଶବର, ଧନଞ୍ଜୟ ମାଝି, ସଦସିଂ ଭୋଇ, ବଲହବ ମାଝି, ବିଶେଶ୍ୱର ଧରୁଆ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ନୂଆପଡ଼ା କ୍ରିକେଟ ଏକାଡେମୀ ଉଦ୍‌ଘାଟିତ

ନୂଆପଡ଼ା,୨୭।୨(ମକାରୁ ବେମାଲ)



ସ୍ଥାନୀୟ ମିନି ଷ୍ଟାଡିୟମଠାରେ ମଙ୍ଗଳବାର ଆଭାଷି ମାଧ୍ୟମରେ ନୂଆପଡା କ୍ରିକେଟ ଏକାଡେମୀ ଉଦଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ନୂଆପଡା ଜିଲା ସମେତ ରାଜ୍ୟରେ ୪୧ଟି ଏକାଡେମୀ ଉଦଘାଟନ କରିଛନ୍ତି। ନୂଆପଡା ଜିଲା କ୍ରିକେଟ ଆସୋସିଏଶନ ଓ ଓଡିଶା କ୍ରିକେଟ ଆସୋସିଏଶନଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ସମାରୋହରେ ଓସିଏ ପୂର୍ବତନ ଉପସଭାପତି ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ଜିଲାପାଳ ହେମକାନ୍ତ ସାଏ ମୁଖ୍ୟଅତିଥି, ସଦର ଏନ୍‌ଏସି ଅଧ୍ୟକ୍ଷ ମହମ୍ମଦ ଆଦାମ, ଜିଲା ପରିଷଦ ସଦସ୍ୟ ଅବନି ରଞ୍ଜନ ଯୋଶୀ, ସିନ୍ଧୁ ଅଶୋକ ବୋଧନକର, ଅଶୋକ ଦେବାଙ୍ଗନ, ଗୁଲାମ ସତାର, ପ୍ରକାଶ ସାହୁ, ସଞ୍ଜୁ ପୁରୋହିତ, ରାଜେନ୍ଦ୍ର କୁମାର ବଡେଇ, ଗୋପମଣି ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡା କ୍ଷେତ୍ରରେ ଲୁଚାଇତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ରାଜ୍ୟ ସରକାର ଏହି ସବୁ ଯୋଜନା କରିଛନ୍ତି। ଏହି ଏକାଡେମୀରେ ଜିଲା ତଥା ଅଞ୍ଚଳର ଖେଳାଳିମାନେ ଅଭ୍ୟାସ କରି ଭଲ ଖେଳାଳି ଭାବେ ଗଢି ତୋଳିବେ। ପଞ୍ଚାୟତ, ବ୍ଲକ, ଜିଲାରୁ ରାଜ୍ୟସ୍ତରକୁ ଯାଇ ଜାତୀୟସ୍ତରକୁ ଉନ୍ନିତ ହେବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ତପନ ବଗର୍ତ୍ତି, ଅମରେଶ ଦାସ, ରଞ୍ଜିତ ସୁନା, ଟୁପୁ ଖାନ, ସାଗର ହଂସ, ବିଶିକେସନ ବାଗ, ଯଶୋବନ୍ତ ହଂସ, ବାପି ମହଲା, ଫିରୋଜ ଖାନ ପ୍ରମୁଖ ସହଯୋଗ କରିଥିଲେ।

# ଭତ୍ତା ବୃଦ୍ଧି ନେଇ ବ୍ଲକ ଘେରାଉ

କର୍ଲାମୁଣ୍ଡା,୨୭।୨(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରଠାରେ ମଙ୍ଗଳବାର ମୁଇ କଳାହାଣ୍ଡିଆ ଫର କଳାହାଣ୍ଡି ସଙ୍ଗଠନ ପକ୍ଷରୁ ଭତ୍ତା ବୃଦ୍ଧି ନେଇ ବ୍ଲକ ଘେରାଉ କରାଯାଇଛି। ଏଥିରେ ବାର୍ଦ୍ଧକ୍ୟ, ବିଧବା, ଅବିବାହିତା ଓ ଭିନ୍ନକ୍ଷମମାନଙ୍କୁ ମଧୁବାବୁ ପେନସନ ଓ ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ୨୫୦୦ ରୁ ୩୦୦୦ ହଜାର ଟଙ୍କା ପ୍ରଦାନ ଦାବିରେ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଙ୍ଗଠନ ଜିଲା ସଭାପତି ସୁରେଶ ସଂଗ୍ରାମ, ସଙ୍ଗଠକ ଲକ୍ଷ୍ମୀ ନାରାୟଣ ପଣ୍ଡା, ବ୍ଲକ ସଭାପତି ଦଶରଥ ସାହୁ, କ୍ଷିରୋଦ କୁମାର ନାଗ, ମୋହନ ସାହୁ, ନାରୀ ନେତ୍ରୀ ଉମାକାନ୍ତି ସାହୁ, ଟୁକୁରାମ ସାହୁ, କୁମୁଦ ଛତ୍ରିଆ, ଶମ୍ଭୁ ସାହୁ ପ୍ରମୁଖ ସହ ବିଭିନ୍ନ ଗାଁରୁ ୧୫୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ଉପସ୍ଥିତଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ମଣ୍ଟୁ ଖମାରୀଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରଗୁଡ଼ିକ ମଧ୍ୟରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧବୃଦ୍ଧା, ବିଧବା, ଅବିବାହିତାଙ୍କ ଭତ୍ତା ୨୫୦୦ଟଙ୍କାକୁ ବୃଦ୍ଧି ଓ ୮୦ବର୍ଷ ବାର୍ଦ୍ଧକ୍ୟ/ଦିବ୍ୟାଙ୍ଗଙ୍କୁ ୩୦୦୦ ଟଙ୍କା ଭତ୍ତା ସହିତ ସମସ୍ତ ହିତାଧିକାରୀଙ୍କୁ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା ବ୍ୟବସ୍ଥା କରିବାକୁ ଉଲ୍ଲେଖ କରାଯାଇଛି।


ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଏନ୍‌ଏସି, ରାଜସ୍ୱ ଉପଖଣ୍ଡ ଦାବିରେ ଏମ୍. ରାମପୁର ବନ୍ଦ ପାଳନ

ଏମ୍.ରାମପୁର,୨୭।୨(ଶଶିଭୂଷଣ ପ୍ରହରାଜ)

କଳାହାଣ୍ଡି ଜିଲା ଏମ୍. ରାମପୁରଠାରେ ଏନଏସି ଓ ରାଜସ୍ୱ ଉପଖଣ୍ଡ ଘୋଷଣା ପାଇଁ ଆବଶ୍ୟକ ଭିତ୍ତିଭୂମି ରହିଛି। ଏହା ସତ୍ତ୍ୱେ ସରକାର ଅଣଦେଖା କରୁଛନ୍ତି। ସମ୍ପ୍ରତି ସରକାର ରାଜ୍ୟରେ ୩୫ଟି ନୂତନ ଏନଏସି ଘୋଷଣା କରିଛନ୍ତି। କିନ୍ତୁ ଏମ୍.ରାମପୁର ଏଥିରୁ ବାଦ ପଡ଼ିଛି। ଏହାର ପ୍ରତିବାଦରେ ମଙ୍ଗଳବାର ରାମପୁର ବ୍ୟବସାୟିକ ପ୍ରତିଷ୍ଠାନ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା। ଆଙ୍ଗୁଠି ଗଣତିରେ କିଛି ଦୋକାନ ଖୋଲା ଥିବାବେଳେ ଅନ୍ୟ ଦୋକାନ ବଜାର ବନ୍ଦ କରାଯାଇଥିଲା। ସରକାରୀ, ବେସରକାରୀ ଅନୁଷ୍ଠାନ ଖୋଲାଥିଲା। ଯାନବାହନ ଚଳାଚଳ ସ୍ୱାଭାବିକ ଥିଲା। ହଠାତ୍ ବନ୍ଦ ଯୋଗୁ ସପ୍ତାହିକ ହାଟରେ ଛୋଟ ବେପାରୀ ହଟହଟା ହୋଇଥିଲେ।


ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି।

ବନ୍ଦ ମାଡ଼ ସିଧା ପେଟରେ ପଡ଼ିଥିଲା। ବନ୍ଦ ପାଳନ ବେଳେ ଆଶାନୁରୂପ ଜନସାଧାରଣ ସାମିଲ ହୋଇନଥିଲେ। ଆନ୍ଦୋଳନକାରୀ ବିଡିଓ ସବ୍ୟସାଚୀ ବେହେରାଙ୍କୁ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥଲେ। କଂଗ୍ରେସ ନେତା ବିଭୂତି ମହାଖୁଡ଼, ଯୋଷଦା ନାଗ, ଚିତ ବାଗ, ସିପିଏମ ନେତା ସତ୍ୟଜିତ ଚାଟାର୍ଜୀ, ବଣିକ ସଂଘ ନେତା ପ୍ରଶାନ୍ତ ସାମନ୍ତରା, ଚମରା ବଗର୍ତ୍ତି ପ୍ରମୁଖଙ୍କ ସହିତ କିଛି ଯୁବକ ସାମିଲ ହୋଇଥିଲେ। ବନ୍ଦ ପାଳନ ବେଳେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ସାମାଜିକ କର୍ମୀ ନିଲମଧବ ସିଂଦେଓ ସାମିଲ ହେଇ ଆବଶ୍ୟକତା ଉପରେ ସରକାରଙ୍କୁ ଅବଗତ ପାଇଁ ଆଲୋଚନା କରି ଆଗ ମାଟି ପରେ ପାର୍ଟି ବୋଲି କହି ବହୁଦିନ ଦାବିକୁ ସରକାର ଅଣଦେଖା କରିଥିବା କହିଥିଲେ।

## ସଂକ୍ଷେପରେ

### ବଦଳିଲେ ବୌଦ୍ଧର ୩ ଅଧିକାରୀ

ବୌଦ୍ଧ,୨୭।୨(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାର ତିନିଅଧିକାରୀଙ୍କୁ ମଙ୍ଗଳବାର ଦିନ ରାଜ୍ୟ ସରକାର ବଦଳି କରିଛନ୍ତି। ବୌଦ୍ଧ ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ରବି ନାରାୟଣ ତ୍ରିପାଠୀଙ୍କୁ ଅବକାରୀ ବିଭାଗର ଯୁଗ୍ମ କମିଶନର ଭାବେ ବଦଳି କରାଯାଇଥିବା ବେଳେ ମାତ୍ର କିଛି ଦିନ ହେବ ବୌଦ୍ଧର ଉପଜିଲାପାଳ ଭାବେ ଯୋଗ ଦେଇଥିବା ଅନୁପ ପଣ୍ଡାଙ୍କ ବଦଳି ହୋଇଛି । ପଣ୍ଡାଙ୍କୁ ପାରଳାଖେମୁଣ୍ଡି ଉପଜିଲାପାଳ ଭାବେ ବଦଳି କରାଯାଇଛି। ସେହିପରି ହରଭଙ୍ଗା ବିଡିଓ ସ୍ୱପ୍ନିତା ନାଏକଙ୍କୁ କଣ୍ଟାପଡା ବିଡିଓ ଭାବେ ବଦଳି କରାଯାଇଛି। ବରଗଡରେ ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଥିବା ଅନିରୁଦ୍ଧ ପ୍ରଧାନଙ୍କୁ ବୌଦ୍ଧର ଜିଲା ପରିଷଦ କାର୍ଯ୍ୟ ନିବାହୀ ଅଧିକାରୀ ଭାବେ ବଦଳି ହୋଇଛି। ବଲାଙ୍ଗୀର ଉପଜିଲାପାଳ ଥିବା ପ୍ରଭାସ ଚନ୍ଦ୍ର ଦଣ୍ଡସେନାଙ୍କୁ ବୌଦ୍ଧ ଉପଜିଲାପାଳ ଭାବେ ବଦଳି ହୋଇଛି। ବଲାଙ୍ଗୀର ସଦର ବ୍ଲକ ବିଡିଓ ଥିବା ଶରତ କୁମାର ସେଠୀଙ୍କୁ ହରଭଙ୍ଗା ବିଡିଓ ଭାବେ ବଦଳି ହୋଇଛି ।

### ସୁବଳୟା ଡିଗ୍ରୀ ମହାବିଦ୍ୟାଳୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ

ଅମରପାଲି,୨୭।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟାସ୍ଥିତ ଡିଗ୍ରୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ବଳଦେବ ପୁଜାହାରୀଙ୍କ ସଭାପତିତ୍ୱରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ଅଧ୍ୟାପିକା ବୀଣାପାଣି ଦାସ ମୁଖ୍ୟଅତିଥି ଏବଂ ସଂସ୍କୃତ ଅଧ୍ୟାପକ ପଦ୍ମନାଭ ମେହେର, ଇତିହାସ ଅଧ୍ୟାପକ ଶୁଭ୍ରାଂଶୁ ଶେଖର ପଧାନ, ଇଂରାଜୀ ଅଧ୍ୟାପକ ଡ. ସୟଦ ତାସିଫୁର ରେହମାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ କିଭଳି ଭାବରେ ଜଣେ ପ୍ରାପ୍ତ ବୟସ୍କ ଦେଶର ଗଣତାନ୍ତ୍ରିକ ରାଷ୍ଟ୍ରରେ ନିଜର ବହୁମୂଲ୍ୟ ମତାମତ ଭୋଟ ମାଧ୍ୟମରେ ପ୍ରଦାନ କରି ରାଷ୍ଟ୍ର ତଥା ଦେଶ ଗଠନରେ ବିଶେଷ ଭୂମିକା ଗ୍ରହଣ କରିବ, ଭୋଟ ଦେବାର ଆବଶ୍ୟକତା, ଅଧିକାର ଓ ଆଇନ ବିଷୟରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଲାଇବ୍ରେରିଆନ ପୂର୍ଣ୍ଣଚନ୍ଦ୍ର ମେହେର, ବିଭୁତିଭୂଷଣ କୁଦାଇ, ହୃଷୀକେଶ ନାଏକ, ପୀତବାସ ଭୋଇ, ନେହେରୁ ଯୁବ ସ୍ୱେଚ୍ଛାସେବୀ ମନୋରଞ୍ଜନ ଜଗଦଲା ପ୍ରମୁଖ ସହଯୋଗ କରିଥିଲେ। ଆୟୋଜିତ ସଭାରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ରହି ଏହାର ମହତ୍ତ୍ୱ ବିଷୟରେ ଜାଣିବାକୁପାଇଥିଲେ। ଶେଷରେ ନେହେରୁ ଯୁବ ସ୍ୱେଚ୍ଛାସେବୀ ସୁଦର୍ଶନ ଭରାସାଗର ଧନ୍ୟବାଦ ଅର୍ପଣ କରିଥିଲେ।

# ଏନ୍‌ଏସି ଦାବି କରି ସୁବଳୟାରେ ୧୨ ଘଣ୍ଟିଆ ବନ୍ଦ ପାଳନ

ଅମରପାଲି/ସୁବଳୟା,୨୭।୨
(ପୀତାମ୍ବର ସାହୁ/ଜୟାନନ୍ଦ ରଥ)



ସୁବଳୟାରେ ବନ୍ଦ ପାଳନ ବେଳେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟାକୁ ଏନଏସି ଦାବି କରି ମଙ୍ଗଳବାର ଦିନ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ସୁବଳୟା କ୍ରିୟାନୁଷ୍ଠାନ କମିଟି ତରଫରୁ ଦିଆଯାଇଥିବା ବନ୍ଦ ଡାକରାରେ ସମସ୍ତ ଜନସାଧାରଣ ସାମିଲ ହୋଇ ଥିଲେ। ଜନସାଧାରଣ ସ୍ୱତଃପ୍ରବୃତ୍ତ ଭାବେ ବନ୍ଦ ପାଳନରେ ସାମିଲ ହୋଇ ଦୋକାନ ବଜାର ବନ୍ଦ କରିଥିଲେ। ଗତ ଶନିବାର ଦିନ ସରକାର ରାଜ୍ୟର ୩୪ ଗୋଟି ଏବଂ ରବିବାର ଦିନ ପୁନର୍ବାର ବୀରମହାରାଜପୁରକୁ ଏନଏସି ଘୋଷଣା କଲା ପରେ ଏବେ ସୁବଳୟାକୁ ଏନଏସି ଘୋଷଣା ଦାବି ଜୋର ଧରିଛି । ଐତିହାସିକ ସୁବଳୟା ସହର ରାଜାରାଜୁଡା ଅମଳରେ ଏକ ମ୍ୟୁନିସିପାଲିଟି ଥିବା ବେଳେ ଏବେ ସୁବଳୟାକୁ କାହିଁକି ଏନଏସି ମାନ୍ୟତା ଦିଆଯାଉନାହିଁ ବୋଲି ପ୍ରଶ୍ନ କରିଛନ୍ତି ସ୍ଥାନୀୟ ଲୋକ। ତୁରନ୍ତ ରାଜ୍ୟ ସରକାର ସୁବଳୟାକୁ ଏନଏସି ଘୋଷଣା ନ କଲେ ଆଗକୁ ଜୋରଦାର ଆନ୍ଦୋଳନ କରିବାକୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି । ବନ୍ଦ ଡାକରାର ପ୍ରଭାବରେ ଜରୁରୀ ସେବାକୁ ବାଦ ଦେଇ ସମସ୍ତ ଦୋକାନ ବଜାର, ଗାଡ଼ି ମୋଟର ଚଳାଚଳ, ଅଫିସ ଆଦି ବନ୍ଦ ରହିଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ମୋଟର ଅଟକି ରହିଥିବା ଦେଖିବାକୁ ମିଳିଥିଲା। ସେପଟେ ରାଜରାସ୍ତା ଉପରେ ଟାୟାର ଜାଳି ଅବରୋଧ କରାଯାଇଥିଲା। ଗୋବିନ୍ଦପୁର ଛକ ଓ ଟିକ୍ରାପଡା ବ୍ରିଜ ଛକରେ ରାସ୍ତାରୋକୋ କରି ସକାଳ ୬ରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏନଏସି ଘୋଷଣା ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି। ବନ୍ଦ ପାଳନରେ ସୁବଳୟା ସରପଞ୍ଚ ପ୍ରମୋଦ ମହାପାତ୍ର, ସମିତି ସଭ୍ୟା ଲିଲି ମେହେରଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟାସଭ୍ୟ, ପୂର୍ବତନ ଜନ ପ୍ରତିନିଧି ସାମିଲ ହୋଇଥିଲେ। ଏହାବ୍ୟତୀତ ସୁବଳୟାସ୍ଥିତ ୟୁଥ ଷ୍ଟୁଡେଣ୍ଟ ଆସୋସିଏଶନ, ବଜରଙ୍ଗ କ୍ଲବ ସମେତ ସବୁ ସାହିର କ୍ଲବ ସାମିଲ ହୋଇଥିଲେ। ବିକ୍ଷୋଭ ବେଳେ ସୁବର୍ଣ୍ଣପୁର ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଆନନ୍ଦ ବାରିକ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଗତ ବିଧାନସଭାର ଭାଜପା ବିଧାୟକ ପ୍ରାର୍ଥୀ ରଘୁନାଥ ଜଗଦଲା, ସୁବଳୟା ହରିହର ସାହୁ, ଯଦୁମଣି ମେହେର,ସଞ୍ଜୟ ବାଗ, ରାଜେଶ ସେଠୀ, ଶରତ ମିଶ୍ର, ସଞ୍ଜୀବ ମେହେର, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଉଷା କୁମାରୀ, ଏମ୍‌ପିଙ୍କ ପ୍ରତିନିଧି ନଳିନୀ ପଣ୍ଡା, ସ୍ୱେଚ୍ଛାସେବୀ ମଧୁସୂଦନ ପଣ୍ଡା ପ୍ରମୁଖ ବନ୍ଦ ପାଳନରେ ସାମିଲ ହୋଇଥିଲେ। ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ, କଲେଜ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟ, ସେବା ସମବାୟ ସମିତି କାର୍ଯ୍ୟାଳୟ ସମେତ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ଥିବା ଦେଖିବାକୁ ମିଳିଥିଲା।

### ବନ୍ଦ ପାଳନରେ ସାମିଲ ହେଲେ ଜନ ପ୍ରତିନିଧି, ରାଜନେତା

# ମାଣ୍ଡିଆ ସମସ୍ତ ରୋଗର ଅବ୍ୟର୍ଥ ଔଷଧ




ଶିବିରରେ ମଞ୍ଚାସୀନ ଅତିଥି ।

ଘଣ୍ଟାପଡ଼ା,୨୭।୨(ପ୍ରଭାତ କୁମାର ସାହୁ)

### ପୁଷ୍ଟିଶସ୍ୟ ପୁନଃ ପ୍ରଚଳନ ସଚେତନତା ଶିବର

ମାଣ୍ଡିଆ ହେଉଛି ଏପରି ଏକ ଖାଦ୍ୟ, ଯାହା ମନୁଷ୍ୟର ସମସ୍ତ ରୋଗର ଅବ୍ୟର୍ଥ ଔଷଧ । ଏହା ଦିନେ ନା ଦିନେ ବିଶ୍ୱରେ ପ୍ରଥମ ପସନ୍ଦର ଖାଦ୍ୟ ରୂପେ ସମସ୍ତଙ୍କ ପାଖରେ ଆଦର ପାଇବ। ମଙ୍ଗଳବାର ବୌଦ୍ଧ ଜିଲାର ଅଗ୍ରଣୀ ଅନୁଷ୍ଠାନ ୱାସିଡିଏ ତରଫରୁ କନ୍ଧମାଳ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଆୟୋଜିତ ଚାଷ ଜମିରେ ଓ ଖାଦ୍ୟ ଥାଳିରେ ପୁଷ୍ଟିଶସ୍ୟ ପୁନଃ ପ୍ରଚଳନ ସଚେତନତା ଶିବିରରେ ମୁଖ୍ୟଅତିଥି ଭାବେ ଯୋଗଦେଇ କନ୍ଧମାଳ ବିଧାୟକ ତଥା ଯୋଜନା ବୋର୍ଡର ଅଧ୍ୟକ୍ଷ ମହୀଧର ରଣା ଉପସ୍ଥିତ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ କହିଛନ୍ତି। ଅନୁଷ୍ଠାନର ବ୍ଲକ ମିଲେଟ ମିଶନର ସଂଯୋଜକ ଗୌରୀଶଙ୍କର ଥାର୍ଟିଙ୍କ ସଭାପତିତ୍ୱରେ ଏହି ଶିବିର ହୋଇଥିଲା। ଏଥିରେ ଅନ୍ୟତମ ଅତିଥି ଭାବେ ନଂ ୧ଜୋନର ଜିଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ, ଉମା ପଞ୍ଚାୟତର ସରପଞ୍ଚ ଦୌଲଥ ପାଣ୍ଡେ, ଜିଲା କୃଷି ଅଧିକାରୀ ବସନ୍ତ କୁମାର ପାଣିଗ୍ରାହୀ, କନ୍ଧମାଳ ବ୍ଲକ କୃଷି ଅଧିକାରୀ ଲଳିତ ସାହୁ, ଜିଲା ଓଡ଼ିଶା ମିଲେଟ ମିଶନର ଡିପିସି ଜିତେନ୍ଦ୍ର କାର୍ଜି, ସିଡିପିଓ ଜ୍ୟୋତ୍ସ୍ନାରାଣୀ ପାଢୀ, କନ୍ଧମାଳ ମିଶନ ଶକ୍ତିର ବିପିସି ବିଶ୍ୱଭୂଷଣ କହଁର ଯୋଗଦେଇ ମାଣ୍ଡିଆ ଚାଷର ପ୍ରଣାଳୀ ଓ ମାଣ୍ଡିଆରୁ ତିଆରି ଖାଦ୍ୟର ଉପକାରିତା ଉପରେ ବକ୍ତବ୍ୟ ରଖିଥିଲେ। ସେହିପରି ଅନୁଷ୍ଠାନ ତରଫରୁ ଏହି ବର୍ଷର ଅଗ୍ରଣୀ ମାଣ୍ଡିଆ ଚାଷୀ ଭାବରେ ମସିଣାଗୋରାର ପଙ୍କଜ ଖଟୁଆ ଓ ଜାମୁମାଳର ସାମର୍ଥ୍ୟ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ସୁଭାଷିନୀ କ୍ଷେତିଙ୍କୁ ମାଣ୍ଡିଆରୁ ତିଆରି ଉତ୍ତମ ସୁସାଦୁ ଖାଦ୍ୟ ପ୍ରସ୍ତୁତକାରୀ ଭାବେ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ମିଲେଟ ମିଶନର ସହ ସଂଯୋଜକ ଅନିଲ ବେହେରା ଧନ୍ୟବାଦ ଦେଇଥିଲେ।

### ବିନିକାରୁ ଅପହୃତ ବ୍ୟବସାୟୀ ଉଦ୍ଧାର

ବିନିକା,୨୭।୨(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରୁ ଅପହୃତ ହୋଇଥିବା ବ୍ୟବସାୟୀ ଅଶୋକ ଦାନୀଙ୍କୁ ପୋଲିସ ଉଦ୍ଧାର କରିଛି । ତେବେ ଅପହରଣକାରୀମାନେ ଫେରାର ହୋଇ ଯାଇଛନ୍ତି । ପ୍ରକାଶ ଯେ, ବିନିକା ସହରାଞ୍ଚଳ ୱାର୍ଡ ନଂ ୧ ଦାନିପାଲିର ବ୍ୟବସାୟୀ ଅଶୋକ ସୋମବାର ନିଜ ଦୋକାନ ବନ୍ଦ କରି କଲେଜ ଛକଠାରୁ ରାତି ସାଢେ ୮ଟାରେ ଜଣେ ସହକର୍ମୀଙ୍କ ସହ ମୋଟର ସାଇକେଲ ଯୋଗେ ନିଜ ଘର ଦାନୀପାଲିକୁ ଯାଉଥିଲେ । ତେବେ ବାଟରେ ୫ ଜଣ ଦୁର୍ବୃତ୍ତ ତାଙ୍କୁ କାରରେ ପିଛା କରିଥିଲେ । ଦୃର୍ବୃତ୍ତମାନେ ତାଙ୍କୁ ଅଟକାଇ ମାଡ଼ ମାରି କାରରେ ନେଇଯାଇଥିଲେ । କିନ୍ତୁ ସହକର୍ମୀ ଜଣକ କୌଶଳକ୍ରମେ ସେମାନଙ୍କ କବଳରୁ ଖସି ଯାଇଥିଲେ । ଅଶୋକଙ୍କୁ ଅପହରଣ କରି ନିଆଯିବା ନେଇ ସେ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଏନେଇ ବିନିକା ଆଇଆଇସି ସାରଙ୍ଗଧର ପାଣିଗ୍ରାହୀଙ୍କୁ ଫୋନ ଯୋଗେ ଜଣାଇଥିଲେ। ଆଇଆଇସି ପାଣିଗ୍ରାହୀ ଏ ସମ୍ପର୍କରେ ସମସ୍ତ ଥାନାକୁ ଜଣାଇଦେଇ ଦୃର୍ବୃତ୍ତଙ୍କ ପିଛା କରିଥିଲେ। ଶେଷରେ ପୋଲିସ ଗୋଡଭଙ୍ଗା ବୁର୍ଲା ମଝିରେ ଥିବା ରାସ୍ତାକଡରୁ ଅଶୋକଙ୍କୁ ଉଦ୍ଧାର କରିଥିଲେ।

# କାର୍ଯ୍ୟକ୍ଷମ ହୋଇପାରୁନି ହରଭଙ୍ଗା ମେଗା ପାଇପ ପ୍ରକଳ୍ପ

ବୌଦ୍ଧ,୨୭।୨(ଅଜିତ କୁମାର ବାରିକ)

ଖରାଦିନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପାନୀୟ ଜଳ ଯୋଗାଣ ନେଇ ତତ୍ପର ହୋଇ ପଡିଛନ୍ତି। କିନ୍ତୁ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ଜଳ ଜୀବନ ମିଶନ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ବୃହତ୍ ପାଇପ୍ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ସରିପାରୁନାହିଁ। ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ୧୯୫ କୋଟି ୭୦ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ପ୍ରକଳ୍ପ ନିର୍ମାଣ କାମ ଗତ ୨୦୨୧ ମସିହା ୧୫ ନଭେମ୍ବରରୁ ଆରମ୍ଭ ହୋଇଥିବା ବେଳେ ଏହାକୁ ଶେଷ କରିବାର ଅବଧି ଦୁଇ ବର୍ଷ ରହିଥିଲା। ଏହାମଧ୍ୟରେ ଦୁଇ ବର୍ଷ ବିତିଯାଇଥିଲେ ହେଁ ପ୍ରକଳ୍ପ କାମ ଅଧାପନ୍ତରିଆ ହୋଇପଡିଛି। ଠିକା ସଂସ୍ଥା ପକ୍ଷରୁ ପ୍ରକଳ୍ପ କାମ ମନ୍ଥର ଗତିରେ ଚାଲୁଥିବାରୁ ଏହା କେବେ ସରିବ ସେନେଇ ଅନିଶ୍ଚିତତା ଦେଖାଦେଇଛି। ଗତ ନଭେମ୍ବର ମାସରେ ନିର୍ମାଣ ଅବଧି ସରିଥିବା ବେଳେ ପ୍ରକଳ୍ପ ପାଇଁ ସମୁଦାୟ ୩୮ ଟି ଓଭରହେଡ୍ ଟ୍ୟାଙ୍କ୍ ନିର୍ମାଣ ହେବାକୁ ରହିଛି। ବର୍ତ୍ତମାନ ସୁଦ୍ଧା ୩ ଗୋଟି ଓଭରହେଡ୍ ଟ୍ୟାଙ୍କ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ଜଣାପଡ଼ିଛି। ଏପରି କି ଗୋଟିଏ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ (ଡବ୍ଲୁ.ଟି.ପି) କାର୍ଯ୍ୟ ମଧ୍ୟ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇପାରିନାହିଁ। ସେହିପରି ଗୋଟିଏ ଇନ୍‌ଟେକ ଓ୍ୱେଲ୍ କାର୍ଯ୍ୟ ସରିପାରିନାହିଁ। ୭୮୦ମିଟର ପାଇପ୍ ଲାଇନ ନିର୍ମାଣ କାର୍ଯ୍ୟ ରହିଥିଲେ ହେଁ ଏଯାବତ୍ ୫୯୧ମିଟର ପାଇପ ବିଛା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ପାଇପ ପୋତିବା ପାଇଁ କମ୍ପାନୀ ମାଟି ଖୋଳୁଥିବା ବେଳେ ପାଇପ ପୋତିବା ପରେ ମାଟିକୁ ସଠିକ ଢଙ୍ଗରେ ବିଛାଉ ନ ଥିବା ଦେଖିବାକୁ ମିଳିଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ସ୍ୱୟଂ ସହାୟିକା ଗୋଷ୍ଠୀକୁ ସୁଧ ଟଙ୍କା ଫେରସ୍ତ କାର୍ଯ୍ୟକ୍ରମ




ସୁଧ ଟଙ୍କା ଫେରସ୍ତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ସରୋଜ ପ୍ରଧାନ ଓ ଅନ୍ୟମାନେ ।

ବୌଦ୍ଧ,୨୭।୨( ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ମିଶନ ଶକ୍ତି କାର୍ଯ୍ୟାଳୟଠାରେ ମିଶନଶକ୍ତି ବିଭାଗ ପକ୍ଷରୁ ମିଶନ ଶକ୍ତି ବ୍ୟବସ୍ଥାରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସୁଧ ଟଙ୍କା ଫେରସ୍ତ କାର୍ଯ୍ୟକ୍ରମ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ବ୍ୟବସ୍ଥାରେ ନିୟମିତ ଋଣ ପରିଶୋଧ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀକୁ ସୁଧ ଫେରସ୍ତ କରାଯିବା ବ୍ୟବସ୍ଥା ରହିଛି । ଏହି କାର୍ଯ୍ୟକ୍ରମରେ ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ସରୋଜ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ହରଭଙ୍ଗା ବିଡିଓ ସ୍ୱପ୍ନିତା ନାଏକ, ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ଦିପ୍ତିମୟୀ ପାତ୍ର, ମିଶନ ଶକ୍ତି ବିପିସି ପଲ୍ଲବୀ ମଙ୍ଗରାଜ, ଡିପିଏମ ଓଡିଶା ଜୀବିକା ମିଶନ ବେଣୁଧର ମହାପାତ୍ର, ରଶ୍ମିତା ଦାସ, ସୁରେନ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବ୍ଲକର ୫୦ ଗୋଟି ସ୍ୱୟଂ ସହୟକ ଗୋଷ୍ଠୀର ମହିଳାମାନେ ଯୋଗ ଦେଇଥିଲେ । ଏଥିରେ ୧୫ ଗୋଟି ଗୋଷ୍ଠୀକୁ ୩ ଲକ୍ଷ ୩୬ ହଜାର ୨୯୮ ସୁଧ ଟଙ୍କା ଫେରସ୍ତ କରାଯାଇଥିଲା । କାର୍ଯ୍ୟକ୍ରମରେ ସରପଞ୍ଚ, ସମିତିସଭ୍ୟ, ମହିଳା ସ୍ୱୟଂ ସହୟକ ଗୋଷ୍ଠୀର ମହିଳାମାନେ ଯୋଗ ଦେଇଥିଲେ । ସେହିପରି ବୌଦ୍ଧ ବ୍ଲକ ମିଶନ ଶକ୍ତି ଭବନଠାରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ସୁଧ ଟଙ୍କା ଫେରସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଙ୍ଗଲ ଓ ପରିବେଶ, ପଞ୍ଚାୟତିରାଜ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଅତିରିକ୍ତ ଉପଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ବୌଦ୍ଧ ବିଡିଓ ଅକ୍ଷୟ ପାଣି ଉଦ୍ଦୁ ,ସିଡିପିଓ ମୀନତି ଦେଓ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ୫୦ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ସୁଧ ଟଙ୍କା ଫେରସ୍ତ କରାଯାଇଥିଲା ।

# ଉପଖଣ୍ଡ ଘୋଷଣା ଦାବିରେ ୧୨ଘଣ୍ଟିଆ ବିନିକା ବନ୍ଦ

ବିନିକା,୨୭।୨(ରାମଗୋପାଳ ବାଘ)

ଉପଖଣ୍ଡ ଘୋଷଣା ଦାବିରେ ସୁବର୍ଣ୍ଣପୁର ଜିଲା ବିନିକାରେ ମଙ୍ଗଳବାର ବନ୍ଦ ପାଳନ କରାଯାଇଛି । ସକାଳ ୬ରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ୧୨ଘଣ୍ଟା ଧରି ବନ୍ଦ ପାଳନ କରାଯାଇଥିଲା । ଅଞ୍ଚଳବାସୀଙ୍କ ସହଯୋଗରୁ ଏହି ବନ୍ଦ ପାଳନ ସଫଳ ହୋଇଛି । ଆନ୍ଦୋଳନକାରୀ ଏକତ୍ରିତ ହୋଇ ବିନିକା – ସୋନପୁର ମୁଖ୍ୟରାସ୍ତା ଏମଡିଆର ୩୯ ର ବିନିକା ମହାନଦୀ ଛକଠାରେ ଟାୟାର ଜାଳି ରାସ୍ତାରୋକୋ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସରକାରୀ ଓ ବେସରକାରୀ ଅଫିସ ଓ ବ୍ୟାଙ୍କଗୁଡିକୁ ପିକେଟିଂ କରି ବନ୍ଦ କରାଯାଇଥିଲା । ରାସ୍ତାରୋକୋ ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡିମୋଟର ଅଟକି ରହିଥିବାରୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଜରୁରୀକାଳୀନ ସେବାକୁ ବାଦ ଦେଇ ସମସ୍ତ ସ୍କୁଲ, କଲେଜ, ସରକାରୀ, ବେସରକାରୀ ଅଫିସ, ଦୋକାନ, ବଜାର ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ତେଣୁ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହାତ ହୋଇଥିଲା। ସୂଚନାଯୋଗ୍ୟ, ସୁବର୍ଣ୍ଣପୁର ଜିଲାର ଦ୍ୱିତୀୟ ସର୍ବବୃହତ ବାଣିଜ୍ୟ କେନ୍ଦ୍ର ହେଉଛି ବିନିକା। ବିନିକା ଐତିହ୍ୟ ଓ ସଂସ୍କୃତି ସମ୍ପନ୍ନ ଅଞ୍ଚଳ। ସାମାଜିକ ବିଧି ବ୍ୟବସ୍ଥାରେ ସୁବର୍ଣ୍ଣପୁର ଜିଲା ଗଠନ ହେବା ପରେ ବିନିକାକୁ ଉପଖଣ୍ଡ ମାନ୍ୟତା ସହ ବିଭିନ୍ନ ମୌଳିକ ସମାଧାନ ପାଇଁ ପ୍ରଶାସନିକ ସ୍ତରରେ କସରତ ଆରମ୍ଭ ହୋଇଥିଲା । ଇତିମଧ୍ୟରେ ଦୀର୍ଘବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ସ୍ଥାନୀୟ ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ ହୋଇନି । ପ୍ରକାଶଥାଉ କି , ରାଜ୍ୟ ସରକାର ରାଜ୍ୟରେ କିଛି ସବ୍‌ଡିଭିଜନ ବୃଦ୍ଧି କରିବାକୁ ପ୍ରସ୍ତାବ ଗ୍ରହଣ କରି ନାମ ତାଲିକା ପ୍ରକାଶ କରିଥିଲେ ଯେଉଁଥିରେ ବିନିକା ନାମ ତୃତୀୟ ସ୍ଥାନରେ ରହିଥିବା ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଥିଲା। ଏହି ଐତିହାସିକ ସହର ରାଜା ରାଜୁଡା ସମୟରେ ସବ୍‌ଡିଭିଜନ ରହିଥିଲା । ବିନିକା ସବ୍‌ଡିଭିଜନ ମାନ୍ୟତା ପାଇବା ପାଇଁ ସମସ୍ତ ଯୋଗ୍ୟତା ରହିଛି । ଏହି ବନ୍ଦ ପାଳନରେ ତପନ ସା , ରାଜେଶ ମଲ୍ଲିକ, ଆଶିଷ କୁମାର ତ୍ରିପାଠୀ, ଆନନ୍ଦ ବାରିକ, କପିଳାସ ଗଣ୍ଡ, ଅବିନାଶ ସେଠୀ, ଦେବରାଜ ଗରିଆ, ପୂର୍ଣ୍ଣଚନ୍ଦ୍ର ହରିପାଲ, ରାମ ଗୋପାଳ ବାଘ, ବିଶମ୍ବର ମିଶ୍ର , ପ୍ରଦୀପ ସେଠୀ, ନରେନ୍ଦ୍ର ପଣ୍ଡା, ସ୍ୱପ୍ନେଶ୍ୱର ପୃଷ୍ଟି , ଅଶୋକ ପୃଷ୍ଟି, ଉଷତ କର , ଗୋବିନ୍ଦା ଝାଙ୍କର, ଅନିଲ ନାୟକ, ହଜାରୁ ସାହୁ, ମହେନ୍ଦ୍ର ଥନାପତି, ସୁମନ୍ତ ସାହୁ, ସୁରେଶ ବଇେ, ମୀନକେତନ ଦଣ୍ଡସେନା, ଜଗା ବଇେଙ୍କ ସମେତ ଅଞ୍ଚଳବାସୀ ସାମିଲ ଥିଲେ।



ବିନିକାରେ ଟାୟାର ଜାଳି ରାସ୍ତାରୋକୋ।

# ସୁବର୍ଣ୍ଣପୁର ସହରର ଛକ, ରାସ୍ତାରୁ ଜବରଦଖଲ ହଟିବ

ସୋନପୁର,୨୭।୨(ମୃତ୍ୟୁଞ୍ଜୟ ଶତପଥୀ)




ସଡ଼କ ସୁରକ୍ଷା କମିଟି ବୈଠକରେ ଭାରପ୍ରାପ୍ତ ଜିଲାପାଳ, ଅତିରିକ୍ତ ଜିଲାପାଳ ଓ ସଭ୍ୟ ବୃନ୍ଦ ।

ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲା ସଡକ ସୁରକ୍ଷା କମିଟିର ମାସିକ ବୈଠକ ଭାରପ୍ରାପ୍ତ ଜିଲାପାଳ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବୀରେନ୍ଦ୍ର ନାୟକ ଓ ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନାଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଜିଲାରେ ଚଳିତବର୍ଷ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ୧୩ ଛୁଇଁଲାଣି । ତେଣୁ ମୃତ୍ୟୁ ସଂଖ୍ୟାକୁ ହ୍ରାସ ଲାଗି ସମସ୍ତେ ମିଳିତ ହୋଇ କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଜାତୀୟ ରାଜପଥ ଓ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ଜିଲାର ୪୦ରୁ ଉର୍ଦ୍ଧ୍ୱ ଶିକ୍ଷାନୁଷ୍ଠାନ ରହିଛି। ଏହି ଶିକ୍ଷାନୁଷ୍ଠାନଗୁଡିକର ଫାଟକ ମୁଖ୍ୟ ରାସ୍ତାକୁ ଲାଗିକି ରହିଛି। ତେଣୁ ରାସ୍ତାରେ ସୂଚନା ଫଳକ ଲଗାଇବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଆଲୋଚନା ହୋଇଥିଲା। ଜାତୀୟ ରାଜପଥର ଦୁର୍ଘଟଣା ପ୍ରବଣ ଛକଗୁଡିକରେ ରମ୍ବଲର ଲଗାଇବା ପାଇଁ ନିର୍ବାହୀ ଯନ୍ତ୍ରୀଙ୍କୁ ଭାରପ୍ରାପ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲା ସଦର ମହକୁମାର ବୁଢାରଜା ଛକ ଦୁର୍ଘଟଣା ପ୍ରବଣ ଭାବେ ପରିଗଣିତ ହେଉଛି। ନୂତନ ଜିଲା ମୁଖ୍ୟ ଡାକ୍ତରଖାନା କାର୍ଯ୍ୟକ୍ଷମ ପରେ ଏହି ଛକ ଭିଡ଼ ରହୁଛି। ତେଣୁ ସମ୍ଭାବ୍ୟ ଦୁର୍ଘଟଣାକୁ ଏଡ଼ାଇବା ପାଇଁ ଏଠାରେ ୨୪ ଘଣ୍ଟିଆ ପୋଲିସ ବ୍ୟବସ୍ଥା ପାଇଁ ମତପ୍ରକାଶ ପାଇଥିଲ। ସେହିପରି ବୁଢ଼ାରଜା ଛକ ଓ ବ୍ଲକ ଛକରେ ଟ୍ରାଫିକ ବ୍ୟବସ୍ଥା ସହ ଟ୍ରାଫିକ ଉନ୍ନତୀକରଣର ବ୍ୟବସ୍ଥା ପାଇଁ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ପରାମର୍ଶ ଦିଆଯାଇଥିଲା। ବ୍ଲକ ଛକରୁ କୁଞ୍ଜ ଛକ ପର୍ଯ୍ୟନ୍ତ ରାସ୍ତାରେ ଆଲୋକୀକରଣ ପାଇଁ ପୌର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସଡ଼କ ସୁରକ୍ଷା ବାବଦରେ ଅବଗତ କରିବା ସହ ସୁରକ୍ଷା ସୂଚନା ବୋର୍ଡ ଲଗାଇବା ପାଇଁ ନିର୍ଦ୍ଦେଶ ଦିଆ ଯାଇଥିଲା। ସହରର ମଧ୍ୟ ଭାଗରେ ଥିବା ନଳିନୀ ଛକ, ଷ୍ଟେଟ ବ୍ୟାଙ୍କ ରୋଡ, ଜୟଗୁରୁ ମାର୍କେଟ କମ୍ପ୍ଲେକ୍ସ ନିକଟରେ ପାର୍କିଂ ବ୍ୟବସ୍ଥା ହୋଇ ନ ଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ବ୍ଲକ ଛକରୁ ଝିଙ୍କି ପର୍ଯ୍ୟନ୍ତ ହେବାକୁ ଥିବା ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ତ୍ୱରାନିତ କରିବା ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲା ସଦର ମହକୁମାର ପ୍ରମୁଖ ରାସ୍ତା ଓ ଛକକୁ ଜବରଦଖଲକାରୀ ବେଆଇନ ଭାବେ ମାଡି ଆସିଲେଣି। ଏଥିପାଇଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଲାଣ। ତେଣୁ ଅତିଶୀଘ୍ର ଜବରଦଖଲ ହଟେଇବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କୁ ଧରିବା ପାଇଁ ପୋଲିସ ଓ ପରିବହନ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବାକୁ ସ୍ଥିର ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମଞ୍ଜୁଲତା ଭୋଇ, ଡିଏସପି ଚନ୍ଦ୍ରଶେଖର ଶବର, ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ, ଜିଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଜିଲା ସଡ଼କ ସୁରକ୍ଷା କମିଟିର ସଭ୍ୟ ସ୍ୱାଧୀନ ମେହେର, ମୃତ୍ୟୁଞ୍ଜୟ ଶତପଥୀ, ଅଞ୍ଜଳୀ ନେଗୀ, ଟ୍ରକ ମାଲିକ ସଂଘର ସଭାପତି ଭାସ୍କର ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ବୁଢାରଜା ଛକରେ ୨୪ ଘଣ୍ଟିଆ ପୋଲିସ ବ୍ୟବସ୍ଥା

# ଟ୍ରକ୍ ଧକ୍କାରେ ମାଟ୍ରିକ୍ ପରୀକ୍ଷାର୍ଥୀ ମୃତ: ରାସ୍ତାରୋକୋ



ଦୁର୍ଘଟଣା ପ୍ରତିବାଦରେ ଲୋକେ ରାସ୍ତାରୋକୋ କରିଛନ୍ତି।

**ସୁନ୍ଦରଗଡ଼,୨୭।୨(ଜୟନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼- ହେମଗିର ରାସ୍ତାର ଚକ୍ରାମାଲ ନିକଟରେ ମଙ୍ଗଳବାର ଭୋର ୫ଟାବେଳେ ସଡ଼କ ଦୁର୍ଘଟଣା ଘଟିଛି। ବାଇକ୍‌ରେ ଯାଉଥିବା ଜଣେ ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ଓଡି ୨୩ ଜି ୯୨୧୩ ଧକ୍କା ଦେଇ ତାଙ୍କ ମୁଣ୍ଡ ଓ ଛାତି ଉପରକୁ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଏହି ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସର୍ଗିପାଲି ଢେଲସରାର ଗ୍ରାମର ଅର୍ମନ ରାଏ(୧୫)। ସେ ସର୍ଗିପାଲି ହାଇସ୍କୁଲର ଦଶମ ଶ୍ରେଣୀର ଛାତ୍ର ଥିଲେ। ଚଳିତ ମାଟ୍ରିକ ପରୀକ୍ଷାର ସେ ଜଣେ ପରୀକ୍ଷାର୍ଥୀ ଥିଲେ। ନିଆଲିପାଲି ହାଇସ୍କୁଲ କେନ୍ଦ୍ରରେ ସେ ପରୀକ୍ଷା ଦେଉଥିଲେ। ଭୋର କୌଣସି କାମରେ ସୁନ୍ଦରଗଡ଼ ପଟକୁ ଆସୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ପ୍ରତିବାଦରେ ଲୋକେ ରାସ୍ତାରୋକୋ କରିଥିଲେ। କ୍ଷତିପୂରଣ ସହ ଏହି ରାସ୍ତାରେ ଟ୍ରକ ଚଳାଚଳ ବନ୍ଦ ଆଦି ଦାବି ନେଇ ଲୋକେ ରାସ୍ତା ଅବରୋଧ କରିଥିଲେ। ଫଳରେ ଘଟଣା ସ୍ଥଳର ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ସଖ୍ୟାରେ ଯାନବାହନ ଅଟକି ରହିଥିଲା। ଜିଲା ପରିଷଦ ସଭାପତି କୁନ୍ତୀ ପ୍ରଧାନ, ଟାଙ୍ଗରପାଲି ତହସିଲଦାର ରାଜୀବ ହାଁସଦା, ସଦର ଥାନା ଆଇଆଇସି ସୁସ୍ମିତା ଦେବତା ପୋଲିସ ଟିମ ଓ ସୁନ୍ଦରଗଡ ଟ୍ରକ ମାଲିକ ସଂଘର କର୍ମକର୍ତ୍ତାମାନେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ମୃତକଙ୍କ ପରିବାର ବର୍ଗଙ୍କୁ ଟ୍ରକ ମାଲିକ ସଂଘ ତରଫରୁ ୨୦ହଜାର ଟଙ୍କା, ଦୁର୍ଘଟଣା ଘଟାଇଥିବା ଟ୍ରକ ଏଜେନ୍ସି ପକ୍ଷରୁ ୧ ଲକ୍ଷ ଟଙ୍କା, ତହସିଲଦାର ଜିଲା ରେଡକ୍ରସ ପାଣ୍ଠିରୁ ୩୦ହଜାର ଟଙ୍କା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବା ପରେ ପୂର୍ବାହ୍ନ ୧୦ଟା୩୦ରେ ରାସ୍ତାରୋକୋ ହଟିଥିଲା।

## ଟ୍ରକ୍ ଧକ୍କାରେ ଶିଶୁ ମୃତ, ମା' ଗୁରୁତର: ଉତ୍ତେଜନା

**ଲହୁଣୀପଡ଼ା/ଟେନ୍‌ସା,୨୭।୨ (ଦାଶରଥି ପଣ୍ଡା/ସମୀର ପାଢ଼ି)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଶସ୍ୟକଳା ପଞ୍ଚାୟତ ବରସୁଆଁ ଠାରେ ମଙ୍ଗଳବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ଟ୍ରକ ଧକ୍କାରେ ପାଞ୍ଚ ମାସର ଶିଶୁର ମୃତ୍ୟୁ ଘଟିଛି। ମା' ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣାର ପ୍ରତିବାଦରେ ଉତ୍ତେଜନା ଲାଗି ରହିଥିବାବଲେ ସ୍ଥାନୀୟ ଲୋକେ ବିଭିନ୍ନ ଦାବି ନେଇ ରାସ୍ତା ଅବରୋଧ କରିଥିବା ଜଣାପଡ଼ିଛି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡି ଛିଡା ହୋଇ ରହିଛି। ସୂଚନାରୁ ପ୍ରକାଶ ଯେ, ବରସୁଆଁର ଫାଲକୁନ ଘେରାମି ଓ ତାଙ୍କ ସ୍ତ୍ରୀ ସିଲା ବସ୍‌ରୁ ଓହ୍ଲାଇ ପାଞ୍ଚ ମାସର ଶିଶୁକୁ କାଖେଇ ନିଜ ଘରକୁ ଚାଲି ଚାଲି ଯାଉଥିଲେ। ବରସୁଆଁରେ ରାସ୍ତା ଜାମ ଥିବାରୁ ଗାଡିଗୁଡ଼ିକ ରାସ୍ତା କଡରେ ଛିଡା ହୋଇଥିଲା। ଛିଡା ହୋଇଥିବା ଗାଡିଗୁଡ଼ିକୁ ଓଭରଟେକ କରି ଏକ ଟ୍ରକ ଯାଉଥିବାବେଳେ ଉକ୍ତ ଦମ୍ପତିକୁ ଧକ୍କା ଦେଇଥିଲା। ଫଳରେ ମହିଳା ଜଣକ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। କାଖରେ ଧରିଥିବା ଶିଶୁ ତଳେ ପଡିଯିବାରୁ ଟ୍ରକ ତା'ଉପରେ ଚଢ଼ି ଯିବାରୁ ଶିଶୁର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣା ପ୍ରତିବାଦରେ ସ୍ଥାନୀୟ ଲୋକେ ବିଭିନ୍ନ ଦାବି ନେଇ ରାସ୍ତା ଅବରୋଧ କରିଥିବା ଜଣାପଡିଛି। ଖବରପାଇ ଲହୁଣୀପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ୫୦ ହଜାର ଟଙ୍କା କ୍ଷତିପୂରଣ ପରେ ରାସ୍ତା ଅବରୋଧ ହଟିଥିଲା।

# ଜଙ୍ଗଲ ନିଆଁ ସଚେତନତା ରଥ ପରିକ୍ରମା




ଗାଁରେ ଲୋକଙ୍କୁ ସଚେତନ କରାଉଛନ୍ତି ବନ କର୍ମଚାରୀ।

**ବଡ଼ଗାଁ, ୨୭।୨(ଅଶୋକ ଷଡ଼ଙ୍ଗୀ)**

ଜଙ୍ଗଲ କ୍ଷୟ ଓ ଜଙ୍ଗଲରେ ନିଆଁ ଲଗାଇବା ଯୋଗୁ ପରିବେଶ ଉପରେ ଗଭୀର ପ୍ରଭାବ ପଡୁଛି। ପରିବେଶକୁ ନ ସଜାଡିଲେ ଆଗକୁ ଅତି ଭୟାବହ ପରିସ୍ଥିତି ଦେଖାଦେବ । ଏଭଳି ଆଶଙ୍କା କରି ବୈଜ୍ଞାନିକ ଓ ବିଶେଷଜ୍ଞମାନେ ସମାଜକୁ ସଚେତନ ହେବାକୁ ବୁଝାଇ ଆସୁଥିଲେ ମଧ୍ୟ ଲୋକେ ଜଙ୍ଗଲ କ୍ଷୟ କରିବା ସହିତ ଜଙ୍ଗଲରେ ନିଆଁ ଲଗାଇ ସମ୍ପୂର୍ଣ୍ଣ ଜୀବ ଜଗତକୁ ବିପଦରେ ପକାଇ ଆସୁଛନ୍ତି। ଏଥିପାଇଁ ସରକାର ଲୋକଙ୍କୁ ସଚେତନ କରିବା ପାଇଁ ଜଙ୍ଗଲ ନିଆଁ ସଚେତନତା ରଥ ଗ୍ରାମାଞ୍ଚଳରେ ପରିକ୍ରମା କରାଇବା ସହିତ ଏଲଇଡି ଦ୍ୱାରା ଗୀତ ମାଧ୍ୟମରେ ବୁଝାଉଛନ୍ତି। ସୁନ୍ଦରଗଡ ଜିଲା ବଡ଼ଗାଁ ବନାଞ୍ଚଳ ପକ୍ଷରୁ ଜଙ୍ଗଲ ନିଆଁ ସଚେତନତା ରଥ ଗତ ୨୩ ରୁ ୨୬ ତାରିଖ ପର୍ଯ୍ୟନ୍ତ ବଡ଼ଗାଁ, ଫୁଲବାରୀ, ଦାଣ୍ଡଜମରା, ଭୋଇପାଲି ଆଦି ବିଭିନ୍ନ ପଞ୍ଚାୟତର ଗାଁ ଗୁଡିକରେ କାର୍ଯ୍ୟକ୍ରମ କରି ବନ ବିଭାଗ କର୍ମଚାରୀମାନେ ଗ୍ରାମବାସୀଙ୍କୁ ଜଙ୍ଗଲରେ ନିଆଁ ନ ଲଗାଇବା ଓ ନିଆଁ ଲାଗିଲେ ବିଭାଗୀୟ କର୍ମଚାରୀଙ୍କୁ ଜଣାଇବା ସହ ନିଆଁ ଲିଭାଇବାରେ ସହଯୋଗ କରିବାକୁ କହୁଛନ୍ତି। ଏହି କାର୍ଯ୍ୟକ୍ରମରେ ବଡ଼ଗାଁ ବନାଞ୍ଚଳ ଅଧିକାରୀ ପ୍ରଦୀପ ଭୂତିଆ, ଫରେଷ୍ଟର ତୃପ୍ତା ନାଏକ, ନୀତିନ କଛରିୟା, ଜ୍ୟୋତ୍ସ୍ନା ମହାନନ୍ଦିଆ, ପ୍ରଜ୍ଞା ପରାମିତା ସାମଲ, ଫରେଷ୍ଟ ଗାର୍ଡ ଦୀପନ ପଟେଲ, ବିଶ୍ୱଜିତ ଗୁରୁ, କନକ ମଞ୍ଜରୀ ନାଏକ, ସଞ୍ଜୁଲତା ବେହେରା, ବେବଲିନ ପଟେଲ, ବିନୟ ନାଏକ, ପ୍ରତିଭା ବିଶି ଗାଁକୁ ଗାଁ ଯାଇ ଗ୍ରାମବାସୀଙ୍କୁ ଜଙ୍ଗଲ ନିଆଁର କୁପରିଣାମ ଉପରେ ବୁଝାଇ ସଚେତନ କରାଇଛନ୍ତି। ତେବେ ଗ୍ରୀଷ୍ମ ଋତୁରେ ପ୍ରତିବର୍ଷ ଖଳ ପ୍ରକୃତି ଓ ସୁବିଧାବାଦୀ ଲୋକେ ମହୁଲ ଫୁଲ ଗୋଟାଇବା ପାଇଁ ଗଛ ମୂଳେ ନିଆଁ ଲଗାଇ ଦେଉଥିବାରୁ ଏହି ନିଆଁ ଜଙ୍ଗଲରେ ବ୍ୟାପି ବ୍ୟାପକ କ୍ଷତି କରିଥାଏ। ଗୋଟିଏ ପଟେ ପ୍ରଚଣ୍ଡ ରୌଦ୍ରତାପ ଅନ୍ୟପଟେ ନିଆଁ ଲାଗିବା ଯୋଗୁ ଉତ୍ତାପ ବୃଦ୍ଧି ହୋଇ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥାଏ। ଜଙ୍ଗଲ କ୍ଷୟ ଓ ଜଙ୍ଗଲ ନିଆଁ ଯୋଗୁ ଦେଖା ଦେଉଥିବା ସମସ୍ୟା ମଣିଷ ସମାଜକୁ ଭୋଗିବାକୁ ପଡୁଛି। ଚଳିତବର୍ଷ ଯେପରି ଜଙ୍ଗଲରେ ନିଆଁ ନ ଲାଗେ ସେଥିପ୍ରତି ଗ୍ରାମବାସୀ ସଚେତନ ହେବାକୁ ରେଞ୍ଜର ପ୍ରଦୀପ ଭୁତିଆ ଅନୁରୋଧ କରିଛନ୍ତି।

**ପରିବେଶକୁ ନ ସଜାଡିଲେ ପରିଣାମ ଭୟାବହ ହେବ**

# ଦିବ୍ୟାଙ୍ଗ, ବରିଷ୍ଠ ନାଗରିକଙ୍କୁ ଉପକରଣ ପ୍ରଦାନ

**ଲହୁଣୀପଡ଼ା,୨୭।୨(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ ବରସୁଆଁ ଲୌହଖଣି ଔଦୋଗିକ ସାମାଜିକ ଦାୟିତ୍ୱ (ସିଏସ୍‌ଆର) ବିଭାଗ ପକ୍ଷରୁ ଲହୁଣୀପଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନଙ୍କୁ ସହାୟତା ଉପକରଣ ବିତରଣ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଲହୁଣୀପଡ଼ା ପଞ୍ଚାୟତ ସରପଞ୍ଚ ନେଲସନ ହେମ୍ବ୍ରମ, ସମିତି ସଭ୍ୟା ଲକ୍ଷ୍ମୀ କିଷାନ, ବରସୁଆଁ ଲୌହଖଣି ବିଭାଗର (ଜିଏମ ଖଣି ବିଭାଗ)ପୂର୍ଣ୍ଣଚନ୍ଦ୍ର ବରୁଆ,ଏଜିଏମ (ସିଏସ୍‌ଆର) ବିଭାଗ ବଂଶୀଧର ଦତ୍ତ, ଡେପୁଟି ମ୍ୟାନେଜର (ସିଏସ୍‌ଆର) ଅମିୟ ରଞ୍ଜନ ରାଉତ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜାହ୍ନବୀ ମାହାନ୍ତଙ୍କ ଉପସ୍ଥିତିରେ ସହାୟତା ଉପକରଣ ପ୍ରଦାନ କରାଯାଇଥିବା ଜଣାପଡିଛି। ଲହୁଣୀପଡ଼ା ବ୍ଲକ ଅଞ୍ଚଳର ୩୩ଜଣ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କୁ ପୂର୍ବରୁ ଚିହ୍ନଟ କରାଯାଇଥିଲା। ସେହି ପ୍ରକ୍ରିୟାରେ ସେମାନଙ୍କୁ ସହାୟତା ଉପକରଣ ପ୍ରଦାନ କରାଯାଇଥିଲା। ଏହି ବିତରଣ କାର୍ଯ୍ୟକ୍ରମରେ ଡା.ମନୋରଞ୍ଜନ ଓଝା ଏବଂ ଗୌରବ ମହାରଣା ଯୋଗଦେଇ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କୁ ସହାୟତା ଉପକରଣ ବ୍ୟବହାର ସମ୍ପର୍କରେ ସଚେତନତା କରାଯାଇଥିବା ଜଣାପଡ଼ିଛି।



ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନଙ୍କୁ ସହାୟତା ଉପକରଣ ବିତରଣ କରାଯାଇଛି।

# ଡକାୟତ ଗ୍ୟାଙ୍ଗର ମୁଖ୍ୟ ଗିରଫ



ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ, ଅନ୍ୟ ପୋଲିସ କର୍ମଚାରୀ ଓ ଗିରଫ ଅଭିଯୁକ୍ତ।

- ଏକାଧିକ ମାମଲାରେ ସମ୍ପୃକ୍ତ ଥିଲେ
- ବନ୍ଧୁକ ଓ ଅନ୍ୟାନ୍ୟ ଲୁଟ୍ ସାମଗ୍ରୀ ଜବତ

**କୁତ୍ରା, ୨୭।୨(ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ପୋଲିସ ଡ଼କାୟତ ଗ୍ୟାଙ୍ଗର ମୁଖ୍ୟ ଅରବିନ୍ଦ ତିର୍କୀ (୨୪)ଙ୍କୁ ଗିରଫ କରିଛି। ତାଙ୍କ ଘର ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଲମଲୋଇ ଗ୍ରାମରେ। ସେ ପୋଲିସକୁ ଚକମା ଦେଇ ବନ୍ଧୁକ ଦେଖାଇ ଡ଼କାୟତି କରି ଫେରାର୍ ମାରୁଥିଲା। ପୋଲିସର ମୁଣ୍ଡବିନ୍ଧାର କାରଣ ହୋଇଥିଲା। ଗିରଫ ଅଭିଯୁକ୍ତଙ୍କଠାରୁ ଏକ ଦେଶୀ ରିଭଲଭର ସହ ଲୁଟ୍ ହୋଇଥିବା ବ୍ୟାଙ୍କ ଡକ୍ୟୁମେଣ୍ଟ ସହିତ ଅନ୍ୟାନ୍ୟ କାଗଜପତ୍ର ଜବତ ହୋଇଛି। ବିଭିନ୍ନ ଅପରାଧରେ ପ୍ରାୟ ୩୦ ରୁ ୪୦ ଲକ୍ଷ ଟଙ୍କା ଲୁଟି ଥିବା ନେଇ ଅଭିଯୁକ୍ତ ସ୍ୱୀକାର କରିଛି। ଏନେଇ ମଙ୍ଗଳବାର ବଡ଼ଗାଁ ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସେ ଆହୁରୀ କହିଛନ୍ତି, ଦୀର୍ଘ ୬ ମାସରୁ ଊର୍ଦ୍ଧ୍ୱ ହେଲାଣି କୁତ୍ରା, ବଡ଼ଗାଁ, ରାଜଗାଙ୍ଗପୁର, ବୀରମିତ୍ରପୁର, ରାଏବଗା ଥାନା ଅଞ୍ଚଳ, ରାଉରକେଲା, କେ. ବଲାଙ୍ଗ ସହ ସମ୍ବଲପୁର ଜିଲାର ଗୋବିନ୍ଦପୁର ଅଞ୍ଚଳରେ ଲୁଟ୍, ଡକାୟତି ଭଳି ୩୧ଟି ଅପରାଧର ମାଷ୍ଟର ମାଇଣ୍ଡ। ଝାଡ଼ଖଣ୍ଡ ତଥା ବିଭିନ୍ନ ଅଞ୍ଚଳରୁ ପିଲା ଆଣି ଗ୍ୟାଙ୍ଗ ଗଠନ କରିଥିଲେ। ପୂର୍ବରୁ ରାଜଗାଙ୍ଗପୁରର ୪ଜଣ ଓ ରାଉରକେଲାର କେତେଜଣ ସହଯୋଗୀଙ୍କୁ ପୋଲିସ ଗୋଡ଼ାଇ ଗୋଡ଼ାଇ ଗିରଫ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ଅରବିନ୍ଦ ପୋଲିସ ଆଖିରେ ଧୂଳି ଦେଇ ଖସିଯାଇ ବେଙ୍ଗାଲୁରୁ ପଳେଇଥିଲେ। ଅରବିନ୍ଦ ସୋମବାର ତାଙ୍କ ଶ୍ୱଶୁର ଘର ରାଏବଗା ଥାନା ଡୁଙ୍ଗାଘାଟ ଗ୍ରାମକୁ ଆସିଥିଲେ। ବିଶେଷ ସୂତ୍ରରୁ ଖବରପାଇ ସନ୍ଧ୍ୟାରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ଗିରଫ କରାଯାଇଥିଲା। ସେ କୁତ୍ରା ଥାନା ଅଞ୍ଚଳରେ ୫ଟି ଡକାୟତି କରିଥିବାବେଳେ ରାଜଗାଙ୍ଗପୁର ଥାନା ଅଞ୍ଚଳରେ ୧୪, ବୀରମିତ୍ରପୁର ଅଞ୍ଚଳରେ ୨ଟି, ବ୍ରାହ୍ମଣୀତରଙ୍ଗ, କେ.ବଲାଙ୍ଗ, ବଡଗାଁ ଅଞ୍ଚଳରେ ଗୋଟିଏ ଲେଖାଏଁ, ବିଶ୍ରା ଥାନା ଅଞ୍ଚଳରେ ୨ଟି, ରାଏବଗା ଥାନା ଅଞ୍ଚଳରେ ଗୋଟିଏ ଏବଂ ସମ୍ବଲପୁର ଜିଲାର ଗୋବିନ୍ଦପୁର ଥାନା ଅଞ୍ଚଳରେ ୪ଟି ଡକାୟତ କରିଥିବା ଏସ୍‌ଡିପିଓ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଆହୁରି ଅନ୍ୟାନ୍ୟ ଜିଲାରେ ମଧ୍ୟ କେଶ ଥାଇ ପାରେ ବୋଲି ଆଶଙ୍କା କରାଯାଉଛି। ତେବେ ସେ ଅଧିକାଂଶ ଲୁଟ ସମୟରେ ବନ୍ଧୁକ ବ୍ୟବହାର କରିଥିବା ଜଣାପଡିଛି। ତାଙ୍କୁ ଆଇପିସି ୪୫୭, ୩୮୦/୩୪, ୩୯୪, ୨୫/୨୭, ୩୯୪/୩୪, ୩୯୨/୩୪, ୪୫୭, ୩୯୫ ପ୍ରଭୃତି ଦଫାରେ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

# ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଋଣ ସୁଧ ଫେରସ୍ତ ମେଳା



ବୀରମିତ୍ରପୁର ପୌରପାଳିକାରେ ଅନୁଷ୍ଠିତ ଋଣ ଫେରସ୍ତ ମେଳା।

**କୁଆଁରମୁଣ୍ଡା,୨୭।୨(ମହେନ୍ଦ୍ର କୁମାର ସାହୁ)**

ରାଜ୍ୟର ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ୧୦ ଲକ୍ଷ ପର୍ଯ୍ୟନ୍ତ ବିନା ସୁଧରେ ଋଣ,୧୪୫ କୋଟିର ଋଣ ଫେରସ୍ତ, ୭୩୦ କୋଟିର ୟୁନିଫର୍ମ ଓ ବ୍ଲେଜର ସହାୟତା କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରାଜ୍ୟର ସମସ୍ତ ବ୍ଲକ ଓ ପୌରପାଳିକାରେ ପ୍ରଦର୍ଶିତ ହୋଇଛି। ଏହି ଅବସରରେ କୁଆଁରମୁଣ୍ଡା ବ୍ଲକ ମିଶନଶକ୍ତି ଗୃହ ସମ୍ମୁଖରେ ଏହି ଋଣ ସହାୟତା ମେଳା ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ପ୍ରଗତି ନିମନ୍ତେ ମା' ମାନଙ୍କର ଆର୍ଥିକ ପ୍ରଗତି ହେବାକୁ ଲକ୍ଷ୍ୟ ରଖି ଏହି ଋଣ ଫେରସ୍ତ ମେଳା ଉଦ୍‌ଘାଟନ କରିଛନ୍ତି ବୋଲି କୁଆଁରମୁଣ୍ଡାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ପଦ୍ମଶ୍ରୀ ଡା. ଦିଲ୍ଲୀପ ତିର୍କୀ, ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେରକେଟା, କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାଁସଦା ପ୍ରମୁଖ ମଞ୍ଚାସୀନ ରହି ନିଜ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ଏସଏଚଜି ଗୋଷ୍ଠୀଙ୍କୁ ଋଣ ଫେରସ୍ତ ଚେକ ଆକାରରେ ପ୍ରଦାନ କରାଯାଇଛି।ଏଥିରେ କୁଆଁରମୁଣ୍ଡା ଓ ପଦମପୁର ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ପରିଚାଳକ ମନୋଜ ପ୍ରଧାନ, ଆକାଶ ବାକ୍ସେ ଓ ଆଇସିଡିଏସ ସିଡ଼ିପିଓ ଆନାସ୍ତେସିଆ ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ କୁଆଁରମୁଣ୍ଡା ଓଏଲଏମର ସଂଯୋଜିକା ରଶ୍ମିତା ବେହେରା ପରିଚାଳନା କରିଥିବାବେଳେ ମିଶନ ଶକ୍ତି ଏମବିକେ, ସିଆରପିମାନେ ଉପସ୍ଥିତ ରହି ସମସ୍ତ ପ୍ରକାର ସହାୟତା କରିଥିଲେ। ସେହିପରି ବୀରମିତ୍ରପୁର ପୌରପାଳିକାରେ ଏହି ଋଣ ଫେରସ୍ତ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ପୌରାଧ୍ୟକ୍ଷ ସନ୍ଦୀପ ମିଶ୍ର, ଉପାଧ୍ୟକ୍ଷ ନିବେଦିତା ବାଗେ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ଏସଏଚଜି ମହିଳାଙ୍କୁ ଋଣ ଫେରସ୍ତ ଚେକ ପ୍ରଦାନ କରିଛନ୍ତି।

# ଅଡିଟୋରିୟମର ଶିଳାନ୍ୟାସ କଲେ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ

**ବ୍ରଜରାଜନଗର,୨୭।୨(ବିଜୟ ବରାଡ଼)**

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି) ଅଧ୍ୟକ୍ଷ ଅସିତ ତ୍ରିପାଠୀ ମଙ୍ଗଳବାର ବ୍ରଜରାଜନଗର ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ୪୦୦ ସିଟ୍ ବିଶିଷ୍ଟ ଅଡିଟୋରିୟମ ହଲର ଶିଳାନ୍ୟାସ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲାପାଳ ଆବୋଲି ସୁନୀଲ ନରୱାନେ, ବିଧାୟିକା ଅଳକା ମହାନ୍ତି, ନଗରପାଳ ଯାଜ୍ଞସେନୀ ଓରାମ, ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁଙ୍କ ସମେତ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ରଜରାଜନଗର ମହାବିଦ୍ୟାଳୟ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ କହିଥିଲେ, ଓଡ଼ିଶା ସରକାର ଛାତ୍ରୀଛାତ୍ରଙ୍କ ପାଇଁ ଅନେକ ଯୋଜନା କରୁଛନ୍ତି। ୨୦୨୩ ଅକ୍ଟୋବରରେ ବ୍ରଜରାଜନଗର ମହାବିଦ୍ୟାଳୟ ପରିଦର୍ଶନରେ ଆସିଥିବା ସମୟରେ ସ୍ଥାନୀୟ ବିଧାୟିକା ଅଳକା ମହାନ୍ତି ଅଡିଟୋରିୟମ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ବିଧାୟିକା ଓ ଜିଲାପାଳଙ୍କ ଉଦ୍ୟମରେ ଏଠାରେ ୯କୋଟି ୩୯ଲକ୍ଷ ବ୍ୟୟ ଅଟକଳରେ ୪୦୦ ସିଟ ବିଶିଷ୍ଟ ଅଡିଟୋରିୟମ ନିର୍ମାଣ ହେବାକୁ ଯାଉଛି।

# ବିଜେଡିର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ

**ସୁନ୍ଦରଗଡ, ୨୭।୨ (ଜୟନାୟରଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସଦର ନିର୍ବାଚନ ମଣ୍ଡଳୀ ସଦର ବ୍ଲକ "ଖ" ଜୋନ ବିଜୁ ଜନତା ଦଳ ପକ୍ଷରୁ ବାବା ମେଢେଶ୍ୱର ମନ୍ଦିର ପରିସରରେ ଏକ ବିଶାଳ କର୍ମୀ ସମାବେଶ ଏବଂ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣକାରୀ ଯୋଜନା, ନୀତି ଆଦର୍ଶ ଓ ସ୍ୱଚ୍ଛ ଶାସନରେ ଅନୁପ୍ରାଣିତ ହୋଇ ଏବଂ "ଆମ ଓଡ଼ିଶା ନବୀନ ଓଡ଼ିଶା" ସଂଯୋଜକ ତଥା ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହଙ୍କ ଦୃଢ଼ ନେତୃତ୍ୱରେ ଆସ୍ଥା ପ୍ରକଟ କରି ସଦର ବ୍ଲକ କୁଲଟା ଗ୍ରାମର ପୂର୍ବତନ ପୋଲିସ ଥାନା ଅଧିକାରୀ ଭଜମନ ପଟେଲ, ପୂର୍ବତନ ସିଆଇଏସ୍‌ଏଫ୍ ଯବାନ ପ୍ରଶାନ୍ତ ସାହୁ, ବୁଦେଲକାନିର ପୂର୍ବତନ ପ୍ରଧାନ ଶିକ୍ଷକ ଶିବ ଶଙ୍କର ନାଏକ, ଏବଂ ଭାଜପା ଦଳ ତ୍ୟାଗ କରି ମଝାପଡାର ବଂଶୀଧର ପୁରୋହିତ, ସଜନ ଦେଓ ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ସମସ୍ତ ଯୋଗଦାନ ସୁନ୍ଦରଗଡ଼ ଜିଲାରେ ବିଜୁ ଜନତା ଦଳକୁ ଆହୁରି ସୁଦୃଢ଼ କରିବ।

# ସ୍ୱଚ୍ଛତା ପାଇଁ ସହଯୋଗର ହାତ ବଢାଇଲା ଏନ୍‌ଟିପିସି




ଏମଓୟୁ ସ୍ୱାକ୍ଷରିତ ଅବସରରେ ଉପସ୍ଥିତ ଅଧିକାରୀ।

**ସୁନ୍ଦରଗଡ଼,୨୭।୨(ଜୟନାରାୟଣ ମେଣ୍ଡୁଲି)**

ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର) ପଦକ୍ଷେପଗୁଡିକ ମଧ୍ୟରେ ସୁନ୍ଦରଗଡ଼ ସହରରେ ପରିମଳ କାର୍ଯ୍ୟକୁ ପ୍ରୋସାହିତ କରିବା ପାଇଁ ମଙ୍ଗଳବାର ଏନଟିପିସି ଦର୍ଲିପାଲି ସୁନ୍ଦରଗଡ ମୁନିସିପାଲିଟି ଏବଂ ସେବକ ସହିତ ଏମଓୟୁ ସ୍ୱାକ୍ଷର କରିଛି। ଏହି ଏମଓୟୁ ଅନୁସାରେ ପରିମଳ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଆବଶ୍ୟକ ମେଶିନ କ୍ରୟ ପାଇଁ ୯୬ଲକ୍ଷ ଟଙ୍କା ଏନଟିପିସି ଚୁକ୍ତି କରିଛି। ଏଥିସହିତ ଆଖପାଖ ଅଞ୍ଚଳରେ ୨୦୦ଟି ସୋଲାର ଷ୍ଟ୍ରିଟ ଲାଇଟ ସ୍ଥାପନ ପାଇଁ ସେବକ ସାମାଜିକ ଅନୁଷ୍ଠାନ ସହିତ ୪୪ଲକ୍ଷ ଟଙ୍କାର ଏମଓୟୁ ମଧ୍ୟ ସ୍ୱାକ୍ଷରିତ ହୋଇଛି। ସୁନ୍ଦରଗଡ ପୌରପାଳିକାର ପୌରାଧ୍ୟକ୍ଷା ତନୟା ମିଶ୍ରଙ୍କ ଉପସ୍ଥିତିରେ ଏନ୍‌ଟିପିସି ଦର୍ଲିପାଲିର ଅତିରିକ୍ତ ଜେନେରାଲ ମ୍ୟାନେଜର (ମାନବ ସମ୍ବଳ) ପ୍ରତିଭା ସିଂ, ପୌରପାଳିକାର ନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀ, ସେବକର ସମ୍ପାଦକ ପ୍ରଦୀପ ବ୍ରହ୍ମାଙ୍କ ସମେତ ଅନ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଚୁକ୍ତିନାମା ପରେ ଅଳିଆ ସଂଗ୍ରହ ପାଇଁ ଇ-ରିକ୍ସା, ପରିମଳ ଯନ୍ତ୍ର, ଅନ୍ୟାନ୍ୟ ଯନ୍ତ୍ରପାତି କିଣାଯିବ। ଏନଟିପିସିର ଏହି ପଦକ୍ଷେପକୁ ପୌରାଧ୍ୟକ୍ଷ ସ୍ୱାଗତ କରିଛନ୍ତି।

# ଦାଣ୍ଡଜମରାକୁ ହରାଇ ଉଦାରମା ଚାମ୍ପିୟନ

**ସାମାଜିକ ସେବା ସଦନ ପକ୍ଷରୁ ଦ୍ୱି ଦିବସୀୟ ହକି ଟୁର୍ନାମେଣ୍ଟ**

**ବଡ଼ଗାଁ, ୨୭।୨(ଅଶୋକ ଷଡ଼ଙ୍ଗୀ)**




ହକି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚର ଖେଳାଳିଙ୍କ ସହିତ ଅତିଥି।

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଟିକିଲିପଡା ନିକଟ ବିରୁଆପଡା ଖେଳ ପଡିଆଠାରେ ସାମାଜିକ ସେବା ସଦନ ପକ୍ଷରୁ ଆରମ୍ଭ ହୋଇଥିବା ଦି ଦିବସୀୟ ହକି ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ୧୨ଟି ଟିମ୍ ଅଂଶଗ୍ରହଣ କରିଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଦାଣ୍ଡଜମରା ଓ ଉଦାରମା ମଧ୍ୟରେ ହୋଇଥିଲା। ଏହି ମ୍ୟାଚରେ ଉଦାରମା ଦଳ ୪ ଗୋଲରେ ଦାଣ୍ଡଜମରା ଦଳକୁ ହରାଇ ଚାମ୍ପିୟନ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ସାବିତ୍ରୀ ମାଝି ଓ ବିଜେଡ଼ି ସାଧାରଣ ସମ୍ପାଦକ ଅରୁଣ ଦୀକ୍ଷିତ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ମଙ୍ଗଳବାର ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ ମୁଖ୍ୟ ଅତିଥି ଓ ବ୍ଲକ ଉପାଧ୍ୟକ୍ଷା ରଶ୍ମିତା ପଟେଲ, ସରପଞ୍ଚ ସାବିତ୍ରୀ ମାଝି, ବିଜେଡ଼ି ସାଧାରଣ ସମ୍ପାଦକ ଅରୁଣ ଦୀକ୍ଷିତ, ସାମାଜିକ ସେବା ସଦନର ନିର୍ଦ୍ଦେଶକ ଇମାନୁଏଲ ପାଥିଲ, ପ୍ରକଳ୍ପ ନିର୍ଦ୍ଦେଶକ ଆଲେକଜାଣ୍ଡାର କେରକେଟା, ପୂର୍ବତନ ସରପଞ୍ଚ ଧନେଶ୍ୱର କିଷାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ବିତରଣ କରିଥିଲେ। ଚାମ୍ପିୟନ ଟିମ୍‌କୁ ୧୫ ହଜାର ଟଙ୍କା ସହିତ ଟ୍ରଫି, ଉପବିଜେତା ଦାଣ୍ଡଜମରା ଟିମ୍‌କୁ ୧୦ ହଜାର ଟଙ୍କା ସହିତ ଟ୍ରଫି ଓ ତୃତୀୟ ସ୍ଥାନ ପାଇଥିବା ମଚାମରା ଟିମ୍‌କୁ ୫ ହଜାର ଟଙ୍କା ସହିତ ଟ୍ରଫି ପୁରସ୍କୃତ କରାଯାଇଥିଲା। ସାମାଜିକ ସେବା ସଦନର କର୍ମକର୍ତ୍ତା ଓ ଆୟୋଜକ କମିଟିର କର୍ମକର୍ତ୍ତା ପାଉଲୁସ ବୁଡ, ଭୀମସେନ ହେରେଞ୍ଜ, ମାର୍ଟିନ ହାଁସଦା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜର୍ଜ କେରକେଟା ମଞ୍ଚ ପରିଚାଳନା କରିଥିଲାବେଳେ ସମୀର ବାର୍ଲା, ରୋସନ ସୋରେଙ୍ଗ, ବିକାଶ ସିଂ ଖେଳ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବାଂଲାଦେଶୀ ଶ୍ରମିକଙ୍କୁ ଚିହ୍ନଟ ପାଇଁ ଭାଜପା ଯୁବ ମୋର୍ଚ୍ଚାର ଦାବି

ଦେବଗଡ଼, ୨୭।୨
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲାରେ ରହୁଥିବା ବାହାର ରାଜ୍ୟର ଅଣଓଡିଆ ଓ ବଙ୍ଗଳାଦେଶୀ ଶ୍ରମିକମାନଙ୍କୁ ଚିହ୍ନଟ କରିବା ପାଇଁ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି। ଭାଜପା ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଧିର କୁମାର ବ୍ରହ୍ମାଙ୍କ ନେତୃତ୍ୱରେ ସୁରଜ ଘଡେଇ, ତାପସ କୁମାର ନନ୍ଦ, ଅଜୟ କୁମାର ଦାଶ, ଲିପୁନ କୁମାର ବାରିକ, ସୌମ୍ୟ ଦ୍ୱିବେଦୀ, ସୁନୀଲ ପାଣି, ଟୁକୁ ପାତ୍ର, ସମିତ ରଞ୍ଜିତ ଓ ସୁନୀଲ ମୁଖିଙ୍କ ସମେତ ବହୁ ସଦସ୍ୟ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇ ଏମର୍ମରେ ଏକ ଦାବିପତ୍ର ଜିଲା ଆରକ୍ଷୀ ଅଧୀକ୍ଷକ ରାମ ପ୍ରସାଦ ସାହୁଙ୍କୁ ପ୍ରଦାନ କରିଥିଲେ। ଦେବଗଡ ଜିଲା ସଦର ମହକୁମା ସମେତ ଗ୍ରାମାଞ୍ଚଳରେ ବାହାର ରାଜ୍ୟର ଶ୍ରମିକ ଏବଂ ବୁଲା ବେପାରୀ ଆସି ରହୁଥିବା ବେଳେ ସେମାନଙ୍କ ଦ୍ୱାରା ବିଭିନ୍ନ ସମୟରେ ବିଭିନ୍ନ ଅପରାଧ ଓ ଗଣ୍ଡଗୋଳ ଘଟିବା ସହ ଘର ମାଲିକମାନେ ଠକାମିର ଶିକାର ହେଉଛନ୍ତି। ସ୍ଥାନୀୟ ଦୋକାନୀମାନଙ୍କ ଠାରୁ ମଧ ଧାରକରଜ ନେଇ ପରିଶୋଧ କରିବା ପରିବର୍ତ୍ତେ ଅନେକ ଫେରାର ହୋଇଯାଉଛନ୍ତି। ବିଭିନ୍ନ ସମୟରେ ନାବାଳିକା ଅପହରଣ ଭଳି ସଙ୍ଗୀନ ଘଟଣା ମାନ ମଧ୍ୟ ଘଟୁଥିବା ଉକ୍ତ ଦାବିପତ୍ର ଜରିଆରେ ଦର୍ଶାଯିବା ସହ ସେମାନଙ୍କ ଭୋଟ ଏବଂ ଆଧାର ପରିଚୟ ପତ୍ର ଯାଞ୍ଚ ସହ ସମ୍ପୂର୍ଣ୍ଣ ଠିକଣା ପୋଲିସ ପାଖରେ ରହିବା ଜରୁରୀ ହୋଇପଡିଛି। ଏଣୁ ଏହାକୁ ଦୃଷ୍ଟିରେ ରଖି ପୋଲିସ ଅଣଓଡିଆ ଓ ବଙ୍ଗଳାଦେଶୀ ଶ୍ରମିକଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ଏକ ସ୍ୱତନ୍ତ୍ର ପରିଚୟପତ୍ର ପ୍ରଦାନ କରିବାକୁ ଦାବି କରାଯାଇଛି। ଏହାଦ୍ୱାରା ଆଗକୁ ଅପରାଧ ସଂଖ୍ୟା କମି ପାରିବ ବୋଲି ମଧ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

### ଭୁଜାଲି ଆକ୍ରମଣରେ ଯୁବକ ଗୁରୁତର

ସମ୍ବଲପୁର, ୨୭।୨ (ପ୍ରମୋଦ ବହିଦାର)

ସମ୍ବଲପୁର ଫାଟକ ଅଞ୍ଚଳରେ ଭୁଜାଲି ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇ ଭିମ୍ସାରେ ଭର୍ତ୍ତି ହୋଇଛନ୍ତି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ପଡ଼ିଆବାହାଲ ବହାମର ରାଜେନ୍ଦ୍ର ମେହେର ନାମକ ଜଣେ ଯୁବକ କୌଣସି କାମରେ ସମ୍ବଲପୁର ଆସି ସକାଳେ ଟାଉନ ଥାନା ଅନ୍ତର୍ଗତ ଫାଟକ ଦେଇ ଯାଉଥିଲେ। ଏହି ସମୟରେ ଦାନିପାଲିର ଜଣେ ଯୁବକଙ୍କ ସହିତ ତାଙ୍କର ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସମ୍ପୃକ୍ତ ଯୁବକ ଏକ ଧାରୁଆ ଅସ୍ତ୍ରରେ ରାଜେନ୍ଦ୍ରଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଗୁରୁତର ରାଜେନ୍ଦ୍ରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚକିତ୍ସାଳୟକୁ ନେବା ସହ ପୋଲିସକୁ ଖବର ଦେଇଥିଲେ। ମାତ୍ର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଭିମ୍ସାରକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଟାଉାନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ଆକ୍ରମଣକାରୀ ଯୁବକଙ୍କୁ ନେଇ ଥାନାରେ ଅଟକ ରଖିଛି। ଏ ନେଇ ଥାନାରେ ଅଭିଯୋଗ ହୋଇ ନ ଥିବାରୁ ଖବର ଲେଖାଯିବା ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇ ନ ଥିବା ପୋଲିସ କହିଛି।



ଶୋଭାଯାତ୍ରାରେ ଚାଷୀମାନେ ଜିଲାପାଳଙ୍କ ଅଫିସକୁ ଯାଉଛନ୍ତି।


ଜିଲାପାଳଙ୍କ ଅଫିସ ଆଗରେ ଚାଷୀଙ୍କ ଧାରଣା।

# ଚାଷୀଙ୍କ ବିକ୍ଷୋଭ ଶୋଭାଯାତ୍ରା

- ଜିଲାପାଳଙ୍କ ଅଫିସ ଆଗରେ ଗର୍ଜିଲେ
- ୭ ଦଫା ଦାବିରେ ସ୍ମାରକପତ୍ର ପ୍ରଦାନ
- ବିଭିନ୍ନ ସଂଗଠନର ସମର୍ଥନ

ବରଗଡ଼, ୨୭।୨ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଚାଷ ଓ ଚାଷୀ ସମସ୍ୟା ଅସମାହିତ ହୋଇ ରହିଛି। ଏହାକୁ ନେଇ ଜିଲାରେ ଅସନ୍ତୋଷ ବଢ଼ିବାରେ ଚାଲିଛି। କୃଷିକ୍ଷେତ୍ରକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅଣଦେଖା କରୁଛନ୍ତି। ଏଭଳି ଅଭିଯୋଗ କରି ଚାଷୀ ଚାଷ ଛାଡ଼ି ଆନ୍ଦୋଳନ ମୁହାଁ ହୋଇଛନ୍ତି। ଏହି କ୍ରମରେ ମଙ୍ଗଳବାର ସଂଯୁକ୍ତ କୃଷକ ସଙ୍ଗଠନ, ବରଗଡ଼ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀ ଚେତାବନୀ ବିକ୍ଷୋଭ ସମାବେଶ ହୋଇଥିଲା। ପରେ ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଉଦ୍ଦେଶ୍ୟରେ ସଙ୍ଗଠନ ପକ୍ଷରୁ ୭ ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ସ୍ମାରକପତ୍ର ଗ୍ରହଣ କରିଥିଲେ।

ଧାନ ଅମଳ ସମୟରେ ମିଗ୍‌ଜୋମ ପ୍ରଭାବରେ ଅଦିନିଆଁ ବର୍ଷା ହୋଇଥିଲା। ଏଥିରେ ଜିଲାରେ ବ୍ୟାପକ ଫସଲକ୍ଷତି ହୋଇଥିଲା। ମାତ୍ର ଚାଷୀଙ୍କୁ ବୀମା କ୍ଷତିପୂରଣ କିମ୍ବା ଇନପୁଟ୍ ସବ୍‌ସିଡ଼ି ପ୍ରଦାନରେ ବୀମା କମ୍ପାନୀ ଏବଂ ସରକାର ଟାଳଟୂଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି। ଅଦିନିଆଁ ବର୍ଷା ଯୋଗୁ ଜିଲାରେ ୪୧ହଜାର ହେକ୍ଟର ଜମିରେ ୩୩ ପ୍ରତିଶତରୁ ଊର୍ଦ୍ଧ୍ୱ କ୍ଷତି ହୋଇଥିବା ବିଭାଗୀୟ ଅଧିକାରୀମାନେ ଆକଳନ କରିଥିଲେ ଏବଂ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେଇଥିଲେ। କିନ୍ତୁ ମାତ୍ର ୪୦୦ ହେକ୍ଟର ଜମିରେ ଫସଲକ୍ଷତିର କ୍ଷତିପୂରଣ ଦିଆଯିବା ଦୁର୍ଭାଗ୍ୟଜନକ ବୋଲି ସଂଯୁକ୍ତ କୃଷକ ସଙ୍ଗଠନର ଚାଷୀ ପ୍ରତିନିଧିମାନେ କହିଛନ୍ତି।

ଅଦିନିଆଁ ବର୍ଷାରେ କ୍ଷତିଗ୍ରସ୍ତ ସମସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ସଙ୍ଗଠନ ଦାବି କରିଛି। ସେହିପରି ଫସଲକ୍ଷତିର ୧୦ଦିନ ମଧ୍ୟରେ କ୍ଷୟକ୍ଷତି ଆକଳନ କରି ୧୫ଦିନ ମଧ୍ୟରେ କ୍ଷତିପୂରଣ ଦେବାର ବିଧି ବ୍ୟବସ୍ଥା ରହିଛି। ମାତ୍ର ଫସଲକ୍ଷତିର ୨ମାସ ପରେ ସୁଦ୍ଧା କ୍ଷତିପୂରଣ ମିଳିନାହିଁ। ଫଳରେ ତୁରନ୍ତ ତାହା ପ୍ରଦାନ କରିବାକୁ ଦାବି ହୋଇଛି। ବିଧାନସଭାରେ ଧାନ କୁଇଣ୍ଟାଲ ପ୍ରତି ୨୯୩୦ ଟଙ୍କା କରିବା ପାଇଁ ସର୍ବଦଳୀୟ ବୈଠକରେ ଦୀର୍ଘଦିନରୁ ପ୍ରସ୍ତାବ ପାରିତ ହୋଇଥିବାବେଳେ ଶାସନକୁ ଆସିବା ପୂର୍ବରୁ କେନ୍ଦ୍ରର ମୋଦି ସରକାର ସ୍ୱାମୀନାଥନ କମିଶନ ଲାଗୁ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ୨ଗୁଣା ହେବ ବୋଲି ସେ କହିଥିଲେ। ମାତ୍ର ଏପର୍ଯ୍ୟନ୍ତ ମୋଦି ସରକାର ତାକୁ କାର୍ଯ୍ୟକାରୀ କରିପାରି ନ ଥିବାବେଳେ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)କୁ ଆଇନଗତ ମାନ୍ୟତା ଦାବିରେ ଆନ୍ଦୋଳନକୁ ଓହ୍ଲାଇଥିବା ଚାଷୀଙ୍କ ଉପରେ ଜୁଲୁମ କରାଯାଉଥିବା ଅଭିଯୋଗ ହୋଇଛି।

ଧାନର କଟନୀଛଟନୀ ବନ୍ଦ କରି ଏମ୍‌ଏସ୍‌ପି କୁଇଣ୍ଟାଲ ପ୍ରତି ୪ହଜାର ଟଙ୍କା କରାଯିବା, ରାଜ୍ୟ ସରକାର ଅଧିକ ୧ହଜାର ଟଙ୍କା ଲେଖାଏଁ ବୋନସ ଦେବା, ସମସ୍ତ ଚାଷୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ଋଣ ଛାଡ଼ କରିବାକୁ ମଧ୍ୟ ସଙ୍ଗଠନ ଦାବି କରିଛି। ଏହା ସହିତ ବକେୟା ବିଦ୍ୟୁତ୍ ବିଲ୍ ସମ୍ପୂର୍ଣ୍ଣ ଛାଡ଼ କରିବା, ପ୍ରତି ମାସରେ ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ ଯୋଗାଣ, ଜଙ୍ଗଲୀ ଜନ୍ତୁଙ୍କ ଦ୍ୱାରା ହେଉଥିବା ଫସଲକ୍ଷତିର କ୍ଷତିପୂରଣ ପ୍ରଦାନ, ଚାଷ ପାଇଁ ବିଦ୍ୟୁତ୍ ବିଲ୍ ଜଳକର ଆଧାରରେ ନେବାକୁ ଦାବି କରାଯାଇଛି। ଆସନ୍ତା ୭ଦିନ ମଧ୍ୟରେ ଦାବି ପୂରଣ କରା ନ ଗଲେ ସାଧାରଣ ନିର୍ବାଚନ ନାମାଙ୍କନ ଦାଖଲ ପୂର୍ବରୁ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସଙ୍ଗଠନ ଚେତାବନୀ ଦେଇଛି।

ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ପ୍ରବକ୍ତା ସରୋଜ ମହାନ୍ତି, ଦେବେନ୍ଦ୍ର ପ୍ରଧାନ, କଳାହାଣ୍ଡିର ଲିଙ୍ଗରାଜ ଆଜାଦ, ବଲାଙ୍ଗୀରର ବାଳକୃଷ୍ଣ ଷଣ୍ଢ, ସଂଯୁକ୍ତ କୃଷକ ସଙ୍ଗଠନର ଅଜିତ ଶତପଥୀ, ପଞ୍ଚାନନ ସାହୁ, ଲିଙ୍ଗରାଜ ପ୍ରଧାନ, ବୈକୁଣ୍ଠ ଭୋଇ, ନରେନ୍ଦ୍ର ଭୋଇ, ସୁଦାମ ପାତ୍ର, ବିରେନ କର, ଥବିର ସାହୁ, ଈଶାନ୍ତ ଭୋଇ, ମୁରଲୀ ଭୋଇ, ଅରବିନ୍ଦ ପଣ୍ଡା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଉତ୍ପନ୍ନ କୁମାର ଭୋଇ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ରମେଶ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଞ୍ଜୟ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ସଂକଳ୍ପ ପରିବାର, କୋଶଳ ସେନା, ଓକିଲ ସଂଘ ସମେତ ବିଭିନ୍ନ ଅନୁଷ୍ଠାନ ସମାବେଶକୁ ସମର୍ଥନ କରିଥିଲେ। ଚାଷୀମାନେ ସ୍ଥାନୀୟ ନିଶାମଣି ସ୍କୁଲ ସମ୍ମୁଖ ଲୋକମଣ୍ଡପ ପଡ଼ିଆରେ ଏକାଠି ହେବା ପରେ ଏକ ବିଶାଳ ରାଲିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ଆସି ବିକ୍ଷୋଭ ପ୍ରଦର୍ଶନ ସହିତ ଧାରଣାରେ ବସିଥିଲେ।

### ନାକଟିଦେଉଳରେ ମିଶନ ଶକ୍ତି ସୁଧ ଫେରସ୍ତ କାର୍ଯ୍ୟକ୍ରମ

ନାକଟିଦେଉଳ, ୨୭।୨ (ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ମିଶନ ଶକ୍ତି ସୁଧ ଫେରସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିବା ବେଳେ ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ମିଶନ ଶକ୍ତିର ବ୍ଲକ ସଂଯୋଜକ ସୌମ୍ୟରଞ୍ଜନ କର୍ଣ୍ଣ ଏଥିରେ ସଭାପତିତ୍ୱ କରିଥିଲେ। ରେଢାଖୋଲ ଉପଜିଲାପାଳ ରଶ୍ମିରଞ୍ଜନ ମହାନ୍ତ, ନାକଟିଦେଉଳ ବିଡିଓ ଧନେଇ ଚରଣ ଟୁଡୁ, ସିଡ଼ିପିଓ କ୍ଷୀରାବ୍ଧି ପାଣ୍ଡିଆଙ୍କ ସମେତ ବିଭିନ୍ନ ବ୍ୟାଙ୍କର ଅଧିକାରୀ ଯୋଗଦେଇ ରାଜ୍ୟ ସରକାରଙ୍କ ମିଶନ ଶକ୍ତି କାର୍ଯ୍ୟକ୍ରମ ଓ ଏଥିରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କ ସହଭାଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ମିଶନ ଶକ୍ତି ସୁଧ ଫେରସ୍ତ କାର୍ଯ୍ୟକ୍ରମରେ ବ୍ଲକର ୬୯୫ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ୩୩ଲକ୍ଷ ୮୧ହଜାର ୪୦୩ଟଙ୍କାର ସୁଧ ଫେରସ୍ତ କରାଯାଇଛି। ସେହିପରି ମୁଖ୍ୟଅତିଥି ଉପଜିଲାପାଳ ମହାନ୍ତ ସ୍ୱୟଂ ସହାୟିକା ଗୋଷ୍ଠୀର ପ୍ରତ୍ୟେକ ସଭ୍ୟାଙ୍କୁ ୟୁନିଫର୍ମ ପାଇଁ ୧ ହଜାର ଓ ଜିପିଏଲ୍‌ଏଫ୍ ଓ ବିପିଏଲ୍‌ଏଫ୍‌ଙ୍କୁ ବ୍ଲେଜର ପାଇଁ ୨ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

### ବର୍ଷାରେ ଝଡ଼ିଲା ଆମ୍ବ ବଉଳ

ବରଗଡ଼, ୨୭।୨ (ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ମଙ୍ଗଳବାର ରାତିରେ ପ୍ରବଳ ବର୍ଷା ହୋଇଥିଲା। ବରଗଡ଼ ସହରରେ ରାତି ପ୍ରାୟ ୮ଟା ୪୦ମିନିଟ୍‌ରୁ ୨୦ମିନିଟ ଧରି ବର୍ଷା ଲାଗି ରହିଥିଲା। ପଦ୍ମପୁର ଉପଖଣ୍ଡରେ ମଧ୍ୟ ବର୍ଷା ହୋଇଥିବା ସୂଚନା ମିଳିଛି। ଝଡ଼ବତାସ ଏବଂ ବର୍ଷା ପ୍ରଭାବରେ ଆମ୍ବଗଛରୁ ବଉଳ ଝଡ଼ି ପଡ଼ିଛି।

## ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି

ନାକଟିଦେଉଳ, ୨୭।୨ (ବୈକୁଣ୍ଠ ନାଥ ସାହୁ)


ସାମାଜିକ ସମୀକ୍ଷା ଶିବିରରେ ମଞ୍ଚାସୀନ ଅତିଥିମାନେ।

ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଏବଂ ସମନ୍ୱିତ ଶିଶୁ ବିକାଶ ଓ ମମତା ଯୋଜନାରେ ହୋଇଥିବା କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ରେଢାଖୋଲ ଉପଜିଲାପାଳ ରଶ୍ମିରଞ୍ଜନ ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସମ୍ବଲପୁର ଜିଲା ଲୋକପାଳ ବ୍ରଜକିଶୋର ପଣ୍ଡା, ଜିଲା ସାମାଜିକ ସମୀକ୍ଷକ ଆର୍ତ୍ତତ୍ରାଣ ଶତପଥୀ, ନାକଟିଦେଉଳ ବିଡିଓ ଧନେଇ ଚରଣ ଟୁଡୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୂର୍ଯ୍ୟକାନ୍ତ ବିଶ୍ୱାଳ, ପୂର୍ବତନ ବ୍ଲକ ଅଧକ୍ଷ ସୁଦର୍ଶନ ସାହୁ, ବ୍ଲକ ଉପାଧକ୍ଷ ଜିତେନ୍ଦ୍ରିୟ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ତେବେ ଗତବର୍ଷ ଏପ୍ରିଲଠାରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ହୋଇଥିବା ସମୀକ୍ଷାରେ ବର୍ତ୍ତମାନ ବ୍ଲକର ୯୨୦୫ ଜବ୍‌କାର୍ଡ଼ ସଚଳ ଥିବାବେଳେ ସେଥିରେ ୧୫୭୪୨ଜଣ କାମ କରିଛନ୍ତି। ଏହି ସମୟ ମଧରେ ୧୯୧୫୭୫ଟି ଶ୍ରମ ଦିବସ ସୃଷ୍ଟି ସହ ୪୬୬୨ପରିବାକୁ କାମ ଯୋଗାଇ ଦିଆଯାଇଛି। ୭୧୪୬ଜଣ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରିଥିବାବେଳେ ୬୪ଟି ପରିବାରକୁ ୧୦୦ଦିନର କାମ ଯୋଗାଇ ଦିଆଯାଇଛି। ଅନ୍ୟପକ୍ଷରେ ୧୯୫୮ଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ବେଳେ ସେଥିରୁ ବର୍ତ୍ତମାନ ସୁଦ୍ଧା ୪୩୯ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ନେଇ ଶିବିରରେ ବ୍ଲକର ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସୁବାସ କୁମାର ବେହେରା ସୂଚନା ଦେଇଥିଲେ। ଶେଷରେ ବ୍ଲକ ସାମାଜିକ ସମୀକ୍ଷକ ମନୋଜ ସାହୁ ଧନ୍ୟବାଦ ଦେଇଥିଲେ। ଏଥିରେ ବିଭିନ୍ନ ଗ୍ରା.ପ.ର ସରପଞ୍ଚ, ଗାଁ ସାଥୀ, ଭିଆର୍‌ପି ଅଙ୍ଗନୱାଡ଼ି କର୍ମୀଙ୍କ ସମେତ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

**ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୬୪ ପରିବାର ପାଇଛନ୍ତି ଶହେ ଦିନର କାମ**

### ମାଟ୍ରିକ ପ୍ରଶ୍ନପତ୍ର ପ୍ରଘଟ ପ୍ରତିବାଦରେ ଏବିଭିପିର ବିକ୍ଷୋଭ

ସମ୍ବଲପୁର, ୨୭।୨ (ବି.ଶଙ୍କର)

ଚଳିତ ମାଟ୍ରିକ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ପ୍ରତିବାଦରେ ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦ (ଏବିଭିପ) ପକ୍ଷରୁ ସମ୍ବଲପୁର ଗୋଲବଜାର ଛକରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏବିଭିପିର କାର୍ଯ୍ୟକର୍ତ୍ତା ଅଭିଯୋଗ କରିଛନ୍ତି ଯେ, ଇଂରାଜୀ ସହିତ ଗଣିତ ପରୀକ୍ଷାରେ ମଧ ପ୍ରଶ୍ନପତ୍ର ପ୍ରଘଟ ହୋଇଛି। ଏହାର ଉଚ୍ଚ ସ୍ତରୀୟ ତଦନ୍ତ ସହ ଦୋଷୀମାନଙ୍କୁ କଠୋର ଦଣ୍ଡ ଦେବାକୁ ସେମାନେ ଦାବି କରିଛନ୍ତି। ଏହା ନ ହେଲେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ୱେତାଂଶୁ ଶେଖର ବରାଇ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସହ ସମ୍ପାଦକ ସିମ୍ରନ ପ୍ରଧାନ, ରାଜ୍ୟ ବିଶ୍ୱବିଦ୍ୟାଳୟ ସହ ସଂଯୋଜକ ଯଶବର୍ଦ୍ଧନ ତିୱାରୀ, ଜିଲା ସଂଯୋଜକ ପ୍ରିତିସ କର, ନଗର ସମ୍ପାଦକ ନଗେନ ରାଉତ, ବୁର୍ଲା ନଗର ସମ୍ପାଦକ ଆୟୁଷ ରେ, ବାବୁଲୁ ଗଡତିଆ, ନୀତେଶ ପାଣିଗ୍ରାହୀ, ଖୋକନ୍ ପ୍ରଧାନ, ମାନସ ପାଢ଼ୀ ପ୍ରମୁଖ ସାମିଲ ଥିଲେ।

## କ୍ରିକେଟ ଏକାଡେମୀ ସ୍ଥାପନ ପାଇଁ ଶିଳାନ୍ୟାସ




ଦେବଗଡ, ୨୭।୨
(ଶଶାଙ୍କ ଶେଖର ଝାଙ୍କର)

ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଆନୁକୂଲ୍ୟରେ କ୍ରିକେଟ ଖେଳ ଓ ଖେଳାଳିଙ୍କର ବିକାଶ ନିମନ୍ତେ ମଙ୍ଗଳବାର ରାଜ୍ୟର ୪୧ଟି ସ୍ଥାନରେ କ୍ରିକେଟ ଏକାଡେମୀ ସ୍ଥାପନ ପାଇଁ ଶିଳାନ୍ୟାସ କରାଯାଇଛି। ଏହି କ୍ରମରେ ଦେବଗଡ ଜିଲାରେ ମଧ ଏକ କ୍ରିକେଟ ଏକାଡେମୀ ସ୍ଥାପନ ପାଇଁ ଶିଳାନ୍ୟାସ କରାଯାଇଛି। ସ୍ଥାନୀୟ ଇନଡୋର ଷ୍ଟାଡିୟମ ଠାରେ ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଉପସ୍ଥିତିରେ ଆଭାସୀ ଯୋଗେ ବଟମ ଚିପି ଏହି ଏକାଡେମୀର ଶିଳାନ୍ୟାସ କରିଥିଲେ। ଜିଲା କ୍ରିକେଟ ଆସୋସିଏଶନର ସମ୍ପାଦକ ଇଂ. ସୁଜିତ କୁମାର ପ୍ରଧାନଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଦେବଗଡ଼ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ଜିଲା ଆରକ୍ଷୀ ଅଧିକ୍ଷକ ରାମ ପ୍ରସାଦ ସାହୁ, ଜିଲା କ୍ରିକେଟ ଆସୋସିଏସନର ଉପସଭାପତି ନବୀନ କୁମାର ପାଣି, ଏସଡିପିଓ ସୌମ୍ୟରଞ୍ଜନ ମଲ୍ଲିକ ଓ ଜିଲା ବିଜେଡି ସଭାପତି ଇଂ.ଚିତ୍ତରଞ୍ଜନ ପ୍ରଧାନ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧରେ ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ଧିରେନ୍ଦ୍ର କୁମାର ନାୟକ, ପ୍ରାକ୍ତନ କ୍ରିକେଟ ଖେଳାଳି ପ୍ରମୋଦ କୁମାର ମିଶ୍ର ଓ ପ୍ରଭାସ ଚନ୍ଦ୍ର ମିଶ୍ର, ଇଂ. ଭୁବନେଶ୍ୱର ପ୍ରଧାନ, ହେମନ୍ତ କୁମାର ମହାପାତ୍ର, ସନ୍ତୋଷ କୁମାର ଦେବତା, ସତ୍ୟ ନାରାୟଣ ପାଣି, ଅଭୟ କୁମାର ନନ୍ଦ, ମନୋଜ କୁମାର ଆଚାର୍ଯ୍ୟ, ଦିଲ୍ଲୀପ କୁମାର ସାହୁ, ସୁବାସ କୁମାର ପୃଷ୍ଟି, ପ୍ରଦ୍ୟୁମ୍ନ କୁମାର ଭୁକ୍ତା, ବେଣୁଧର ଗଡନାୟକ, ଡିଲେଶ୍ୱର ସ୍ୱାଇଁ, ରଞ୍ଜିତା ମିଶ୍ର, ଚିତ୍ତରଞ୍ଜନ ଦାସ, ଅଞ୍ଜନ କୁମାର ପ୍ରଧାନ, କିଶୋର ରାୟ ଓ ଅରୁଣ କୁମାର ଦେହୁରୀଙ୍କ ସମେତ ବହୁ ଉଦୀୟମାନ କ୍ରିକେଟ ଖେଳାଳି ଓ କ୍ରିକେଟ ପ୍ରେମୀ ଉପସ୍ଥିତ ଥିଲେ। ଆଜିର ଶିଳାନ୍ୟାଶ ଉତ୍ସବ ପରେ ଦେବଗଡ ଜିଲାର କ୍ରିକେଟ ଖେଳାଳି ଓ କ୍ରିକେଟ ପ୍ରେମୀମାନଙ୍କ ମଧରେ ବେଶ ଆନନ୍ଦ ପ୍ରକାଶ ପାଇବା ସହ ଜିଲାରୁ ଅଧିକ ଜାତୀୟ ଏବଂ ଅନ୍ତର୍ଯାତୀୟ କ୍ରିକେଟ ଖେଳାଳି ସୃଷ୍ଟି ହେବା ନେଇ ନୂତନ ଆଶା ସଂଚାର ହୋଇଛି।

## ସ୍ୱତନ୍ତ୍ର ସଫେଇ ମେଶିନ ଉଦ୍‌ଘାଟିତ

ସମ୍ବଲପୁର, ୨୭।୨ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଡ୍ରେନ୍ ସଫେଇ ପାଇଁ ମଙ୍ଗଳବାର ସ୍ୱତନ୍ତ୍ର ମେଶିନ ଉଦ୍‌ଘାଟିତ ହୋଇଛି। ମ୍ୟୁନିସିପାଲିଟି ଛକ ପୁରୁଣା ମହାନଗର ନିଗମ କାର୍ଯ୍ୟାଳୟ ନିକଟରେ ମହାନଗର ନିଗମ କମିଶନର ବେଦଭୁଷଣ ଫିତାକାଟି ଏହି ମେଶିନକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଡେପୁଟି କମିଶନର ଶଙ୍କର ପ୍ରସାଦ ସାହୁ, ମହାନଗର ନିଗମର ସ୍ୱାସ୍ଥ୍ୟ ଅଧିକାରୀ ଓ ଠିକା ସଂସ୍ଥାର ଅଧିକାରୀ ଉପସ୍ଥିତ ରହିଥିଲେ। ସମ୍ବଲପୁରରେ ଡ୍ରେନଗୁଡିକର ନିୟମିତ ସଫେଇ ନେଇ ଅଭିଯୋଗ ହୋଇଆସୁଥିବା ବେଳେ ମେଶିନ ସାହାଯ୍ୟରେ କମ ସମୟ ତଥା କମ ଖର୍ଚ୍ଚରେ ଏହାକୁ ସଫେଇ କରାଯାଇ ପାରିବ ବୋଲି କୁହାଯାଉଛି। ଡ୍ରେନ ସଫେଇ ପାଇଁ ନୂତନ ମେଶିନ ଉପଯୋଗିତାକୁ ଦୃଷ୍ଟିରେ ରଖି ଅଧିକ ମେଶିନ କାର୍ଯ୍ୟରେ ଲଗାଯିବ ବୋଲି ଡେପୁଟି କମିଶନର ସାହୁ କହିଛନ୍ତି।


ଡ୍ରେନ ସଫେଇ ପାଇଁ ନୂତନ ମେଶିନ ଉଦ୍‌ଘାଟିତ।

## ଭିଏସ୍‌ଏସ୍ ଷ୍ଟାଡିୟମର ପୁନଃବିକାଶ ପାଇଁ ଭିତ୍ତିପ୍ରସ୍ତର

ସମ୍ବଲପୁର, ୨୭।୨ (ପ୍ରମୋଦ ବହିଦାର)

ସମ୍ବଲପୁର ଭିଏସ୍‌ଏସ୍ ଷ୍ଟାଡିୟମର ପୁନଃବିକାଶ ପାଇଁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିପାଇଁ ୩୫୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ଅବସରରେ ଷ୍ଟାଡିୟମ୍ ପରିସରରେ ଆୟୋଜିତ ଉତ୍ସବରେ ସମ୍ବଲପୁର ଜିଲାପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ, ରେଢ଼ାଖୋଲ ବିଧାୟକ ତଥା ବିଜେଡି ସମ୍ବଲପୁର ଜିଲା ସଭାପତି ରୋହିତ ପୂଜାରୀ, ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଶ୍ରୀକାନ୍ତ ପୃଷ୍ଟି, ବିଜେଡି ରାଜ୍ୟ ପ୍ରବକ୍ତା ସଞ୍ଜୟ ବାବୁ, ମହାନଗର ନିଗମ କମିଶନର ବେଦଭୂଷଣ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଜିଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଭିଏସ୍‌ଏସ୍ ଷ୍ଟାଡିୟମର ନବୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ।

## ରେଳପଥ ପାଇଁ ଶୀଘ୍ର ଜମି ଅଧିଗ୍ରହଣ ଶେଷ କର

ଦେବଗଡ, ୨୭।୨
(ଶଶାଙ୍କ ଶେଖର ଝାଙ୍କର)

ବର୍ତ୍ତମାନ ସୁଦ୍ଧା ବିମଳାଗଡ -ତାଳଚେର ପାଇଁ ଦେବଗଡ଼ ଜିଲାରେ ମୋଟ ୧୯ଟି ଗ୍ରାମ ମଧ୍ୟରୁ ୧୫ଟି ଗ୍ରାମର ଜମି ଅଧିଗ୍ରହଣ କାର୍ଯ୍ୟ ସମାପ୍ତ ହୋଇ ରେଳ ବିଭାଗକୁ ହସ୍ତାନ୍ତର ହୋଇଥିବାବେଳେ ଅବଶିଷ୍ଟ ୪ଟି ଗ୍ରାମର ଜମି ଅଧିଗ୍ରହଣ କାର୍ଯ୍ୟ ସମାପ୍ତ କରି ରେଳବାଇ ବିଭାଗକୁ ହସ୍ତାନ୍ତର କରିବାକୁ ଜିଲ୍ଲା ନାଗରିକ କମିଟି ଦେବଗଡ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ବୋଲି କମିଟି ସମ୍ପାଦକ ସୁଧୀର କପରଦାର ଏକ ପ୍ରେସ ଇସ୍ତାହାରରେ ପ୍ରକାଶ କରିଛନ୍ତି। ଅତଏବ ବ୍ୟତୀତ ବର୍ତ୍ତମାନ ଚାଲୁଥିବା ମୁଖ୍ୟ ଡାକ୍ତରଖାନା ବିଲଡିଂରେ ଏକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିବା, ଦେବଗଡ ପୌରସଂସ୍ଥାକୁ ଦୁର୍ନୀତିମୁକ୍ତ କରି ଚଳଚଞ୍ଚଳ କରିବା, ସରକାରୀ ଅନୁଦାନ ମିଳିଥିବା ୪ଟି କଲ୍ୟାଣ ମଣ୍ଡପ, ବଡବନ୍ଧ କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବା, କୁରୁଡ଼କୋଟ ଓ ପ୍ରଧାନପାଟ ଜଳପ୍ରପାତ ପାଇଁ ଅନୁଦାନକୁ ଠିକ ବିନିଯୋଗ କରିବା, ରାଜା ବାସୁଦେବ ହାଇସ୍କୁଲରେ ପୁନଃ ଏନସିସି. ପ୍ରଚଳନ କରିବା, ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି ତଥା ପ୍ରଧାନପାଟ ରାସ୍ତାକୁ ଅବରୋଧ ମୁକ୍ତ କରିବା ପ୍ରଭୃତି ଦାବି ଉପସ୍ଥାପନ କରାଯାଇଥିଲା। ଆଗାମୀ ଦଶ ଦିନ ମଧରେ ସନ୍ତୋଷଜନକ ପଦକ୍ଷେପ ଗ୍ରହଣ କରା ନ ଗଲେ ଜିଲା ନାଗରିକ କମିଟି ଗଣତାନ୍ତ୍ରିକ ରାସ୍ତାରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି କମିଟି ସମ୍ପାଦକ ସୂଚନା ଦେଇଛନ୍ତି। ଏହି ପ୍ରତିନିଧି ଦଳରେ କମିଟି ସଭାପତି ସୁଶୀଲ କୁମାର କପରଦାର, ମାର୍କଣ୍ଡେଶ୍ୱର ଶତପଥୀ, ଉପ ନଗରପାଳ ପ୍ରଜିତ ଭୋଜ, କାଉନସିଲର ଧର୍ମେନ୍ଦ୍ର ଦେବତା, ଲକ୍ଷ୍ମୀଣ ପ୍ରଧାନ, ସୁଦାମ ବୁଢ଼ା, ନରୋତ୍ତମ ସାହୁ, ମଞ୍ଜୁଳ ନାୟକ, ମହେଶ୍ୱର ପାଣି, ତଥା ଟିକେଶ୍ୱର ଗୁରୁ ପ୍ରମୁଖ ପ୍ରତିନିଧି ଦଳରେ ଯାଇଥିବା ଜଣାପଡ଼ିଛି।


ନାଗରିକ କମିଟି ବୈଠକରେ ଉପସ୍ଥିତ ସଭ୍ୟ, କର୍ମକର୍ତ୍ତା।

## କୁକୁଡ଼ା ପାଳନ ସମ୍ପର୍କରେ



ବାର୍ଡ ଫ୍ଲୁ ରୋଗ ଦମନ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ । ଦିନରେ ବାୟୁମଣ୍ଡଳର ଉତ୍ତାପ ଅଧିକ ଥିବାରୁ ବ୍ରଏଲର କୁଡ଼ା ଛୁଆ ପାଳନ ପାଇଁ କମ୍ ଉତ୍ତାପ ଦିଅନ୍ତୁ (ଆବଶ୍ୟକ ୩୫୦ ସେଣ୍ଟିଗ୍ରେଡ୍) । କୁକୁଡ଼ା ଛୁଆମାନେ ଉତ୍ତାପ ଉତ୍ସ ତଳେ ରହିଲେ ଉତ୍ତାପ ବଢ଼ାନ୍ତୁ ଓ ଉତ୍ତାପ ଉତ୍ସଠାରୁ ଦୂରରେ ରହିଲେ ଉତ୍ତାପ କମ୍ ଦିଅନ୍ତୁ। ୭ ଦିନର କୁକୁଡ଼ା ଛୁଆକୁ ରାଣୀକ୍ଷେତ ରୋଗ ଓ ୧୫ ଦିନର ଛୁଆକୁ ଆଇବିଡି ରୋଗ ଟିକା ଦିଅନ୍ତୁ। ବାର୍ଡ ଫ୍ଲୁ ରୋଗ ହେଲେ କୁକୁଡ଼ା ଦୁର୍ବଳ ଦେଖାଯାଏ, ପର ଅସଜଡ଼ା ପରି ଲାଗେ, ଅଣ୍ଡାଦିଆ କୁକୁଡ଼ା ଅଣ୍ଡା ଦେବା କମ୍ କରିଦିଏ, ନାକରୁ ପତଳା ସିଘାଂଣି ବାହାରିବା ସହ ଛିଙ୍କ ତଥା ପତଳା ପାଣି ପରି ଝାଡ଼ା ହୁଏ, ପ୍ରାପ୍ତ ବୟସ୍କ କୁକୁଡ଼ାଙ୍କ ଚୂଳ, ୱାଟଲ୍ ଓ ଆଖି ଚାରିପାଖ ଫୁଲିଯାଏ, ଚୂଳ ନୀଳ ପଡ଼ିବା ସହ ରକ୍ତଛିଟା ଚିହ୍ନ ଦେଖାଦେଲେ କିମ୍ବା ମୁହଁ ବା ମୁଣ୍ଡ ଫୁଲିଯିବା ଆଦି ଉପସର୍ଗ ମାନ ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

## ରଜନୀଗନ୍ଧାର ଉନ୍ନତ କିସମ



ରଜନୀଗନ୍ଧା ଫୁଲ ଚାଷ କରୁଥିଲେ ଏହାର ଉନ୍ନତ କିସମ ଉପରେ ଧ୍ୟାନ ଦିଅନ୍ତୁ। କୋଲକାତା ସିଙ୍ଗଲ, ଶ୍ରୀଙ୍ଗାର,କୋଏମ୍ବାଟୋର ସିଙ୍ଗଲ ଓ ସୁହାସିନୀ(ଡବଲ)ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୮୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସ୍‌ଫରସ୍ ଓ ୮୦କି.ଗ୍ରା. ପଟାସ ସାର)ର ଏକ ତୃତୀୟାଂଶ ଯବକ୍ଷାରଜାନ ଓ ସବୁତକ ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ ହୋଇଥାଏ। କନ୍ଦାଗୁଡ଼ିକୁ ୨.୫ସେ.ମି. ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ଡିଗ୍ରୀ ସେଲ୍‌ସିଅସ୍‌ରେ ରହିଥିବା କନ୍ଦାଗୁଡିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକର ପ୍ରତି ୧୬୦କେ.ଜି ନିମ୍ବପିଡ଼ିଆ ପ୍ରୟୋଗ କରନ୍ତୁ। କନ୍ଦାଗୁଡ଼ିକୁ ଲଗାଇବା ପୂର୍ବରୁ ଚେରଗୁଡ଼ିକୁ କାଟିଦିଅନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ କନ୍ଦାକୁ କନ୍ଦା ୩୦ସେ.ମି. ବ୍ୟବଧାନରେ ଲଗାନ୍ତୁ।

# ଡାଲୁଅ ଧାନରେ କାଣ୍ଡବିନ୍ଧା ପୋକ ଦମନ

ଡାଲୁଅ ଧାନଜମିରେ କାଣ୍ଡ ବିନ୍ଧାପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ଏକ ଲିଟର କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବା ଆଶଙ୍କା ଅଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ୧-୨ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ ଟି ପୋକ ଲାଗିଲେ ଇମିଡାକ୍ଲୋପ୍ରିଡ୍ ୩ ମି.ଲି./୧ ଲିଟର ବା ବୁପ୍ରୋଫେଜିନ୍ ୧ ମି.ଲି./୧ ଲିଟର ପାଣିରେ ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଗଛ ୩୦ଦିନର ହୋଇଥିଲେ ଟ୍ରାଇକୋଗାମା ଜାପୋନିକମ୍ ପରାଶ୍ରୟୀ କୀଟର ଟ୍ରାଇକୋକାର୍ଡକୁ ଏକର ପ୍ରତି ୨ଟି କାର୍ଡ ହିସାବରେ ପ୍ରତି ସପ୍ତାହ ଅନ୍ତରରେ ଜମିରେ ପ୍ରୟୋଗ କରନ୍ତୁ ।

**ଗହମ :** ଗହମ ଗଛ ସମ୍ପୂର୍ଣ୍ଣ ହଳଦିଆ ପଡ଼ି ଶୁଖିଗଲେ ବା କେଣ୍ଡାରେ ଗହମ ଦାନା ଝଣ ଝଣ ଶବ୍ଦ କଲେ ସେଗୁଡ଼ିକ କାଟିଆଣି ଅମଳ କରି ୩/୪ ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ।

**ଡାଲିଜାତୀୟ ଫସଲ :** ଜଳସେଚନର ସୁବିଧା ଥିଲେ ମୁଗ ଓ ବିରି ଫସଲରେ ୨୦-୨୫ ଦିନ ବେଳକୁ ଥରେ ଜଳସେଚନ କରନ୍ତୁ । ଜଳସେଚନ ପୂର୍ବରୁ ଟାର୍ଗା ସୁପର ୨ ମି.ଲି.କୁ ୧ ଲିଟର ପାଣିରେ ମିଶାଇ ଫସଲକୁ ୧୫-୨୦ ଦିନ ବେଳକୁ ସିଞ୍ଚନ କଲେ ଏକ ବୀଜପତ୍ରୀ ଅନାବନା ଘାସ ଦାଉରୁ ସମ୍ପୂର୍ଣ୍ଣ ରକ୍ଷା ମିଳିଥାଏ ।



## ମାର୍ଚ୍ଚ ମାସର କୃଷି ସୂଚନା

**ତୈଳବୀଜ ଜାତୀୟ ଫସଲ**

**ଚିନାବାଦାମ :** ଚିନାବାଦାମ ଅମଳ ଯୋଗ୍ୟ ହେଲେ ଅର୍ଥାତ୍ ଗଛ ହଳଦିଆ ପଡ଼ି ଶୁଖି ଆସିଲେ, ଚିନାବାଦାମ ଖୋସା ଭିତର ପଟେ କଳାଦାଗ ପଡ଼ିଲେ ଓ ଚିନାବାଦାମ ମଞ୍ଜି ଚୋପା ଗୋଲାପି ପଡ଼ିଆସିଲେ ଚିନାବାଦାମ ଅମଳ କରନ୍ତୁ। ଅମଳ ଚିନାବାଦାମକୁ ୩/୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ ।

**ରାଶି :** ଖରାଦିନିଆ ରାଶି ଫସଲ ୩ ସପ୍ତାହର ହୋଇଗଲେ ପ୍ରଥମେ ଜଳସେଚନ କରି କୋଡ଼ାଖୁସା କରନ୍ତୁ ଓ ଘାସ ବାଛିଦିଅନ୍ତୁ ।

**ସୂର୍ଯ୍ୟମୁଖୀ :** ଫସଲରେ ଧଳାମାଛି ବା ପତ୍ର ଉକୁଣି ପୋକ ଲାଗିଲେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଆସିଟାମିପ୍ରିଡ୍ ବା ୧୨୫ ଗ୍ରାମ୍ ଥାଇଓମେଥୋକ୍‌ଜାମ୍ ଔଷଧକୁ ୫୦୦ ଲିଟର ପାଣି ସହ ମିଶାଇ ସିଞ୍ଚନ କରିବା ଆବଶ୍ୟକ ।

**ଆଖୁ :** ଆଖୁ ଲଗାଇବା କାର୍ଯ୍ୟ ଶେଷ କରନ୍ତୁ । ପୂର୍ବରୁ ଲଗାଯାଇଥିବା ଆଖୁ ଫସଲରେ ସଅଳ କିସମରେ ୪୫ ଓ ୯୦ଦିନରେ ଏବଂ ମଧ୍ୟମ ଓ ବିଳମ୍ବ କିସମରେ ୪୫, ୯୦ ଓ ୧୨୦ ଦିନରେ ହେକ୍ଟର ପ୍ରତି ୩୦୦ କି.ଗ୍ରା. ଯବକ୍ଷାରଜାନ ସାର ସମାନ କିସ୍ତିରେ ପ୍ରୟୋଗ କରନ୍ତୁ। ୧୨୦ ଦିନ ପରେ ଆଖୁ ଫସଲରେ ଯବକ୍ଷାରଜାନ ସାର ପ୍ରୟୋଗ କରିବା ଉଚିତ ନୁହେଁ। କଳାଛଟା ରୋଗ ଆଖୁ ଗଛରେ ଦେଖାଦେଲେ ଆକ୍ରାନ୍ତ ଗଛକୁ ମୂଳରୁ ଉପାଡ଼ି କିଆରି ବାହାରେ ପୋଡ଼ି ଦିଅନ୍ତୁ । ଆକ୍ରାନ୍ତ କିଆରିରେ କାର୍ବେନ୍ଡିଜିନ୍ ୩୭.୫% x ଥିରାମ୍ ୩୭.୫% ୩ ଗ୍ରାମ୍, ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସହଳ କାଣ୍ଡବିନ୍ଧା ପୋକ ଦମନ ପାଇଁ ଏକର ପ୍ରତି ୨ଟି ଟ୍ରାଇକୋକାର୍ଡ ପ୍ରତି ସପ୍ତାହ ଅନ୍ତରରେ କିଆରିରେ ଲଗାନ୍ତୁ ।

**ଆଳୁ :** ବର୍ତ୍ତମାନ ଆଳୁ ଅମଳ ସମୟ। ଏ ସମୟରେ ଚାଷୀଭାଇ କେତୋଟି ଦିଗ ପ୍ରତି ଯତ୍ନଶୀଳ ହେଲେ ଉତ୍କୃଷ୍ଟମାନର ଆଳୁ ଅମଳ କରିବା ସହ ପରବର୍ତ୍ତୀ ସମୟରେ ଆଳୁ ପଚିଯିବା ସମସ୍ୟାକୁ ରୋକାଯାଇପାରିବ। ଆଳୁ ଅମଳ କରିବାର ୧୦-୧୫ ଦିନ ପୂର୍ବରୁ ଜମିରେ ଜଳସେଚନ ବନ୍ଦ କରିଦେବା ଆବଶ୍ୟକ। ଏହାଦ୍ୱାରା ଆଳୁର ଉପର ଚୋପା ଟାଣ ହୁଏ ଏବଂ ଅମଳ ସମୟରେ ଓ ଅମଳ ପରେ ଶଢ଼ିବାର ଆଶଙ୍କା କମ୍ ରହେ। ଆଳୁ ଅମଳ ସମୟରେ ଚାଷୀଭାଇ ଯତ୍ନର ସହ ହୁଡ଼ା ଭାଙ୍ଗି ଆଳୁ ଖୋଳିବା ଆବଶ୍ୟକ ଯେପରିକି ଆଳୁ କଟି ନ ଯାଏ। ଯଦି କିଛି ଆଳୁ କଟିଯାଏ ବା ଖଣ୍ଡିଆ ହୋଇଯାଏ, ସେଗୁଡ଼ିକୁ ଅଲଗାକରି ଶୀଘ୍ର ଖାଇବା ପାଇଁ ବ୍ୟବହାର କରିଦେବା ଆବଶ୍ୟକ। ଆଳୁ ଖୋଳିବା ପରେ ତାହାକୁ ପବନ ଚଳାଚଳ କରୁଥିବା ଛାଇ ଜାଗାରେ (ଖୋଲା ଘର, ଛାତ ଥିବା ଖଳା ପ୍ରଭୃତି) ପତଳା ସ୍ତରରେ ୬-୮ ଦିନ ରଖି ୩-୪ ଦିନ ଅନ୍ତରରେ ପଚା ଆଳୁକୁ ଅଲଗା କରିବା ଆବଶ୍ୟକ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର-୩

## ନଳିତା ବୁଣିବା ପୂର୍ବରୁ...



ଯେଉଁ ଅଞ୍ଚଳରେ କେନାଲ କିମ୍ବା ଉଠା ଜଳସେଚନର ସୁବିଧା ଅଛି ସେଠାରେ ମାର୍ଚ୍ଚ ୧୫ଠାରୁ ପିତା ନଳିତା ବୁଣାବୁଣି କାର୍ଯ୍ୟ ଆରମ୍ଭ କରାଯାଇପାରିବ । ନଳିତା ବୁଣିବା ପାଇଁ ଜମି ପ୍ରସ୍ତୁତ କରନ୍ତୁ। ମାଟିକୁ ଭଲଭାବରେ ଗୁଣ୍ଡକରି ହେକ୍ଟର ପ୍ରତି ୧୨ ଶଗଡ଼ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ହେକ୍ଟର ପ୍ରତି ପିତା ନଳିତା ପାଇଁ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର, ମଧୁର ନଳିତାରେ ୬୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଶେଷ ଓଡ଼ ଚାଷ ସମୟରେ ସମୁଦାୟ ଫସ୍‌ଫରସ୍ ଓ ପଟାସ୍ ସାରକୁ ମାଟିରେ ମିଶାଇ ଦିଅନ୍ତୁ । ଯବକ୍ଷାରଜାନ ସାରର ଅର୍ଦ୍ଧେକ ବୁଣିବାର ୨୦-୨୫ ଦିନ ପରେ ଘାସ ବଛା ଓ କୋଡ଼ାଖୁସା ସମୟରେ ପ୍ରୟୋଗ କରନ୍ତୁ। ଅବଶିଷ୍ଟ ଅର୍ଦ୍ଧେକ ଏହାର ୧୫ଦିନ ପରେ ପ୍ରୟୋଗ କରନ୍ତୁ । ଧାଡ଼ିବୁଣା ପାଇଁ ହେକ୍ଟର ପ୍ରତି ୫ କିଲୋଗ୍ରାମ୍ ଓ ଛଟାବୁଣା ପାଇଁ ୭.୫ କିଲୋଗ୍ରାମ୍ ବିହନ ଆବଶ୍ୟକ। ୧ କି.ଗ୍ରା. ବିହନ ବିଶୋଧନ ପାଇଁ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ଆବଶ୍ୟକ । ମଧୁର ନଳିତା କିସମଗୁଡ଼ିକ ହେଲା ରେବତୀ, ମହାଦେବ, ବୈଶାଖୀ ତୋଷା, ଚୈତାଳି ତୋଷା, ନବୀନ ଶକ୍ତି, ସୂର୍ଯ୍ୟ, ସୁରେନ୍ ଏବଂ ପିତା ନଳିତା କିସମଗୁଡ଼ିକ ହେଲା ବଳଦେବ, ଜୟଦେବ, ଶ୍ରେଷ୍ଠା, ସବୁଜସୁନା, ଶ୍ୟାମଳୀ, ଶ୍ରାବନ୍ତୀ ।

## ଭାକୁର ମାଛର ରୋଗ ନିୟନ୍ତ୍ରଣ

ଭାକୁର ମାଛରେ ସାଧାରଣତଃ ଆଖିରୋଗ ଦେଖାଯାଇଥାଏ । ଏହାର ପ୍ରାଥମିକ ଲକ୍ଷଣରେ ଆଖିର ସ୍ୱଚ୍ଛପଟଳ ରକ୍ତବର୍ଣ୍ଣ ହୋଇଯାଏ ଓ କିଛିଦିନ ପରେ ଏହା ଅସ୍ୱଚ୍ଛ ହୋଇ କ୍ରମେ ପଚିଯାଇ ଆଖି ନଷ୍ଟ ହୋଇଯାଏ । ତେଣୁ ଏହାର ପ୍ରତିକାର ପାଇଁ ୧୦ ମିଲିଗ୍ରାମ୍ ହିସାବରେ କ୍ଲୋରୋମାଇସିଟିନ୍‌କୁ ୧ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତକରି ମାଛଗୁଡ଼ିକ ୫-୭ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖନ୍ତୁ । ଏହା ବ୍ୟତୀତ ପୋଟାସିୟମ ପରମାଙ୍ଗାନେଟ୍ ଦ୍ରବଣରେ (୫ ମିଲିଗ୍ରାମ୍ ୧ ଲିଟର ପାଣିରେ) ମାଛକୁ ପ୍ରାୟ ୫ ରୁ ୭ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖାଯାଇପାରେ। ଏହି ପ୍ରକ୍ରିୟା ୩-୪ ଦିନ ପର୍ଯ୍ୟନ୍ତ କଲେ ଭାକୁର ମାଛର ଆଖିରୋଗ ହେବା ସମ୍ଭାବନା ନ ଥାଏ । ଏକ ହେକ୍ଟର ବିଶିଷ୍ଟ ମାଛଚାଷ ପୋଖରୀ ପାଇଁ ଦୈନିକ ୭ କି.ଗ୍ରା. କାଣ୍ଡିଆକୁଣ୍ଡା, ୭ କି.ଗ୍ରା. ଚିନାବାଦାମ ପିଡ଼ିଆ ବ୍ୟବହାର କରନ୍ତୁ ।



## ମାଣ୍ଡିଆ ତଳି ୩ ସପ୍ତାହର ହୋଇଗଲେ...

ମାଣ୍ଡିଆ ତଳି ୩ ସପ୍ତାହର ହୋଇଗଲେ ତଳିକୁ ଧାଡ଼ିକୁ ଧାଡ଼ି ୨୦ସେ.ମି. ଓ ଗଛକୁ ଗଛ ୧୦ସେ.ମି. ବ୍ୟବଧାନରେ ରୁଅନ୍ତୁ। ମାଟି ପରୀକ୍ଷା ପରେ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ। ମାଟି ପରୀକ୍ଷା ହୋଇ ନ ଥିଲେ ଏକର ପ୍ରତି ୨୪:୧୬:୧୨ଅନୁପାତରେ ଯବକ୍ଷାରଜାନ,ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ରୋଇବା ସମୟରେ ଅଧା ଯବକ୍ଷାରଜାନ ସାର ସହ ସମସ୍ତ ଫସ୍‌ଫରସ୍ ଓ ପଟାସ ପ୍ରୟୋଗ କରନ୍ତୁ। ସଅଳ ରୁଆ ଯାଇଥିବା ମାଣ୍ଡିଆ ଲଗାଇବାର ୩-୪ସପ୍ତାହ ହୋଇଯାଇଥିଲେ ଏକର ପ୍ରତି ୧୨କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗକଲେ ଭଲ।



## ସେରିକଲ ଗେଣ୍ଡୁଫୁଲ ଚାଷ

ସେରାକଲ କିସମର ଗେଣ୍ଡୁଫୁଲ ଚାଷ କରୁଥିଲେ ହେକ୍ଟର ପ୍ରତି ୨୦ ଗାଡ଼ି ଭଲ ଶଢ଼ା ଗୋବରଖତ ସହ ୧୫୦ କି.ଗ୍ରା. ଯବକ୍ଷାରଜାନ, ୧୫୦ କି.ଗ୍ରା. ଫସ୍‌ଫରସ୍ ଏବଂ ୧୫୦ କି.ଗ୍ରା. ପଟାସ୍ ଆବଶ୍ୟକ । ଲଗାଇବା ସମୟରେ ମୂଳସାର ହିସାବରେ ଅର୍ଦ୍ଧେକ ଯବକ୍ଷାରଜାନ ଏବଂ ସମସ୍ତ ପଟାସ୍ ଓ ଫସ୍‌ଫରସ୍ ଖତ ସହିତ ମାଟିରେ ପ୍ରୟୋଗ କରନ୍ତୁ। - ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ଗୋଡ଼ିଫୁଲ, ସୂର୍ଯ୍ୟମୁଖୀ ଏବଂ ଜିନିଆ ଚାଷ କରିପାରିବେ । ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ସେଚିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।



## ସବୁଜ ଗୋଖାଦ୍ୟ ଫସଲ



ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ । ଶେଷଓଡ଼ ଚାଷରେ ଏକର ପ୍ରତି ୫ ଗାଡ଼ି ଶଢ଼ା ଗୋବର ଖତ,୪୦କି.ଗ୍ରା. ଯବକ୍ଷାରଜାନ ,୪୦କି.ଗ୍ରା. ଫସ୍‌ଫରସ୍ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବା ସମ୍ଭାବନା ଥିଲେ ଶେଷ ଓଡ଼ ଚାଷରେ ଏକର ପ୍ରତି ୧୦କି.ଗ୍ରା. ଶତକଡା ୧.୫ଭାଗ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କି.ଗ୍ରା. ମକା ବିହନ ଓ ୨୦କି.ଗ୍ରା. ବରଗୁଡ଼ି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡ଼ି ମକା ପରେ ୨ଧାଡ଼ି ବରଗୁଡ଼ି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।

# ବୈଜ୍ଞାନିକ ପଦ୍ଧତିରେ ଲାଭଜନକ ବତକ ପାଳନ

"ସ୍ୱଳ୍ପ ବୈଜ୍ଞାନିକ କୌଶଳର ସମନ୍ୱୟରେ ବତକ ପାଳନକୁ ଅଧିକ ଲାଭକ୍ଷମ ବ୍ୟବସାୟ ରୂପେ ବିବେଚିତ କରିପାରିବା। ବୈଜ୍ଞାନିକ ପଦ୍ଧତିରେ ବତକ ପାଳନର ବିଭିନ୍ନ ଦିଗ ମଧରେ ବତକର ପ୍ରଜାତି ଚୟନ, ଠିକ୍ ରୂପେ ବତକ ଚିଆଁର ବ୍ରୁଡିଂ ଓ ଲାଳନପାଳନ, ବାସଗୃହ ନିର୍ମାଣ, ଖାଦ୍ୟ ବ୍ୟବସ୍ଥା, ବୈଜ୍ଞାନିକ ପଦ୍ଧତିରେ ବତକ ପ୍ରଜନନ, ସ୍ୱାସ୍ଥ୍ୟର ଯତ୍ନ ଏବଂ ଟିକାକରଣ ଆଦି ଅନ୍ୟତମ।"

ଆମ ରାଜ୍ୟର ଗାଁ ଗହଳିରେ ପଶୁପାଳକମାନେ ବହୁଶତାବ୍ଦୀ ଧରି ବତକ ପାଳନକରି ଆସୁଛନ୍ତି। କୌଣସି ବି ସାମାଜିକ ବାଧାବିଘ୍ନ ବିନା, ସବୁ ଧର୍ମ, ଜାତି, ବୟସର ପୁରୁଷ ତଥା ମହିଳା ବତକ ପାଳନକରି ଲାଭାନ୍ୱିତ ହୋଇପାରିବେ। ଯଦି ଚାଷୀଭାଇମାନେ ସ୍ୱଳ୍ପ ବିଜ୍ଞାନ କୌଶଳ ବ୍ୟବହାରକରି ବତକ ପାଳନ କରିବେ, ତା' ହେଲେ ବତକ ଚାଷରୁ ଅଧିକ ଲାଭ ମିଳିପାରିବ।

